

ମା’ ହେବା ସହଜ କଥା ନୁହେଁ
ପୃଷ୍ଠା ୪

# ସଂଚାର
THE SANCHAR

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 139 ଭାଗ ୩୪ | ସଂଖ୍ୟା ୧୩୯ | Sunday 9 August 2026 | Page 8 Rs. 5.00 | ● ଭୁବନେଶ୍ୱର ରବିବାର,୯ ଅଗଷ୍ଟ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


‘ପୂର୍ବୋଦୟ’ ଓ ପୂର୍ବ ଭାରତର ଦ୍ରୁତ ବିକାଶ ଅଭିଯାନ

# ଦିଲ୍ଲୀରୁ ଆସିଲା ୬୬,୩୯୨ କୋଟିର ନିବେଶ

- ବିଭିନ୍ନ କ୍ଷେତ୍ରର ଶିଳ୍ପ ପ୍ରତିନିଧିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା
- ଉତ୍ପାଦନ, ବୟନଶିଳ୍ପ, ଇଞ୍ଜିନିୟରିଂ ଓ ଆଲୁମିନିୟମ କ୍ଷେତ୍ରରେ ବିପୁଳ ସୁଯୋଗ
- ‘ଓଡ଼ିଶା ଫୁଡ୍ ପ୍ରୋ ୨୦୨୬’ ରୋଡ୍ ଶୋ’ ସହ ୪୬ ଉଚ୍ଚସ୍ତରୀୟ ବୈଠକ, ୨୦୮ ଶିଳ୍ପ ଆଲୋଚନା
- ସ୍ୱାକ୍ଷରିତ ହେଲା ୩୮ ଏମଓୟୁ; ୬୪,୭୦୩ କୋଟିର ନିବେଶ
- ମିଳିଲା ୧,୬୮୯ କୋଟି ଟଙ୍କାର ଇନ୍‌ଭେଷ୍ଟମେଣ୍ଟ ଇଣ୍ଟେଣ୍ଟ୍
- ସୃଷ୍ଟି ହେବ ୫୪,୧୩୫ ନୂତନ ନିଯୁକ୍ତି ସୁଯୋଗ




ନୂଆଦିଲ୍ଲୀ,୮।୮(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଦିଲ୍ଲୀରେ ଅନୁଷ୍ଠିତ ଓଡ଼ିଶାର ଦୁଇଦିନିଆ ନିବେଶ ଅଭିଯାନ ଆଜି ଶିଳ୍ପ ଜଗତରୁ ଆଜି ବିପୁଳ ସମ୍ଭାବନା ସହ ସମାପ୍ତ ହୋଇଛି। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ଓଡ଼ିଶାକୁ ୬୬,୩୯୨ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିବା ସହ ୫୪,୧୩୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି।

ଗତକାଲି ‘ଓଡ଼ିଶା ଫୁଡ୍ ପ୍ରୋ ୨୦୨୬’ର ବ୍ୟାପକ ସଫଳତା ପରେ ଆଜି ମୁଖ୍ୟମନ୍ତ୍ରୀ ଦେଶର ବିଭିନ୍ନ କ୍ଷେତ୍ରର ପ୍ରମୁଖ ନିବେଶକ ଓ ଶିଳ୍ପ ପ୍ରତିନିଧିମାନଙ୍କ ସହ ଓ୍ୱାନ୍-ଅନ୍-ଓ୍ୱାନ୍ ବୈଠକ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ନୋଏଡ଼ାସ୍ଥିତ ହାୟର୍ ଉତ୍ପାଦନ କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ।

ଏହି ଦୁଇ ଦିନିଆ ଶିଳ୍ପ ଅଭିଯାନ ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ‘ପୂର୍ବୋଦୟ’ ଓ ପୂର୍ବ ଭାରତର ଦ୍ରୁତ ବିକାଶର ଆଭିମୁଖ୍ୟ ଅନୁଯାୟୀ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ କ୍ରମାଗତ ପ୍ରୟାସର ଏକ ଅଂଶ। ଉତ୍ପାଦନ, ପୁଞ୍ଜିନିବେଶ ଓ ନିଯୁକ୍ତି-ଭିତ୍ତିକ ଅଭିବୃଦ୍ଧି ପାଇଁ ଓଡିଶାକୁ ଏକ ପ୍ରତିଯୋଗିତାମୂଳକ ଗନ୍ତବ୍ୟସ୍ଥଳ ଭାବରେ ପ୍ରତିଷ୍ଠିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ତା’ର ଉଦ୍ୟମକୁ ତ୍ୱରାନ୍ୱିତ କରୁଛି।

ହାୟର୍ ଉତ୍ପାଦନ କେନ୍ଦ୍ର ପରିଦର୍ଶନ ସମୟରେ ସେ ବରିଷ୍ଠ କମ୍ପାନୀ କର୍ମକର୍ତ୍ତା ଓ ଇଞ୍ଜିନିଅରମାନଙ୍କ ସହ ଆଲୋଚନା କରିଥିଲେ ଓ କମ୍ପାନୀର ଉତ୍ପାଦନ ପ୍ରକ୍ରିୟା ଏବଂ ବ୍ୟବସ୍ଥାଗୁଡ଼ିକୁ ଅନୁଧ୍ୟାନ କରିଥିଲେ। ହାୟର୍ କମ୍ପାନୀର ଉନ୍ନତ ଉତ୍ପାଦନ ➩ପୃଷ୍ଠା-୬

# ବଢୁରା ମାଟିକୁ ପୁଣି ବନ୍ୟା ଆଶଙ୍କା



- ସୁଧୁରୁନି ବାଲେଶ୍ୱର, ଭଦ୍ରକ ଓ ଯାଜପୁର ସ୍ଥିତି
- ଯେକୌଣସି ସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ

ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ): ଭଦ୍ରକ ଜିଲ୍ଲାରେ ବୈତରଣୀ ନଦୀର ସ୍ଥିତି ସୁଧୁରିନାହିଁ। ଏପଟେ ସାଳନ୍ଦୀ ଓ ଏହାର ଶାଖା ନଦୀରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ସୂଚନା ଥାଉକି, ଭଦ୍ରକ ଜିଲ୍ଲା ତିହିଡି ବ୍ଲକ୍ ବାରୋ ପଞ୍ଚାୟତ ବାରୋଡିହ ଗ୍ରାମର କୁଆ ମାହାରା ନିକଟରେ ସାଳନ୍ଦୀ ନଦୀରେ ୧୦୦ ଫୁଟର ଘାଇ ସୃଷ୍ଟି ହୋଇଛି। ଏପଟେ ଭଦ୍ରକ ପୌରପାଳିକା ସହ କେତେକ ପଞ୍ଚାୟତ ଓ ତିହିଡ଼ି ବ୍ଲକରେ ବନ୍ୟା ସୃଷ୍ଟି ହୋଇଛି। ଅନେକ ଅଞ୍ଚଳ ଜଳାର୍ଣ୍ଣବ ହୋଇଛି। ଅନେକ ପୁରୁଣା ଘାଇରେ ପାଣି ପ୍ରବେଶ କରୁଛି। ଏଭଳି ସ୍ଥିତିକୁ ଆହୁରି ଗମ୍ଭୀର କରିପାରେ ଲଗାଣ ବର୍ଷା। ସେହିପରି ମୟୂରଭଞ୍ଜ ଓ କେନ୍ଦୁଝରରେ ବର୍ଷା ଉପରେ ନଜର ରଖିଛି ପ୍ରଶାସନ। ହଦଗଡ଼ ଡ୍ୟାମ୍‌ର ୨ଟି ଗେଟ୍ ଖୋଲା ଯାଉଛି। ରାଜ୍ୟରେ ବର୍ଷା ସ୍ଥିତି ଓ ଉତ୍ତର ଓଡ଼ିଶାରେ ବନ୍ୟା ସମ୍ଭାବନାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ➩ପୃଷ୍ଠା-୬

## ଦେୟମୁକ୍ତ ହେବ ୟୁପିଆଇ କାରବାର

ନୂଆଦିଲ୍ଲୀ,୮।୮: ୟୁପିଆଇ ଜରିଆରେ କାରବାର କଲେ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ ବୋଲି କେନ୍ଦ୍ର ସରକାର ଶନିବାର ସ୍ପଷ୍ଟ କରିଛନ୍ତି। ଲୋକସଭାରେ ପେମେଣ୍ଟ ଆଣ୍ଡ ସେଟଲମେଣ୍ଟ ସିଷ୍ଟମ୍ ଆଇନ୍-୨୦୦୭ ପାରିତ ହେବା ପରେ ସରକାରଙ୍କ ପକ୍ଷରୁ ଏଭଳି ଘୋଷଣା କରାଯାଇଛି। ୟୁପିଆଇ ଓ ଅନ୍ୟାନ୍ୟ ଡିଜିଟାଲ କାରବାର ଉପରେ ଦେୟ ଲାଗୁ କରିବାକୁ କେନ୍ଦ୍ର ସରକାର ବ୍ୟାଙ୍କ ତଥା ପେମେଣ୍ଟ କମ୍ପାନୀଗୁଡ଼ିକୁ ଅନୁମତି ଦେଇଛନ୍ତି, ତେଣୁ ଭବିଷ୍ୟତରେ ଡିଜିଟାଲ କାରବାର ମହଙ୍ଗା ହେବ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। ତେବେ ଆଜି ଏକ ପ୍ରେସ ବିଜ୍ଞପ୍ତି ଜରିଆରେ କେନ୍ଦ୍ର ସରକାର କହିଛନ୍ତି ଯେ, ମାତ୍ର କେତୋଟି ବୃହତ୍ କାରବାରକୁ ଛାଡ଼ିଦେଲେ ସାଧାରଣ କାରବାର ପାଇଁ ଗ୍ରାହକମାନଙ୍କୁ କୌଣସି ଦେୟ ପଇଠ କରିବାକୁ ପଡ଼ିବ ନାହିଁ।

## ୟୁକ୍ରେନ ଉପରେ ରାତିସାରା ଆକ୍ରମଣ

କିଭ୍,୮।୮: ୟୁକ୍ରେନର ରାଜଧାନୀ କିଭ୍ ଉପରେ ରୁଷ୍ ପକ୍ଷରୁ ଶୁକ୍ରବାର ରାତିସାରା କରାଯାଇଥିବା ଆକ୍ରମଣରେ ଜଣେ ଶିଶୁ ସମେତ ୩ ଜଣଙ୍କର ମୃତ୍ୟୁ ହୋଇଛି। ପୂର୍ବ କିଭ୍‌ରେ ରୁଷର ବାଲିଷ୍ଟିକ ମିସାଇଲ ମାଡ଼ରେ ଆଉ ତିନି ଜଣ ଗୁରୁତର ଭାବେ ଆହତ ହୋଇଥିବା ୟୁକ୍ରେନର ଆଞ୍ଚଳିକ ସାମରିକ ପ୍ରଶାସନ ପକ୍ଷରୁ କୁହାଯାଇଛି। ଶୁକ୍ରବାର ରାତିସାରା ଆକ୍ରମଣ ପରେ ୟୁକ୍ରେନ ରାଷ୍ଟ୍ରପତି ଭୋଲଡିମିର ଜେଲେନସ୍କି ଆମେରିକାକୁ ତୁରନ୍ତ ପାଟ୍ରିଅଟ୍ ମିଶାଇଲ୍ ଇଣ୍ଟରସେପ୍ଟର ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି।

## ଘାସ ଖାଇଲେ ଆନ୍ଦୋଳନକାରୀ

ତିରୁଅନନ୍ତପୁରମ,୮।୮: ନିଯୁକ୍ତି ଆଦେଶ ପ୍ରଦାନରେ ସରକାରଙ୍କ ବିଳମ୍ବକୁ ବିରୋଧ କରି ଶନିବାର କେରଳର କନିଷ୍ଠ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ରାଙ୍କଧାରୀମାନେ ରାଜ୍ୟ ସଚିବାଳୟ ଆଗରେ ଘାସ ଖାଇ ପ୍ରତୀକାତ୍ମକ ପ୍ରତିବାଦ କରିଛନ୍ତି। ସାମ୍ନାକୁ ଆସିଥିବା ଭିଡିଓରେ ପ୍ରତିବାଦକାରୀମାନେ ସଚିବାଳୟ ବାହାରେ ଧାଡ଼ି ହୋଇ ବସିଛନ୍ତି ଓ ସେମାନଙ୍କ ସାମ୍ନାରେ କାଗଜ ଉପରେ ଘାସ ରଖାଯାଇଥିବା ଦେଖିବାକୁ ମିଳିଛି। ଆନ୍ଦୋଳନକାରୀ ଘାସ ଖାଉଥିବାର ବି ଦେଖିବାକୁ ମିଳୁଛି। ଏହି ପ୍ରତିବାଦ ଆଜି ୩୪ ଦିନରେ ପହଞ୍ଚିଛି।

ଆମେରିକା ସିନେଟ୍‌ରେ ଟାରିଫ୍ ବିଲ୍ ପାରିତ

## ପୁଣି ଭାରତକୁ ଶତପ୍ରତିଶତ ଶୁଳ୍କ ଭୟ

ସମର୍ଥନ କରୁନାହାନ୍ତି ରିପବ୍ଲିକାନ୍ ସିନେଟର୍



ୱାଶିଂଟନ,୮।୮: ରୁଷ୍‌ରୁ ତୈଳ ଓ ଗ୍ୟାସ କ୍ରୟ କରୁଥିବା ଦେଶଗୁଡ଼ିକ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିବାକୁ ଅଧିକାର ଦେବା ଲାଗି ଉଦ୍ଦିଷ୍ଟ ଏକ କଠୋର ବିଲ୍ ଉପରେ ଶୁକ୍ରବାର ଆମେରିକା ସିନେଟ୍ ମୋହର ଲଗାଇଛି। ଏହି ବିଲ୍ ଜରିଆରେ ଆମେରିକା ଟାର୍ଗେଟ୍ କରୁଥିବା ୫ଟି ଦେଶ ତାଲିକାରେ ଭାରତ ପ୍ରମୁଖ ସ୍ଥାନରେ ରହିଛି। ‘ଲିଣ୍ଡସେ ଓ. ଗ୍ରାହାମ୍ ସାଙ୍କସନିଂ ରୁଷିଆ ଆଣ୍ଡ ଇରାନ୍ ଆକ୍ଟ-୨୦୨୬’ ନାମରେ ନାମିତ ଏହି ବିଲ୍‌ଟି ସିନେଟ୍‌ରେ ୮୬-୧୧ ଭୋଟ୍‌ରେ ପାରିତ ହୋଇଛି। ତେବେ ଏହା ତୁରନ୍ତ ଆଇନ୍‌ରେ ରୂପାନ୍ତରିତ ହୋଇନାହିଁ। ଚଳିତ ମାସ ୩୧ ତାରିଖରେ ପୁନଃଆରମ୍ଭ ହେବାକୁ ଥିବା ପ୍ରତିନିଧି ସଭା (ହାଉସ ଅଫ୍ ରିପ୍ରେଜେଣ୍ଟେଟିଭ୍)ରେ ଆଲୋଚନା ହେବା ପରେ ଏହା ବିଧିବଦ୍ଧ ଭାବେ ଆଇନରେ ପରିଣତ ହେବ। ତେବେ ମୋଟାମୋଟି ଭାବରେ ଏହି ବିଲ୍ ୟୁକ୍ରେନରେ ରୁଷ୍ ଜାରି ରଖିଥିବା ସାମରିକ ଅଭିଯାନକୁ ସମର୍ଥନ କରୁଥିବା ଦେଶଗୁଡ଼ିକର ରାଜସ୍ୱକୁ ସୀମିତ ରଖିବା ଲାଗି ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିବାକୁ ➩ପୃଷ୍ଠା-୬

ରାଜ୍ୟରେ ସ୍କୁଲ ଶିକ୍ଷାର ବିକଳ ଚିତ୍ର

## ଜଣେ ଶିକ୍ଷକ ଭରସାରେ ବହୁ ସ୍କୁଲ



ଉଦବେଗ ପ୍ରକାଶ କଲେ ବିଭାଗୀୟ ସଚିବ

ଅତିରିକ୍ତ ଶିକ୍ଷକ ନିଯୁକ୍ତି ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ): ଜଣେ ଶିକ୍ଷକ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଅତିରିକ୍ତ ଶିକ୍ଷକଙ୍କୁ ତୁରନ୍ତ ନିଯୁକ୍ତି ଦେବା ପାଇଁ ଓଡ଼ିଶା ସରକାର ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ପିଲାମାନଙ୍କର ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର (ଆରଟିଇ) ଆଇନ, ୨୦୦୯, ବିଶେଷକରି ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ସର୍ବନିମ୍ନ ଶିକ୍ଷକ ସଂଖ୍ୟା ଏବଂ ନିର୍ଦ୍ଧାରିତ ଛାତ୍ର-ଶିକ୍ଷକ ଅନୁପାତ (ପିଟିଆର) ସମ୍ବନ୍ଧୀୟ ବ୍ୟବସ୍ଥା ପାଳନ କରାଯିବ। ସମସ୍ତ ଜିଲ୍ଲାପାଳଙ୍କୁ ଲେଖାଯାଇଥିବା ଚିଠିରେ ବିଭାଗର କମିଶନର ତଥା ସଚିବ ଏନ୍. ଥିରୁମାଲା ନାଏକ ଏହି ପ୍ରସଙ୍ଗକୁ ସର୍ବାଧିକ ପ୍ରାଥମିକତା ଦେଇ ଏକ ମାସ ମଧ୍ୟରେ କାର୍ଯ୍ୟ ସମାପ୍ତ କରିବାକୁ କହିଛନ୍ତି। ୟୁନିଫାଏଡ୍ ଡିଷ୍ଟ୍ରିକ୍ଟ ଇନଫର୍ମେସନ୍ ସିଷ୍ଟମ୍ ଫର୍ ଏଡୁକେସନ୍ ପ୍ଲସରୁ ମିଳିଥିବା ତଥ୍ୟ ସୂଚାଉଛି ଯେ ସାରା ରାଜ୍ୟରେ କିଛି ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବେ ବି ଜଣେ ଶିକ୍ଷକଙ୍କ ଦ୍ୱାରା ପରିଚାଳିତ ହେଉଛି। ➩ପୃଷ୍ଠା-୬

ଖେଳଛୁଟିରେ ଖେଳୁଥିବା ବେଳେ ଅଘଟଣ

## ସାପ କାମୁଡ଼ାରେ ଷଷ୍ଠ ଶ୍ରେଣୀ ଛାତ୍ର ମୃତ

ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ): ଖେଳଛୁଟିରେ ଘଟିଛି ଅଘଟଣ। ଖେଳଛୁଟିରେ ଖେଳୁଥିବା ସମୟରେ ଜଣେ ଷଷ୍ଠ ଶ୍ରେଣୀର ଛାତ୍ରଙ୍କୁ ସାପ କାମୁଡ଼ିବା ଫଳରେ ତାଙ୍କର ମୃତ୍ୟୁ ହୋଇଛି। ଘଟଣାଟି ଭଦ୍ରକ ଜିଲ୍ଲାର ଆଗରପଡ଼ାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଘଟିଛି। ପିଲାଟି ଖେଳଛୁଟିରେ ଖେଳୁଥିବା ସମୟରେ ସାପ କାମୁଡ଼ିବାରୁ ମୃତ୍ୟୁବରଣ କରିଥିବା ବେଳେ ଏହାକୁ ନେଇ ସ୍କୁଲରେ ଶୋକର ଲହରୀ ଖେଳିଯାଇଛି। ମିଳିଥିବା ସୂଚନାନୁସାରେ, ଉକ୍ତ ଛାତ୍ର ଜଣଙ୍କ ଖେଳୁଥିବା ସମୟରେ ତାଙ୍କୁ ସାପ କାମୁଡ଼ିଥିଲେ ବି ସେ ଏହା ସଙ୍ଗେ ସଙ୍ଗେ ଜାଣିପାରିନଥିଲେ। କିଛି ସମୟ ପାଇଁ ତାଙ୍କଠାରେ ➩ପୃଷ୍ଠା-୬



# ନବୀନଙ୍କ ଉପରେ ବର୍ଷିଲେ ଧର୍ମେନ୍ଦ୍ର

- ଓଡ଼ିଆଙ୍କ ମୁଣ୍ଡ ତଳକୁ କରିନି କି କରିବିନି
- ଗୋ-ବ୍ୟାକ୍ କହିଲେ ବି ମୁଁ ବାରମ୍ବାର ଆସିବି
- ଜବାବ ଦେଲେ ବିଜେଡି ନେତା ରୋହିତ ପୂଜାରୀ



ସମ୍ବଲପୁର,୮।୮(ସଂଚାର ବ୍ୟୁରୋ): ‘ନିଟ୍’ ବିବାଦକୁ କେନ୍ଦ୍ର କରି ରାଜ୍ୟରେ ବିଜେଡି ଓ ବରିଷ୍ଠ ବିଜେପି ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମଧ୍ୟରେ ଆରୋପ-ପ୍ରତିଆରୋପ ତୀବ୍ର ହୋଇଛି। ଶନିବାର ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର ପ୍ରଧାନ ନିଜ ବିରୋଧରେ ହେଉଥିବା ‘ଗୋ-ବ୍ୟାକ୍’ ନାରାକୁ ନେଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଉପରେ ବର୍ଷିଛନ୍ତି।

ରେଢ଼ାଖୋଲରେ କେନ୍ଦ୍ରୀୟ ବିଦ୍ୟାଳୟ କ୍ୟାମ୍ପସର ଶିଳାନ୍ୟାସ ସମାରୋହରେ ଯୋଗଦେଇ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ ସେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ୧୨ ବର୍ଷ ଧରି ରହିବା ଭିତରେ ଓଡ଼ିଶା କିମ୍ବା ସାଢ଼େ ୪ କୋଟି ଓଡ଼ିଆ ଲୋକଙ୍କ ମୁଣ୍ଡ କେବେ ତଳକୁ କରିନାହାଁନ୍ତି କି କଦାପି କରିବେ ନାହିଁ। ତଥାପି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ତାଙ୍କୁ ଜଣେ ‘ଖଳ ପ୍ରକୃତିର ମଣିଷ’ ବୋଲି କହୁଛନ୍ତି।

ତାଙ୍କ ବିରୋଧରେ ହେଉଥିବା ପ୍ରଦର୍ଶନକୁ ଇଙ୍ଗିତ କରି ଧର୍ମେନ୍ଦ୍ର କହିଥିଲେ ଯେ ନବୀନ ବାବୁ ନିଜ ଦଳର ଦୁଇ ଜଣ ଯୁବ ନେତାଙ୍କୁ ଲଗାଇ ମୋ ବିରୋଧରେ ଗୋ-ବ୍ୟାକ୍ ଅଭିଯାନ ଚଳାଇଛନ୍ତି। ମୁଁ ଜଣେ ଚାଷୀର ପୁଅ। ଓଡ଼ିଶା ମୋର ଘର ଓ ସମ୍ବଲପୁର ମୋର କର୍ମଭୂମି। ଯଦି ଆପଣ ମୋତେ ଫେରିଯିବାକୁ କହିବେ, ତେବେ ମୁଁ କୁଆଡ଼େ ଯିବି? ମୋତେ ଗୋ-ବ୍ୟାକ୍ କହିଲେ ବି ମୁଁ ବାରମ୍ବାର ଏଠାକୁ ଆସିବି। ଏହି କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ରଙ୍କ ସହ ମଞ୍ଚାସୀନ ଥିଲେ ବିଜେଡି ବିଧାୟକ ତଥା ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ। ଏହାକୁ ନେଇ ଧର୍ମେନ୍ଦ୍ର ପ୍ରଧାନ କଟାକ୍ଷ କରି କହିଥିଲେ ଯେ ମୁଁ ପ୍ରସନ୍ନ ଭାଇଙ୍କ ଅନୁମତି ନେଇ ରେଢ଼ାଖୋଲ ଆସିଛି, ସେ ମୋତେ ଭଲ ପାଆନ୍ତି। କିନ୍ତୁ ତାଙ୍କ ଦଳର ସଭାପତି ନବୀନବାବୁ ମୋତେ ଖରାପ ଲୋକ ବୋଲି ଭାବୁଛନ୍ତି।

ଧର୍ମେନ୍ଦ୍ର ପ୍ରଧାନଙ୍କ ଏହି ମନ୍ତବ୍ୟ ପରେ ବିଜେଡିର ବରିଷ୍ଠ ନେତା ତଥା ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ରୋହିତ ପୂଜାରୀ ପାଲଟା ଆକ୍ରମଣ କରିଛନ୍ତି। ସେ କହିଛନ୍ତି ଯେ ନବୀନ ପଟ୍ଟନାୟକ କାହିଁକି ଧର୍ମେନ୍ଦ୍ରଙ୍କୁ ବଦନାମ କରିବାକୁ ଚାହିଁବେ? ନିଟ୍ ପରୀକ୍ଷା ପରିଚାଳନାରେ ବିଫଳତା ପାଇଁ ସେ ନିଜେ ହିଁ ନିଜକୁ ବଦନାମ କରିଛନ୍ତି।

ଆଉ ଏନ୍‌ଏଚ୍‌ରେ ବୁଲିବେନି ଗୋରୁ

## ପ୍ରତି ଶହେ କିମିରେ ହେବ ଗୋଶାଳା

ସହଯୋଗ କରିବେ ଏନ୍‌ଏଚ୍‌ଏଆଇ ଓ ପରିବହନ ବିଭାଗ



ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ): ଏଣିକି ଆଉ ଜାତୀୟ ରାଜପଥ (ଏନ୍‌ଏଚ୍)ରେ ବୁଲା ଗୋରୁଗାଈ ଲଣ୍ଡଭଣ୍ଡ ହେବେ ନାହିଁ। ନିୟମିତ ଭାବେ ବୁଲା ଗୋରୁଗାଈ ଜାତୀୟ ରାଜପଥରେ ବୁଲାବୁଲି କରୁଥିବାରୁ ଏହାକୁ ନେଇ ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ଏହାକୁ ହୃଦୟଙ୍ଗମ କରି ରାଜ୍ୟ ସରକାର ପ୍ରତି ଶହେ କିମି ବ୍ୟବଧାନରେ ଗୋଟିଏ ଲେଖାଏଁ ଗୋଶାଳା ନିର୍ମାଣ କରିବା ସକାଶେ ନିଷ୍ପତ୍ତି ନେଇଛନ୍ତି। ଏ ସଂକ୍ରାନ୍ତରେ ଶନିବାର ପ୍ରାଣୀ ସମ୍ପଦ କଲ୍ୟାଣ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ସରକାର ନେଇଥିବା ନିଷ୍ପତ୍ତି ଅନୁସାରେ, ଜାତୀୟ ରାଜପଥରେ ପ୍ରତି ଶହେ କିମି ଅନ୍ତରରେ ଗୋଶାଳା ମିଳିତ ଭାବେ ପରିବହନ ବିଭାଗ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚଏଆଇ) ଓ ପ୍ରାଣୀ ସମ୍ପଦ କଲ୍ୟାଣ ବିଭାଗ ପକ୍ଷରୁ ନିର୍ମାଣ କରାଯିବ। ଏହି ପଦକ୍ଷେପରେ ଏନ୍‌ଏଚ୍‌ଏଆଇ ଜାତୀୟ ରାଜପଥରେ ବୁଲୁଥିବା ବୁଲା ➩ପୃଷ୍ଠା-୬



### କାନ ଡେରିଆ

ବର୍ଷା କଲବଲ କରୁଛି ସବୁଠି
ରାସ୍ତା ହୋଇଯାଏ ଧୋଇ
ସବୁ ସରକାର ଆସିବା ପୂର୍ବରୁ
ପ୍ରତିଶ୍ରୁତି ଦେଲେ ଥୋଇ
ଡ୍ରେନେଜ ବ୍ୟବସ୍ଥା ନାହିଁ...
କିଏ ଭାସିଯାଏ ନର୍ଦ୍ଦମା ପାଣିରେ
କିଏ ଡାକେ ତ୍ରାହି ତ୍ରାହି।

■ ଦେବାଶିଷ

# ସରକାରଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଲୁଟୁଥିଲା ଟାଟା ପାୱାର୍

- ଚାଲାକୀ ଧରିଥିଲେ ଓଇଆରସି ଅଧ୍ୟକ୍ଷ
- ସବଷ୍ଟେସନର ପୂର୍ଣ୍ଣ ବିନିଯୋଗ ହେଉନଥିଲା
- ରିଅଲ ଟାଇମ ମନିଟରିଂ ନ ଥିଲା
- ରହସ୍ୟରେ ରହିଗଲା ସ୍ମାର୍ଟ ମିଟର ସଫ୍ଟୱାର ଅଡିଟ୍




ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ): ବିଦ୍ୟୁତ୍ ବଣ୍ଟନକାରୀ କମ୍ପାନୀ ଟାଟା ପାୱାର ଓଡ଼ିଶା ସରକାରଙ୍କ ଆଖିରେ ଏକପ୍ରକାର ଆଙ୍ଗୁଠି ଗେଞ୍ଜି ହିତାଧିକାରୀଙ୍କୁ ଲୁଟୁଥିଲା। ଭିତ୍ତିଭୂମିର ପୂର୍ଣ୍ଣ ବିନିଯୋଗ ନ କରି କିଭଳି ଲୋକଙ୍କୁ ହଇରାଣରେ ପକାଇଥିଲା, ତାହାକୁ ଧରିଥିଲେ ଖୋଦ୍ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି)ର ଅଧ୍ୟକ୍ଷ।

୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଦ୍ୟୁତ ଟାରିଫ ଅର୍ଡରର ସୂଚନା ଅନୁଯାୟୀ କମ୍ପାନୀ ଅଧୀନରେ ଥିବା ବହୁ ସବ୍‌ଷ୍ଟେସନର ପୂର୍ଣ୍ଣ ବ୍ୟବହାର ହେଉ ନ ଥିଲା। ପିକ ଲୋଡ୍ ସମୟରେ ବି ପୂର୍ଣ୍ଣ କ୍ଷମତାର ୨୦ ପ୍ରତିଶତ କାମ ବ୍ୟବହାର ହେଉଥିଲା। ପ୍ରାୟ ୪୩ଟା ସବ୍‌ଷ୍ଟେସନ ପୂର୍ଣ୍ଣ କ୍ଷମତାରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ କମ୍ ବ୍ୟବହାର ହେଉଥିଲା। ଏହାଦ୍ୱାରା ସେସବୁ ସବ୍‌ଷ୍ଟେସନ ଅଧୀନରେ ଥିବା ଟ୍ରାନ୍ସଫର୍ମରର ମଧ୍ୟ ଉପଯୁକ୍ତ ଭାବେ ବ୍ୟବହାର ହୋଇପାରୁ ନ ଥିଲା। ବ୍ୟବସ୍ଥା ଅନୁଯାୟୀ ଅଧିକ ଲୋଡ୍ ପଡୁଥିବା ନିକଟତମ ସବ୍‌ଷ୍ଟେସନ ସହ ପାୱାର ଟ୍ରାନ୍ସମିଶନ ସ୍ୱାପିଙ୍ଗ୍ ମଧ୍ୟ ହେଉ ନ ଥିଲା।

ତେଣୁ ଭବିଷ୍ୟତରେ ନୂଆ ସବ୍‌ଷ୍ଟେସନ କରାଗଲେ ଯଦି ତାହା ନିର୍ଦ୍ଧାରିତ ୩ରୁ ୫ ବର୍ଷ ମଧ୍ୟରେ ପୂର୍ଣ୍ଣ କ୍ଷମତାରେ ଉପଯୋଗ ହେବ ନାହିଁ ତେବେ ସେ ବାବଦ ଖର୍ଚ୍ଚ କମ୍ପାନୀର ବାର୍ଷିକ ରାଜସ୍ୱ ବିବରଣୀରୁ ବାଦ୍ ଦେବାକୁ କମିଶନ ନିର୍ଦ୍ଦେଶ ଦେଇଥିଲେ। ଉଲ୍ଲେଖନୀୟ ଯେ କମ୍ପାନୀ ତା’ର ପରିଚଳନାଗତ କ୍ଷତି ଦର୍ଶାଇ ଏହାର ଭରଣା ପାଇଁ ବିଜୁଳି ଦର ବଢ଼ାଇବାକୁ କମିଶନଙ୍କ ନିକଟରେ ଦାବି କରିଥିଲା। ବିଦ୍ୟୁତ ଉତ୍ପାଦନ, ବିତରଣ ଓ ବଣ୍ଟନକୁ ଷ୍ଟେଟ ଲୋଡ୍ ଡେସପାଚ୍ ସେଣ୍ଟର୍ (ଏସଏଲଡିସି)ରେ ରିଅଲ ଟାଇମ ମନିଟର କରିବାକୁ ଥିବା ସ୍କାଡା (ସୁପର୍‌ଭାଇଜରୀ କଣ୍ଟ୍ରୋଲ୍ ଆଣ୍ଡ୍ ଡାଟଶ ଆକ୍ୱିଜିସନ୍) ବ୍ୟବସ୍ଥା ସହ ସଂଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଭବିଷ୍ୟତରେ ଭିତ୍ତିଭୂମି ବିକାଶ ପାଇଁ ଏହା ଜରୁରୀ ବୋଲି କମିଶନ୍ କହିଥିଲେ। ତେବେ ଟାଟା ପାୱାର୍ ଏହା କରି ନ ଥିଲା। ଫଳରେ କେଉଁ ଅଞ୍ଚଳରେ କେତେ ବିଜୁଳି ଆବଶ୍ୟକ ଓ ଭିତ୍ତିଭୂମି ବିନିଯୋଗ କରି କେତେ ବିଜୁଳି ଯୋଗାଣ ହେଉଛି, ତାହା ଜଣାପଡୁ ନ ଥିଲା।

ଚାରୋଟିଯାକ ବଣ୍ଟନ କମ୍ପାନୀରେ ଗ୍ରୀଡ଼କୋ ଜରିଆରେ ସରକାର ୪୯ ପ୍ରତିଶତ ଅଂଶଧନ ରଖିଛନ୍ତି। ୧୨ ଲକ୍ଷ ବିଜୁଳି ହିତାଧିକାରୀଙ୍କ ପାଇଁ ଦୁଇ କିଲୋୱାଟ ଓ ତା’ଠାରୁ କମ୍ ହିତାଧିକାରୀଙ୍କ ଘରେ ସ୍ମାର୍ଟ ମିଟର ଲଗାଇବା ପାଇଁ ସରକାର ୭୩୫ କୋଟି ବିନିଯୋଗ କରିଛନ୍ତି। ଏଥିପାଇଁ ରାଜ୍ୟ କ୍ୟାବିନେଟ୍‌ରେ ପ୍ରସ୍ତାବ ପାରିତ ହୋଇଛି। ଟାଟା ପାୱାର ପଇସା ପାଇବା ପରେ ହିତାଧିକାରୀଙ୍କୁ ମିଟର କିଣିବାର ସୁଯୋଗ ନ ଦେଇ କିମ୍ବା ମିଟର କିଣିବା ପାଇଁ ଟେଣ୍ଡର ନ କରି ମନଇଚ୍ଛା ମିଟର କିଣି ଲୋକଙ୍କ ଘରେ ଲଗାଇ କୋଟି କୋଟି ଟଙ୍କା ଚଳୁ କରିଥିବା ଅଭିଯୋଗ ହେଉଛି।

ସେହିଭଳି ସ୍ମାର୍ଟ ମିଟରରେ ବ୍ୟବହାର ହୋଇଥିବା ସଫ୍ଟୱାରର ଅଡିଟ୍ ପାଇଁ ମଧ୍ୟ ଓଇଆରସି ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ। ହେଲେ ତାହାକୁ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ କରାଯାଇନାହିଁ। କାରଣ ସ୍ମାର୍ଟ ମିଟର ଲାଗିବା ପରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଏଥିରେ ଅଧିକ ବିଲ୍ ଆସୁଥିବାର ଅଭିଯୋଗ ଆସିବା ସହ ଲୋକେ ଶହ ଶହ ସ୍ମାର୍ଟ ମିଟରକୁ ଭାଙ୍ଗିରୁଜି ଦେଇଥିଲେ। ତେବେ ସ୍ମାର୍ଟ ମିଟର ସଫ୍ଟୱାର୍‌ର ଅଡିଟ୍ ଏବେ ବି ରହସ୍ୟ ଘେରରେ ରହିଯାଇଛି।

## ସାନ୍ତସାହି ଗଣ୍ଡାକିଆ ରାସ୍ତାରେ ବନ୍ଦ ହେବ ୧୦-୧୨ ଚକିଆ ଲୋଡ୍ ଗାଡ଼ି

କେନ୍ଦ୍ରାପଡ଼ା,୮।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ସାନ୍ତସାହି ପୋଲ ଠାରୁ ଗଣ୍ଡାକିଆ ପୋଲ ପର୍ଯ୍ୟନ୍ତ ଗଣ୍ଡାକିଆ ରାସ୍ତା ପ୍ରତ୍ୟେକ ବର୍ଷ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ବେଳେ ରାସ୍ତା କାର୍ଯ୍ୟ ଅତି ନିମ୍ନ ମାନର ହେଉଥିବାରୁ ଏହା ଚପି ଯାଉଛି । ଏହି ରାସ୍ତାରେ ନେଇ ଯାଉଥିବା ବାଲି, ଗୋଡି, ରଡ଼, ସିମେଣ୍ଟ, ୧୬ ଟନ୍ ରୁ ଅଧିକ ଲୋଡ ଗାଡି ଗୁଡ଼ିକୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକରେ ବାରମ୍ବାର ରାସ୍ତା ଫାଟୁ ଥିବାରୁ ଏହି ନିଷ୍ପତ୍ତି ନିଆ ଯାଇଥିବା ଜଣାପଡ଼ିଛି ।

କେନ୍ଦ୍ରାପଡା ସହର ସାନ୍ତସାହି ପୋଲ ଠାରୁ ଆରମ୍ଭ କରି ୪ଗୋଟି ପଂଚାୟତରେ ପ୍ରାୟ ୩୦ ହଜାର ଲୋକ ବସବାସ କରନ୍ତି । ଏହି ରାସ୍ତାରେ ଏକ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ମଧ୍ୟ ଅବସ୍ଥିତ । ଏହି ୪ ଗୋଟି ପଂଚାୟତରେ ଲୋକ ମାନଙ୍କର ଘର ନିର୍ମାଣ ସହିତ ସରକାରୀ ପ୍ରକଳ୍ପ ଗୁଡିକ ମଧ୍ୟ ନିର୍ମାଣ ହୋଇଥାଏ । ଯଦି ୧୬ଟନ୍‌ରୁ ଅଧିକ ଓଜନର ଗାଡିକୁ ବନ୍ଦ କରାଯାଏ, ତେବେ ଜନ ସାଧାରଣ ଘର ନିର୍ମାଣରେ ୨ଗୁଣରୁ ଅଧିକ ଖର୍ଚ୍ଚ ହେବ ବୋଲି ଜଣାପଡିଛି ।

ଆରଡି ବିଭାଗ ଏହି ରାସ୍ତାକୁ ଉଚ୍ଚକୋଟୀର ନିର୍ମାଣ ନକରି ରାସ୍ତାରେ ଗାଡି ଚଳାଚଳ ଉପରେ କଟକଣା ଲଗାଇଲେ ଏଠାରେ ୪ଟି ପଂଚାୟତର ଜନ ସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେବେ । ତୁରନ୍ତ ଏହି କଟକଣାକୁ ବନ୍ଦ କରିବା ପାଇଁ ରାଜ୍ୟ ସରପଂଚ ମହାସଂଘର ପୂର୍ବତନ ସଭାପତି ପ୍ରଦ୍ୟୁମ୍ନ ଜେନା ଦାବି କରିଛନ୍ତି । ନଚେତ୍ ଶହ ଶହ ଜନ ସାଧାରଣ ରାଜରାସ୍ତା କୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

### ୧୦ଦିନ ମଧ୍ୟରେ ଦୁଇଟି ବଦଳି ଆଦେଶ

## ଶିକ୍ଷାବିତ୍‌ଙ୍କ ମହଲରେ ଅସନ୍ତୋଷ

ଡେରାବିଶ,୮।୮(ସଂଚାର ବ୍ୟୁରୋ): ରାଜ୍ୟ ଗଣଶିକ୍ଷା ବିଭାଗ ର କେନ୍ଦ୍ରାପଡା ଜିଲ୍ଲାରେ ବିଇଓଙ୍କ ଦୁଇଟି ବଦଳି ଅର୍ଡର ବିଷୟ ପ୍ରକାଶ ପାଇବା ପରେ ଶିକ୍ଷାବିତ୍‌ଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି । କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଡେରାବିଶ ବ୍ଲକ ଦୀର୍ଘ ବର୍ଷ ହେବ ବିଇଓ ପଦବୀ ଖାଲିପଡ଼ିବା ପରେ ୨୫/୫/୨୦୨୬ ଚିଠି ନଂ-୧୩୨୩୮ରେ କେନ୍ଦ୍ରାପଡ଼ା ହାଇସ୍କୁଲର ପ୍ରଧାନଶିକ୍ଷକ ମଦନମୋହନ କରଙ୍କୁ ଡେରାବିଶ ବିଇଓ ଭାବେ ବଦଳି କରାଯାଇଥିଲା । ମାତ୍ର ଦୁଇମାସ ପରେ ୨୮/୦୭/୨୦୨୬ରେ ଚିଠି ନଂ୧୭୮୧୫ ଅନ୍ୟ ଏକ ବଦଳି ଅର୍ଡରରେ କେନ୍ଦ୍ରାପଡ଼ା ବ୍ଲକ ଚଉକୁଲାଟ ଜଗନ୍ନାଥ ବିଦ୍ୟାପୀଠ ପ୍ରଧାନଶିକ୍ଷକ ରତିକାନ୍ତ ସେନାପତିଙ୍କୁ ଡେରାବିଶ ବିଇଓ ଭାବେ ବଦଳି କରାଯାଇଥିବା ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏ ସମ୍ପର୍କରେ ଡେରାବିଶରେ ବିଇଓ ଭାବେ କାର୍ଯ୍ୟରତ ଥିବା କରଙ୍କ ନିକଟକୁ କୌଣସି ବିଭାଗୀୟ ନିର୍ଦ୍ଦେଶ ଆସିନଥିବା ସେ ସୂଚନା ଦେଇଥିଲେ ।

ତେବେ ୭୮/୨୦୨୬ ଚିଠି ନଂ ୨୦୭୮୦ରେ ଅର୍ଥାତ୍ ଆଜି ଗଣଶିକ୍ଷା ବିଭାଗ ପକ୍ଷରୁ ଆଉଏକ ବଦଳି ଆଦେଶ ପ୍ରକାଶ ପାଇଛି । ଯାହାକି ସମସ୍ତ ଶିକ୍ଷାବିତ୍‌ଙ୍କୁ ଚକିତ କରିଛି । ଏହି ବଦଳି ଆଦେଶରେ ପୂର୍ବରୁ ଡେରାବିଶ ବିଇଓ ଭାବେ ବଦଳି କରାଯାଇଥିବା ରତିକାନ୍ତ ସେନାପତିଙ୍କ ପୂର୍ବ ଆଦେଶ ବଦଳରେ ତାଙ୍କୁ କେନ୍ଦ୍ରାପଡ଼ା ବିଇଓ ଭାବେ ବଦଳି କରାଯାଇଛି । ଏହା କିପରି ସମ୍ଭବ ବୋଲି ଶିକ୍ଷାବିତ୍ ପ୍ରମୋଦ କୁମାର ବେହେରା କହିଛନ୍ତି ।

ବେହେରାଙ୍କ ସୂଚନା ଅନୁଯାୟୀ ଆଜି ବାହାରିଥିବା ବଦଳି ଆଦେଶରେ ବର୍ତ୍ତମାନ କେନ୍ଦ୍ରାପଡ଼ାରେ ଅବସ୍ଥାପିତ ଥିବା ବିଇଓ ନାରାୟଣ ମଲ୍ଲୀ ଚଳିତ ଅଗଷ୍ଟ ମାସ ୩୧ ତାରିଖରେ ଅବସର ଗ୍ରହଣ କରିବେ । ବଦଳି ଆଦେଶ ଦିନଠାରୁ ଅବସର ଦିନ ମଧ୍ୟରେ ୨୨ ଦିନ ସମୟ ରହିଛି । ତାଙ୍କୁ କିପରି ବଦଳି କରାଯାଇଛି? ଯାହାକି ବିଭାଗୀୟ ଅଧିକାରୀଙ୍କ ଅନଭିଜ୍ଞତାକୁ ପଦାରେ ପକାଉଛି । ଯାହାକି ଏହି ବଦଳି ଆଦେଶ ସମଗ୍ର ଜିଲ୍ଲାର ଶିକ୍ଷା ବ୍ୟବସ୍ଥା ପ୍ରତି ଉପହାସ ସଦୃଶ ହୋଇଛି ବୋଲି ଶ୍ରୀ ବେହେରା କହିଛନ୍ତି ।

ଏ ବିଷୟରେ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କୁ ବାରମ୍ବାର ଯୋଗାଯୋଗ କରାଯିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା ।

### ଲଗାଣ ବର୍ଷାରେ ବ୍ରାହ୍ମଣୀରେ ୨ୟ ବନ୍ୟା

# ବ୍ୟାପକ ଅଞ୍ଚଳ ଜଳମଗ୍ନ, କୁମ୍ଭୀର ଆତଙ୍କ

### ସିଂହଗାଁ, ଶ୍ରୀରାମପୁର ଡାମରପୁର ବଳଭଦ୍ରପୁର ବାଲିପାଟଣା ବାଛରା, ତନ୍ତୁପୁର ବିଚ୍ଛିନ୍ନ





ପଟ୍ଟାମୁଣ୍ଡାଇ,୮।୮ (ସଂଚାର ବ୍ୟୁରୋ): ସମ୍ପ୍ରତି ବାରମ୍ବାର ଲଘୁ ଚାପଜନିତ ଲଗାଣବର୍ଷା ଓ ରେଙ୍ଗାଲି ପାଣି ଛାଡିବା ଯୋଗୁଁ ବ୍ରାହ୍ମଣୀ,ଓ କାଣୀ ନଦୀରେ ୨ୟ ବନ୍ୟା ଆସିଛି ।ପଟ୍ଟାମୁଣ୍ଡାଇ ବ୍ଲକର ସବୁଠାରୁ ଦୁର୍ଗମ ଅଂଚଳ ଭାବେ ପରିଚିତ ସିଂହଗାଁ ପଂଚାୟତ ପୁଣି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି । ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁ ପଂଚାୟତର ସିଂହଗାଁ, କୃଷ୍ଣଦାସପୁର, ଗାରେଇଆଡିଆ, ପାଣିସାଙ୍ଗିଳିଆ ଆଦି ଅଂଚଳ ଓ ଚାଷଜମି ଜଳମଗ୍ନ ହୋଇ ପଡିଛି । ଅନ୍ୟପକ୍ଷେ ପଂଚାୟତ ଗୋଳିଆଣଶ, ବିଲଣିକଣାହି, ବେତେଇସାହି, ମିଶ୍ରବାଗ ଶାସନ ସେଠୀସାହି, ଜେନାସାହି, ପାହାଡ଼ାସିଂହସାହି, ତରଡ଼ିପାଳ ପଂଚାୟତର ପୋଖରୀକୂଳ ଗୋପାଳପୁର, ଜେନାସାହି, ବିଶ୍ୱାଳ ସାହି, ନାଥସାହି, ମଲିକ ସାହି, ଘାଗରାଡିଆ, ବାଲିକିଜା, ଡାଙ୍ଗିସାହି, ଅଷ୍ଟରା ପଂଚାୟତର ବ୍ରହ୍ମପୁର, ବିଷ୍ଣୁପୁର, ବ୍ରାହ୍ମଣସାହି, ଡାଣ୍ଡିଉପର, ଅମୃତମଣୋହି ପଂଚାୟତର ନୂଆଡିଆ, ଜଗନ୍ନାଥପୁର, ଶାଳିପଡା, ସିଝବାଲି, ବଳୁରିଆ ପଂଚାୟତର ଫୁଲପାଟଣା ଆଦି ଅଂଚଳ ସହିତ ଶହ ଶହ ଏକର ଚାଷଜମି ଜଳମଗ୍ନ ହୋଇଛି ।

ନିକଟରେ ପଟ୍ଟାମୁଣ୍ଡାଇ ଧୋଆଅଞ୍ଚଳରେ କୁମ୍ଭୀର ଆକ୍ରମଣ ଘଟଣାରେ ଜଣେ ମହିଳା ଓ ଗତବର୍ଷ ୨ଜଣଙ୍କ ମୃତ୍ୟୁ ଘଟିଥିବାରୁ ସମ୍ପ୍ରତି ବନ୍ୟା ବିପନ୍ନ ଅଂଚଳରେ କୁମ୍ଭୀର ଦେଖା ଯାଉଥିବା ଖବର ମିଳିବା ପରେ ଲୋକମାନଙ୍କ ମଧ୍ୟରେ ଘୋର ଆତଙ୍କ ସୃଷ୍ଟି ହୋଇଛି । ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର, ଡାମରପୁର, ନୀଳକଣ୍ଠପୁର, ବାଲିପାଟଣା, ବାଛରା, ବଳଭଦ୍ରପୁର ଶାସନ ଆଦି ପଂଚାୟତ ବିଭିନ୍ନ ଅଂଚଳ ଓ ଚାଷଜମି ଜଳମଗ୍ନ ହୋଇପଡିଛି । ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବାଲିପଡ଼ା, କଣ୍ଡାଗଡ଼ା, ତଳବାଲିପଡ଼ା, ସିଦ୍ଧପାଟଣା, ବଳଦେବନଗର, ତନ୍ତୁପୁର, ନନ୍ଦିନୀନଗର, କାଳୁଡ଼ିପଲ୍ଲୀ, ନୂଆଗାଁ ଅଲଗା, ଷଣ୍ଢପଲ୍ଲୀ ଆଦି ଅଂଚଳରେ ଚାଷ ଜମିରେ ବନ୍ୟା ଜଳ ପ୍ରବେଶ କରିଛି । ତନ୍ତୁପୁର - ବାଲିପାଟଣା ରାସ୍ତା ବୁଡି ଯାଇଥିବାରୁ ତନ୍ତୁପୁର ବାଲିପାଟଣା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି । ବାଛରା - ମଣ୍ଡପଡା ରାସ୍ତା ବୁଡି ଯାଇଥିବାରୁ ବାଛରା ମଣ୍ଡପଡା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି ମାଳିପୁର ରାସ୍ତା ବୁଡି ଥିବାରୁ ଶ୍ରୀରାମପୁର ଡାମରପୁର, ବଳଭଦ୍ରପୁର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି । ବାରମ୍ବାର ବନ୍ୟା ଫଳରେ ବ୍ୟାପକ ଫସଲ ହାନିର ଆଶଙ୍କା ବଳବତ୍ତର ହୋଇଛି ।

ନିକଟରେ ଦେଖା ଦେଇଥିବା ବନ୍ୟାରେ ସମସ୍ତ ଅଂଚଳରୁ ଜଳ ନିଷ୍କାସିତ ହୋଇନଥିବାବେଳେ ବ୍ରାହ୍ମଣୀ ଓ କାଣୀ ନଦୀରେ ୨ୟ ବନ୍ୟା ସରକାର ଓ ପ୍ରଶାସନ ପାଇଁ ଆହ୍ୱାନ ସୃଷ୍ଟି କରିଛି ।

## ଅଙ୍ଗୁଳାଇ-ଓରତ ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତା

### ନାହିଁରେ ତେଲ ଦେଇ ଶୋଇଛି ବିଭାଗ, ସାଧାରଣରେ ତୀବ୍ର ଅସନ୍ତୋଷ



ମହାକାଳପଡ଼ା, ୮।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ଅଙ୍ଗୁଳାଇ-ଓରତ ପୂର୍ତ୍ତ ବିଭାଗ ରାସ୍ତା ଏବେ ଯାତ୍ରୀଙ୍କ ପାଇଁ ମୃତ୍ୟୁବ୍ୟାଧାର କାରଣ ପାଲଟିଛି । ରାସ୍ତା ସାରା ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବାରୁ ଯାତାୟାତ ବିପଦପୂର୍ଣ୍ଣ ହୋଇପଡ଼ିଛି । ଏହି ଖାଲରେ ପଡ଼ି ଯାତ୍ରୀମାନେ ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ ହୋଇଛି ।

ଏହି ରାସ୍ତା ଉପରେ ଯାତ୍ରୀବାହୀ ବସ୍, ମାଲବାହୀ ଗାଡ଼ି ସମେତ ହଜାର ହଜାର ଲୋକ ନିର୍ଭରଶୀଳ । ତେବେ ରାସ୍ତାର ଏଭଳି ଦୁରବସ୍ଥା ସତ୍ତ୍ୱେ ବିଭାଗୀୟ ଅଧିକାରୀଙ୍କ ନଜର ନପଡ଼ିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

ବିଭାଗୀୟ ଅବହେଳା ଯୋଗୁଁ ରାସ୍ତା ନିର୍ମାଣର ଅଳ୍ପଦିନ ମଧ୍ୟରେ ନଷ୍ଟ ହୋଇଯାଉଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଥିଲେ ମଧ୍ୟ ଏହାର ସ୍ଥାୟୀ ମରାମତି ପାଇଁ ବିଭାଗୀୟ ତତ୍ପରତା ଦେଖାଯାଉନାହିଁ । ଫଳରେ ବାଧ୍ୟ ହୋଇ ସ୍ଥାନୀୟ ଲୋକେ ମଝିରେ ମଝିରେ ନିଜସ୍ୱ ଉଦ୍ୟମରେ ଖାଲ ପୂରଣ କରୁଥିବା ଦେଖିବାକୁ ମିଳୁଛି । ଏମିତି ଲାଗୁଛି ଯେମିତି ବିଭାଗୀୟ ଅଧିକାରୀ ନାହିଁରେ ତେଲ ଦେଇ ଶୋଇ ପଡ଼ିଛନ୍ତି । ଆଉ କେତେ ଜନଜୀବନ କ୍ଷତିଗ୍ରସ୍ତ ହେଲେ ବିଭାଗର ନିଦ ଭାଙ୍ଗିବ ବୋଲି ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ତୁରନ୍ତ ରାସ୍ତାର ମରାମତି କରାଯାଇ ଯାତାୟାତକୁ ସୁରକ୍ଷିତ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଜାତୀୟ ରାଜପଥ ଉପରେ ବେଧଡ଼କ ଚାଲିଛି ସର୍ଭିସିଂ ସେଣ୍ଟର



କେନ୍ଦ୍ରାପଡ଼ା,୮।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ପଂଚୁପାଣ୍ଡବ ଠାରୁ ମଶାକଣି ପର୍ଯ୍ୟନ୍ତ ଚଣ୍ଡିଖୋଲ-ପାରାଦ୍ୱିପ ଜାତୀୟ ରାଜପଥ ରେ ବେଧଡକ ଭାବେ ସର୍ଭିସିଂ ସେଣ୍ଟର କରାଯାଇ ଦୈନିକ ଶହ ଶହ ଗାଡି ଧୁଆ ଯାଉଛି । କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଜାତୀୟ ରାଜପଥ ଉପରେ ଗୋଟିଏ ପଟ ରାସ୍ତାକୁ ସଂମ୍ପୂର୍ଣ୍ଣ ବନ୍ଦ କରି ସର୍ଭିସିଂ ସେଣ୍ଟର କରା ଯାଇଥିବାରୁ ଦୈନିକ ଦୁର୍ଘଟଣା ଘଟୁଛି । ଜିଲ୍ଲା ପରିବହନ ଅଧିକାରୀ ତୁରନ୍ତ ଏମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## କଲଭର୍ଟ ମୁହଁରେ ମାଟି ଗଦାଇ ଅବରୋଧ

### ଜଳ ନିଷ୍କାସନ ସମସ୍ୟା ନେଇ ଚାଷୀ ଅସନ୍ତୋଷ



ବାଲିଅନ୍ତା,୮।୮ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ପୁରୋହିତପୁର ପଞ୍ଚାୟତ ଅଧୀନ ବାରିଜଙ୍ଗ - ଚଢେଇ ବର ଗ୍ରାମ ଉନ୍ନୟନ ବିଭାଗ ରାସ୍ତା କାମ ଦୀର୍ଘ ବର୍ଷ ହେବ ଅଧା ପନ୍ତରିଆ ଅବସ୍ଥାରେ ପଡିଛି । ବୋଧଖଣ୍ଡି ଏବଂ ବାରିଜଙ୍ଗ ଚାଷ ଜମିରୁ ବର୍ଷା ପାଣି ନିଷ୍କାସନ ନେଇ ରାସ୍ତା ମଧ୍ୟ ଭାଗରେ ୬୦ଫୁଟ ଚଉଡାରେ ସଫେଇ କଲଭର୍ଟ ନିର୍ମାଣ କରାଯାଇଥିଲା । ଖରାଦିନେ ବ୍ରିଜ ନିର୍ମାଣ ବେଳେ ଗାଡି ମଟର ଯା'ଆସ ନେଇ ଉଭୟ ପାର୍ଶ୍ୱରେ ମାଟି ରାସ୍ତା ନିର୍ମାଣ କରିଥିଲା । ବ୍ରିଜ ନିର୍ମାଣ ସରିବା ପରେ ପାଖାପାଖି ଦେଢ଼ ଶହ ଟ୍ରିପ ମାଟି ୱାଲ ପୋତିବା ପାଇ କଲଭର୍ଟ ମୁହଁରେ ଗଦାଇ ରଖିଥିଲା ଠିକାଦାର। ବର୍ଷା ଜଳରେ ତାହା ଭାସି ଆସି କଲଭର୍ଟ ମୁହଁ ପୋତି ହୋଇଯାଇଛି । ଯାହାଫଳରେ ବାରିଜଙ୍ଗ, ପୁରୋହିତପୁର, କଣ୍ଢେଇ ଚାଉଳି ବୋଧଖଣ୍ଡି ଏବଂ ଚଢେଇ ବର ମୌଜା ଚାଷ ଜମିରୁ ବର୍ଷା ପାଣି ନିଷ୍କାସିତ ହୋଇନପାରି ଆଣ୍ଠୁଏ ଉଚ୍ଚରେ ବୁଡି ରହିଛି । ଜମିରେ ଅଧିକ ପାଣି ଜମି ରହିବା ଫଳରେ ରୁଆ ବେଉଷଣ ସମ୍ଭବ ହେଉ ନାହିଁ । କେବଳ ସେତିକି ନୁହେଁ ହେକ୍ଟର ସରିଥିବା ରୁଆ ଧାନ ଗଛ ପଚି ଦୁର୍ଗନ୍ଧ ହେଉଛି । ଏହାକୁ ନେଇ ଆଜି ସହଦେବ ସାହୁଙ୍କ ନେତୃତ୍ୱରେ ଗ୍ରାମର ଚାଷୀମାନେ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ଖବର ପାଇ ପୁରୋହିତପୁର ସରପଞ୍ଚ ଭଗବାନ ବେହେରା ଘଟଣା ସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ସେହିପରି ଖବର ପାଇ ଡ୍ରେନେଜ ବିଭାଗ ସହକାରୀ ଯନ୍ତ୍ରୀ ଏନେଇ ପ୍ରତିଶୃତି ଦେବା ପରେ ଚାଷୀ ଉତ୍ତେଜନା ଥମିଥିଲା । ଜିଲ୍ଲା ପ୍ରଶାସନ ଚାଷୀଙ୍କ ସମସ୍ୟା ସମାଧାନ ନେଇ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି ।

ସୂଚନାଯୋଗ୍ୟ ୫ କିମି ବିଶିଷ୍ଟ ବାରିଜଙ୍ଗ ଚଢେଇବର ରାସ୍ତା ନିର୍ମାଣ ନେଇ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ୨୦୨୨ / ୨୩ ଆର୍ଥିକ ବର୍ଷରେ ୪ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା । ହେଲେ ରାସ୍ତା ନିର୍ମାଣ କାର୍ଯ୍ୟରେ ଅନିୟମିତତା ହେବା ସହ କଲଭର୍ଟର ୨ ପାର୍ଶ୍ୱ ର ଜଳ ନିଷ୍କାସନ ବାଟରେ ମାଟି ଗଦା ହୋଇ ରହିଛି । କାମ ଅତ୍ୟନ୍ତ ନିମ୍ନ ମାନର କରାଯାଇଥିବା ଅଭିଯୋଗ ହୋଇଛି । ଜଳ ନିଷ୍କାସନ ଦିଗରେ ଗ୍ରାମ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଅଗ୍ନିକାଣ୍ଡରେ ୪ ବଖରା ଘର ସହ ବାଛୁରୀ ଦଗ୍ଧ

ମାହାଙ୍ଗା,୮।୮ (ସଂଚାର ବ୍ୟୁରୋ): ମାହାଙ୍ଗା ତହସିଲ ଅଧିନ ଉମୂର ଗ୍ରାମରେ ଗତ ଗୁରୁବାର ବିଳମ୍ବିତ ରାତିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଗୃହ ପୋଡି ଜଳିଯିବା ସହ ଗୋଟିଏ ବାଛୁରୀ ମୃତ୍ୟୁବରଣ କରିଥିବା ସହ ୩ଗୋଟି ଅର୍ଦ୍ଧ ଦଗ୍ଧ ହୋଇ ଗୁରୁତର ହୋଇଥିବା ଜଣାପଡ଼ିଛି । ସୂଚନା ମୁତାବକ ଏହି ଗ୍ରାମର ଗୋଚାଷୀ ସନ୍ତୋଷ ସାମଲ ଘର ଶୋଇଥିବା ସମୟରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଥିଲା ।



ଅଗ୍ନିକାଣ୍ଡ ଘଟିଥିବା ସମୟରେ ଗୋଟିଏ ବାଛୁରୀ ଦଉଡି ଛିଡାଇ ବାହାରକୁ ଆସି ଜୋରରେ ବୋବାଇବାରୁ ପରିବାର ଲୋକ ଉଠି ଦମକଳବାହିନୀକୁ ଖବର ଦେଇଥିଲେ । ଖବର ପାଇ ନିଶ୍ଚିନ୍ତକୋଇଲି ଦମକଳବାହିନୀ ଓ କୁଆଁପାଳ ଦମକଳବାହିନୀ ନିଆଁକୁ ଆୟତ କରିଥିଲେ ମଧ୍ୟ ସନ୍ତୋଷଙ୍କ ସମସ୍ତ ଆବସବାବପତ୍ର ଜଳି ପାଉଁଶ ହୋଇଥିବା ବେଳେ ୩ଟି ବାଛୁରୀ ଅର୍ଦ୍ଧ ଦଗ୍ଧ ହୋଇ ଗୁରୁତର ଆହାତ ହୋଇଛନ୍ତି । ଗୋଟିଏ ବାଛୁରୀ ସମ୍ପୁର୍ଣ୍ଣ ଜଳି ମୃତ୍ୟୁବରଣ କରିଛନ୍ତି । ଅଗ୍ନିବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବୀ ହୋଇଛି ।

### ଥାଳି ନଥିବାରୁ ସ୍କୁଲ ପିଲା ଉପାସରେ ରହିବା ଘଟଣା

## ଖବର ପ୍ରସାରଣ ପରେ ତରବରିଆ କିଣାଗଲା ଥାଳି





ଆଳି,୮।୮(ସଂଚାର ବ୍ୟୁରୋ): ଆଳି ବ୍ଲକ ମାନପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ଖାଇବା ଥାଳି ନଥିବାରୁ ଓପାସରେ ସ୍କୁଲ ପିଲା ଥିବା ଘଟଣା ସାମ୍ନାକୁ ଆସିଥିଲା । ଶୁକ୍ରବାର ଦିନ ଦୈନିକ ଖବର କାଗଜ ସଂଚାର ରେ ଖବର ପ୍ରକାଶ ପରେ ସ୍କୁଲର ପ୍ରଧାନ ଶିକ୍ଷକ ତରବରିଆ ଭାବେ ଥାଳି କିଣିଥିବା ଜଣାପଡ଼ିଛି ।ଯାହାକୁ ନେଇ ଅଞ୍ଚଳ ଓ ଅଭିଭାବକ ମାନେ ସଂଚାର ଖବର କାଗଜକୁ ଧନ୍ୟବାଦ ଜଣାଇଛନ୍ତି । ପୂର୍ବରୁ ଖାଇବା ଥାଳି ନଥିବାରୁ ପିଲାମାନେ ମଧ୍ୟାହ୍ନ ଭୋଜନରୁ ବଞ୍ଚିତ ରହୁଥିବା ପିଲା ମଧ୍ୟରେ ଏବେ ଖୁସିର ଲହରୀ ଖେଳିଯାଇଛି । ଯାହାକି ଥାଳି ନଥିବାରୁ ଅନେକ ଦିନ ଧରି ଭୋକରେ ରହୁଥିଲେ । କିନ୍ତୁ ଟଙ୍କା ଉଠାଯାଇ ପ୍ରଧାନ ଶିକ୍ଷକଙ୍କୁ ୨୦ ହଜାର ଟଙ୍କା ଦିଆ ଯିବା ପରେ କାହିଁକି ଏତେ ଦିନ ପର୍ଯ୍ୟନ୍ତ ଥାଳି କିଣିନଥିଲେ ତାହା ବଡ଼ ପ୍ରଶ୍ନ ବାଚୀ ସୃଷ୍ଟି କରିଛି ।କାହିଁକି ପ୍ରଧାନ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବନି ବୋଲି ଅଭିଭାବକ ମାନେ ପ୍ରଶ୍ନ କରିଛନ୍ତି । କାହିଁକି ସ୍କୁଲର ଟଙ୍କାକୁ ଏତେ ଦିନ ଧରି ପ୍ରଧାନ ଶିକ୍ଷକ ପାଖରେ ରଖିଲେ । ନା ଅନ୍ୟ କିଛି ମସୁଧା କରିଥିଲେ ।ସେପଟେ ଅଭିଭାବକ ମାନେ ଗଣମାଧ୍ୟମରେ ସାହାଯ୍ୟରେ ପ୍ରଶାସନ ପାଖରେ ଦାବି କହିଛନ୍ତି ଏହି ଘଟଣାରେ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ। ଏ ନେଇ ଶିକ୍ଷା ବିଭାଗର ପ୍ରତିକ୍ରିୟା ମିଳିପାରିନାହିଁ ।

## ତେଣ୍ଡା-ସିଆଳଘାଟିକୁ ସଂଯୋଗ କରୁଥିବା ରାସ୍ତାରେ ୨୦ଫୁଟର ଘାଇ

### ଯୋଗାଯୋଗ ବିଚ୍ଛିନ୍ନ

### ଅସ୍ଥାୟୀ ପୋଲ ପାଇଁ ସହାୟତାର ହାତ ବଢ଼ାଇଲେ ପୂର୍ବତନ ବିଧାୟକ



ନୀଳଗିରି, ୮।୮ (ସଂଚାର ବ୍ୟୁରୋ): ତେଣ୍ଡା ସିଆଳ ଘାଟିକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାରେ ଥିବା ପୋଲକୁ ଲାଗି ରାସ୍ତାରେ ୨୦ଫୁଟ ଓସାରର ଏକ ଘାଇ ହୋଇ ଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାରୁ ସାଧାରଣ ଜୀବନ ଯାତ୍ରା ଠପ ହୋଇଥିଲା ବେଳେ ୧୦ ହଜାର ଲୋକ ପ୍ରଭାବିତ ହୋଇଛନ୍ତି ।

ସୂଚନାଯୋଗ୍ୟ ନୀଳଗିରି ବ୍ଲକ ଅଧିନସ୍ଥ ସଜନାଗଡ଼ ପଞ୍ଚାୟତଠାରୁ ସିଆଡ଼ିମାଳ ପଞ୍ଚାୟତକୁ ଏହି ରାସ୍ତା ସଂଯୋଗ କରୁଥିବା ଏକ ମୁଖ୍ୟ ରାସ୍ତା ଅଟେ । ଯେଉଁ ରାସ୍ତା ଦେଇ ଦୈନନ୍ଦୀନ ଶହଶହ ଲୋକ ଯିବା ଆସିବା କରିଥାନ୍ତି । ବିଶେଷ କରି ସଜନାଗଡ଼ ପଂଚାୟତର ସିଆଳଘାଟି ଗାଁର ୫୦୦ରୁ ଉର୍ଦ୍ଧ୍ୱ ଲୋକ ସଜନାଗଡ଼ ବଜାରରୁ ନିତ୍ୟବ୍ୟବହାର ସାମଗ୍ରୀ ପାଇଁ ନିର୍ଭର କରିଥାନ୍ତି । ତେଣ୍ଡା ଗ୍ରାମବାସୀ, ଗାଁରେ ଥିବା ଆଶ୍ରମ ସ୍କୁଲ, ତେଣ୍ଡା ଆଶ୍ରମ, ମୁଣ୍ଡଘୁରା ସ୍କୁଲ, ଶିଆଳଘାଟି ଓ ତେଣ୍ଡା-ଉପସ୍ୱାସ୍ଥ୍ୟକେନ୍ଦ୍ର, ଅଙ୍ଗନୱାର୍ଡକୁ ପାଠ ପଢାପଢି ପାଇଁ ଛାତ୍ରଛାତ୍ରୀମାନେ ମଧ୍ୟ ଦୈନନ୍ଦିନ ଯିବା ଆସିବାରେ ଉକ୍ତ ରାସ୍ତା ଉପରେ ନିର୍ଭର କରିଥାନ୍ତି । ଘାଇ ଯୋଗୁଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ସ୍ଥାନୀୟ ଲୋକ ପୂର୍ବତନ ବିଧାୟକଇଂ ସୁକାନ୍ତ ନାୟକଙ୍କୁ ଜଣାଇବା ପରେ ଆଜି ଅପରାହ୍ନ ୪ଘଟିକା ସମୟରେ ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ନାୟକ ଗ୍ରାମରେ ପହଁଚି ସ୍ଥିତି ଅନୁଧ୍ୟାନ କରିଥିଲେ । ଉକ୍ତ ଘାଇ ଉପରେ ଅସ୍ଥାୟୀ ପୋଲ ଉପରେ ପୋଲ ନିର୍ମାଣ ପାଇଁ ସେ ଗ୍ରାମର ଯୁବକ ମାନଙ୍କୁ ଆର୍ଥିକ ସହାୟତା ଦେଇଛନ୍ତି ।

## ପାରିବାରିକ କଳହରୁ ବିଷ ପିଇ ମହିଳାଙ୍କ ମୃତ୍ୟୁ, ଦୁଇ ସନ୍ତାନ ମା'ଛେଉଣ୍ଡ

ମହାକାଳପଡ଼ା,୮।୮(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ପେଟଛେଲା ପଞ୍ଚାୟତ ଅନ୍ତର୍ଗତ ଲୁଣିମାଠିଆ ଶବରପଡ଼ା ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ର କରି ବିଷ ପିଇବାରୁ ଜଣେ ମହିଳା ମୃତ୍ୟୁ ଘଟିଛି । ମୃତକ ମହିଳା ହେଉଛନ୍ତି ସେହି ଗ୍ରାମର ଝୁନି ଦେ । ସୂଚନା ମୁତାବକ ପ୍ରାୟ ୭ ବର୍ଷ ତଳେ ରାମନଗର ଅଞ୍ଚଳର ଦେବନା ନାୟକଙ୍କୁ ଝୁନି ପ୍ରେମ ବିବାହ କରିଥିଲେ । ବିବାହ ପରେ ଉଭୟ ଝୁନିଙ୍କ ଘରେ ରହି ଆସୁଥିଲେ । ଉଭୟଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି । ଗତକାଲି ବିଳମ୍ବିତ ରାତିରେ କୌଣସି କଥାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ହୋଇଥିଲା । ଏହାପରେ ଝୁନି ବିଷ ପିଇ ଦେଇଥିଲେ । ଅସୁସ୍ଥ ହୋଇପଡ଼ିବାରୁ ପରିବାରଲୋକେ ତାଙ୍କୁ ପ୍ରଥମେ ରାମନଗର ଡାକ୍ତରଖାନାକୁ ନେଇଥିଲେ । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପରେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ସେଠାରେ ଡାକ୍ତର ଝୁନିଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ମା'ଙ୍କ ମୃତ୍ୟୁରେ ଦୁଇ ନାବାଳକ ସନ୍ତାନ ମା'ଛେଉଣ୍ଡ ହୋଇଯାଇଛନ୍ତି ।

### ବଦଳି ପ୍ରହସନ

## କରିତକର୍ମା କିରାଣୀଙ୍କୁ ଡେପୁଟେସନ ଢାଲ

**● କାମ ଦେଲା କି ଲବି? ● ୧୦ରେ ବଦଳି; ୧୯ରେ ପରିବର୍ତ୍ତନ! ● ଚର୍ଚ୍ଚାରେ ରାଜସ୍ୱ ଏଡିଏମ୍‌ଙ୍କ ବଦଳି ଚିଠି**

କେନ୍ଦ୍ରାପଡ଼ା,୮।୮ (ସଂଚାର ବ୍ୟୁରୋ): ଜିଲ୍ଲାପାଳ ଅଫିସକୁ ଡେପୁଟେସନ ନିୟମ ନ ଥିବା ଏବଂ ୨୦୨୪ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଉ ତହସିଲ ଅଫିସ ଅଧିନରେ ଡେପୁଟେସନରେ କାର୍ଯ୍ୟ କରୁଥିବା ସମସ୍ତ ରେଜିଷ୍ଟ୍ରେସନ୍ ଡିପାର୍ଟମେଣ୍ଟର କିରାଣୀମାନଙ୍କୁ ମୂଳ ଯାଗାକୁ ଫେରସ୍ତ କରିଥିବା ସ୍ଥଳେ ବିନା ଆବଶ୍ୟକତାରେ ନିର୍ଦ୍ଦିଷ୍ଟ କିରାଣୀଙ୍କୁ ପୁନଶ୍ଚ ଡେପୁଟେସନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆଣି ଲ୍ୟାଣ୍ଡ ଆକୁଏସନ ବିଭାଗରେ ଅବସ୍ଥାପିତ କରିବା ଚର୍ଚ୍ଚା ଜୋର୍ ଧରିଛି ।

ଗାଦି ମାଡ଼ି ବସିଥିବା ରାଜସ୍ୱ ଅଧିକାରୀଙ୍କୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର । ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟରେ ୩ ବର୍ଷରୁ ଅଧିକ ଥିବା କର୍ମଚାରୀଙ୍କୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେବା ସହ ସବୁ ଜିଲ୍ଲାପାଳ ମାନଙ୍କୁ ଚିଠି ଲେଖିଥିଲେ ରାଜସ୍ୱ ବିଭାଗର ଅତିରିକ୍ତ ସଚିବ । ବଦଳି ନିୟମ ପାଳନ ହେଉନଥିବାରୁ ରାଜସ୍ୱ ବିଭାଗର ଉଦ୍‌ବେଗ ପ୍ରକାଶ ପାଇଥିଲା । ୩ ବର୍ଷ ପରେ ବଦଳି ପାଇଁ ନିୟମ ଥିଲେ ବି ପାଳନ ହେଉନାହିଁ । ଅନେକ କର୍ମଚାରୀ ସମାନ କାର୍ଯ୍ୟାଳୟ ଓ ସମାନ ପୋଷ୍ଟରେ କାମ କରୁଛନ୍ତି, ଯାହା ଦୁର୍ନୀତି ଓ ସରକାରୀ କାର୍ଯ୍ୟରେ ଅବହେଳା ବୃଦ୍ଧିର ମୁଖ୍ୟ କାରଣ ।

ସୂଚନା ମୁତାବକ କନିଷ୍ଠ କିରାଣୀ ବିବେକାନନ୍ଦ ନାୟକଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ସବ୍ ରେଜିଷ୍ଟ୍ରାର ଅଫିସକୁ ବଦଳି କରି ଡେପୁଟେସନରେ ଡେରାବିଶ ସବ୍ ରେଜିଷ୍ଟ୍ରାର ଅଫିସରେ ନିଯୁକ୍ତ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବିନ୍ଦ୍ର କୁମାର ମଲ୍ଲିକ କରିଥିବା ଚିଠି ନଂ -୧୨୩୨,ତା୧୦ ଜୁନ୍ ୨୦୨୬ରେ ପଟ୍ଟାମୁଣ୍ଡାଇ ସବ୍ ରେଜିଷ୍ଟ୍ରାର ଅଫିସକୁ ବଦଳି କରି ଡେରାବିଶ ସବ୍ ରେଜିଷ୍ଟ୍ରାର ଅଫିସରେ ଡେପୁଟେସନ ଭାବେ କାର୍ଯ୍ୟ କରିବାକୁ କନିଷ୍ଠ କିରାଣୀଙ୍କୁ ଅର୍ଡର କରାଗଲା । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଅତିରିକ୍ତ ଜିଲ୍ଲାପାଳ ନିଜେ କରିଥିବା ବଦଳି ଆଦେଶର ମାତ୍ର ୦୯ଦିନ ଭିତରେ ନିର୍ଦ୍ଦିଷ୍ଟ କର୍ମଚାରୀଙ୍କ କ୍ଷେତ୍ରରେ ପୁଣିଥରେ ଆଦେଶ ପରିବର୍ତ୍ତନ କରିଦେଇଥିବା ଦେଖିବାକୁ ମିଳିଛି । ବଦଳି ନାଁରେ ଚାଲିଥିବା ପ୍ରହସନକୁ ପଦାରେ ପକାଇଛି ।

ଖାଲି ସେତିକି ନୁହେଁ, କନିଷ୍ଠ କିରାଣୀଙ୍କୁ ତାଙ୍କ ଲବି ମୁତାବକ ନିଜ ମନପସନ୍ଦର ସ୍ଥାନରେ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହେଉଛି । ବ୍ୟବସ୍ଥାର ସୁପରିଚାଳନା କାରଣ ଦର୍ଶାଯାଇ ଅତିରିକ୍ତ ଜିଲ୍ଲାପାଳ କରିଥିବା ବଦଳି ଅର୍ଡର ପୁର୍ନବାର ୦୯ଦିନରେ ପୁଣି ଆଉ ଏକ ୱଦଳି ଚିଠି ନଂ ୧୨୮୦,ଗତ ୧୯ ଜୁନ୍, ୨୦୨୬ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଲ୍ୟାଣ୍ଡ ଆକୁଏସନ ସେକ୍ସନକୁ କରିଥିବା ବଦଳି ଚିଠି ସାଧାରଣ ମହଲରେ ଚର୍ଚ୍ଚା ହେଉଛି । ନିର୍ଦ୍ଦିଷ୍ଟ କର୍ମଚାରୀଙ୍କୁ ବାରମ୍ବାର ଦୁଇ ଦୁଇଟି ଚିଠି କରି ବଦଳି କରିବା ଏବଂ ଡେରାବିଶ ସବ ରେଜିଷ୍ଟ୍ରାର ଅଫିସରୁ ଜିଲ୍ଲା ଅଫିସକୁ ଡେପୁଟେସନରେ ଆଣିବା ପ୍ରଶାସନିକ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଖାଲି ଏତିକି ନୁହେଁ ପୂର୍ବରୁ ମଧ୍ୟ କନିଷ୍ଠ କିରାଣୀ ବିବେକାନନ୍ଦ ନାୟକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଷ୍ଟେନୋ ଭାବେ କାର୍ଯ୍ୟ କରିଛନ୍ତି । ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରହିଥିବା ବେଳେ ଅନେକ ଅଭିଯୋଗ ତାଙ୍କ ନାଁରେ ଆସିଥିଲା । ଏହାପରେ କନିଷ୍ଠ କିରାଣୀ ବିବେକାନନ୍ଦ ନାୟକଙ୍କୁ ତତ୍ କାଳୀନ ଜିଲ୍ଲାପାଳଙ୍କ ଚିଠି ନଂ -୧୩୧୮,ତା ୧୬ ନଭେମ୍ବର ୨୦୨୪ରେ କନିକା ତହସିଲକୁ ବାତିଲ୍ କରି ମୂଳ ଯାଗା କେନ୍ଦ୍ରାପଡ଼ା ଜିଲ୍ଲା ସବ ରେଜିଷ୍ଟ୍ରାରକୁ ଫେରେଇ ଦିଆଯାଇଥିଲା । ପ୍ରଶ୍ନ ଉଠୁଛି ନିଜ ମନ ପସନ୍ଦର ପୁରୁଣା ଜିଲ୍ଲା ଅଫିସ୍‌କୁ ଯିବା ପାଇଁ ଜୋରଦାର ଲବି କରାଯାଇଥିଲା କି? ୦୯ଦିନରେ କାହିଁକି ବଦଳିଗଲା ନିଜେ କରିଥିବା ଅତିରିକ୍ତ ଜିଲ୍ଲାପାଳଙ୍କ ଆଦେଶ! ଯେଉଁଠିକୁ ଚାହିଁଲେ ସେଇଠିକୁ ପୁର୍ନବାର ଗଲେ ଯାହା ନିଜର ଲବି ଚଳାଇଥିବା ଚର୍ଚ୍ଚା ହେଉଛି । ଏହା ଭିତରେ ଗତ ଜୁନ୍ ୧୯ତାରିଖରେ ପୂର୍ବ ବଦଳି ଆଦେଶକୁ ପରିବର୍ତ୍ତନ କରାଯାଇ ଆଉ ଏକ ଆଦେଶ ବାହାର କରାଗଲା ଯାହାକି ବଦଳି କରାଯାଇଥିବା ସ୍ଥାନକୁ ପରିବର୍ତ୍ତନ କରିଦିଆଗଲା । ଏହା ପ୍ରତ୍ୟକ୍ଷ ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ବଦଳି ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ପ୍ରଶ୍ନଚିହ୍ନ ଆଙ୍କି ଦେଇଛି ।

## ଟାଙ୍ଗରପାଲି, ମଙ୍ଗସପୁର ଓ ପାମରା ମଣ୍ଡଳର ମାସିକ ବୃତ୍ତ ବୈଠକ





ସୁନ୍ଦରଗଡ଼,୮।୮ (ସଂଚାର ବ୍ୟୁରୋ): ଭାରତୀୟ ଜନତା ପାର୍ଟି, ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲା ଅନ୍ତର୍ଗତ ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀର ଟାଙ୍ଗରପାଲି ଓ ମଙ୍ଗସପୁର ମଣ୍ଡଳର ମାସିକ ବୃତ୍ତ ବୈଠକ ଜିଲ୍ଲା ବିଜେପି କାର୍ଯ୍ୟାଳୟ, ଭୋଜପୁରଠାରେ ଏବଂ ପାମରା ମଣ୍ଡଳର ମାସିକ ବୃତ୍ତ ବୈଠକ ଏକମା ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି । ଟାଙ୍ଗରପାଲି ମଣ୍ଡଳ ସଭାପତି ନରେଶ ପୁରୋହିତ, ମଙ୍ଗସପୁର ମଣ୍ଡଳ ସଭାପତି ନଳିନ ପଟେଲ ଏବଂ ପାମରା ମଣ୍ଡଳ ସଭାପତି ଚିନ୍ମୟ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପୃକ୍ତ ମଣ୍ଡଳଗୁଡ଼ିକର ସାଙ୍ଗଠନିକ କାର୍ଯ୍ୟର ସମୀକ୍ଷା କରାଯିବା ସହ ବୁଥ୍ ସଶକ୍ତିକରଣ, ଶକ୍ତିକେନ୍ଦ୍ର ବୈଠକ, ବୁଥ୍ ବୈଠକ, ଦ୍ୱିତୀୟ ପର୍ଯ୍ୟାୟ ଏସଆଇଆର କାର୍ଯ୍ୟକ୍ରମ ଏବଂ 'ମନ କି ବାତ୍' ଭଳି ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ଅଧିକ ସକ୍ରିୟ, ସୁଚାରୁ ଓ ଶୃଙ୍ଖଳିତ ଭାବେ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥିସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା, ଲୋକାଭିମୁଖୀ ପଦକ୍ଷେପ ଏବଂ ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡ଼ିକର ସୁଫଳ ଘରେ ଘରେ ପହଞ୍ଚାଇବା ସହ ସାଧାରଣ ଜନତାଙ୍କୁ ଏ ସମ୍ପର୍କ ରେ ଅବଗତ କରାଇବା ପାଇଁ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦିଆଯାଇଥିଲା । ଆଗାମୀ ଦିନରେ ସନ୍ଥ ଶିରୋମଣି ଗୁରୁ ରବିଦାସଜୀଙ୍କ ୬୫୦ତମ ଜନ୍ମ ଜୟନ୍ତୀ ପାଳନ, 'ତ୍ରିରଙ୍ଗା ଯାତ୍ରା' ଏବଂ 'ହର ଘର ତ୍ରିରଙ୍ଗା' ଭଳି ଦେଶାତ୍ମବୋଧକ କାର୍ଯ୍ୟକ୍ରମ ଗୁଡ଼ିକୁ ବ୍ୟାପକ ଜନସହଭାଗିତା ସହ ସଫଳ କରିବା ପାଇଁ ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ସମର୍ପିତ ଭାବେ କାର୍ଯ୍ୟ କରିବାକୁ ବକ୍ତା ମାନେ ଆହ୍ୱାନ ଦେଇଥିଲେ ।

## ରେଢ଼ାଖୋଲରେ 'ମା' ପାଇଁ ଗଛଟିଏ' ଅଭିଯାନ

# ଗଛଟିଏ ଲଗାଇବା, ସୁରକ୍ଷିତ ଭବିଷ୍ୟତ ଗଢ଼ିବା: ଧର୍ମେନ୍ଦ୍ର



ସମ୍ବଲପୁର/ରେଢ଼ାଖୋଲ,୮।୮(ସଂଚାର ବ୍ୟୁରୋ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲଠାରେ ଆୟୋଜିତ 'ମା' ପାଇଁ ଗଛଟିଏ' ଅଭିଯାନ କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ପରିବେଶବିତ୍ ଓ ସ୍ଥାନୀୟ ଜନସାଧାରଣଙ୍କ ସହ ମିଶି ଚାରା ରୋପଣ କରିଛନ୍ତି। ପରିବେଶ ସୁରକ୍ଷାର ଏହି ମହତ୍ ପ୍ରୟାସକୁ ଆଗକୁ ନେବା ପାଇଁ ସ୍ଥାନୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ବିପୁଳ ଉତ୍ସାହ ଓ ଆଗ୍ରହକୁ ସାଂସଦ ଶ୍ରୀ ପ୍ରଧାନ ପ୍ରଶଂସା କରିଛନ୍ତି। ଏହି ଅବସରରେ ସାଂସଦ ଶ୍ରୀ ପ୍ରଧାନ କହିଛନ୍ତି ଯେ ଗୋଟିଏ ଗଛ କେବଳ ପରିବେଶକୁ ସୁରକ୍ଷିତ ରଖି ନଥାଏ, ବରଂ ଆଗାମୀ

### ଛାତ୍ରଛାତ୍ରୀଙ୍କୁ ଚାରା ବଣ୍ଟନ ସହ ଉତ୍ସାହକୁ ପ୍ରଶଂସା

ପିଢ଼ି ପାଇଁ ଏକ ସୁସ୍ଥ, ସୁନ୍ଦର ଓ ନିରାପଦ ଭବିଷ୍ୟତ ନିର୍ମାଣ କରେ। ନିଜ ମା'ଙ୍କ ସମ୍ମାନାର୍ଥେ ପ୍ରତ୍ୟେକ ନାଗରିକ ଗୋଟିଏ ଲେଖାଏଁ ଗଛ ଲଗାଇବା, ତା'ର ସୁରକ୍ଷା କରିବା ଓ ଆମ ଧରିତ୍ରୀ ମା'କୁ ଅଧିକ ସବୁଜ ଓ ସୁନ୍ଦର କରି ଗଢ଼ିତୋଳିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ସ୍ୱତନ୍ତ୍ର ଚାରା ରୋପଣ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ରବି ନାରାୟଣ ନାଏକ ମଧ୍ୟ ସାମିଲ ହୋଇଥିଲେ।

## ରାଜ୍ୟବ୍ୟାପୀ କଳସ ବନ୍ଦନ ଅଭିଯାନର ଶୁଭାରମ୍ଭ

# ସନ୍ଥଗୁରୁ ରବି ଦାସଙ୍କ ଜୀବନାଦର୍ଶନର ପ୍ରଚାର ହେବ

ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ): ତ୍ରୟୋଦଶ-ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ବାହ୍ୟ ଶତ୍ରୁଙ୍କ ଆକ୍ରମଣ ଓ ଧର୍ମାନ୍ତରୀକରଣ ପ୍ରକ୍ରିୟା କାରଣରୁ ସାମାଜିକ ବୈଷମ୍ୟ ଓ ଜାତିଭେଦର ଅସ୍ପୃଶ୍ୟତା ପ୍ରମୁଖ ଶିଖରରେ ପହଞ୍ଚିଥିଲା। ସାମଗ୍ରିକ ଭାବେ ସନାତନ ଧର୍ମ ମଧ୍ୟ ବହୁ ଆହ୍ୱାନର ସମ୍ମୁଖୀନ ହୋଇଥିଲା। ଦୀର୍ଘ ୧୨୦୦ ବର୍ଷ ଧରି ଦେଶ ପରାଧୀନ ଥିଲା। ଇଂରେଜଙ୍କଠାରୁ ଆରମ୍ଭ କରି ମୋଗଲ ପର୍ଯ୍ୟନ୍ତ ସଭିଏଁ ସନାତନ ଧର୍ମକୁ ବାରମ୍ବାର ଆକ୍ରମଣ କରିଥିଲେ। ଏହି ଧର୍ମକୁ ନଷ୍ଟ କରିବା ପାଇଁ ଅନେକ ଅପଚେଷ୍ଟା କରିଥିଲେ। ମାତ୍ର ସନ୍ଥ ଶିରୋମଣି ଗୁରୁ ଶ୍ରୀ ରବି ଦାସ ମହାରାଜଙ୍କ କାରଣରୁ ଏହି ସନାତନ ଧର୍ମର ରକ୍ଷା ହେବା ସହ ଅନେକ ସଂସ୍କାର ଆସିଥିଲା। ଏହି ଧର୍ମ ସହ ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ। ସମାଜରେ ସଂସ୍କାର ଆଣି ଠିକ୍ ଭାବେ ଗଢ଼ିବା ପାଇଁ ସଂକଳ୍ପ ନେବା ସହ ସେ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବା ପାଇଁ ଅନେକ ଯୁଗୋପଯୋଗୀ ନିଷ୍ପତ୍ତି ନେଇଥିଲେ। ଏଭଳି ସମାଜ ସଂସ୍କାର କାର୍ଯ୍ୟ ଯୋଗୁଁ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ସନ୍ଥ ରବି ଦାସଙ୍କୁ ଲୋକେ ମନେ ପକାଇବା ସହ ତାଙ୍କ ରାସ୍ତାକୁ ଅନୁସରଣ କରିବେ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ସନ୍ଥ ରବି ଦାସଙ୍କ ବାର୍ତ୍ତାକୁ ଓଡ଼ିଶାର ସବୁ ଜିଲ୍ଲାରୁ ବ୍ଲକ୍ ଓ ମଣ୍ଡଳ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ବିଜେପି ସଂକଳ୍ପବଦ୍ଧ। ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଏକାକାର କରିବା ପାଇଁ ବିଜେପିର ପ୍ରୟାସ ନିଶ୍ଚିତ ସଫଳ ହେବ। ଏଥିସହ ସନ୍ଥଗୁରୁ ଶ୍ରୀ ରବି ଦାସଙ୍କ ଜୀବନ, ଦର୍ଶନର ବ୍ୟାପକ ପ୍ରଚାର ହେବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।



ଆଜି ରାଜ୍ୟବ୍ୟାପୀ କଳସ ବନ୍ଦନ ଅଭିଯାନ ଆରମ୍ଭ ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବରିଷ୍ଠ ମନ୍ତ୍ରୀ ସୁରେଶ ପୂଜାରୀ, ନିତ୍ୟାନନ୍ଦ ଗଣ୍ଡ, ବିଭୂତି ଭୂଷଣ ଜେନା, ଡ. ମୁକେଶ ମହାଲିଙ୍ଗ, ପ୍ରଦୀପ ବଳ ସାମନ୍ତ, ଗୋକୁଳାନନ୍ଦ ମଲ୍ଲିକ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ସାଂସଦ ପ୍ରତାପ ଷଡ଼ଙ୍ଗୀ, ଡ. ରବୀନ୍ଦ୍ର ନାରାୟଣ ବେହେରା, ସୁକାନ୍ତ ପାଣିଗ୍ରାହୀ, ରାଷ୍ଟ୍ରୀୟ ଅନୁସୂଚିତ ଜାତି କମିଶନ ଅଧ୍ୟକ୍ଷ କିଶୋର ମକୱାନା, ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଦାସ, ବିଧାୟକ ରଘୁନାଥ ଜଗଦଲା, ବାବୁ ସିଂ, ଦୁର୍ଗାପ୍ରସନ୍ନ ନାୟକ, ପୂର୍ଣ୍ଣଚନ୍ଦ୍ର ସେଠୀ, ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ଉପସ୍ଥିତ ଥିଲେ।

## ନୟାପଲ୍ଲୀରେ ମେଗା ଚାରା ରୋପଣ



ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଧୀନସ୍ଥ ନୟାପଲ୍ଲୀ ଅଞ୍ଚଳର ୱାର୍ଡ ନମ୍ବର ୩୮ରେ କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନା ଓ ଯୁବ ସମାଜସେବୀ ସମରେନ୍ଦ୍ର କୁମାର ଜେନାଙ୍କ ଦ୍ୱାରା ଦେବରାୟ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଏକ ମେଗା ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇଥିବା ବେଳେ କର୍ପୋରେଟର ଶ୍ରୀମତୀ ଜେନା ଓ ଶ୍ରୀ ଜେନାଙ୍କ ସମେତ ନୟାପଲ୍ଲୀ ଗ୍ରାମ୍ୟ କମିଟି ଉପସଭାପତି ଯୋଗେନ୍ଦ୍ର ହରିଚନ୍ଦନ, ସମ୍ପାଦକ ନଟବର ସାମନ୍ତରାୟ, ମହେନ୍ଦ୍ର ବଳବନ୍ତରାୟ, ପୂର୍ବତନ କର୍ପୋରେଟର ନବକିଶୋର ବେହେରା, ବ୍ରିଟ୍ କଲୋନୀ ସମ୍ପାଦକ ସତ୍ୟ ସାହୁ, ଓଃ ଗଗନ ବିହାରୀ ଭାରତ, ପବିତ୍ର ମୋହନ ରାଉତରାୟ, ରଶ୍ମି ବେହେରା, ସାଗର ବଳବନ୍ତରାୟ, ଅନାଦି ସାହୁ ଉପସ୍ଥିତ ଥିଲେ। ବିଧାୟକ ଏହି ଚାରା ରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିବା ସହ କାର୍ଯ୍ୟକ୍ରମ ପ୍ରତି ମାସରେ ଆୟୋଜିତ ହେବବୋଲି କହିଥିଲେ। କାର୍ଯ୍ୟକ୍ରମରେ ଦେବରାୟ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଭା ମଞ୍ଜରୀ ପଟ୍ଟନାୟକଙ୍କ ସହ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ସହକର୍ମୀ ଓ ଶହ ଶହ ଛାତ୍ରଛାତ୍ରୀ ଯୋଗଦେଇ ଚାରା ରୋପଣ କରିଥିଲେ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଅନେକ ସଦସ୍ୟା ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କର୍ପୋରେଟର ଶ୍ରୀମତୀ ଜେନା ଓ ସମାଜସେବୀ ଶ୍ରୀ ଜେନାଙ୍କ ଏଭଳି ମହତ ଉଦ୍ଦେଶ୍ୟ ପାଇଁ ୱାର୍ଡ ବାସିନ୍ଦା ସେମାନଙ୍କୁ ପ୍ରଶଂସା କରିଛନ୍ତି।

### ଜେଲ୍ ସଂସ୍କାର ନେଇ ହାଇକୋର୍ଟଙ୍କ ମାମଲା

## ବିସ୍ତୃତ ରିପୋର୍ଟ ଦାଖଲ ଲାଗି ରାଜ୍ୟକୁ ନିର୍ଦ୍ଦେଶ

କଟକ, ୮।୮ (ସଂଚାର ବ୍ୟୁରୋ): ଜେଲ୍ ସଂସ୍କାର ନେଇ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପରେ ଓଡ଼ିଶା ହାଇକୋର୍ଟ ନିଜ ଆଡୁ ମାମଲା ରୁଜୁ କରିଥିଲେ। ଏଥିରେ ରାଜ୍ୟ ସରକାର ଜବାବ ଦାଖଲ କରି ଜେଲ୍ ସଂସ୍କାର, ମୁକ୍ତାକାଶ ସଂସ୍କାର କେନ୍ଦ୍ରର ପରିଚାଳନା ପାଇଁ ମନିଟରିଂ ବା ନିରୀକ୍ଷଣ କମିଟି ଗଠନ କରାଯାଇଛି ବୋଲି ଅଦାଲତଙ୍କୁ ଅବଗତ କରିଛନ୍ତି। ଏହି ଜବାବ ପରେ ହାଇକୋର୍ଟ ଏହି କମିଟି କିଭଳି ଭଲ ଭାବେ କାର୍ଯ୍ୟ କରିପାରିବ



ସେଥିପାଇଁ ଆବଶ୍ୟକ ଭିତ୍ତିଭୂମି, ମାନବସମ୍ବଳ ଆଦି ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତ ଏକ ବିସ୍ତୃତ ଷ୍ଟାଟସ୍ ରିପୋର୍ଟ ଦାଖଲ ଲାଗି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ବିଚାରପତି ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଦେଶ ଦେଇଛନ୍ତି। ଜେଲ୍ ସଂସ୍କାର ପାଇଁ ସମସ୍ତ ରାଜ୍ୟ ସରକାର, କେନ୍ଦ୍ର ଶାସିତ ରାଜ୍ୟଗୁଡ଼ିକ ପଦକ୍ଷେପ ନେବାକୁ ସୁପ୍ରିମ୍‌କୋର୍ଟ ଫେବ୍ରୁଆରି ୨୬ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ହାଇକୋର୍ଟ ରେଜିଷ୍ଟ୍ରାର(ଜୁଡିସିଆଲ୍)ଙ୍କ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା। ଗୃହ ବିଭାଗ ଜବାବରେ ଜଣାଇଥିଲା ଯେ, ଜେଲ୍ ସଂସ୍କାର ତଥା ମୁକ୍ତାକାଶ ସଂସ୍କାର କେନ୍ଦ୍ର ପରିଚାଳନା ପାଇଁ ମନିଟରିଂ କମିଟି ଗଠନ କରାଯାଇଛି। ଏହି ଜବାବ ପରେ କମିଟି ଯେପରି ଠିକ୍ ଭାବେ କାର୍ଯ୍ୟ କରିପାରିବ ସେଥିପାଇଁ ତାଙ୍କୁ ଆବଶ୍ୟକ କ୍ଷମତା ଦେବା ଆବଶ୍ୟକ ବୋଲି ହାଇକୋର୍ଟ କହିଛନ୍ତି। ରାଜ୍ୟ ସରକାରଙ୍କ ବିସ୍ତୃତ ରିପୋର୍ଟରେ ଗତ ଜୁଲାଇ ୨୮ରେ ମନିଟରିଂ କମିଟି ଗଠନ ନେଇ ଯେଉଁ ବିଜ୍ଞପ୍ତି ଜାରି ହୋଇଛି ତାହା ସହ କମିଟି କାର୍ଯ୍ୟକାରୀ ପାଇଁ ନିଆଯାଇଥିବା ପଦକ୍ଷେପ ରହିବ। ଏଥିସହିତ ଅନ୍ୟାନ୍ୟ ସମସ୍ତ ଜବାବ ତିନି ସପ୍ତାହ ମଧ୍ୟରେ ମିଳିବା ଆବଶ୍ୟକ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି।

# ସିଡ଼କୋ ଆବାସିକ ପ୍ରକଳ୍ପ ବୁଲିଲେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ

### ଉନ୍ନତ ନିର୍ମାଣ ପ୍ରଯୁକ୍ତି ଓ ପରିବହନଭିତ୍ତିକ ସୁଲଭ ଆବାସ ମଡେଲ୍‌ର ଅନୁଧ୍ୟାନ

ମୁମ୍ବାଇ,୮।୮: ଓଡ଼ିଶାର ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଗତକାଲି ନବୀ ମୁମ୍ବାଇର ଖାରଗୋପର ଓ ବାମନଡୋଙ୍ଗରୀସ୍ଥିତ ସିଡ଼କୋର ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହର ଅଧୀନରେ ନିର୍ମିତ ସୁଲଭ ଆବାସ ପ୍ରକଳ୍ପ ବୁଲି ଦେଖିଛନ୍ତି। ବୃହତ୍ ପରିମାଣରେ ସୁଲଭ ଆବାସ ନିର୍ମାଣ ପାଇଁ ଆଧୁନିକ ନିର୍ମାଣ ପ୍ରଯୁକ୍ତି ଓ ଅଭିନବ ଯୋଜନା ମଡେଲ୍ ସମ୍ପର୍କରେ ଅନୁଭୂତି ହାସଲ କରିବା ଏହି ପରିଦର୍ଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଆର୍ଥିକ ଦୁର୍ବଳ ବର୍ଗ ଓ ନିମ୍ନ ଆୟ ବର୍ଗଙ୍କ ପାଇଁ ସିଡ଼କୋ ପକ୍ଷରୁ ନିର୍ମିତ ଆବାସ ପ୍ରକଳ୍ପରେ ଦ୍ରୁତ ନିର୍ମାଣ, ଗୁଣବତ୍ତା ନିଶ୍ଚିତକରଣ, ସମନ୍ୱିତ ଟାଉନ୍‌ସିପ୍ ଯୋଜନା, ସ୍ଥାୟିତ୍ୱ ଓ ଉତ୍ତମ ଯୋଗାଯୋଗ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିବା ମନ୍ତ୍ରୀ ଅନୁଧ୍ୟାନ କରିଛନ୍ତି। ସିଡ଼କୋର ଅଧିକାରୀମାନେ ପ୍ରକଳ୍ପଗୁଡ଼ିକର ଯୋଜନା, ଡିଜାଇନ୍, ଅର୍ଥାୟନ ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ପ୍ରକଳ୍ପରେ ପ୍ରି-କାଷ୍ଟ କଂକ୍ରିଟ୍ ପ୍ରଯୁକ୍ତି, କାରଖାନାରେ ପ୍ରସ୍ତୁତ ନିର୍ମାଣ ଉପାଦାନ, ଯାନ୍ତ୍ରିକ ନିର୍ମାଣ ପଦ୍ଧତି ଓ ଆଲୁମିନିୟମ୍ ଫ୍ରେମ୍‌ୱାର୍କ ପ୍ରଣାଳୀର ବ୍ୟାପକ ବ୍ୟବହାର ମନ୍ତ୍ରୀ ଦେଖିଛନ୍ତି। ପରିଦର୍ଶନର ଅନ୍ୟତମ ପ୍ରମୁଖ ଆକର୍ଷଣ ଥିଲା ସିଡ଼କୋର ପରିବହନ-ଭିତ୍ତିକ ବିକାଶ ମଡେଲ୍। ମେଟ୍ରୋ କରିଡର, ଉପନଗରୀୟ ରେଳ ଷ୍ଟେସନ୍, ବସ୍ ସେବା ଓ ପ୍ରମୁଖ ସଡ଼କ ନେଟ୍‌ୱର୍କ ନିକଟରେ ସୁଲଭ ଆବାସର



ସମନ୍ୱିତ ଯୋଜନା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ଏପରି ଯୋଜନା ନିଯୁକ୍ତି ଓ ଅତ୍ୟାବଶ୍ୟକ ସେବାକୁ ସହଜ ପ୍ରବେଶ ସୁନିଶ୍ଚିତ କରିବା ସହ ଯାତ୍ରା ସମୟ ଓ ପରିବହନ ଖର୍ଚ୍ଚ ହ୍ରାସ କରିଥାଏ ଓ ସ୍ଥାୟୀ ସହରୀୟ ଯାତାୟାତକୁ ପ୍ରୋତ୍ସାହିତ କରେ। ସିଡ଼କୋର ପ୍ରକଳ୍ପ ଯୋଜନା, କାର୍ଯ୍ୟାନ୍ୱୟନ ଓ ଗୁଣବତ୍ତା ନିଶ୍ଚିତକରଣ ପଦ୍ଧତିକୁ ଡ. ମହାପାତ୍ର ପ୍ରଶଂସା କରିଛନ୍ତି। ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ସମେତ ବିଭିନ୍ନ ସହରୀୟ ଆବାସ ଯୋଜନାକୁ ଆହୁରି ବ୍ୟାପକ କରାଯାଉଥିବା ପରିପ୍ରେକ୍ଷୀରେ ସିଡ଼କୋର ଅନୁଭୂତି ଓଡ଼ିଶା ପାଇଁ ମୂଲ୍ୟବାନ ଶିକ୍ଷଣୀୟ ବିଷୟ ହୋଇପାରିବ ବୋଲି ସେ କହିଛନ୍ତି। ପରିଦର୍ଶନ ସମୟରେ ସିଡ଼କୋର ଅଧୀକ୍ଷଣ ଯନ୍ତ୍ରୀ ବିଜୟ ପାଟିଲ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମହେଶ ସାପକାଳେ ଉପସ୍ଥିତ ଥିଲେ।

# ରେଭେନ୍ସାରେ ବିଧାୟକଙ୍କ ଅନଧିକୃତ ପ୍ରବେଶ କାହିଁକି: କଂଗ୍ରେସ



ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ): ରେଭେନ୍ସା ବିଶ୍ୱବିଦ୍ୟାଳୟରେ ବିଜେପି ବିଧାୟକ ପ୍ରକାଶ ସେଠୀଙ୍କ ଦ୍ୱାରା ଅନଧିକୃତ ଓ ଅନୈତିକ ପ୍ରବେଶ କରି ଦୂଷିତ ବାତାବରଣ ସୃଷ୍ଟି ଉଦ୍ୟମ କରିବାକୁ ନେଇ ଓପିସିସି ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତି କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକଙ୍କ ଏହି ଅନଧିକୃତ କାର୍ଯ୍ୟକଳାପକୁ ନିନ୍ଦା କରିଥିଲେ। ଶ୍ରୀ ମହାନ୍ତି କହିଥିଲେ ଯେ ଏହା ଏକ ଉଦ୍‌ବେଗ ବିଷୟ, ବିଶ୍ୱବିଦ୍ୟାଳୟ ନୁହେଁ ଏହା ଏକ ଶୃଙ୍ଖଳାଗତ ପ୍ରସଙ୍ଗ 'ଅନୁମତି ବିନା ସାଧାରଣ ରୁମ୍ ବ୍ୟବହାର'। ସିନେଟ୍ ଓ ଏହାର କ୍ଷମତା ନୀତିଗତ ବିଷୟ ଗୁଡ଼ିକରେ ସୀମିତ, ଶୃଙ୍ଖଳାଗତ କିମ୍ବା ହଷ୍ଟେଲ୍ ନୁହେଁ। ନୂତନ ୨୪ ଆଇନ ଅନୁଯାୟୀ ୨୦୧୬ରେ ଶେଷ ଥର ପାଇଁ ବସିଥିବା ସିନେଟ୍ ୨୦୨୦ରେ ଭାଙ୍ଗି ଯାଇଥିଲା ଓ ଏପର୍ଯ୍ୟନ୍ତ କେବେ ପୂରଣ ହୋଇନାହିଁ। ସିନେଟ୍ ସଦସ୍ୟ ହେବା ପାଇଁ ପ୍ରସ୍ତାବିତ ନାମ ସଦସ୍ୟ ଘୋଷଣା ନହେବା ପର୍ଯ୍ୟନ୍ତ କ୍ଷମତା ଗ୍ରହଣ କରେ ନାହିଁ। 'ସଦସ୍ୟଙ୍କ ଭୂମିକା କେବଳ ସିନେଟ୍ ବଡି ପର୍ଯ୍ୟନ୍ତ ସୀମିତ ଓ ୭୮ ସଦସ୍ୟ ବିଶିଷ୍ଟ ବଡିର ମୋଟ ସଂଖ୍ୟା ଗରିଷ୍ଠ ମତାମତ ବଡି ସିନେଟର ମତାମତ ହେବ' ଯାହା କ୍ଷମତାରେ ପରାମର୍ଶଦାତା ବିଶେଷକରି ହଷ୍ଟେଲ୍ ଓ ଶୃଙ୍ଖଳା ପ୍ରସଙ୍ଗ ସେମାନଙ୍କ କ୍ଷେତ୍ରାଧିକାରର ଅଂଶ ନୁହେଁ।

### ପଣ୍ୟ ପରିବହନ କ୍ଷେତ୍ରରେ ପୂର୍ବତଟ ରେଳପଥର ଉଲ୍ଲେଖନୀୟ ପ୍ରଦର୍ଶନ

## ପ୍ରଥମ ୪ ମାସରେ ୮୧.୪୦ ନିୟୁତ ଟନ୍ ପଣ୍ୟ ବୋଝେଇ

ଭୁବନେଶ୍ୱର, ୮।୮ (ସଂଚାର ବ୍ୟୁରୋ): ୨୦୨୬- ୨୭ ଆର୍ଥିକ ବର୍ଷର ପ୍ରଥମ ୪ ମାସରେ ପୂର୍ବତଟ ରେଳପଥ ପଣ୍ୟ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ଜାରି ରଖିଛି। ଗତ ଏପ୍ରିଲରୁ ଜୁଲାଇ ମଧ୍ୟରେ ପୂର୍ବତଟ ରେଳପଥ ପକ୍ଷରୁ ମୋଟ ୮୧.୪୦ ନିୟୁତ ଟନ୍ ପଣ୍ୟ ବୋଝେଇ କରାଯାଇଛି। ଏହି ସଫଳତା ପୂର୍ବତଟ ରେଳପଥର ଦକ୍ଷ ପଣ୍ୟ ପରିବହନ ପରିଚାଳନା, ରେଳ ଭିତ୍ତିଭୂମିର ସର୍ବୋତ୍ତମ ବ୍ୟବହାର ଓ



ଏହାର କ୍ଷେତ୍ରାଧିକାର ମଧ୍ୟରେ ପଣ୍ୟ ପରିବହନର ସମଯୋଚିତ ପରିଚାଳନା ପ୍ରତି ନିରନ୍ତର ଗୁରୁତ୍ୱକୁ ପ୍ରତିଫଳିତ କରୁଛି। ରେଳ ନେଟ୍‌ୱର୍କର ସାମ୍ପ୍ରତିକ ପୁନର୍ଗଠନ ଓ ନୂତନ ରାୟଗଡ଼ା ରେଳ ମଣ୍ଡଳ ଗଠନ ପରିପ୍ରେକ୍ଷୀରେ ଏହି ସଫଳତା ବିଶେଷ ଗୁରୁତ୍ୱ ବହନ କରୁଛି। ମଣ୍ଡଳଗୁଡ଼ିକ ମଧ୍ୟରେ, ଗତ ଏପ୍ରିଲ-ଜୁଲାଇ ମଧ୍ୟରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ୫୯.୦୨ ଏମ୍‌ଟି, ରାୟଗଡ଼ା ମଣ୍ଡଳ ୧୩.୭୧ ଏମ୍‌ଟି ଓ ସମ୍ବଲପୁର ମଣ୍ଡଳ ୮.୬୭ ଏମ୍‌ଟି ମାଲ୍ ପରିବହନ କରିଛନ୍ତି। ନବଗଠିତ ରାୟଗଡ଼ା ରେଳ ମଣ୍ଡଳ ପୂର୍ବତଟ ରେଳପଥର ପଣ୍ୟ ପରିବହନ ପ୍ରଦର୍ଶନରେ ଉଲ୍ଲେଖନୀୟ ଯୋଗଦାନ ଦେଇଛି। ଗତ ଏପ୍ରିଲରୁ ଜୁଲାଇ ମଧ୍ୟରେ ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ୧୩.୭୧ ନିୟୁତ ଟନ୍ ପଣ୍ୟ ପରିବହନ ପରିଚାଳନା କରାଯାଇଛି, ଯାହା ପୁନର୍ଗଠିତ ରେଳ ନେଟ୍‌ୱର୍କ ମଧ୍ୟରେ ପଣ୍ୟ ପରିବହନ କ୍ଷେତ୍ରରେ ରାୟଗଡ଼ା ରେଳ ମଣ୍ଡଳର ବଢୁଥିବା ଭୂମିକାକୁ ପ୍ରତିଫଳିତ କରୁଛି।

### ଦେୱାନୀ ମାମଲାର ପ୍ରଭାବଶାଳୀ ପରିଚାଳନା ନେଇ କର୍ମଶାଳା

## ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ): ଆଇନ ବ୍ୟବସ୍ଥାରେ ସଂସ୍କାର ଆଣିବା ସହ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ଦିଗରେ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। କାର୍ଯ୍ୟକ୍ରମକୁ ଆଗେଇ ନେବା ସହ ଜିଲ୍ଲା ଅଦାଲତଗୁଡ଼ିକରେ ଥିବା ଦେୱାନୀ ମାମଲାର ପ୍ରଭାବଶାଳୀ ପରିଚାଳନା ଓ ସରକାରୀ ଅଧିବକ୍ତା, ଅତିରିକ୍ତ ସରକାରୀ ଅଧିବକ୍ତା ଓ ସହଯୋଗୀ ଓକିଲମାନଙ୍କୁ ନେଇ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଛି। ଏହି କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ଉପଯୁକ୍ତ ଓ ତ୍ୱରିତ ନ୍ୟାୟ ପ୍ରଦାନ ରାଜ୍ୟ ସରକାରଙ୍କ ସବୁଠୁ ବଡ଼ ପ୍ରାଥମିକତା ରହିଛି। ନ୍ୟାୟ ବ୍ୟବସ୍ଥାକୁ ଆଗେଇ ନେବା କ୍ଷେତ୍ରରେ ସରକାରୀ ଅଧିବକ୍ତା ଓ ଅତିରିକ୍ତ ସରକାରୀ ଅଧିବକ୍ତା ଓ ସହଯୋଗୀ



ଓକିଲମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ବିଭିନ୍ନ ବିଧି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅବଲୋକନ କରିବା ସହ ନ୍ୟାୟିକ ପ୍ରକ୍ରିୟାକୁ ଗୁରୁତ୍ୱ ଦେବା ବେଶ୍ ଜରୁରୀ। ସେହିପରି ଆଜିର ପରିସ୍ଥିତିରେ କୃତ୍ରିମ ବୁଦ୍ଧିମତ୍ତାର ସଠିକ୍ ବ୍ୟବହାର ଓ ସମୟାନୁବର୍ତ୍ତିତା ତ୍ୱରିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ସେ ମତ ବ୍ୟକ୍ତ କରିଛନ୍ତି।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଷ୍ଟିସ ଶଶିକାନ୍ତ ମିଶ୍ର ଦେୱାନୀ ଓ ଫୌଜଦାରୀ ମାମଲାର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ସରକାରୀ ଓକିଲଙ୍କ ଦାୟିତ୍ୱ, ସାକ୍ଷୀ ଓ ଯୁକ୍ତି ଉପସ୍ଥାପନାର ଗୁରୁତ୍ୱ ବିଷୟରେ ବକ୍ତବ୍ୟ ରଖିଛନ୍ତି। ଏଥିସହ ନିଜ ନିଜ ଭିତରେ ଜ୍ଞାନର ଆଦାନପ୍ରଦାନ ଦ୍ୱାରା ଆଇନଜୀବୀମାନେ ବିଭିନ୍ନ ନ୍ୟାୟିକ ମାମଲାରେ ଆସୁଥିବା ସନ୍ଦେହର ସମାଧାନ ମାର୍ଗ ପାଇପାରିବେ ବୋଲି ସେ କହିଛନ୍ତି। ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ନ୍ୟାୟାଳୟରେ ସରକାରୀ ଆଇନଜୀବୀଙ୍କ ଭୂମିକା ଓ କର୍ତ୍ତବ୍ୟ ସହ ସାମ୍ବିଧାନିକ ବ୍ୟବସ୍ଥାର ସଠିକ୍ ଅନୁପାଳନ କରି ଦେୱାନୀ ମାମଲା ପରିଚାଳନା ଉପରେ ମତାମତ ଦେଇଛନ୍ତି।

### କେସିସିଏଲ୍‌ର ସ୍ୱତନ୍ତ୍ର ସମବାୟ ସମାରୋହ

# ବିକଶିତ ଭାରତ ଲକ୍ଷ୍ୟକୁ ସମବାୟ ପୂରଣ କରିବ

କେନ୍ଦ୍ରାପଡ଼ା,୮।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା କୋ-ଅପରେଟିଭ ସୋସାଇଟି ଲିମିଟେଡ୍ (କେସିସିଏଲ)ର ୨୬ତମ ବର୍ଷ ଅବସରରେ ସହର ନିକଟ ଉଦୟ ନଗରସ୍ଥିତ ସଂସ୍କୃତି ଭବନଠାରେ ସ୍ୱତନ୍ତ୍ର ସମବାୟ ସମାରୋହ ଅନୁଷ୍ଠିତ ହୋଇଛି। ସମିତି ସଭାପତି ପ୍ରମୋଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ କେନ୍ଦ୍ର ସରକାରଙ୍କ ବିକଶିତ ଭାରତ ଓ ରାଜ୍ୟ ସରକାରଙ୍କ ବିକଶିତ ଓଡ଼ିଶାର ଲକ୍ଷ୍ୟ ସମବାୟ ଦ୍ୱାରା ପୂରଣ ହୋଇପାରିବ ବୋଲି ଅତିଥିମାନେ ମତ ଦେଇଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର, ମୁଖ୍ୟ ବକ୍ତା



ଭାବେ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ଯୁଗ୍ମ ସଚିବ ଡ. କମଳାକାନ୍ତ ତ୍ରିପାଠୀ, ବିଶିଷ୍ଟ ଅତିଥି ଭାବେ ରାଜ୍ୟ ବାର କାଉନସିଲ ସଦସ୍ୟ ଦୀନେଶ ରାୟ, ସମ୍ମାନିତ ବକ୍ତା ଭାବେ ସମବାୟ ସମିତି ସମୂହର ଅତିରିକ୍ତ ନିବନ୍ଧକ ପ୍ରମୋଦ କୁମାର ସାହୁ, ଉପସଭାପତି ସାବିନା ପରୱିନ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଜଷ୍ଟିସ ମହାପାତ୍ର କହିଥିଲେ ଯେ ସହଯୋଗିତା ମାନବ ଇତିହାସ ସହ ଜଡିତ। ଆଧୁନିକତା ଆଳରେ ସମ୍ପର୍କର ସେତୁ ଭାଙ୍ଗିଯାଇଥିଲା। ମାତ୍ର ସମବାୟ ମାଧ୍ୟମରେ ଏହାର ପୁନର୍ଜନ୍ମ ହୋଇଛି। ଅମୁଲ ସଂସ୍ଥାର ଅପରେସନ ଫ୍ଲଡ୍ ଆମକୁ ସମବାୟରେ ସମୃଦ୍ଧିର ପଥ ଦେଖାଉଛି। ସେହିପରି ମୁଖ୍ୟବକ୍ତା ଡ. ତ୍ରିପାଠୀ କହିଥିଲେ ଯେ ଭାରତୀୟ ଓ ଓଡ଼ିଶାର ସଂସ୍କୃତିରେ ନିଜ ସହ ସମାଜର ଅଭିବୃଦ୍ଧିକୁ ଗୁରୁତ୍ୱ ଦିଆଯାଇଛି। ପଶୁପକ୍ଷୀ ମଧ୍ୟ ଗୋଟିଏ ବଣ ମଧ୍ୟରେ ଥିଲେ ମଧ୍ୟ ପ୍ରତିଯୋଗିତା ନକରି ସହଭାଗିତାକୁ ଗୁରୁତ୍ୱ ଦେଇଥାନ୍ତି। ଗ୍ରାମ୍ୟ ଅଭିବୃଦ୍ଧିରେ ସମାଜର ଅଭିବୃଦ୍ଧି ପାଇଁ ସମବାୟ ଆନ୍ଦୋଳନକୁ ଅଧିକ ପ୍ରୋତ୍ସାହନ ଦେଇ ପ୍ରଧାନମନ୍ତ୍ରୀ ମୋଦି ସର୍ବଦା ଆହ୍ୱାନ ଦେଇଆସିଛନ୍ତି। ଆହୁରି ବିଶିଷ୍ଟ ଅତିଥି ଶ୍ରୀ ରାୟ କହିଥିଲେ ଯେ ଛୋଟ ଭୁଲଟିଏ ଆଗାମୀ ଦିନରେ ବଡ଼ ଓ ଭଲ ସମ୍ପର୍କକୁ ନଷ୍ଟ କରିଥାଏ। ତେବେ କେସିସିଏଲର ପରିଚାଳନାଗତ ତ୍ରୁଟି ନ ଥିବାରୁ ଏହା ଗତ ୨୬ ବର୍ଷ ଧରି ସୁଚାରୁ ରୂପେ ଚାଲିଆସିଛି। ସମ୍ମାନିତ ବକ୍ତା ଶ୍ରୀ ସାହୁ ସମବାୟ ଆନ୍ଦୋଳନରେ ସଦସ୍ୟଙ୍କ ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ।

### ୭ରୁ ୨୧ ପୌରାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ

## ୨୨ରେ ଭୁବନେଶ୍ୱର ଜାତୀୟ ଗରିମା ସମ୍ମିଳନୀ

ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ): ସ୍ୱଚ୍ଛତା କର୍ମଚାରୀଙ୍କ ମର୍ଯ୍ୟାଦା, ସୁରକ୍ଷା, ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ପୌରାଞ୍ଚଳରେ ୧୫ଦିନିଆ ରାଜ୍ୟବ୍ୟାପୀ ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନ 'ଆଇନଗତ ସଫେଇ, ସୁରକ୍ଷିତ ସଫେଇ' ଆରମ୍ଭ ହୋଇଛି। ଅଗଷ୍ଟ ୭ରୁ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନ ଆସନ୍ତା ୨୨ ତାରିଖରେ ଭୁବନେଶ୍ୱର ଲୋକସେବା ଭବନସ୍ଥିତ ରାଜ୍ୟ ସମ୍ମିଳନୀ କେନ୍ଦ୍ରରେ ଆୟୋଜିତ ହେବାକୁ ଥିବା ଜାତୀୟ ଗରିମା ସମ୍ମିଳନୀ ପୂର୍ବରୁ ଏକ ବ୍ୟାପକ ଜନସଚେତନତା ପଦକ୍ଷେପ। ଗରିମା ଯୋଜନାର ମୂଳ ଉଦ୍ଦେଶ୍ୟ ସହ ସମନ୍ୱିତ ଏହି ଅଭିଯାନରେ ବିପଜ୍ଜନକ ମାନୁଆଲ୍ ସଫେଇକୁ ଦୂର କରିବା ସହ ସେପ୍ଟିକ୍ ଟ୍ୟାଙ୍କ ଓ ସ୍ୱେରେଜ୍ ସଫେଇକୁ ଆଇନସମ୍ମତ, ସୁରକ୍ଷିତ ଓ ଯାନ୍ତ୍ରିକ ପ୍ରଣାଳୀରେ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ପୌରାଞ୍ଚଳଗୁଡ଼ିକ ପକ୍ଷରୁ ବେଆଇନ କିମ୍ବା ପଞ୍ଜୀକରଣ ହୋଇ ନ ଥିବା ସେସପୁଲ ଯାନ ଚିହ୍ନଟ କରି ଆଇନ ଅନୁଯାୟୀ ପଦକ୍ଷେପ ନେବା ସହ ସେଗୁଡ଼ିକର ବିଧିବଦ୍ଧ ପଞ୍ଜୀକରଣ ପାଇଁ ପଦକ୍ଷେପ ନିଆଯାଉଛି।

# ଜମିଜମା ଚକବନ୍ଦୀ ପୁଣି କେବେ ?

ଭୁବନେଶ୍ୱର,୮।୮: ଅଶୀ ଦଶକରେ ରାଜ୍ୟରେ ହୋଇଥିବା ଚକବନ୍ଦୀରେ ଚାଷଜମିଗୁଡ଼ିକର ଚକ ହୋଇଥିବା ବେଳେ ଏବେ ତାହା ପୁଣିଥରେ ଭାଗ ଭାଗ ହୋଇଗଲାଣି। ଚାଷୀମାନେ ଜମି ବିକ୍ରି କରିବା ଯୋଗୁଁ ଖଣ୍ଡ ଖଣ୍ଡ ହୋଇଥିବା ଏହି ଜମି ଚାଷବାସ ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରୁଛି। ବିକ୍ଷିପ୍ତ ଅବସ୍ଥାରେ ଥିବା ଚାଷୀଙ୍କ ଜମିକୁ ଗୋଟିଏ ସ୍ଥାନକୁ ଆଣିବା ପାଇଁ ଚକବନ୍ଦୀ କାର୍ଯ୍ୟକ୍ରମ ହୋଇଥିଲା। ଜମିର ଆୟତନ, ଅଞ୍ଚଳ ଓ କିସମ ଆଦିକୁ ହିସାବକୁ ନେଇ ଚାଷୀଙ୍କ ଜମିକୁ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ରଖାଯାଇଥିଲା। ଏହା ଫଳରେ ହଳ କରିବାଠାରୁ ଆରମ୍ଭକରି ଫସଲ ଅମଳ ପର୍ଯ୍ୟନ୍ତ ଚାଷୀଙ୍କ ପାଇଁ ସବୁକିଛି ସହଜ ହୋଇଥିଲା। ଗୋଟିଏ ସ୍ଥାନରେ ଜମି ଥିବାରୁ ଚାଷୀମାନଙ୍କୁ କମ୍



ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା।

ଇତିମଧ୍ୟରେ ତିନି ଦଶନ୍ଧି ବିତିଯାଇଥିବା ବେଳେ ବହୁ ଜମି ମାଲିକ ନିଜ ନିଜର ଚାଷଜମିକୁ ବିକ୍ରି କରିଦେଇଛନ୍ତି। ପାରିବାରିକ ବିବାଦ ଯୋଗୁଁ ବି ଜମି ଭାଗ ହୋଇଛି। ଫଳରେ ଚାଷୀମାନଙ୍କର ଜମି ପୁଣିଥରେ ଗୋଟିଏ ଅଞ୍ଚଳରେ ବିକ୍ଷିପ୍ତ ଅବସ୍ଥାରେ ରହିଛି। ଚକବନ୍ଦୀ ପୂର୍ବରୁ ଚାଷୀମାନେ ଯେଭଳି ହଳ କରିବା, ତଳି ବୁଣିବା, ରୁଆ, ବେଉଷଣ ସହ ଫସଲ ଅମଳ ପାଇଁ ଧାଁଦଉଡ଼ କରୁଥିଲେ, ଏବେ ପୁଣିଥରେ ସେହି ଅବସ୍ଥାକୁ ଫେରିଛନ୍ତି।

ତେବେ ସମସ୍ୟାଟି ହେଉଛି ଏବେ ଗାଁଗହଳରେ ହଳ ଲଙ୍ଗଳ ନ ଥିବାକୁ ବହୁ ଚାଷ ଜମି ପଡ଼ିଆ ପଡ଼ିବାରେ ଲାଗିଛି। କାରଣ ଚାଷୀମାନଙ୍କର ବିଭିନ୍ନ ସ୍ଥାନରେ ଜମି ଥିବା ଯୋଗୁଁ ସେମାନେ ସେହିସବୁ ସ୍ଥାନକୁ ଟ୍ରାକ୍ଟର ନେଇ ହଳ କରିବାକୁ ବାଧ୍ୟ ହେଉଛନ୍ତି। ତେବେ ଯେଉଁଠାରେ ଚାଷୀମାନେ ଆଗୁଆ ଧାନ ରୋଇଦେଉଛନ୍ତି ସେହି ବାଟ ଦେଇ ଆଉ ଟ୍ରାକ୍ଟର ଗହୀରକୁ ପଶିପାରୁନାହିଁ। ପୂର୍ବରୁ ହଳ ଲଙ୍ଗଳ ଥିବାରୁ ଚାଷୀଟି ବିଲ ହୁଡ଼ାରେ ଲଙ୍ଗଳ ସହ ବଳଦ ଧରି ନିଜ ବିଲରେ ପ୍ରବେଶ କରୁଥିଲା ଓ ତାହାକୁ ହଳ କରିପାରୁଥିଲା। ଏବେ ତାହା ଆଉ ସମ୍ଭବ ହୋଇପାରୁନାହିଁ। ବହୁ ସ୍ଥାନରେ ଚାଷୀମାନେ ବିଲକୁ ହାଣି ଚାଷ କରୁଛନ୍ତି, ନହେଲେ ସେମିତି ପଡ଼ିଆ ପଡୁଛି।

ଜମିଜମାର ଚକବନ୍ଦୀ ନିୟମିତ ବ୍ୟବଧାନରେ ହେବା ସହ ଚକ ହେଉଥିବା ଜମିର ବିକ୍ରି ପାଇଁ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ ହେବା ଆବଶ୍ୟକ। ଏହା ନହେଲେ ବ୍ୟାପକ ଅର୍ଥ ବ୍ୟୟ ଓ ପ୍ରଶାସନିକ କସରତରେ ହେଉଥିବା ଚକବନ୍ଦୀରୁ ଚାଷୀମାନେ ସେଭଳି ଫାଇଦା ପାଇବେ ନାହିଁ। ତେଣୁ ପ୍ରାୟ ତିନି ଦଶନ୍ଧି ତଳେ ହୋଇଥିବା ଚକବନ୍ଦୀ ଏକପ୍ରକାର ଅକାମୀ ହୋଇଯାଇଥିବା ବେଳେ ପୁଣିଥରେ ଏହା ଆରମ୍ଭ କରିବା ସହ ଜମିର ଚକ କରିବାକୁ ମତ ପ୍ରକାଶ ପାଉଛି। ଏହା କରାଗଲେ କେବଳ ଚାଷୀମାନଙ୍କର ଖର୍ଚ୍ଚ କମିବ ନାହିଁ, ଫସଲ ଉତ୍ପାଦନ ବୃଦ୍ଧି ସହ ରାଜ୍ୟ ଅର୍ଥନୀତିକୁ ଏହା ବଳ ଦେବ। (ତଥ୍ୟ)

### ରେଭେନ୍ସା ଅଧ୍ୟାପକଙ୍କ ପ୍ରତି ଅସଦାଚରଣ

## ରେଭେନ୍ସା ବିକାଶ ଅଭିଯାନ ପକ୍ଷରୁ କୁଳପତିଙ୍କୁ ଦାବିପତ୍ର

କଟକ, ୮।୮(ସଂଚାର ବ୍ୟୁରୋ): ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସର ମଧ୍ୟକୁ ଅନଧିକାର ପ୍ରବେଶ କରି କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧ୍ୟାପକମାନଙ୍କ ପ୍ରତି ଅସଦାଚରଣ କରିବା ଘଟଣାରେ ରେଭେନ୍ସା ବିକାଶ ଅଭିଯାନ ପକ୍ଷରୁ ଗଭୀର ଉଦବେଗ ପ୍ରକାଶ କରାଯାଇଛି। ସଂଗଠନ ପକ୍ଷରୁ କୁହାଯାଇଛି ଯେ, କୁଳପତିଙ୍କ ଉପସ୍ଥିତିରେ ଏହି ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ଘଟଣା ଘଟିଥିଲେ ମଧ୍ୟ ବିଧାୟକଙ୍କ ବିରୋଧରେ ଉପଯୁକ୍ତ ଆଇନଗତ ପଦକ୍ଷେପ ଗ୍ରହଣ ଓ ଘଟଣା ସମ୍ପର୍କରେ କୁଳାଧିପତିଙ୍କ ଦୃଷ୍ଟି ଆକର୍ଷଣ କରିବା ପରିବର୍ତ୍ତେ କୁଳପତି ବିଧାୟକଙ୍କୁ ଘଣ୍ଟ ଘୋଡ଼ାଇ ଅଧ୍ୟାପକମାନଙ୍କୁ ଅସୁରକ୍ଷିତ ଅବସ୍ଥାରେ ଛାଡ଼ି ଦେଇଛନ୍ତି। ବିଶ୍ୱବିଦ୍ୟାଳୟର ସିନେଟ୍ ଏ ପର୍ଯ୍ୟନ୍ତ ଗଠନ କରାଯାଇ ନଥିଲେ ବି ନିଜକୁ ବିଶ୍ୱବିଦ୍ୟାଳୟର ସିନେଟ୍ ସଭ୍ୟ ବୋଲି ଦାବିକରି ଓ ବିଧାନସଭାର ବାଚସ୍ପତିଙ୍କୁ ଚିଠି ଲେଖି ବିଧାୟକ ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ଭୟଭୀତ କରିବାପାଇଁ ଉଦ୍ୟମ କରିଛନ୍ତି।



ଏଭଳି ପରିସ୍ଥିତିରେ ସଂଗଠନର ସଭାପତି ତଥା ରେଭେନ୍ସା ଛାତ୍ର ସଂସଦର ପୂର୍ବତନ ସଭାପତି ଚିତ୍ତରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କୁଳପତିଙ୍କୁ ସାକ୍ଷାତ କରିବା ପାଇଁ ଯାଇଥିଲେ ମଧ୍ୟ କୁଳପତି ଅସୁସ୍ଥତା ବାହାନାରେ ପ୍ରତିନିଧି ଦଳକୁ ସାକ୍ଷାତ ଦେଇନାହାନ୍ତି। ପ୍ରତିନିଧି ଦଳ ତାଙ୍କ ସୁରକ୍ଷାକର୍ମୀଙ୍କୁ ଦାବିପତ୍ର ହସ୍ତାନ୍ତର କରିଛନ୍ତି। ଏହି ପ୍ରତିନିଧି ଦଳରେ ନାରୀନେତ୍ରୀ ଲକ୍ଷ୍ମୀ ମହାନ୍ତି, ବରିଷ୍ଠ ନାଗରିକ ଯୁଗଳ କିଶୋର ନାୟକ, ଡଃ ବିଶ୍ୱଜିତ, ଛାତ୍ର ସଂସଦର ପୂର୍ବତନ ସଭାପତି ଅଜୟ ମିଶ୍ର ପ୍ରମୁଖ ସାମିଲ ଥିଲେ।

जीवन
ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ରବିବାର ୯ ଅଗଷ୍ଟ ୨୦୨୬, ଭୁବନେଶ୍ୱର
Sunday 9 August 2026, Bhubaneswar

# କାଳିର ଭବିଷ୍ୟତ ଲେଖିବ କାଳି



ରାଞ୍ଚିର ବିଧାନସଭା ଅଭିମୁଖେ ପଦଯାତ୍ରା କରୁଥିବା ଶାନ୍ତିପୂର୍ଣ୍ଣ ଛାତ୍ର ଆନ୍ଦୋଳନରେ ଏଆଇଏସଏର ଜାତୀୟ ଅଧ୍ୟକ୍ଷ ନେହା ବୋରାଙ୍କ ଉପରେ କାଳି ଫିଙ୍ଗିବାର ଘଟଣା କେବଳ ଏକ ବ୍ୟକ୍ତିଗତ ଆକ୍ରମଣ ନୁହେଁ। ଏହା ଆମ ଗଣତନ୍ତ୍ରର ମୂଳଭିତ୍ତିକୁ ଆଘାତ କରୁଥିବା ରାଜନୈତିକ ଅସହିଷ୍ଣୁତାର ଏକ ଗମ୍ଭୀର ସଙ୍କେତ। ଝାଡଖଣ୍ଡର ଜେପିଏସସି ଓ ଜେଏସଏସସି ପରୀକ୍ଷାରେ କଥିତ ଅନିୟମିତତା ବିରୋଧରେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ସହ ଯୋଗ ଦେଇଥିବା ଏହି ଯୁବ ନେତ୍ରୀଙ୍କୁ ଲକ୍ଷ୍ୟ କରି କାଳି ଫିଙ୍ଗିବା ଏବଂ ଆକ୍ରମଣକାରୀର 'ଅଣରାଷ୍ଟ୍ରୀୟ' ଓ ଉମର ଖାଲିଦଙ୍କ ସମର୍ଥକ ବୋଲି ଅଭିଯୋଗ କରିବା ଦେଖାଏ ଯେ ବିରୋଧ କଣ୍ଠକୁ ଚୁପ କରାଇବା ପାଇଁ କିଛି ଶକ୍ତି କେତେ ଦୂର ଯାଇପାରେ।

ନେହା ବୋରା ଜଣେ ଗବେଷଣା ଛାତ୍ରୀ ଏବଂ ଛାତ୍ର ସଂଗଠନର ନେତୃତ୍ୱକାରୀ। ଦିଲ୍ଲୀର ଜନ୍ତର ମନ୍ତରରେ ଶିକ୍ଷା ବ୍ୟବସ୍ଥାର ବିଫଳତା, ପ୍ରଶ୍ନପତ୍ର ଲିକ୍ ଓ ନୀତିଗତ ତ୍ରୁଟି ବିରୋଧରେ ସେ ୨୩ ଦିନର ଉପବାସ କରିଥିଲେ। ସେହି ଆନ୍ଦୋଳନ କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରୀଙ୍କ ପଦତ୍ୟାଗ ପର୍ଯ୍ୟନ୍ତ ପହଞ୍ଚିଥିଲା। ଏହି ପୃଷ୍ଠଭୂମିରେ ରାଞ୍ଚିରେ ତାଙ୍କ ଉପରେ ଆକ୍ରମଣ ହେବା ଏକ ଆକସ୍ମିକ ଘଟଣା ନୁହେଁ। ଏହା ଏକ ସନ୍ଦେଶ-ଯେଉଁମାନେ ସରକାରୀ ନୀତି ଓ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାନ୍ତି, ସେମାନଙ୍କୁ ଲାଞ୍ଛିତ କରିବା, ଭୟଭୀତ କରିବା ଏବଂ ସାମାଜିକ ଭାବେ ଅପମାନିତ କରିବା ପାଇଁ ପ୍ରୟାସ ଚାଲିଛି।

କାଳି ଫିଙ୍ଗିବା ଏକ ପୁରୁଣା ପଦ୍ଧତି। ଇତିହାସରେ ସାବିତ୍ରୀବାଈ ଫୁଲେଙ୍କଠାରୁ ଆରମ୍ଭ କରି ଅନେକ ମହିଳା ସମାଜ ସଂସ୍କାରକ ଏହି ପ୍ରକାର ଅପମାନର ସମ୍ମୁଖୀନ ହୋଇଛନ୍ତି। ଆଜି ମଧ୍ୟ ଏହି ପଦ୍ଧତି ବ୍ୟବହୃତ ହେଉଛି କାରଣ ଏହା ଶାରୀରିକ ଆଘାତ ସହିତ ମାନସିକ ଓ ସାମାଜିକ ଅପମାନ ସୃଷ୍ଟି କରେ। ଆକ୍ରମଣକାରୀ ଯେତେବେଳେ କହନ୍ତି ଯେ 'ସେ ଅଣରାଷ୍ଟ୍ରୀୟ' କିମ୍ବା 'ଉମର ଖାଲିଦଙ୍କ ସମର୍ଥକ', ସେତେବେଳେ ଏହା ସ୍ପଷ୍ଟ ହୁଏ ଯେ ବିଚାରର ସ୍ୱାଧୀନତାକୁ ସୀମିତ କରିବା ପାଇଁ ଏକ ରାଜନୈତିକ ଭାଷା ବ୍ୟବହୃତ ହେଉଛି। ଗଣତନ୍ତ୍ରରେ କେହି ବି ବିରୋଧ କରିବାର ଅଧିକାର ରଖନ୍ତି। କେହି କାହାକୁ 'ଅଣରାଷ୍ଟ୍ରୀୟ' ବୋଲି ଟ୍ୟାଗ୍ କରି ହିଂସା କରିବାର ଅଧିକାର ରଖନ୍ତି ନାହିଁ।

ଏହି ଘଟଣା ଦେଖାଏ ଯେ ରାଜନୈତିକ ଅସହିଷ୍ଣୁତା କେବଳ ଶାସକ ଦଳ କିମ୍ବା ବିରୋଧୀ ଦଳର ମଧ୍ୟରେ ସୀମିତ ନୁହେଁ। ଏହା ସମାଜର ବିଭିନ୍ନ ସ୍ତରରେ ବ୍ୟାପିଛି। ଯେଉଁମାନେ ଭିନ୍ନ ମତ ରଖନ୍ତି, ସେମାନଙ୍କୁ ଭୟଭୀତ କରିବା, ସେମାନଙ୍କ ଉପରେ ଅପମାନଜନକ ଆକ୍ରମଣ କରିବା ଏବଂ ସେମାନଙ୍କୁ ଦେଶଦ୍ରୋହୀ ବୋଲି ଚିହ୍ନିତ କରିବା ଏକ ବିପଜ୍ଜନକ ପ୍ରବୃତ୍ତି। ଏହି ପ୍ରବୃତ୍ତି ଯୁବପିଢ଼ିଙ୍କ ମଧ୍ୟରେ ଭୟ ସୃଷ୍ଟି କରେ ଏବଂ ସେମାନଙ୍କୁ ନିଜ ମତ ପ୍ରକାଶ କରିବାରୁ ବିରତ କରେ। ଯେତେବେଳେ ଏକ ଛାତ୍ର ନେତ୍ରୀ କହନ୍ତି ଯେ 'ଆମେ ପେଲେଟ୍ ଗନ୍ ଓ ଲାଠିଚାର୍ଜର ସମ୍ମୁଖୀନ ହୋଇଛୁ, କାଳିରେ ଭୟ ପାଇବୁ ନାହିଁ', ସେତେବେଳେ ଏହା ସାହସର ପରିଚୟ ଦିଏ। କିନ୍ତୁ ଏହି ସାହସ ଆମ ସମାଜ ପାଇଁ ଏକ ଆହ୍ୱାନ ମଧ୍ୟ। ଗଣତନ୍ତ୍ରର ସୁସ୍ଥତା ନିର୍ଭର କରେ ବିରୋଧର ସ୍ୱାଧୀନତା ଉପରେ। ଯଦି ବିରୋଧ କଣ୍ଠକୁ କାଳି ଫିଙ୍ଗି ଚୁପ କରାଯିବ, ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ଅଧିକ ହିଂସା ଆସିବ। ଶିକ୍ଷା ବ୍ୟବସ୍ଥାର ତ୍ରୁଟି, ଚାକିରି ପରୀକ୍ଷାର ଅନିୟମିତତା କିମ୍ବା ଯୁବବେରୋଜଗାର ଭଳି ସମସ୍ୟା ଉପରେ ପ୍ରଶ୍ନ ଉଠାଇବା ଏକ ନାଗରିକ ଅଧିକାର। ଏହି ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ସମସ୍ତ ରାଜନୈତିକ ଦଳ, ନାଗରିକ ସମାଜ ଓ ମାଧ୍ୟମକୁ ଏକାଠି ହେବା ଆବଶ୍ୟକ। ଆକ୍ରମଣକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ହେବା ଉଚିତ, ଏବଂ ଏହି ପ୍ରକାର ଘଟଣାକୁ ରାଜନୈତିକ ଲାଭ ପାଇଁ ବ୍ୟବହାର କରିବା ବନ୍ଦ ହେବା ଉଚିତ।

ନେହା ବୋରା କହିଛନ୍ତି ଯେ ସେ ଏହି କାଳିକୁ ଗର୍ବର ସହିତ ପିନ୍ଧିଛନ୍ତି ଏବଂ ଏହି କାଳିରେ ଭବିଷ୍ୟତ ଲେଖିବେ। ଏହି କଥା ଆମ ସମସ୍ତଙ୍କ ପାଇଁ ଏକ ପାଠ। ଅସହିଷ୍ଣୁତା ଯେତେ ବଢ଼େ, ଗଣତନ୍ତ୍ର ସେତେ ଦୁର୍ବଳ ହୁଏ। ଆମକୁ ଏହି ପ୍ରବୃତ୍ତିକୁ ପ୍ରତିରୋଧ କରିବାକୁ ହେବ, ନଚେତ୍ ଆଜି ଏକ ଛାତ୍ର ନେତ୍ରୀଙ୍କ ଉପରେ କାଳି, କାଲି ଅନ୍ୟ କାହାର ଉପରେ ଅଧିକ ଭୟଙ୍କର ଆକ୍ରମଣ ହୋଇପାରେ। ରାଜନୈତିକ ଅସହିଷ୍ଣୁତାକୁ ପରାସ୍ତ କରିବା ପାଇଁ ଆମ ସମସ୍ତଙ୍କ ସମୂହିକ ସଚେତନତା ଓ ସାହସ ଆବଶ୍ୟକ।

# ଶିବଙ୍କ ଆରାଧନାରେ ଶ୍ରାବଣ ମାସ

**କାଳୀ ଦାସ**



ଆଧାତ୍ମିକ ସାଧନା ପାଇଁ ସବୁଠାରୁ ଶ୍ରେଷ୍ଠ ସମୟ ହେଲା ଚତୁର୍ମାସ୍ୟା। ଚତୁର୍ମାସ୍ୟାର ମାସ ଗୁଡିକ ହେଲା ଶ୍ରାବଣ, ଭାଦ୍ରବ, ଆଶ୍ୱିନ ଏବଂ କାର୍ତ୍ତିକ।ଏହି ଚାରି ମାସ କୁ ନେଇ ଚତୁର୍ମାସ୍ୟା ହୋଇଥାଏ।ସାଧାରଣ ଗୃହସ୍ଥ ମାନେ ଏହି ଚତୁର୍ମାସ୍ୟା ରେ ପୁନ୍ୟ ଅର୍ଜନ କରିବା ପାଇଁ ସାତ୍ତ୍ୱିକୀ ଜୀବନ ଯାପନ କରିଥାନ୍ତି। ଶ୍ରାବଣ ମାସ ହେଉଛି ଚତୁର୍ମାସ୍ୟାର ପ୍ରଥମ ମାସ।ଏହି ସମୟ ରେ ଆଧାତ୍ମିକ ସାଧନା ରେ ନିୟୋଜିତ ସାଧକ ମାନେ ବା ଆଧାତ୍ମିକ ଗୁରୁ ମାନେ ହିମାଳୟକୁ ଛାଡି ଜନ ବସତିକୁ ଆସିଥାନ୍ତି।ସେମାନଙ୍କ ମୂଳ ଉଦ୍ଦେଶ୍ୟ ହେଲା ସାଧାରଣ ମଣିଷ କୁ ଆଧାତ୍ମିକ ଚିନ୍ତା ଓ ଚେତନାର ଆଲୋକ ଦେବା। ଶ୍ରାବଣ ମାସରେ ଭାରତ ରେ ମୌସୁମୀ ବର୍ଷା ର ପ୍ରଭାବ ଦେଖିବା କୁ ମିଳିଥାଏ।ପଶୁ, ପକ୍ଷୀ, ଗଛ ବୃକ୍ଷ ଜୀବ ଜନ୍ତୁ ମୌସୁମୀ ର ସ୍ପର୍ଶ ପାଇ ଉଲ୍ଲାସିତ ହୋଇଥାନ୍ତି।ଲୋକମାନେ ଶ୍ରାବଣ ମାସ କୁ ସାତ୍ୱିକ ମାସ ଭାବ ରେ ମାନିଥାନ୍ତି। ଶ୍ରୀମଦ ଭଗବତ ଗୀତା ରେ ତିନି ପ୍ରକାରର ଆହାରର ଉଲ୍ଲେଖ କରାଯାଇଛି। ସେହି ଗୁଡିକ ହେଲେ ସାତ୍ୱିକ ଆହାର, ରାଜସିକ ଆହାର ଓ ତାମସିକ ଆହାର।ସାତ୍ୱିକ ଆହାର ଖାଇବା ଦ୍ୱାରା ମଣିଷ କିଛି କାଂଶ ରେ ନିଜ ମନ କୁ ସଞ୍ଜମ କରିପାରିବ ବୋଲି ବିଶ୍ୱାସ ରହିଛି। ହିନ୍ଦୁ ମାନ୍ୟତା ଅନୁସାରେ ଆଧାତ୍ମିକ ସାଧନାର ଅର୍ଥ ହେଲା ନିଜ ମନ ଓ ଇନ୍ଦ୍ରିୟ କୁ ସଞ୍ଜମ କରିବା।ସେଥିପାଇଁ ଆମର ସମସ୍ତ ପୂଜା ପର୍ବାଣିରେ କିପରି ମନ କୁ ସଞ୍ଜମ କରାଯାଇପାରିବ ତାର ଉଲ୍ଲେଖ ରହିଛି।

ଶ୍ରାବଣ ମାସ କୁ ଶିବଙ୍କ ମାସ ବୋଲି ମଧ କୁହାଯାଏ।ଏହି ମାସ ରେ ଲୋକମାନେ ମୁଖ୍ୟତଃ ଶିବଙ୍କର ଆରାଧନା କରିଥାନ୍ତି।ହିନ୍ଦୁ ମାନ୍ୟତା ଅନୁସାରେ ଦକ୍ଷ ନନ୍ଦିନୀ ସତୀ ଶ୍ରାବଣ ମାସ ରେ ଶିବଙ୍କର ସାନ୍ନିଧ ପାଇଥିଲେ।ପୁରାଣରେ ଉଲ୍ଲେଖ ରହିଛି ଯେ ଏହି ମାସରେ ଦେବତା ଓ ରାକ୍ଷାସ ମାନେ ଅମୃତ ପାଇବା ପାଇଁ ଖିର ସମୁଦ୍ର କୁ ମନ୍ଥନ କରିଥିଲେ ଏବଂ ଖିର ସମୁଦ୍ର ରୁ ହଳାହଳ ବିଷ ବାହାରିଥିଲା।ହଳାହଳ ବିଷର ଜ୍ୱାଳା ରେ ସମଗ୍ର ବ୍ରହ୍ମାଣ୍ଡ ଜଳିବା କୁ ଲାଗିଥିଲା।ହଳାହାଳ ବିଷ କୁ କଣ କରାଯିବ ସେଥିପାଇଁ ସମସ୍ତେ ଚିନ୍ତିତ ଥିବା ବେଳେ ଭଗବାନ ଶିବ ସ୍ୱୟଂ ସେହି ବିଷ ପାନ କରିଥିଲେ।ଶିବଙ୍କ ପତ୍ନୀ ଉମା ହଳାହଳ ବିଷ ଯେପରି ଭଗବାନ ଶିବଙ୍କ ଉଦର କୁ ନ ପହଞ୍ଚୁ ସେଥିପାଇଁ ଶିବଙ୍କର କଣ୍ଠ ରେ ହାତ ରଖିଦେଲେ।ହଳାହଳ ବିଷ ଭଗବାନ ଶିବଙ୍କ କଣ୍ଠରେ ରହିଗଲା ଏବଂ ବିଷର ଜ୍ୱାଳା ରେ ଭଗବାନ ଶିବଙ୍କ କଣ୍ଠ ନୀଳ ହୋଇଗଲା।ସେହି ଦିନଠାରୁ ଭଗବାନ ଶିବଙ୍କୁ ନୀଳକଣ୍ଠ ବୋଲି କୁହାଗଲା।ବିଷର ଜ୍ୱାଳା ରୁ ଶିବଙ୍କୁ ମୁକ୍ତ କରିବା ପାଇଁ ଜଳାଅଭିଷେକ କରାଯାଇଥାଏ।ବିଭିର୍ନ୍ନ ପ୍ରକାର ଫୁଲ ଯଥା ଧୁଦୁରା, ଚମ୍ପା ଓ ଅରଖ ଦିଆ ଯାଇ ଭଗବାନ ଶିବଙ୍କ ଆରାଧନା କରାଯାଇଥାଏ। ମହାଭାରତ ରେ ଉଲ୍ଲେଖ ରହିଛି ଯେ ଅର୍ଜୁନ ଶତ୍ରୁଙ୍କ ଉପରେ ବିଜୟ ପାଇବା ପାଇଁ ଶିବଙ୍କୁ ଆରାଧନା କରିଥିଲେ ଏବଂ ଶିବଙ୍କ କୃପା ରୁ ଅର୍ଜୁନଙ୍କୁ ପଶୁପତି ଅସ୍ତ୍ର ମିଳିଥିଲା।ପଶୁପତି ଅସ୍ତ୍ରର ପ୍ରୟୋଗ ଏବଂ ଉପସଂହାର ର ଜ୍ଞାନ ସ୍ୱୟଂ ଭଗବାନ ଶିବ ଅର୍ଜୁନଙ୍କୁ ଦେଇଥିଲେ।ହିନ୍ଦୁ ମାନ୍ୟତା ଅନୁସାରେ ସୃଷ୍ଟି, ସ୍ଥିତି ଓ ପ୍ରଳୟ ତ୍ରିମୂର୍ତ୍ତି ଯଥା ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ହାତରେ ଅଛି। ମହାଦେବ ଶିବ ସ୍ୱୟଂ ଯୋଗେଶ୍ୱର। ବିଶ୍ୱାସ ରହିଛି ଯେ ଭଗବାନ ଶିବ ହେଉଛନ୍ତି ଶ୍ମଶାନ ବାସୀ।ଜୀବନର ସତ୍ୟ କୁ ମାନବ ସମାଜ ଆଗରେ ବାଢ଼ି ଥାନ୍ତି। ମୃତ୍ୟୁ ଏକ ଚିରନ୍ତନ ସତ୍ୟ।କାଲିର କ୍ଷମତା ଶିଳ ମଣିଷ ମୃତ୍ୟୁ ପରେ ଅସହାୟ ହୋଇ ଯେଉଁଠି ଶୋଇଛି ଜଣେ ସର୍ବହରା ମୃତ୍ୟୁ ପରେ ସେଇଠି ଶୋଇଛି। ଏହି ଦୃଶ୍ୟ ମଣିଷ ମନରେ ବୈରାଗ୍ୟ ଉଜାଗର କରେ। ଆଦିଶଂକରାଚାର୍ଯ୍ୟ ମଧ ଏହି ସତ୍ୟ କୁ ଉଜାଗର କରିଥିଲେ 'ମା କୁରୁ ଧନ ଜନ ଯୌବନ ଗର୍ବ, ନିମିଷକେ ହରତି କାଳ ସର୍ବ'। ଶ୍ରାବଣ ମାସରେ କାଉଡିବାଲା ମାନେ ବିଭିର୍ନ୍ନ ନଦୀର ପାଣି ଆଣି ମାଇଲ ମାଇଲ ରାସ୍ତା ଚାଲି ଶିବଙ୍କୁ ଜଳାଭିଷେକ କରିଥାନ୍ତି।ଶିବଙ୍କ ଆରାଧନା ପାଇଁ କାଉଡିଆ ମାନେ ରାସ୍ତାରେ ଯିବା ବେଳେ କେତେକ ସ୍ଥାନରେ ଦୁର୍ଘଟଣାର ଶିକାର ମଧ ହୁଅନ୍ତି।

ଶ୍ରାବଣ ସୋମବାର ଦିନ ମୁଖ୍ୟତଃ ଏହି ଜଳାଭିଷେକ କରାଯାଇଥାଏ।କାଉଡି ବାଲା ମାନେ କାନ୍ଧରେ କାଉଡି ଧରି ଶିବ ଭକ୍ତି ରେ ଲୀନ ହୋଇଥାନ୍ତି।ଶ୍ରାବଣର ବର୍ଷା ଧାରା ସେମାନଙ୍କ ଭକ୍ତିରେ ବାଧା ସୃଷ୍ଟି କରିପାରେନାହିଁ।ଅନେକ ସ୍ଥାନ ରେ ଗଙ୍ଗା ରୁ ପାଣି ଆଣି ଲୋକମାନେ ରୁଦ୍ରଅଭିଷେକ କରିଥାନ୍ତି।ଏହି ପରମ୍ପରା ରାମେଶ୍ୱରମରେ ମଧ ରହିଛି।ଭକ୍ତ ମାନେ ବନାରସ ରୁ ଗଙ୍ଗା ଜଳ ନେଇ ରାମେଶ୍ୱରମ କୁ ଯାଇ ଚଢାଇ ଥାନ୍ତି।ଶ୍ରାବଣ ମାସ ରେ ଯେଉଁ ଭକ୍ତ ଭକ୍ତି ଓ ଶ୍ରଦ୍ଧାରେ ଶିବଙ୍କ ପୂଜାଅର୍ଚ୍ଚନା କରେ ସେହି ଭକ୍ତଙ୍କ ମନକାମନା ଶିବ ପୂରଣ କରିଥାନ୍ତି।ଶିବ ମନ୍ଦିର ରେ ଭକ୍ତଙ୍କ ଭିଡ ମଧ ଜମିଥାଏ। କାଉଡିବାଲା ଶିବଙ୍କ ଭକ୍ତି ପାଇଁ ସବୁ କଷ୍ଟ ଉଠାଇବା ପାଇଁ ପ୍ରସ୍ତୁତ।ଏହା କୁ ଆମେ କହିପାରିବା ଭକ୍ତିର ଶକ୍ତି।

ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର,
ମୋବାଇଲ୍: ୭୨୦୫୧୦୦୮୩୯

# ଅଗଷ୍ଟ କ୍ରାନ୍ତି: ଐତିହାସିକ ସଂକଳ୍ପର ଦିନ

"୧୯୪୨ ମସିହା ଅଗଷ୍ଟ ୮ ତାରିଖ ସେହିପରି ଏକଦିନ, ଯେଉଁଦିନ' ଭାରତଛାଡ଼ ଆନ୍ଦୋଳନ' ଇଂରେଜ ଶାସନ ବିରୋଧରେ ସ୍ୱାଧୀନତାର ଶଙ୍ଖନାଦ କରିଥିଲା। ଆଜି ସେହି' ଭାରତଛାଡ଼ ଆନ୍ଦୋଳନ'କୁ ପୁରିଛି ଦୀର୍ଘ ୮୪ ବର୍ଷ। ସେହି ସତ୍ୟ, ଅହିଂସା ଓ ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ହେଉଛି' ଅଗଷ୍ଟ କ୍ରାନ୍ତିଦିବସ'।

**ଇପ୍ସିତା ଅଧିକାରୀ**





କିଛି ତାରିଖ କେବଳ ଇତିହାସର ପୃଷ୍ଠାରେ ଲେଖା ରହେନାହିଁ, ସେଗୁଡ଼ିକ ଜାତିର ସ୍ୱାଧୀନତା, ସାହସ, ତ୍ୟାଗ ଓ ବଳିଦାନର ଚିରନ୍ତନ ପରିଚୟ ହୋଇ ରହିଯାଏ।୧୯୪୨ ମସିହା ଅଗଷ୍ଟ ୮ ତାରିଖ ସେହିପରି ଏକଦିନ, ଯେଉଁଦିନ' ଭାରତଛାଡ଼ ଆନ୍ଦୋଳନ' ଇଂରେଜ ଶାସନ ବିରୋଧରେ ସ୍ୱାଧୀନତାର ଶଙ୍ଖନାଦ କରିଥିଲା। ଆଜି ସେହି' ଭାରତଛାଡ଼ ଆନ୍ଦୋଳନ'କୁ ପୁରିଛି ଦୀର୍ଘ ୮୪ ବର୍ଷ। ସେହି ସତ୍ୟ, ଅହିଂସା ଓ ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ହେଉଛି' ଅଗଷ୍ଟ କ୍ରାନ୍ତିଦିବସ'। 'କରବା ମର' - ଏହି ତିନିଟି ଶବ୍ଦ କେବଳ ଏକ ସ୍ଲୋଗାନ ନୁହେଁ, ବରଂ ସ୍ୱାଧୀନତା ପାଇଁ ଭାରତବାସୀଙ୍କ ଅଦମ୍ୟ ସଙ୍କଳ୍ପର ପ୍ରତୀକ।ଏହି ଆନ୍ଦୋଳନ ବ୍ରିଟିଶ ସମାଜକୁ ଦୋହଲାଇଦେଇଥିଲା। ଆଜି ସେହି ମହାନ ସଂକଳ୍ପର ସ୍ମୃତିଚାରଣ କରୁଛି ସମଗ୍ର ଭାରତବର୍ଷ।

୧୯୪୨ ମସିହା ଅଗଷ୍ଟ ୮ ତାରିଖଦିନ ମୁମ୍ବାଇର ଗୋୱାଲିଆଟ୍ୟାଙ୍କଠାରେ ଅନୁଷ୍ଠିତ ଅଖିଳ ଭାରତୀୟ କଂଗ୍ରେସ କମିଟି ବମ୍ବେ ଅଧିବେଶନରେ ଗାନ୍ଧିଜୀଙ୍କ ନେତୃତ୍ୱରେ ବ୍ରିଟିଶଙ୍କୁ ଭାରତରୁ ତଡ଼ିଦେବା ପାଇଁ କଂଗ୍ରେସ ଏକ ପ୍ରସ୍ତାବ ପାରିତ କରିଥିଲା।ଏହାର ପରଦିନ ଅର୍ଥାତ୍ ୯ତାରିଖରେ ଏହି ଆନ୍ଦୋଳନର ମୂଳଦୁଆ ପକାଇଥିଲେ ଜାତିର ପିତା ମହାତ୍ମା ଗାନ୍ଧୀ। ସାରା ଦେଶବାସୀ ଏହି ଆନ୍ଦୋଳନରେ ସାମିଲହୋଇ ଲଢ଼େଇ ଆରମ୍ଭ କରିଥିଲେ। ଏହିଦିନ ମହାତ୍ମାଗାନ୍ଧୀ 'କର ବା ମର' ନାରା ଦେଇଥିଲେ। ବାପୁଙ୍କ ସହିତ ବହୁତ ବଡ଼ ବଡ କଂଗ୍ରେସ ନେତା ଯେପରିକି ରାମମନୋହର ଲୋହିଆ, ଜୟପ୍ରକାଶ ନାରାୟଣ, ଅରୁଣ ଆସଫ ଅଲ୍ଲୀ ଏବଂ ଉଷା ମେହେଟ୍ଟାଙ୍କୁ ଗିରଫ କରାଯାଇଥିଲା। ମହିଳା ଓ କିଶୋରଙ୍କ ସମେତ ପ୍ରାୟ ୧୦ହଜାର ଲୋକଙ୍କୁ ଗିରଫ କରାଯାଇଥିଲା। ଏହି ଆନ୍ଦୋଳନର କର୍ଣ୍ଣଧାର କେବଳ ନେତାମାନେ ନଥିଲେ; ଛାତ୍ର, ଶ୍ରମିକ, କୃଷକ ଏବଂ ସବୁବର୍ଗର ଲୋକମାନେ ଆନ୍ଦୋଳନ ସମର୍ଥନରେ ଆଗେଇ ଆସିଥିଲେ। ପରବର୍ତ୍ତୀ ସମୟରେ ବ୍ରିଟିଶ ସରକାର ଜାତୀୟ କଂଗ୍ରେସକୁ ବେଆଇନ ବୋଲି ଘୋଷଣା କରିଥିଲେ। ଏହି ଆନ୍ଦୋଳନ 'ପୂର୍ଣ୍ଣସ୍ୱରାଜ' ଦାବିକୁ ଆହୁରି ମଜଭୁତ କରିଥିଲା।

ମହାତ୍ମା ଗାନ୍ଧୀ, ଅବଦୁଲ କଲାମ ଆଜାଦ୍, ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଇତ୍ୟାଦି' ଭାରତ ଛାଡ଼ ଆନ୍ଦୋଳନ'ର ପ୍ରମୁଖ ଚେହେରା ଥିଲେ। ସୁବାଷ ଚନ୍ଦ୍ର ବୋଷ ବ୍ରିଟିଶଙ୍କ ବିରୋଧରେ 'ଆଜାଦ୍ ହିନ୍ଦ୍ ସରକାର' ଓ 'ଭାରତୀୟ ରାଷ୍ଟ୍ରୀୟ ସେନା'ର ପ୍ରତିଷ୍ଠା କରିଥିଲେ।' ଭାରତଛାଡ଼ ଆନ୍ଦୋଳନ' ମାଧ୍ୟମରେ ବାପୁଙ୍କର ସ୍ଲୋଗାନ୍ ଥିଲା, 'ଆମର ଲଢ଼େଇ କ୍ଷମତା ପାଇଁ ନୁହେଁ ବରଂ ଭାରତର ସ୍ୱତନ୍ତ୍ରତା ପାଇଁ ଅହିଂସା ଲଢ଼େଇ'।ଏହି ଆନ୍ଦୋଳନ ଜବାବରେ ଇଂରେଜମାନେ ପ୍ରମୁଖ ନେତାମାନଙ୍କୁ ଜେଲରେ ଭର୍ତ୍ତି କରିଦେଇଥିଲେ ଏବଂ କାର୍ଯ୍ୟାଳୟରେ ଥିବା ସମସ୍ତ ପାଣ୍ଠିକୁ ବନ୍ଦ କରିଦେଇଥିଲେ। ଦୁର୍ବଳ ସମନ୍ୱୟ ଅଭାବ ହେତୁ ୧୯୪୩ ସୁଦ୍ଧା ଏହି ଆନ୍ଦୋଳନ ଶେଷ ହୋଇଯାଇଥିଲା ସତ କିନ୍ତୁ ଏହି ଜନ ଆନ୍ଦୋଳନ ସ୍ୱାଧୀନତା ସଂଗ୍ରାମର ପଥପ୍ରଦର୍ଶକ ସାଜିଥିଲା। ଏହାର ଫଳ ସ୍ୱରୂପ ସମଗ୍ର ଦେଶବାସୀ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନତାର ପ୍ରଥମ ସ୍ୱାଦ ଚାଖିଥିଲେ।

ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ଦେଶର ବିଭିନ୍ନ ପ୍ରାନ୍ତରେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି। ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଲୋଚନାଚକ୍ର, ପ୍ରଦର୍ଶନୀ ଏବଂ ଦେଶପ୍ରେମଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହେଉଛି। ଅନେକ ସ୍ଥାନରେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ସେମାନଙ୍କ ସଂଗ୍ରାମମୟ ଜୀବନ ଉପରେ ଆଲୋଚନା କରାଯାଉଛି। ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନକୁ ମନେପକାଇ ଦେଶର ଏକତା, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସାମାଜିକ ସମ୍ପ୍ରୀତିକୁ ଆହୁରି ସୁଦୃଢ଼ କରିବା ପାଇଁ ଏହି ଦିବସ ପ୍ରେରଣା ଦେଇଥାଏ। ବିଶେଷକରି ଯୁବପିଢ଼ିଙ୍କୁ ଦେଶ ପ୍ରତି କର୍ତ୍ତବ୍ୟବୋଧ ଜାଗ୍ରତ କରିବା ଏବଂ ସ୍ୱାଧୀନତା ସଂଗ୍ରାମର ପ୍ରକୃତ ଇତିହାସ ସହ ପରିଚିତ କରାଇବା ଏହି ଦିବସ ପାଳନର ମୁଖ୍ୟ ବିଶେଷତ୍ୱ।

ସମୟ ବଦଳିଛି, ପରିସ୍ଥିତି ବଦଳିଛି; କିନ୍ତୁ ସ୍ୱାଧୀନତା ପାଇଁ ହୋଇଥିବା ତ୍ୟାଗ ଓ ବଳିଦାନର ମୂଲ୍ୟ ଆଜି ମଧ୍ୟ ସମାନ। ଇତିହାସର ପୃଷ୍ଠାରେ 'ଅଗଷ୍ଟ କ୍ରାନ୍ତି' କେବଳ ଏକ ଆନ୍ଦୋଳନ ନୁହେଁ, ଏହା ଥିଲା ସ୍ୱାଧୀନତା ପାଇଁ ଜନତାଙ୍କ ଅଦମ୍ୟ ବିଶ୍ୱାସର ପ୍ରତୀକ। ସେହି ବିଶ୍ୱାସକୁ ଅକ୍ଷୁଣ୍ଣ ରଖି ଦେଶର ପ୍ରଗତି, ଗଣତନ୍ତ୍ରର ସୁରକ୍ଷା ଓ ସାମାଜିକ ସଦ୍‌ଭାବ ପାଇଁ କାର୍ଯ୍ୟ କରିବା ହିଁ ଅଗଷ୍ଟ କ୍ରାନ୍ତି ଦିବସର ସବୁଠାରୁ ବଡ଼ବାର୍ତ୍ତା ।

ମାନସିଂବଜାର,
ବାଲେଶ୍ୱର,
ମୋବାଇଲ୍- ୭୮୪୮୦୪୯୭୩୦

# ଓଡ଼ିଶାର ଶିକ୍ଷା ପରିବେଶ ଏବଂ ଲୋକ ପ୍ରତିନିଧିଙ୍କ ବିରୋଧରେ କୁତ୍ସିତ ଷଡ଼ଯନ୍ତ୍ର



**ସୌଭାଗ୍ୟ ରଞ୍ଜନ ମହାନ୍ତି**



ଓଡ଼ିଶାର ଉଚ୍ଚଶିକ୍ଷା ଏବଂ ଗଣତନ୍ତ୍ରର ପବିତ୍ର ମନ୍ଦିରଗୁଡ଼ିକୁ କେତେକ ସ୍ୱାର୍ଥନ୍ୱେଷୀ ମହଲ ନିଜର କୁତ୍ସିତ ରାଜନୈତିକ ଅଭିସନ୍ଧି ପାଇଁ ବାରମ୍ବାର ଅସ୍ଥିର କରିବାକୁ ଯେଉଁ ଅପଚେଷ୍ଟା ଚଳାଇଛନ୍ତି, ତାହା ଅତ୍ୟନ୍ତ ନିନ୍ଦନୀୟ, ଦୁର୍ଭାଗ୍ୟଜନକ ଏବଂ କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ ଯାହାକି ରାଜ୍ୟର ଶିକ୍ଷାଗତ ବାତାବରଣକୁ କଳୁଷିତ କରିବାର ଏକ ସୁଚିନ୍ତିତ ପ୍ରୟାସ ବୋଲି ସ୍ପଷ୍ଟ ଜାଣି ହେଉଛି ଏବଂ ବିଶେଷ କରି ରାଜ୍ୟର ଅଗ୍ରଣୀ ତଥା ସର୍ବପୁରାତନ ଶିକ୍ଷାନୁଷ୍ଠାନ ରେଭେନ୍ସା ବିଶ୍ୱବିଦ୍ୟାଳୟର ପରିବେଶକୁ ଅଶାନ୍ତ କରିବା ପାଇଁ ଯେଉଁ ଷଡ଼ଯନ୍ତ୍ର କରାଯାଉଛି, ତାହା ପଛରେ କେତେକ କ୍ଷମତାଲୋଭୀ ଗୋଷ୍ଠୀର ସଂକୀର୍ଣ୍ଣ ମାନସିକତା ପରିପ୍ରକାଶ ପାଉଛି କାରଣ ଯେଉଁମାନଙ୍କର ବିଶ୍ୱବିଦ୍ୟାଳୟର ଆଇନଗତ ନୀତି-ନିର୍ଦ୍ଧାରଣ ପ୍ରକ୍ରିୟା, ଏକାଡେମିକ୍ କାଉନସିଲ୍ କିମ୍ବା ସିନେଟ୍ ଗଠନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଅଜଣା ଓ ଅଭିଜ୍ଞତାହୀନ, ସେମାନେ ଆଜି ଶିକ୍ଷା ପରିବେଶକୁ ଅସ୍ଥିର କରିବାକୁ ମଇଦାନକୁ ଓହ୍ଲାଇଛନ୍ତି ଏବଂ ବିନା କାରଣରେ ଜଣେ ଲୋକପ୍ରିୟ ବିଧାୟକ (ଏମଏଲଏ) ଯେତେବେଳେ ସମ୍ପୂର୍ଣ୍ଣ ଆଇନଗତ ପରିସର ମଧ୍ୟରେ ରହି ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପାଦନ କରିଛନ୍ତି, ସେତେବେଳେ ତାଙ୍କୁ ତଥା ୱାର୍ଡେନ୍ ଏବଂ ବିଭିନ୍ନ ସଂଘ (ଆସୋସିଏସନ) ମାନଙ୍କୁ ଅଯଥାରେ ଦୋଷୀ ସାବ୍ୟସ୍ତ କରିବା ଏବଂ ସେମାନଙ୍କ ଉପରେ ମିଥ୍ୟା ଅଭିଯୋଗ ଆଣିବା କେବଳ ଏକ କୁଚକ୍ରୀ ଗୋଷ୍ଠୀର ରାଜନୈତିକ ପ୍ରାୟୋଜିତ ଅପପ୍ରଚାର ମାତ୍ର, କାରଣ ଯେହେତୁ ମାନ୍ୟବର ବିଧାୟକ ମହୋଦୟ ସମ୍ପୂର୍ଣ୍ଣ ଆଇନସମ୍ମତ ଭାବେ ନିଜର ପଦକ୍ଷେପ ଗ୍ରହଣ କରିଛନ୍ତି, ତେଣୁ ହଷ୍ଟେଲ ପରିଚାଳନା କ୍ଷେତ୍ରରେ ୱାର୍ଡେନ୍ ମଧ୍ୟ ନିଜର ପ୍ରଶାସନିକ ଦାୟିତ୍ୱ ଏବଂ ଶୃଙ୍ଖଳା ରକ୍ଷା କରିବା ପାଇଁ ଆଇନଗତ ଭାବେ କାର୍ଯ୍ୟ କରିଥିବାରୁ, ତାଙ୍କୁ କୌଣସି ପ୍ରକାର ଅଯଥା ଚାପ କିମ୍ବା ମିଥ୍ୟା ଅଭିଯୋଗର ଶିକାର କରିବା ପରିବର୍ତ୍ତେ ପ୍ରଶାସନ ତରଫରୁ ୱାର୍ଡେନ୍‌ଙ୍କୁ ସମ୍ପୂର୍ଣ୍ଣ ସହଯୋଗ ଓ ସୁରକ୍ଷା ଯାଇବା ଉଚିତ୍ ଯାହାଦ୍ୱାରା ଶିକ୍ଷାନୁଷ୍ଠାନରେ ଶାନ୍ତି, ଶୃଙ୍ଖଳା ଏବଂ ନିୟମ ଅନୁସାରେ ପରିଚାଳନା ବ୍ୟବସ୍ଥା ଦୃଢ଼ ହୋଇପାରିବ, କାରଣ ଏହି ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନଗୁଡ଼ିକ ସର୍ବଦା ଶିକ୍ଷାନୁଷ୍ଠାନର ଶାନ୍ତି ଏବଂ ଛାତ୍ରଛାତ୍ରୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିଆସୁଛନ୍ତି, କିନ୍ତୁ ନିଜର ଅତୀତର ଦୁର୍ନୀତି, ଅପାର୍ଗତା ଓ କଳା କାରନାମା ଉପରେ ପରଦା ପକାଇବା ପାଇଁ ଏବଂ ଜନସାଧାରଣିକ ଭାବେ ନିର୍ବାଚିତ ଯୁବ ଲୋକପ୍ରତିନିଧିଙ୍କ ସମେତ ଦାୟିତ୍ୱବାନ କର୍ମକର୍ତ୍ତାମାନଙ୍କୁ ଜାଣିଶୁଣି କୁତ୍ସିତ ଭାବେ ନିନ୍ଦିତ କରାଯାଉଛି ଯାହାକୁ କୌଣସି ସଚେତନ ନାଗରିକ ବରଦାସ୍ତ କରିବେ ନାହିଁ ଏବଂ ଅତୀତରେ ଓଡ଼ିଶା ଏବଂ ଦେଶର ଅନେକ ନାମୀଦାମୀ ଅନୁଷ୍ଠାନର ଗରିମାକୁ ଧ୍ୱଂସ କରିବା ପରେ, ବର୍ତ୍ତମାନ ଏହି ଗୋଷ୍ଠୀର ଶେଷ ଲକ୍ଷ୍ୟ ହେଉଛି ରେଭେନ୍ସାର ଶାନ୍ତି, ଶୃଙ୍ଖଳା ଓ ପ୍ରଗତିକୁ ସମ୍ପୂର୍ଣ୍ଣ ଭାବେ ବ୍ୟାହତ କରିବା କିନ୍ତୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ରାଜ୍ୟରେ ଯେତେବେଳେ ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଏବଂ ଜନକଲ୍ୟାଣକାରୀ ଶାସନ ପ୍ରତିଷ୍ଠା ହୋଇଛି, ସେତେବେଳେ ଏହି ଲୋକପ୍ରିୟ ସରକାରଙ୍କୁ ଏବଂ ସହଯୋଗୀ ନେତୃବୃନ୍ଦଙ୍କୁ ବଦନାମ କରିବା ପାଇଁ କିଛି ନକଲି ବୁଦ୍ଧିଜୀବୀ ଓ ଅର୍ବାଚୀନ ନକ୍ସଲ ମାନେ ସକ୍ରିୟ ହୋଇଉଠିଛନ୍ତି ଯାହାର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଜନସାଧାରଣିକ ମୂଲ୍ୟବୋଧକୁ କ୍ଷୁର୍ଣ୍ଣ କରିବା ଏବଂ ଏହା ସ୍ପଷ୍ଟ ଯେ, ଏହି ନକଲି ବୁଦ୍ଧିଜୀବୀ ଓ ଅର୍ବାଚୀନ ନକ୍ସଲ ମାନଙ୍କର କୌଣସି କପଟ ଉଦ୍ଦେଶ୍ୟ କିମ୍ବା ଚକ୍ରାନ୍ତକୁ ରେଭେନ୍ସାର ପବିତ୍ର ମାଟିରେ ଆଦୌ ସଫଳ ହେବାକୁ ଦିଆଯିବ ନାହିଁ କାରଣ ଜଣେ ଜନପ୍ରତିନିଧି, ୱାର୍ଡେନ୍ ଏବଂ ଆସୋସିଏସନ୍ ଯେତେବେଳେ ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନ ପାଇଁ ଏବଂ ଶିକ୍ଷାନୁଷ୍ଠାନରେ ଶାନ୍ତି ଫେରାଇ ଆଣିବା ପାଇଁ ନିଜର ସାମ୍ବିଧାନିକ ଦାୟିତ୍ୱ ନିର୍ବାହ କରନ୍ତି, ସେତେବେଳେ ସେମାନଙ୍କୁ ବିରୋଧ କରିବା ଏବଂ ବିଶ୍ୱବିଦ୍ୟାଳୟର ଶୃଙ୍ଖଳାକୁ ଭାଙ୍ଗିବା କିଛି ବ୍ୟକ୍ତିଙ୍କ ଅଭ୍ୟାସରେ ପରିଣତ ହୋଇଛି ଯାହା ସରକାରଙ୍କ ସଫଳତା ଏବଂ ଜନପ୍ରିୟତାକୁ ସହ୍ୟ କରିନପାରି କିଛି କୁଚକ୍ରୀ ଗୋଷ୍ଠୀଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ଏକ କୃତ୍ରିମ ପରିସ୍ଥିତି ମାତ୍ର ଯାହାଦ୍ୱାରା ସାଧାରଣ ଜନତା ଏବଂ ଯୁବପିଢ଼ିଭ୍ରମିତ ହେବାର ସମ୍ଭାବନା ରହିଛି ମାତ୍ର ଓଡ଼ିଶାର ଜନସାଧାରଣ ଏବଂ ସଚେତନ ନାଗରିକମାନେ ଏମାନଙ୍କର ଏହି କପଟ କୌଶଳକୁ ଭଲଭାବେ ବୁଝିସାରିଲେଣି ଏବଂ ଏଭଳି ମିଥ୍ୟା ଅପପ୍ରଚାରକୁ କେବେ ମଧ୍ୟ ବରଦାସ୍ତ କରିବେ ନାହିଁ କାରଣ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ରାଜ୍ୟର ପ୍ରତ୍ୟେକ କ୍ଷେତ୍ରରେ ଯେପରି ବିକାଶର ଧାରା ଅବ୍ୟାହତ ରହିଛି, ତାହାକୁ ପଣ୍ଡ କରିବା ପାଇଁ ଏସବୁ କେବଳ ଏକ ରାଜନୈତିକ ଷଡ଼ଯନ୍ତ୍ର ମାତ୍ର ଏବଂ କୌଣସି ପରିସ୍ଥିତିରେ ଜଣେ ଜନପ୍ରତିନିଧି, ୱାର୍ଡେନ୍ କିମ୍ବା ଆସୋସିଏସନ୍ ପ୍ରତି ଏପରି ଦୁର୍ବ୍ୟବହାର କିମ୍ବା ଜାଣିଶୁଣି ଅଭିଯୋଗ ଆଣିବା ଘଟଣାକୁ ଆଉ କେବେବି ବରଦାସ୍ତ କରାଯିବ ନାହିଁ ଯାହାଦ୍ୱାରା ଭବିଷ୍ୟତରେ ଏଭଳି କାର୍ଯ୍ୟ କରିବାକୁ କେହି ମଧ୍ୟ ସାହସ କରିବେ ନାହିଁ ଏବଂ ରାଜ୍ୟ ସରକାର ତୁରନ୍ତ ରାଜନୀତିର ଉର୍ଦ୍ଧ୍ୱରେ ରହି ଏହି ଅରାଜକତା ସୃଷ୍ଟିକାରୀଙ୍କ ବିରୁଦ୍ଧରେ ଦୃଢ଼ ତଥା କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି, ଯାହାଫଳରେ ଶିକ୍ଷା ପରିବେଶରେ ଶାନ୍ତି ଓ ଶୃଙ୍ଖଳା ଫେରିଆସିବ ଏବଂ ଭବିଷ୍ୟତରେ କେହି ମଧ୍ୟ ଜଣେ ଲୋକପ୍ରତିନିଧି, ୱାର୍ଡେନ୍ କିମ୍ବା କୌଣସି ଆସୋସିଏସନ୍ କୁ କେନ୍ଦ୍ର କରି ଏଭଳି କୁତ୍ସିତ ରାଜନୀତି କରିବାକୁ ସାହସ କରିବେ ନାହିଁ, ତେଣୁ ଆସନ୍ତୁ ଏହି ସ୍ୱାର୍ଥପର, ଷଡ଼ଯନ୍ତ୍ରକାରୀ ଏବଂ ପ୍ରାୟୋଜିତ ଅପପ୍ରଚାର ଚଳାଇଥିବା ଗୋଷ୍ଠୀଙ୍କ ବିରୁଦ୍ଧରେ ଦୃଢ଼ ସ୍ୱର ଉତ୍ତୋଳନ କରିବା, ଓଡ଼ିଶାର ଶିକ୍ଷା ପରିବେଶ ଓ ଗଣତନ୍ତ୍ରର ମୂଳଦୁଆକୁ ଆହୁରି ମଜବୁତ କରିବା ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ସ୍ୱଚ୍ଛ ଶାସନ, ଲୋକପ୍ରତିନିଧି, ୱାର୍ଡେନ୍ ଏବଂ ବିଭିନ୍ନ ଆସୋସିଏସନ୍ ମାନଙ୍କର ମାନ୍ୟତାକୁ ସୁରକ୍ଷା ଦେବା ପାଇଁ ଏକଜୁଟ ହୋଇ କାର୍ଯ୍ୟ କରିବା।

ମୋବାଇଲ୍:୯୪୩୭୯୯୪୩୭୯

### ଆଇଆଇଟି ସମାବର୍ତ୍ତନ ଉତ୍ସବରେ ଜେନ୍-ଜି'ଙ୍କୁ ମୋଦିଙ୍କ ବାର୍ତ୍ତା

# କୌତୂହଳୀ ହୁଅ, ଶିଖିବା ଜାରି ରଖ

ନୂଆଦିଲ୍ଲୀ, ୮।୮ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଆଇଆଇଟି ଦିଲ୍ଲୀର ୫୬ତମ ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇ ତାଙ୍କ ଭାଷଣରେ ସିଜେପି ପ୍ରତିବାଦ ପରେ ପ୍ରଥମଥର ପାଇଁ ଦେଶର ଯୁବ ପିଢ଼ିଙ୍କ କ୍ଷମତା ଓ ଶକ୍ତି ଉପରେ ବିଶ୍ୱାସ ପ୍ରକଟ କରିଛନ୍ତି। ବିକଶିତ ଭାରତ ଆଡ଼କୁ ଯାତ୍ରାରେ ଦେଶକୁ ସେମାନଙ୍କର ଆବଶ୍ୟକତା ଅଛି ବୋଲି ସେ କହିଛନ୍ତି। ସେ ଜେନ୍-ଜିଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ଆମର ତୁମ ଉପରେ ବିଶ୍ୱାସ ଅଛି, ଦେଶକୁ ତୁମର ଆବଶ୍ୟକତା ଅଛି। ପ୍ରତ୍ୟେକ ପିଢ଼ିର ଦେଶ ପ୍ରତି ଏକ ଦାୟିତ୍ୱ ରହିଛି ଓ ଯୁବପିଢ଼ିଙ୍କ ଲକ୍ଷ୍ୟରେ ଦେଶର ସର୍ବାଙ୍ଗୀନ ବିକାଶ ଅନ୍ତର୍ଭୁକ୍ତ ହେବା ଉଚିତ। ଆପଣମାନେ ସମସ୍ତେ ଜାଣନ୍ତି ଯେ ପ୍ରତ୍ୟେକ ପିଢ଼ି ନିଜ ସମୟର ଚ୍ୟାଲେଞ୍ଜର ସମ୍ମୁଖୀନ ହୁଏ। ସେହିପରି



ଦେଶ ପ୍ରତି ନିଜର ଦାୟିତ୍ୱ ମଧ୍ୟ ପୂରଣ କରିବାକୁ ପଡ଼ିଥାଏ। ଆଗାମୀ ୩୦ ରୁ ୩୫ ବର୍ଷ ମଧ୍ୟରେ

## ଦେଶକୁ ଯୁବପିଢ଼ିର ଆବଶ୍ୟକତା ଅଛିଃ ପ୍ରଧାନମନ୍ତ୍ରୀ

ଆପଣମାନଙ୍କର କାର୍ଯ୍ୟ ଆମର ବିକଶିତ ଭାରତ ଯାତ୍ରାକୁ ପ୍ରଭାବିତ କରିବ। ତେଣୁ ଆପଣମାନେ ନେଉଥିବା ପ୍ରତ୍ୟେକ ନିଷ୍ପତ୍ତି ଦେଶକୁ କିପରି ଲାଭ ଦେବ ତାହା ଉପରେ ଆଧାରିତ ହେବା ଉଚିତ।

ବିଶ୍ୱ ରଣନୈତିକ ସମୀକରଣ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି। ବିଶ୍ୱ ଶକ୍ତି ସନ୍ତୁଳନ ବର୍ତ୍ତମାନ ବିକଶିତ ହେଉଛି। ଆଗାମୀ ୨୦ରୁ ୩୦ ବର୍ଷ ମଧ୍ୟରେ ବିଶ୍ୱ କିପରି ଦେଖାଯିବ ତାହା କେହି ନିଶ୍ଚିତ ଭାବରେ କହିପାରିବ ନାହିଁ। ବିଶ୍ୱ ପ୍ରଯୁକ୍ତିବିଦ୍ୟା, ଶିଳ୍ପ ଓ ବୃତ୍ତି ସବୁ ବିକଶିତ ହେବ। କିନ୍ତୁ ଏସବୁ ମଧ୍ୟରେ ଗୋଟିଏ କଥା ମନେରଖିବାକୁ ହେବ, ଯେଉଁମାନେ ଶିଖିବା ଜାରି ରଖିବେ ସେମାନେ ସଫଳ ହେବେ। ସ୍କାଏରୁଟର ବିକ୍ରମ-୧ ରକେଟର ସଫଳ ପ୍ରକ୍ଷେପଣ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସରକାର ଯୁବପିଢ଼ିଙ୍କ ଯୋଗଦାନ ପାଇଁ ବିଭିନ୍ନ ଉପାୟ ଖୋଲିଛନ୍ତି। ନୂତନ କ୍ଷେତ୍ର ଖୋଲାଯାଇଛି। ମୁଁ ପୂର୍ବରୁ ମହାକାଶ କ୍ଷେତ୍ର ବିଷୟରେ କହିଥିଲି। ଆଜି ସେହି ମହାକାଶ କ୍ଷେତ୍ର ଆମ ଯୁବପିଢ଼ି ପାଇଁ ଏକ ଆକାଶ ପାଲଟିଛି। ଆଜି ଆମର ଯୁବପିଢ଼ି ରକେଟ ଲଞ୍ଚ କରୁଛନ୍ତି। ଆମର ଡ୍ରୋନ୍ କ୍ଷେତ୍ର ମଧ୍ୟ ବିସ୍ତାର ହେଉଛି। ଜାତୀୟ ସୁରକ୍ଷା ଏବଂ ଔଷଧ ପରିବହନରେ ଡ୍ରୋନ୍ ବ୍ୟବହାର କରାଯାଉଛି।

### କୋଇଲା ଦୁର୍ନୀତି ମାମଲା

# କଡ଼ା ପଦକ୍ଷେପ ନେଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୮।୮ଃ କୋଇଲା ଦୁର୍ନୀତି ମାମଲାର ଶୁଣାଣି ପାଇଁ ସ୍ୱତନ୍ତ୍ର ଭାବରେ ନିଯୁକ୍ତ ଜଣେ ସେସନ୍ସ ଜଜ୍‌ଙ୍କୁ ସୁପ୍ରିମକୋର୍ଟ ଛଅ ମାସ କାର୍ଯ୍ୟ କରିବା ପରେ ହଟାଇ ଦେଇଛନ୍ତି। ଦିଲ୍ଲୀ ହାଇକୋର୍ଟଙ୍କର ଏକ ଅନୁରୋଧ ଉପରେ ସୁପ୍ରିମକୋର୍ଟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଯେଉଁଥିରେ କୁହାଯାଇଥିଲା ଯେ, ସେ ଏବଂ ଅନ୍ୟ ଜଣେ ସ୍ୱତନ୍ତ୍ର ସିବିଆଇ ବିଚାରପତି ଅନ୍ୟ ଦାୟିତ୍ୱ ପାଇଁ ଅଧିକ ଉପଯୁକ୍ତ। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲା ବାଗଚୀ ଏବଂ ଭି. ମୋହନାଙ୍କ ଖଣ୍ଡପୀଠ ଏହି ଆଦେଶରେ ଉଲ୍ଲେଖ କରିଛନ୍ତି ଯେ, ଦିଲ୍ଲୀ ହାଇକୋର୍ଟଙ୍କ ସ୍ୱତନ୍ତ୍ର ବିଚାରପତି ସୁନୈନା ଶର୍ମା ଏବଂ ଧୀରଜ ମୋରଙ୍କୁ ଅନ୍ୟ ଦାୟିତ୍ୱ ଦେବା ପାଇଁ ସ୍ଥାନାନ୍ତର କରିବାକୁ ଅନୁରୋଧ କରିଥିଲେ। ସୁପ୍ରିମକୋର୍ଟ ଦିଲ୍ଲୀ ହାଇକୋର୍ଟଙ୍କ ରେଜିଷ୍ଟ୍ରାର ଜେନେରାଲଙ୍କଠାରୁ ଏକ ଚିଠି ପାଇଥିଲେ। ଯେଉଁଥିରେ ଉଭୟ ନ୍ୟାୟିକ ଅଧିକାରୀଙ୍କର ଉତ୍କୃଷ୍ଟ ଯୋଗ୍ୟତା ବର୍ଣ୍ଣନା କରାଯାଇଥିଲା ଏବଂ ହାଇକୋର୍ଟ ସେମାନଙ୍କ ସେବାକୁ ଅନ୍ୟତ୍ର ବ୍ୟବହାର କରିବାକୁ ଚାହୁଁଛି ବୋଲି କୁହାଯାଇଥିଲା।

## ହନିଟ୍ରାପ୍‌ରେ ବାୟୁସେନା ୱିଙ୍ଗ କମାଣ୍ଡର୍ ଗୁପ୍ତ ତଥ୍ୟ ଲିକ୍ ଅଭିଯୋଗରେ ଗିରଫ



ନୂଆଦିଲ୍ଲୀ, ୮।୮ଃ ଦିଲ୍ଲୀ ପୁଲିସ ଜଣେ ୱିଙ୍ଗ କମାଣ୍ଡରଙ୍କୁ ସମ୍ବେଦନଶୀଳ ପ୍ରତିରକ୍ଷା ସୂଚନା ଲିକ୍ କରିଥିବା ଅଭିଯୋଗରେ ଗିରଫ କରିଛି। ସୂତ୍ର ଅନୁସାରେ, ଅଧିକାରୀ ଜଣଙ୍କ ବିରୋଧରେ ସରକାରୀ ଗୁପ୍ତ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି। ସେ ବର୍ତ୍ତମାନ ନ୍ୟାୟିକ ହେପାଜତରେ ଅଛନ୍ତି। ଦିଲ୍ଲୀ ପୁଲିସ ଅନୁଯାୟୀ, ୱିଙ୍ଗ କମାଣ୍ଡରଙ୍କୁ ଏକ ଫିଲ୍ଡ ୟୁନିଟରେ ନିଯୁକ୍ତ କରାଯାଇଥିଲା। ଏହି ସମୟରେ ହନି ଟ୍ରାପ୍ ମାଧ୍ୟମରେ ତାଙ୍କୁ ଟାର୍ଗେଟ କରାଯାଇଥିଲା। ଜଣେ ମହିଳା ସୋସିଆଲ ମିଡିଆ ମାଧ୍ୟମରେ ତାଙ୍କ ସହିତ ଯୋଗାଯୋଗ କରିଥିଲେ ଓ କଥାବାର୍ତ୍ତା ଆରମ୍ଭ କରିଥିଲେ। ଅଭିଯୋଗ ହୋଇଛି ଯେ ମହିଳା ଜଣକ ଧୀରେ ଧୀରେ ଅଧିକାରୀଙ୍କ ବିଶ୍ୱାସ ହାସଲ କରି ଭିଡିଓ କଲ୍ ଏବଂ ଚାଟ୍ ମାଧ୍ୟମରେ ସାମରିକ କାର୍ଯ୍ୟକଳାପ ଏବଂ ସୈନ୍ୟ ମୁତୟନ ସମ୍ପର୍କରେ ସୂଚନା ମାଗିବା ଆରମ୍ଭ କରିଥିଲେ। ସୂତ୍ର ଦାବି କରୁଛି ଯେ, ଅଧିକାରୀ ଡିଜିଟାଲ୍ ମାଧ୍ୟମରେ ମହିଳାଙ୍କୁ ବିଭିନ୍ନ ଫଟୋଗ୍ରାଫ୍, ଭିଡିଓ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ଡକ୍ୟୁମେଣ୍ଟ ଏବଂ ତଥ୍ୟ ସେୟାର କରିଥିଲେ।

## ଚାକିରି ଲୋଭ ଦେଖାଇ ଯୁବତୀଙ୍କୁ ପର୍ତ୍ତୁଗାଲ୍‌ରେ ବିକ୍ରି



ପୁଣେ, ୮।୮ଃ ବିଦେଶରେ ଉଚ୍ଚ ଦରମାର ଚାକିରି ଦେବାର ପ୍ରଲୋଭନ ଦେଖାଇ ନାଗପୁରର ଜଣେ ୨୮ ବର୍ଷୀୟା ଯୁବତୀଙ୍କୁ ପର୍ତ୍ତୁଗାଲ୍ ଚାଲାଣ କରାଯିବା ଓ ମାନସିକ, ଶାରୀରିକ ନିର୍ଯାତନା ଦିଆଯିବା ଭଳି ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ପୁଣେ ସ୍ଥିତ 'ୱି ମାଇଗ୍ରେଟ୍' ନାମକ ଏକ ସଂସ୍ଥା ଯୁବତୀଙ୍କୁ ପର୍ତ୍ତୁଗାଲ୍‌ରେ କ୍ୟାସିୟର ଭାବେ ମାସିକ ୧ଲକ୍ଷ ୫୦ ହଜାର ଟଙ୍କାର ଚାକିରି ଦେବାକୁ ପ୍ରତିଶ୍ରୁତି ଦେଇ ଭିସା ଓ ଅନ୍ୟାନ୍ୟ କାଗଜପତ୍ର ନାଁରେ ପ୍ରାୟ ୧୧ ଲକ୍ଷ ଟଙ୍କା ଠକି ନେଇଥିଲା। ଜୁଲାଇ ମାସରେ ଯୁବତୀଜଣକ ପର୍ତ୍ତୁଗାଲ୍‌ରେ ପହଞ୍ଚିବା ପରେ ଅଭିଯୁକ୍ତ ଏଜେଣ୍ଟମାନେ ତାଙ୍କ ପାସପୋର୍ଟ ଛଡ଼ାଇ ନେଇ ତାଙ୍କୁ ଦୁଇ ଦିନ ପର୍ଯ୍ୟନ୍ତ ବନ୍ଦୀ କରି ରଖିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଜଣେ ମଦ ଦୋକାନ ମାଲିକଙ୍କୁ ବିକ୍ରି କରିଦିଆଯାଇଥିଲା। ପ୍ରାୟ ମାସେ କାଳ ନିର୍ଯାତନା ସହିବା ପରେ ଯୁବତୀ ଜଣକ ସାହସ ଜୁଟାଇ ସେଠାରୁ ଖସି ଆସିଥିଲେ। ସେ ବସ୍ ଯୋଗେ ପ୍ରଥମେ ଲିସବନ୍ ଓ ପରେ ମାଡ୍ରିଡ୍ ହୋଇ ଦୋହା ଦେଇ ଭାରତ ଫେରିବାକୁ ସକ୍ଷମ ହୋଇଥିଲେ।

## କେତେବେଳେ ବି ହୋଇପାରେ ମୋଜତବାଙ୍କ ମୃତ୍ୟୁ!



ତେହରାନ, ୮।୮ଃ ୨୮ ଫେବୃଆରୀ ୨୦୨୬ରେ ଆରମ୍ଭ ହୋଇଥିବା ଯୁଦ୍ଧର ପ୍ରଥମ ଦିନରେ ହିଁ ଇରାନର ସୁପ୍ରିମ ଲିଡର ଆୟତୋଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ତାଙ୍କ ପୁଅ ମୋଜତବା ଖାମେନେଇଙ୍କୁ ସୁପ୍ରିମ ଲିଡର ଭାବେ ଦାୟିତ୍ୱ ଦିଆଯାଇଥିଲା। ତାଙ୍କ ଜୀବନ ରକ୍ଷା ପାଇଁ ତାଙ୍କୁ ଏପର୍ଯ୍ୟନ୍ତ ବିଶ୍ୱର ନଜରଠାରୁ ଦୂରରେ ରଖାଯାଇଛି। ତେବେ ଏବେ ଇସ୍ରାଏଲୀ ମିଡିଆ ପକ୍ଷରୁ ଏକ ଚମକପ୍ରଦ ଦାବି କରାଯାଇଛି। ରିପୋର୍ଟ ଅନୁସାରେ, ମୋଜତବାଙ୍କ ସ୍ୱାସ୍ଥ୍ୟ ଅତ୍ୟନ୍ତ ଖରାପ ହୋଇପଡ଼ିଛି ଏବଂ ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏପରିକି ଖୁବ ଶୀଘ୍ର ତାଙ୍କ ମୃତ୍ୟୁ ଖବର ମଧ୍ୟ ଆସିପାରେ ବୋଲି ରିପୋର୍ଟରେ ଦାବି କରାଯାଇଛି। ସୂତ୍ର ଦାବି କରିଛି ଯେ ମୋଜତବା ଖାମେନେଇଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଏବଂ ସେ ହସ୍ପିଟାଲରେ ଜୀବନ ଓ ମୃତ୍ୟୁ ସହ ଲଢୁଛନ୍ତି। ରିପୋର୍ଟରେ ଏପରିକି କୁହାଯାଇଛି ଯେ ଖୁବ ଶୀଘ୍ର ବିଶ୍ୱ ତାଙ୍କ ମୃତ୍ୟୁ ଖବର ମଧ୍ୟ ଶୁଣିପାରେ।

### କେରଳମ୍‌ରେ ର୍ୟାଟ୍ ଫିଭର

## ୫୮ ମୃତ, ୧୩୫୨ ସଂକ୍ରମିତ



ଥିରୁଅନନ୍ତପୁରମ୍, ୮।୮ଃ ବର୍ଷା ଋତୁରେ କେରଳରେ 'ଲେପ୍ଟୋସ୍ପାଇରୋସିସ୍' ବା 'ର୍ୟାଟ୍ ଫିଭର୍' ଆତଙ୍କ ଦେଖାଯାଉଛି। ସାଧାରଣତଃ ଘରର ବଗିଚା କାମ, କ୍ଷେତ କିମ୍ବା ବାହାର ଜାଗାରେ ଦୈନନ୍ଦିନ କାମ କରିବା ସମୟରେ ଏହି ସଂକ୍ରମଣ ବ୍ୟାପିବାର ଆଶଙ୍କା ଅଧିକ ରହିଥାଏ। ସରକାରୀ ତଥ୍ୟ ଅନୁଯାୟୀ, ୨୦୨୬ ମସିହା ଜୁଲାଇ ୨୯ ତାରିଖ ସୁଦ୍ଧା କେରଳରେ ମୋଟ୍ ୧,୩୫୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୫୮ ଜଣ ପ୍ରାଣ ହରାଇଛନ୍ତି। ହସ୍ପିଟାଲ୍ ରିପୋର୍ଟ ଏବଂ ଡେଥ୍ ଅଡିଟ୍ ତଥ୍ୟରୁ ଜଣାପଡ଼ିଛି ଯେ ଶାରୀରିକ ପରିଶ୍ରମ କରୁଥିବା ଶ୍ରମିକମାନେ ଏହି ରୋଗର ଶିକାର ସବୁଠାରୁ ଅଧିକ ହେଉଛନ୍ତି।

## ମା' ହେବା ସହଜ କଥା ନୁହେଁ



ମୁମ୍ବାଇ, ୮।୮ଃ ମା' ହେବା ସହଜ କଥା ନୁହେଁ। ପିଲାଙ୍କୁ ବଡ଼ କରିବା ପାଇଁ ଜଣେ ମା' ନିଜ ଜୀବନର ଅନେକ ଖୁସି ଏବଂ ଇଚ୍ଛାକୁ ଜଳାଞ୍ଜଳି ଦେଇଥାଏ। ହେଲେ ପିଲାମାନେ ବଡ଼ ହେବା ପରେ ସେହି ମା'କୁ ପର କରିଦିଅନ୍ତି , ତା'ଠାରୁ ଦୂରେଇ ଯାଆନ୍ତି। ମାତୃତ୍ୱର ଏହି କଡ଼ା ସତକୁ ନେଇ ଏବେ ସମସ୍ତଙ୍କୁ ଭାବବିହ୍ୱଳ କରିଛନ୍ତି ଟେଲିଭିଜନ ଅଭିନେତ୍ରୀ ତଥା ରାଜନେତ୍ରୀ ସ୍ମୃତି ଇରାନୀ। ତାଙ୍କ କଥା ଶୁଣି ଇଣ୍ଟରନେଟରେ ଭାବପ୍ରବଣ ହୋଇଛନ୍ତି ଲୋକେ। ମାତୃତ୍ୱର କିଛି ମିଠା-କଡ଼ା ଅନୁଭୂତିକୁ ନେଇ ସ୍ମୃତି ଇରାନୀଙ୍କ ଏକ ମନ୍ତବ୍ୟ ଏବେ ଇଣ୍ଟରନେଟରେ ଭାବପ୍ରବଣତା ସୃଷ୍ଟି କରିଛି। ମୁମ୍ବାଇରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସ୍ମୃତି ଇରାନୀ ଯୋଗ ଦେଇ ନିଜ ମାତୃତ୍ୱ ଅନୁଭୂତି ବିଷୟରେ ଏକ ବାର୍ତ୍ତା ଦେଇଥିଲେ। ସେ କହିଥିଲେ ପିଲାମାନଙ୍କୁ ବଡ଼ କରିବାର ଦାୟିତ୍ୱ ସହ ଏକ ବ୍ୟସ୍ତ ଏବଂ ଚ୍ୟାଲେଞ୍ଜିଂ କ୍ୟାରିୟରକୁ କିପରି ବାଲାନ୍ସ କରି ଚାଲିଥିଲେ, ସେନେଇ ସେ ନିଜ ଅନୁଭୂତି ସେୟାର କରିଥିଲେ। ସ୍ମୃତି ଇରାନୀ ହେଉଛନ୍ତି ତିନି ସନ୍ତାନଙ୍କ ମା'। ତାଙ୍କ ଏହି ବ୍ୟକ୍ତିଗତ ଅନୁଭୂତି ମାତୃତ୍ୱର ଭାବନାତ୍ମକ ଏବଂ ବାସ୍ତବ କଥାକୁ ସାମ୍ନାକୁ ଆଣିଛି। ତାଙ୍କ କଥା ଶୁଣି ଅନେକ ଲୋକ ନିଜ ଜୀବନର ଅନୁଭୂତି ସହ ଏହାକୁ ଯୋଡ଼ିଛନ୍ତି ଏବଂ ସୋସିଆଲ୍ ମିଡିଆରେ ଭାବପ୍ରବଣ ପ୍ରତିକ୍ରିୟା ଦେଇଛନ୍ତି।

## ପୁଲିସ ପୁଅ କାର ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ



ନୂଆଦିଲ୍ଲୀ, ୮।୮ଃ ଦିଲ୍ଲୀର ନରେଲା ସ୍ଥିତ ମାମୁରପୁରର ହିମାଳୟ ଆପାର୍ଟମେଣ୍ଟ ଆଗରେ ଶନିବାର ସକାଳେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ ମର୍ସିଡିଜ୍ କାର୍ ଅନ୍ୟ ଏକ ଗାଡ଼ିକୁ ସାମ୍ନାରୁ ଧକ୍କା ଦେବା ଫଳରେ ପ୍ରାତଃଭ୍ରମଣରେ ବାହାରିଥିବା ୭୦ ବର୍ଷୀୟା ବୃଦ୍ଧା ଊର୍ମିଳାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇଥିବା ମର୍ସିଡିଜ୍ କାର୍ ଚାଳକ ହରିୟାଣା ପୁଲିସର ଜଣେ ସବ୍-ଇନ୍ସପେକ୍ଟରଙ୍କ ପୁଅ ଶୁଭମ୍ ବୋଲି ଜଣାପଡ଼ିଛି, ଯାହାଙ୍କୁ ପୁଲିସ ଘଟଣାସ୍ଥଳରୁ ଗିରଫ କରିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ବେପରୁଆ ଭାବେ ଆସୁଥିବା ମର୍ସିଡିଜ୍ ଗାଡ଼ିଟି ଏକ ୱାଗନ୍ ଆର୍ କାରକୁ ସମ୍ମୁଖରୁ ଜୋରଦାର ଧକ୍କା ଦେଇଥିଲା। ୱାଗନ୍ ଆରଟି ପଛକୁ ଠେଲିହୋଇ ପଛରେ ଠିଆ ହୋଇଥିବା ଏକ ତିନିଚକିଆ ମାଲବାହୀ ଭ୍ୟାନକୁ ବାଡ଼େଇଥିଲା।

# 'ଭାରତୀୟଙ୍କ ଶତ୍ରୁ ନୁହଁନ୍ତି ପାକିସ୍ତାନୀ'

ନୂଆଦିଲ୍ଲୀ, ୮।୮ଃ ଭାରତ-ପାକିସ୍ତାନ ସମ୍ପର୍କ ଉଲ୍ଲେଖ କରିବା ସାଧାରଣତଃ ଉତ୍ତେଜନା, ସୀମା ବିବାଦ ଓ ଶତ୍ରୁତାର ଚିତ୍ର ସୃଷ୍ଟି କରେ। ଏହା ମଧ୍ୟରେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତଙ୍କ ଏକ ବିବୃତ୍ତି ଦୃଷ୍ଟି ଆକର୍ଷଣ କରିଛି। ସେ ମନ୍ତବ୍ୟ ଦେଇଛନ୍ତି ଯେ ପାକିସ୍ତାନର ଲୋକମାନେ ହୃଦୟରେ ଭାରତୀୟଙ୍କ ଶତ୍ରୁ ନୁହଁନ୍ତି ଏବଂ ସ୍ଥାୟୀ ଘୃଣା କିମ୍ବା ଶତ୍ରୁତା କୌଣସି ସମସ୍ୟାର ସମାଧାନ ନୁହେଁ। ମୁମ୍ବାଇରେ ଭାରତର ଅନ୍ତର୍ଜାତୀୟ ମିଳିତ ରାଷ୍ଟ୍ର ଆନ୍ଦୋଳନର ୧୫ତମ ବାର୍ଷିକୀ କାର୍ଯ୍ୟକ୍ରମରେ ଭାଷଣ ଦେଇ ଭାଗବତ ମଧ୍ୟ ଆଲୋଚନା କରିଥିଲେ ଯେ ଭାରତ କିପରି ବିବାଦକୁ ଦେଖେ। ତାଙ୍କର ବାର୍ତ୍ତା ସିଧାସଳଖ ଥିଲାଃ ସଂଘର୍ଷ ସମୟରେ ସରକାର ଏବଂ ସେନା ସହିତ ଠିଆ ହେବା ଜରୁରୀ, ସଂଘର୍ଷ ଶେଷ ହେବା ପରେ ସ୍ଥାୟୀ ଭାବରେ ସମ୍ପର୍କ ଛିନ୍ନ କରିବା ସମାଧାନ ନୁହେଁ।

ମୋହନ ଭାଗବତ କହିଛନ୍ତି ଯେ ଭାରତର ମାନସିକତା କେବେ ବି ଅନ୍ୟମାନଙ୍କୁ ଜୟ କରିବା କିମ୍ବା ବିନାଶ କରିବା ବିଷୟରେ



ନୁହେଁ। ଭାରତୀୟ ଆଭିମୁଖ୍ୟ ଆଲୋଚନା, ସମନ୍ୱୟ ଏବଂ ଅନ୍ତର୍ଭୁକ୍ତିରେ ରହିଛି। ଭାରତ-ପାକିସ୍ତାନ ସମ୍ପର୍କକୁ ଏକ ଉଦାହରଣ ଭାବରେ ଉଲ୍ଲେଖ କରି ସେ ଉଲ୍ଲେଖ କରିଛନ୍ତି ଯେ ରାଜନୈତିକ ଏବଂ ଅନ୍ତର୍ଜାତୀୟ ସୀମା ରହିଛି ଏବଂ ଦେଶକୁ ମୁକାବିଲା ସମୟରେ ଏହାର ସରକାର ଏବଂ ସେନା ସହିତ ଠିଆ ହେବା ଉଚିତ, ଏହାର ଅର୍ଥ ଏହା ନୁହେଁ ଯେ ଉଭୟ ପକ୍ଷର ଲୋକଙ୍କ ମଧ୍ୟରେ ସ୍ଥାୟୀ ଶତ୍ରୁତା ମୂଳପୋଛ ହେବା ଉଚିତ। ଆରଏସଏସ ମୁଖ୍ୟ ଗୁରୁତ୍ୱାରୋପ କରିଥିଲେ ଯେ ସଂଘର୍ଷ ସମୟରେ ସରକାର ଯେକୌଣସି ପଦକ୍ଷେପ ଗ୍ରହଣ କରନ୍ତି ତାହାକୁ ସମର୍ଥନ କରିବା ଉଚିତ, କିନ୍ତୁ ଏହା ବିଦ୍ୟମାନ ସମ୍ପର୍କର ସମ୍ପୂର୍ଣ୍ଣ ସମାପ୍ତି ଆଡ଼କୁ ନେଇଯିବା ଉଚିତ ନୁହେଁ।

### ମୋହନଙ୍କ କାନାଡ଼ା ଗସ୍ତ ଉପରେ କଟକଣା!

ଓଟାୱାଃ କାନାଡାରେ ଆରଏସଏସ ମୁଖ୍ୟ ମୋହନ ଭାଗବତଙ୍କୁ କାନାଡାରେ ପ୍ରବେଶ ନିଷେଧ କରିବାକୁ ମଧ୍ୟ ଦାବି କରାଯାଇଛି। କାନାଡାର ନ୍ୟୁ ଡେମୋକ୍ରାଟସ୍ ଫେଡେରାଲ୍ ସରକାରଙ୍କ ନିକଟରେ ଏଭଳି ଦାବି କରିଛି। କାନାଡାର ବିରୋଧୀ ଦଳ (ଏନଡିପି)ର ଦୁଇ ମହିଳା ସାଂସଦ ବୈଦେଶିକ ବ୍ୟାପାର ମୁଖପାତ୍ର ହେଦର ମ୍ୟାକଫର୍ସନ ଏବଂ ଏନଡିପି ଇମିଗ୍ରେସନ ତଥା ସାର୍ବଜନୀନ ନିରାପତ୍ତା ବ୍ୟାପାର ମୁଖପାତ୍ର ଜେନି କ୍ୱାନ୍ ଅଗଷ୍ଟ ଶେଷ ଭାଗରେ ମୋହନ ଭାଗବତଙ୍କ ପ୍ରସ୍ତାବିତ କାନାଡା ଗସ୍ତ ପୂର୍ବରୁ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦେଶର ବୈଦେଶିକ ମନ୍ତ୍ରୀ, ସାର୍ବଜନୀନ ସୁରକ୍ଷା ମନ୍ତ୍ରୀ ଏବଂ ଇମିଗ୍ରେସନ ମନ୍ତ୍ରୀଙ୍କୁ ଏକ ଚିଠି ଲେଖିଛନ୍ତି।

## ପୃଥକ୍ ସଡ଼କ ଦୁର୍ଘଟଣାରେ ୯ ମୃତ



ଶିମଳା/ବେଙ୍ଗାଲୁରୁଃ ହିମାଚଳ ପ୍ରଦେଶ ଓ କର୍ଣ୍ଣାଟକରେ ଦୁଇଟି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୫ ଜଣ ଆହତ ହୋଇଛନ୍ତି। ଶନିବାର ସକାଳେ ହିମାଚଳ ପ୍ରଦେଶର ଚମ୍ବାର ଟିସା-ବୈରଗଡ଼ ମୁଖ୍ୟ ରାସ୍ତାର ଚାଲୁଜ୍ ମୋଡ଼ ନିକଟରେ ଏକ ବଡ଼ ଦୁର୍ଘଟଣା ଘଟିଛି। ବୈରାଗଡ଼ରୁ ଚମ୍ବା ଯାଉଥିବା ଏକ ଘରୋଇ ବସ୍ ରାସ୍ତାରୁ ୧୦୦ ଫୁଟ ତଳକୁ ଖସି ପଡ଼ିବାରୁ ଡ୍ରାଇଭର ଏବଂ କଣ୍ଡକ୍ଟର ସମେତ ୭ ଜଣଙ୍କର ମୃତ୍ୟୁ ଘଟିଛି । ୧୧ ଜଣ ଆହତ ହୋଇଛନ୍ତି। ବସ୍‌ଟି ୧୮ ଜଣ ଯାତ୍ରୀଙ୍କୁ ନେଇଯାଉଥିଲା। ପୁଲିସ ଏବଂ ସ୍ଥାନୀୟ ଲୋକମାନେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରି ଆହତମାନଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ୭ ଜଣ ଆହତଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ଚମ୍ବାର ପଣ୍ଡିତ ଜବାହରଲାଲ ନେହେରୁ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଯାଇଛି।

ସେହିବଳି କର୍ଣ୍ଣାଟକ ରାମନଗର ଜିଲ୍ଲାରେ ଶନିବାର କେରଳ ସଡ଼କ ପରିବହନ ନିଗମ (କେଏସଆରଟିସି)ର ଏକ ଯାତ୍ରୀବାହୀ ବସ୍ ବେଙ୍ଗାଲୁରୁ-ମୈସୁର ଜାତୀୟ ରାଜମାର୍ଗ ନମ୍ବର ୨୭୫ର ବିଦାଦୀ ନିକଟରେ ରୋଡ ଡିଭାଇଡର ସହ ଧକ୍କା ଲାଗିଛି। ଫଳରେ ଘଟଣାସ୍ଥଳରେ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩୪ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୫ଜଣଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି।ଏଥିରୁ ୨ଜଣଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ସର୍ଜରୀ ହେବ ବୋଲି ଡାକ୍ତର କହିଛନ୍ତି। ସେହିପରି ଅନ୍ୟ ୩ଜଣଙ୍କ ଡାହାଣ ଗୋଡ ଆଣ୍ଠୁ ତଳକୁ ଭାଙ୍ଗି ଯାଇଛି। ମୃତାହତ ଯାତ୍ରୀଙ୍କୁ ଉଦ୍ଧାର କରି ବିଦାଦୀ ଭରତ କେମ୍ପେନ୍ନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ପିଓକେରେ ପାକ୍‌ର ସଂହାର ଲୀଳା

## କ୍ଷୟକ୍ଷତିର ଉତ୍ତରଦାୟିତ୍ୱ ନେଇ ଜାତିସଂଘରେ ଦାବି



ନ୍ୟୁୟର୍କ, ୮।୮ଃ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ପ୍ରଦର୍ଶନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ହିଂସା ନେଇ ଜାତିସଂଘ ଗଭୀର ଚିନ୍ତା ପ୍ରକାଶ କରିଛି। ଶାନ୍ତିପୂର୍ଣ୍ଣ ପ୍ରତିବାଦକାରୀଙ୍କ ପ୍ରତି ଯେକୌଣସି କ୍ଷୟକ୍ଷତି ପାଇଁ ଉତ୍ତରଦାୟିତ୍ୱ, ନିରପେକ୍ଷ ତଦନ୍ତ, ଇଣ୍ଟରନେଟ୍ ପୁନରୁଦ୍ଧାର ଏବଂ ବିଭିନ୍ନ ପକ୍ଷଙ୍କ ମଧ୍ୟରେ ଏକ ଆଲୋଚନା ଦାବି କରାଯାଇଛି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସଙ୍କ ମୁଖପାତ୍ର ଫରହାନ ହକ୍ ଏବଂ ମାନବାଧିକାର ପାଇଁ ଉଚ୍ଚାୟୁକ୍ତ ଭୋଲକର ତୁର୍କ ସ୍ପଷ୍ଟ କରିଛନ୍ତି ଯେ, ଯଦି ଶାନ୍ତିପୂର୍ଣ୍ଣ ପ୍ରତିବାଦରେ ଅଂଶଗ୍ରହଣକାରୀଙ୍କୁ କ୍ଷତି ପହଞ୍ଚାଯାଇଛି, ତେବେ କର୍ତ୍ତୃପକ୍ଷଙ୍କୁ ଦାୟୀ କରାଯିବା ଉଚିତ୍ ଏବଂ ସମସ୍ତ ମୃତ୍ୟୁର ନିରପେକ୍ଷ ତଦନ୍ତ କରାଯିବା ଉଚିତ୍। ମାନବାଧିକାର ଉଲ୍ଲଂଘନକୁ ରୋକିବା ପାଇଁ ଅଞ୍ଚଳରେ ଇଣ୍ଟରନେଟ୍ ସେବା ପୁନରୁଦ୍ଧାର ଏବଂ ସାର୍ବଜନୀନ ସମାବେଶରୁ ତୁରନ୍ତ କଟକଣା ଉଠାଇବା ପାଇଁ ଆବେଦନ କରାଯାଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଏବଂ ମୌଳିକ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଏକ ଅର୍ଥପୂର୍ଣ୍ଣ ରାଜନୈତିକ ଆଲୋଚନାକୁ ଜାତିସଂଘ ପକ୍ଷରୁ ଆହ୍ୱାନ କରାଯାଇଛି।

## ଡିଲିମିଟେସନ୍ ବୈଠକରେ ୩୭ ସାଂସଦ ଗାଏବ



ଚେନ୍ନାଇ,୮।୮ଃ ତାମିଲନାଡୁ ରାଜନୀତିରେ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ଦେଖିବାକୁ ମିଳିଛି। ରାଜ୍ୟର ମୁଖ୍ୟମନ୍ତ୍ରୀ ବିଜୟ ଥଲପତିଙ୍କ ଦ୍ୱାରା ସୀମା ପୁନଃନିର୍ଦ୍ଧାରଣ ବା ପରିସୀମନ ପ୍ରସଙ୍ଗ ଉପରେ ଡକାଯାଇଥିଲା ସର୍ବଦଳୀୟ ସାଂସଦଙ୍କ ବୈଠକ। ଏଥିରେ ବିରୋଧି ଦଳ ଡିଏମ୍‌କେ ଓ ଏଆଇଏଡିଏମ୍‌କେ ସହିତ ବହୁ ଦଳର ସାଂସଦ ଯୋଗ ଦେଇନଥିଲେ। ରାଜ୍ୟର ମୋଟ ୫୭ ସାଂସଦଙ୍କ ଭିତରୁ ୩୭ ଜଣ ଏହି ବୈଠକକୁ ବହିଷ୍କାର କରିବାର ନିଷ୍ପତ୍ତି ନେଇଥିଲେ, ଯାହାକି ମୁଖ୍ୟମନ୍ତ୍ରୀ ବିଜୟଙ୍କ ପାଇଁ ବଡ଼ ଝଟକା ବୋଲି କୁହାଯାଉଛି। ଏହି ବୈଠକ ଶନିବାର ମଧ୍ୟାହ୍ନ ୩ଟା ବେଳେ ଡକାଯାଇଥିଲା। ବୈଠକରେ କେବଳ ମାତ୍ର ୨୦ ଜଣ ସାଂସଦ ଯୋଗଦେଇଛନ୍ତି। ଏଥିରେ

### ବିଜୟ ସରକାରକୁ ଝଟ୍‌କା

ମୁଖ୍ୟରୂପରେ କଂଗ୍ରେସ ଓ ତା'ର ଛୋଟ ସହଯୋଗୀ ଦଳର ସାଂସଦ ରହିଛନ୍ତି। ତାଙ୍କ ଭିତରେ କଂଗ୍ରେସର ୧୨, ଭିସିକେର ୨, ସିପିଆଇର ୨, ସିପିଆଇଏମ୍‌ର ୨, ଏଡିଏମକେର ୧ ଓ ଆଇୟୁଏମ୍‌ଏଲର ଜଣେ ସାଂସଦ ରହିଛନ୍ତି। ଅନ୍ୟପକ୍ଷେ ବୟକଟ୍ କରିଥିବା ସାଂସଦଙ୍କ କମାଣ୍ଡ ଡିଏମକେ ପାଖରେ ରହିଛି। ଯାହାର ୩୦ ସାଂସଦ ବୈଠକକୁ ବହିଷ୍କାର କରିଛନ୍ତି। ଏହାଛଡା ବିରୋଧି ଦଳ ଏଆଇଏଡିଏମ୍‌କେର ୪ ଓ ପିଏମ୍‌କେ, ଏମ୍‌ଏନଏମ ଓ ଡିଏମ୍‌ଡିକେର ଜଣେ ଲେଖାଏଁ ସାଂସଦ ଏଥିରେ ଯୋଗ ନଦେବାର ନିଷ୍ପତ୍ତି ନେଇଛନ୍ତି।

## ଇରାନ ଯୁଦ୍ଧରୁ ମୁକୁଳିବାକୁ ଚାହୁଁଛି ଆମେରିକା



ୱାଶିଂଟନ, ୮।୮ଃ ଇରାନ ସହିତ ଯୁଦ୍ଧର ପ୍ରାୟ ଛଅ ମାସ ବିତିଗଲାଣି। ଏବେ ଏହାକୁ ଆଗକୁ ବଢ଼ାଇବା ପାଇଁ ଆମେରିକାର ବିକଳ୍ପଗୁଡ଼ିକ ସୀମିତ ହେବାରେ ଲାଗିଛି। ଆମେରିକୀୟ ସେନାର ଜଏଣ୍ଟ ଚିଫ୍ସ ଅଫ୍ ଷ୍ଟାଫ୍‌ର ଚେୟାରମ୍ୟାନ୍ ଜେନେରାଲ ଡାନ୍ କାଇନ୍ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିକଟତମ ଅଧିକାରୀମାନଙ୍କୁ କହିଛନ୍ତି ଯେ ଆମେରିକାକୁ ଏହି ସଂଘର୍ଷରୁ ବାହାରକୁ ଆସିବାର ଉପାୟ ଖୋଜିବା ଉଚିତ। ସଂଘର୍ଷକୁ ବୃଦ୍ଧି କରୁଥିବା ସାମରିକ କାର୍ଯ୍ୟାନୁଷ୍ଠାନ ଆମେରିକା ପାଇଁ କ୍ଷତିକାରକ ହୋଇପାରେ। କେବଳ ବିମାନ ଆକ୍ରମଣ ମାଧ୍ୟମରେ ଟ୍ରମ୍ପଙ୍କ ଲକ୍ଷ୍ୟ ହାସଲ କରିବା ମଧ୍ୟ କଷ୍ଟକର। ଜେନେରାଲ କେନ୍ ଏହି ପ୍ରସଙ୍ଗ ଉପରେ ସିଆଇଏ ନିର୍ଦ୍ଦେଶକ ଜନ୍ ରାଟକ୍ଲିଫ୍, ବୈଦେଶିକ ସଚିବ ମାର୍କୋ ରୁବିଓ ଏବଂ ଉପରାଷ୍ଟ୍ରପତି ଜେ.ଡି.ଭାନ୍ସଙ୍କ ଭଳି ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି।

# ଧନୀ ହେବା ଆଗରୁ ବୁଢ଼ା ହୋଇଯିବ ଭାରତ

ନୂଆଦିଲ୍ଲୀ,୮।୮ଃ ଭାରତରେ ହାରାହାରି ପ୍ରତି ୫ ଜଣରେ ଜଣେ ବ୍ୟକ୍ତିଙ୍କ ବୟସ ୬୦ ବର୍ଷରୁ ଅଧିକ ହେବ। ପ୍ରାୟ ୧୦ ଜଣଙ୍କ ମଧ୍ୟରୁ ୭ ଜଣ ବୟସ୍କ ବ୍ୟକ୍ତି ଗ୍ରାମାଞ୍ଚଳରେ ବାସ କରିବେ ବୋଲି ଶୁକ୍ରବାର ପ୍ରକାଶିତ ଏକ ଗବେଷଣାରୁ ଜଣାପଡ଼ିଛି। ଟ୍ରାନ୍ସଫର୍ମ ରୁରାଲ ଇଣ୍ଡିଆ (ଟିଆର୍‌ଆଇ) ଦ୍ୱାରା ପ୍ରକାଶିତ ଏହି ଗବେଷଣା ଅନୁଯାୟୀ, ଅନେକ ବିକଶିତ ଦେଶ ସେମାନଙ୍କର ଜନସଂଖ୍ୟା ବୃଦ୍ଧି ହେବା ପୂର୍ବରୁ ଧନୀ ହୋଇଥିବା ବେଳେ ଭାରତ ଧନୀ ହେବା ପୂର୍ବରୁ ହିଁ ବୁଢ଼ା ହେବାକୁ ଯାଉଛି।

ରିପୋର୍ଟ ଅନୁଯାୟୀ ପ୍ରତ୍ୟେକ ବୟସ୍କ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ପାଇଁ ଉପଲବ୍ଧ କାର୍ଯ୍ୟକ୍ଷମ ବୟସର ବ୍ୟକ୍ତିଙ୍କ ସଂଖ୍ୟା ୨୦୦୧ ମସିହାରେ ୮.୪ ଥିବାବେଳେ ୨୦୨୬ ସୁଦ୍ଧା ଏହା ହାରାହାରି ୫.୨କୁ ହ୍ରାସ ପାଇବ ବୋଲି ଏହି ଅଧ୍ୟୟନରେ କୁହାଯାଇଛି। ଅଧ୍ୟୟନ ଅନୁଯାୟୀ, ୨୦୫୦ ସୁଦ୍ଧା, ପ୍ରତି ୫ ଜଣ ଭାରତୀୟଙ୍କ ମଧ୍ୟରୁ ଜଣେ ଅର୍ଥାତ୍ ପ୍ରାୟ ୩୪୭



ନିୟୁତ (୩୪.୭ କୋଟି) ଲୋକ ୬୦ ବର୍ଷରୁ ଅଧିକ ବୟସର ହେବେ, ଯେଉଁଥିରେ ପ୍ରାୟ ୧୦ ଜଣ ବୟସ୍କଙ୍କ ମଧ୍ୟରୁ ୭ ଜଣ ଗ୍ରାମାଞ୍ଚଳରେ ରହୁଥିବେ। ଜନସଂଖ୍ୟା ବୃଦ୍ଧି ହେବା ପୂର୍ବରୁ ଧନୀ ହୋଇଥିବା ଅନେକ ବିକଶିତ ଦେଶ ପରି ନୁହେଁ, ବରଂ ଭାରତ ବହୁତ କମ୍ ଆୟ ସ୍ତରରେ ଏହି ଜନସଂଖ୍ୟାଗତ ପରିବର୍ତ୍ତନ ଦେଇ ଗତି କରୁଛି। ଜାତୀୟ ପରିବାର

### ଟ୍ରାନ୍ସଫର୍ମ ରୁରାଲ୍ ଇଣ୍ଡିଆର ଗବେଷଣା

### ୧୦ ଜଣରୁ ୭ ଜଣ ବୟସ୍କ ଗ୍ରାମରେ ରହିବେ

ସ୍ୱାସ୍ଥ୍ୟ ସର୍ବେକ୍ଷଣ, ଲଙ୍ଗିଚ୍ୟୁଡିନାଲ ଏଜିଂ ଷ୍ଟଡି ଇନ୍ ଇଣ୍ଡିଆ (ଏଲ୍‌ଏଏସ୍‌ଆଇ), ଜନଗଣନା ଆକଳନ, ଟାଇମ ୟୁଜ ସର୍ଭେ ଏବଂ ଅନ୍ୟାନ୍ୟ ଜାତୀୟ ତଥ୍ୟକୁ ଆଧାର କରି ଏହି ରିପୋର୍ଟରେ କୁହାଯାଇଛି ଯେ, ଭାରତର ପାରମ୍ପରିକ ପରିବାରଭିତ୍ତିକ ଯତ୍ନ ମଡେଲ ଉପରେ ଚାପ ବଢ଼ୁଛି। କାରଣ ପୂର୍ବ ଅପେକ୍ଷା ପରିବାରଗୁଡ଼ିକ ଛୋଟ ହେବାରେ ଲାଗିଛି। ଯୁବପିଢ଼ି କାମ ପାଇଁ ବାହାରକୁ ଚାଲିଯାଉଛନ୍ତି। ଲୋକମାନେ ଦୀର୍ଘ ଦିନ ଧରି ବଞ୍ଚୁଛନ୍ତି। ଏଥିରେ ଆହୁରି ମଧ୍ୟ କୁହାଯାଇଛି ଯେ, ତଥାପି ବୟସ୍କ ଲୋକଙ୍କ ଯତ୍ନର ପ୍ରାୟ ୯୪ ପ୍ରତିଶତ ଏବେ ବି ଘର ମଧ୍ୟରେ ହିଁ ପ୍ରଦାନ କରାଯାଉଛି। ଫଳରେ ବଢୁଥିବା ଓ ଜଟିଳ ଯତ୍ନ ଆବଶ୍ୟକତାକୁ ପୂରଣ କରିବା ପାଇଁ ପରିବାର ସଦସ୍ୟଙ୍କ ସଂଖ୍ୟା କମ୍ ରହୁଛି।

ଅଧ୍ୟୟନ ଅନୁଯାୟୀ, ଭାରତରେ ପ୍ରାୟ ଦୁଇ-ତୃତୀୟାଂଶ ମୃତ୍ୟୁ ଏବେ ଅଣ-ସଂକ୍ରାମକ ରୋଗ ଯେପରିକି ମଧୁମେହ, ହୃଦ୍‌ରୋଗ ଏବଂ କର୍କଟ ଯୋଗୁ ହେଉଛି। ସେହିପରି ରୋଗର ଏକ ବଡ଼ ଭାଗ ଅକାଳ ମୃତ୍ୟୁ ଅପେକ୍ଷା ଅକ୍ଷମତା ସହ ବଞ୍ଚିବା କାରଣରୁ ଆସୁଛି। ଅଧ୍ୟୟନରେ କୁହାଯାଇଛି ଯେ, ଭାରତର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ମୁଖ୍ୟତଃ ଶିଶୁ ଜନ୍ମ, ପ୍ରତିଷେଧକ ଟିକାକରଣ ଏବଂ ଜରୁରିକାଳୀନ ଅସୁସ୍ଥତା ଭଳି ସାମୟିକ ଆବଶ୍ୟକତାକୁ ନେଇ ପ୍ରସ୍ତୁତ କରାଯାଇଥିଲା।

### ରେଢ଼ାଖୋଲ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସର ଶିଳାନ୍ୟାସ

# ଶିକ୍ଷା ହିଁ ପ୍ରଗତିର ଅସଲ ଚାବିକାଠିଃ ଧର୍ମେନ୍ଦ୍ର

ସମ୍ବଲପୁର/ରେଢ଼ାଖୋଲ,୮।୮ (ସଂଚାର ବ୍ୟୁରୋ): ଯେଉଁ ଅଞ୍ଚଳରେ ଶିକ୍ଷାର ମୂଳଦୁଆ ମଜବୁତ ଥାଏ, ସେହି ଅଞ୍ଚଳର ପ୍ରଗତିକୁ କେହି ରୋକିପାରିବେ ନାହିଁ ବୋଲି ଆଜି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲଠାରେ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ଭୂମିପୂଜନ କରିବା ସହ ଅସ୍ଥାୟୀ ଭବନର ଉଦ୍‌ଘାଟନ ଅବସରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

## ଏନ୍‌ଇପି ଅନୁସାରେ ଛାତ୍ରଛାତ୍ରୀଙ୍କୁ ରୋଜଗାରକ୍ଷମ କରିବା ଲକ୍ଷ୍ୟ

ସେ କହିଛନ୍ତି ଯେ ଶ୍ରାବଣର ଏହି ପବିତ୍ର ମାସରେ ରେଢ଼ାଖୋଲରେ ଶିକ୍ଷାର ଏଭଳି ଏକ ସ୍ଥାୟୀ ଭିତ୍ତିଭୂମିର ଶୁଭାରମ୍ଭ ହେବା ସମଗ୍ର ଅଞ୍ଚଳ ପାଇଁ ଶୁଭ ସଙ୍କେତ। ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀଙ୍କ ଇଚ୍ଛାଶକ୍ତି ଯୋଗୁଁ ଅନେକ ବର୍ଷ ପରେ ଏଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଗଢ଼ାଯିବାର ସ୍ୱପ୍ନ ପୂରଣ ହୋଇପାରିଛି। ଏହାଦ୍ୱାରା ଆଗାମୀ ଦିନରେ ଅନେକ ଛାତ୍ରଛାତ୍ରୀ ଉପକୃତ ହେବେ। ଏହି ବିଦ୍ୟାଳୟ ଆରମ୍ଭ ହେବା ଦ୍ୱାରା ଆମ ଅଞ୍ଚଳର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ପାଠପଢ଼ା ପାଇବା ସହ ଆଧୁନିକ ଦୁନିଆ ସହ ସହଜରେ ଯୋଡ଼ିହୋଇପାରିବେ। କେନ୍ଦ୍ରୀୟ ବିଦ୍ୟାଳୟ କେବଳ ଗୋଟିଏ ସ୍କୁଲ ନୁହେଁ, ବରଂ ଏହା ଗୁଣାତ୍ମକ ଶିକ୍ଷା, ଶୃଙ୍ଖଳା, ଜାତୀୟତାବୋଧ ଓ ସାମଗ୍ରିକ ବିକାଶର ପ୍ରମୁଖ କେନ୍ଦ୍ରବିନ୍ଦୁ। ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)ର ଦୂରଦୃଷ୍ଟି ଅନୁସାରେ ପିଲାମାନଙ୍କୁ ବହୁମୁଖୀ ଶିକ୍ଷା ପ୍ରଦାନ କରିବା ସହ ସେମାନଙ୍କୁ ଆଗାମୀ ଦିନରେ ରୋଜଗାରକ୍ଷମ ଓ ଆତ୍ମନିର୍ଭରଶୀଳ କରି ଗଢ଼ିତୋଳିବା ଆମର ମୂଳ ଲକ୍ଷ୍ୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।




ସେହିପରି ରେଢ଼ାଖୋଲରେ ବିକାଶର ଅନେକ ସମ୍ଭାବନା ରହିଛି ବୋଲି ପ୍ରକାଶ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ କେରାଣ୍ଡି ସେତୁ ନିର୍ମାଣ ପାଇଁ ସରକାରଙ୍କ ଦ୍ୱାରା ୨୨ କୋଟି ଟଙ୍କା ମଞ୍ଜୁର ହୋଇ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ରେଢ଼ାଖୋଲ ସବ୍‌ଡିଭିଜନର ସବୁ ଗାଁ ଓ ଅଞ୍ଚଳକୁ ବାରମାସିଆ ପକ୍କା ରାସ୍ତା ସହ ମୋବାଇଲ ନେଟୱର୍କ ପହଞ୍ଚାଇବାକୁ ପ୍ରାଥମିକତା ଦିଆଯାଉଛି। ଜଳସେଚନ ବ୍ୟବସ୍ଥାର ସୁଧାର ସହ ଏଠାକାର ପନିପରିବା, ଫଳ ଓ ଫୁଲ ଚାଷକୁ ପ୍ରୋତ୍ସାହିତ କରି କୃଷିଜାତ ଦ୍ରବ୍ୟକୁ ବିଶ୍ୱ ବଜାରରେ ପହଞ୍ଚାଇବା ଓ ବିଦେଶକୁ ରପ୍ତାନୀ କରିବା ଦିଗରେ କାର୍ଯ୍ୟ ଚାଲିଛି। ସବୁ ଦଳର ରାଜନୈତିକ ବିଚାର ଭିନ୍ନ ହୋଇପାରେ, କିନ୍ତୁ ଲୋକଙ୍କ କଲ୍ୟାଣ, ସେବା ଓ ଦାୟିତ୍ୱ ସର୍ବୋପରି। ରେଢ଼ାଖୋଲର ଉନ୍ନତିରେ ହିଁ ସମ୍ବଲପୁରର ବିକାଶ ଅନ୍ତର୍ନିହିତ ଓ ଓଡ଼ିଶାର ସାଢ଼େ ୪ କୋଟି ଜନସାଧାରଣଙ୍କ ସମୃଦ୍ଧି ପାଇଁ ଆମ ସରକାର ସଂକଳ୍ପବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

କାର୍ଯ୍ୟକ୍ରମ ଅବସରରେ ଶ୍ରୀ ପ୍ରଧାନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ପରିଚାଳନା କମିଟି ଓ ସ୍ଥାନୀୟ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ରବି ନାରାୟଣ ନାଏକ ଓ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଉପସ୍ଥିତ ଥିଲେ।

## କୁଆଖାଇ ନଦୀ ନେଲାଣି ୫୦ ଜୀବନ

### ବେଆଇନ ବାଲି ଉତ୍ତୋଳନ ଅନ୍ୟତମ କାରଣ

### ପ୍ରଶାସନ ନାକ ତଳେ ଘଟିଚାଲିଛି ଅଘଟଣ

ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ): ବାଲିଅନ୍ତାରେ ମୁଣ୍ଡ ନେଉଛି କୁଆଖାଇ। ବାରମ୍ବାର ଘଟୁଛି ଅଘଟଣ। ୬ ବର୍ଷରେ ୫୦ରୁ ଅଧିକ ଯୁବକଙ୍କ ପ୍ରାଣ ନେଲାଣି କୁଆଖାଇ ନଦୀ। ଶୁକ୍ରବାର ବାଲିଅନ୍ତା ଥାନା ଇନ୍ଦ୍ରପାଳ ନିକଟରେ ଗାଧୋଇବା ବେଳେ ନଦୀରେ ଭାସିଯାଇଥିଲେ ଦୁଇ ସାଙ୍ଗ। ସଂଧ୍ୟାରେ ଜଣଙ୍କ ମୃତଦେହ ଠାବ ହୋଇଥିଲା। ପ୍ରାୟ ୩୦ ଘଣ୍ଟା ଖୋଜାଖୋଜି ପରେ ଅନ୍ୟ ଜଣଙ୍କ ମୃତଦେହ ମିଳିଛି। ମୃତ ଛାତ୍ର ଲକ୍ଷ୍ମୀସାଗର ଥାନା ରେଲୱେ କଲୋନୀର ଦିବ୍ୟଜ୍ୟୋତି ସ୍ୱାଇଁ। ଅଗ୍ନିଶମ ବାହିନୀ, ଓଡ୍ରାଫ ଟିମ୍, ସ୍କୁବା ଡାଇଭର ଉଦ୍ଧାର କାର୍ଯ୍ୟରେ ଲାଗିଥିଲେ। ୪ ଜଣ ସାଙ୍ଗ ଭୋଜି କରିବାକୁ କୁଆଖାଇ ପଠାକୁ ଯାଇଥିଲେ। ତେବେ କୁଆଖାଇରେ କାହିଁକି ଘଟୁଛି ଏତେ ଅଘଟଣ? କାହିଁକି ଏତେ ଜୀବନ ନେଉଛି କୁଆଖାଇ? ବେଆଇନ ବାଲି ଉତ୍ତୋଳନ କାରଣରୁ ନଦୀ ଗର୍ଭରେ ଅନେକ ସ୍ଥାନରେ ଗଭୀର ଖାଲ ହୋଇଛି, ଯାହା ବାହାରକୁ ଜଣାପଡ଼େନି। ଗାଧୋଇବା ସମୟରେ ଗୋଡ଼ ଖସିଗଲେ ଲୋକେ ଗଭୀର ଗର୍ତ୍ତରେ ବୁଡ଼ିଯାଆନ୍ତି। ବର୍ଷା ଦିନେ ଉପର ମୁଣ୍ଡରୁ ପାଣି ଛଡ଼ାଗଲେ ନଦୀର ଜଳସ୍ତର ଓ ସ୍ରୋତ ହଠାତ ବଢ଼ିଯାଏ। ସାଧାରଣ ଲୋକ ଏହି ସ୍ରୋତର ଗତିକୁ ଆକଳନ କରିପାରନ୍ତି ନାହିଁ। କୁଆଖାଇ ଜଙ୍ଗଲିଆ ନଦୀ ପଠା ଯୁବପିଢ଼ିଙ୍କୁ ଭୋଜି ଭାତ ପାଇଁ ସୁହାଉଛି। ସୁନ୍ଦର ପରିବେଶରେ ଅଜଣା ବିପଦରେ ପଡୁଛନ୍ତି ଯୁବକ ଏବଂ ଛାତ୍ର। ଭୋଜି ପରେ ନଦୀକୁ ଗାଧୋଇବାକୁ ଯାଇ ବୁଡ଼ି ଜୀବନ ହାରୁଛନ୍ତି। ସଚେତନ କରାଯାଉଥିଲେ ବି ବାରମ୍ବାର ଅଘଟଣ ଘଟୁଛି। ପୁଲିସ ଓ ପ୍ରଶାସନ ଏହି ଅଞ୍ଚଳରେ ବ୍ୟାପକ ସଚେତନ କରିବା ସହ ବିଭିନ୍ନ ସ୍ଥାନରେ ସତର୍କତା ବୋର୍ଡ ଲାଗାଇବାର ଆବଶ୍ୟକତା ରହିଛି। ପିଲାଙ୍କୁ ଏହି ଅଞ୍ଚଳରେ ଭୋଜିଭାତ କରିବା ପାଇଁ ବାରଣ କରାଯିବା ଉଚିତ। ଏଥିସହ ବେଆଇନ ବାଲି ଚାଲାଣକୁ ମଧ୍ୟ ରୋକାଯିବାର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଗୋଦାବରୀଶ ଶିକ୍ଷା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ



ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ): ଆଜି ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ସମସ୍ତ ଓଡ଼ିଶା ବେସରକାରୀ ବିଦ୍ୟାଳୟ ସଂଘ ପକ୍ଷରୁ 'ଗୋଦାବରୀଶ ଶିକ୍ଷା ସମ୍ମାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ଡିଇଟିର ପ୍ରିନ୍ସିପାଲ ଡ. ସନ୍ତୋଷ କୁମାର ପରିଡା ଯୋଗଦେଇ ଜାତୀୟ ଶିକ୍ଷା ନୀତି -୨୦୨୦ ବିଷୟରେ ଉପସ୍ଥିତ ଘରୋଇ ବିଦ୍ୟାଳୟଗୁଡ଼ିକର ଅଧ୍ୟକ୍ଷ ଏବଂ ଶିକ୍ଷକମାନଙ୍କୁ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଦୂରଦୃଷ୍ଟି ଖବରକାଗଜ ସମ୍ପାଦକ ଭକ୍ତ ଶେଖର ରାୟ ଯୋଗଦେଇ ଶିକ୍ଷକମାନଙ୍କୁ ନିଜ ନିଜ ଶିକ୍ଷାନୁଷ୍ଠାନରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପରି ଛାତ୍ରଛାତ୍ରୀଙ୍କ ପାଇଁ ଉଦାହରଣ ସୃଷ୍ଟି ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଘରୋଇ ଅଭିଭାବକ ସଂଘ ସଭାପତି ବାସୁଦେବ ଭଟ୍ଟ ଯୋଗଦେଇ ଶିକ୍ଷା ବ୍ୟବସ୍ଥାରେ ଥିବା ବ୍ୟାପକ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ପାଖାପାଖି ୫୦ ଜଣ ଶିକ୍ଷକଙ୍କୁ 'ଗୋଦାବରୀଶ ଶିକ୍ଷା ସମ୍ମାନ'ରେ ଅତିଥିମାନେ ସମ୍ମାନିତ କରିଥିଲେ। ସଂଘ ସଭାପତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ସଂଘର ସାଧାରଣ ସମ୍ପାଦକ ଅବନ୍ତୀ କୁମାର ସୁତାର ପରିଚାଳନା କରିଥିଲେ।

## ନରେନ୍ଦ୍ର ନାଥ ସିଂଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା

କଟକ,୮।୮(ସଂଚାର ବ୍ୟୁରୋ): କଟକ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜରିପଡ଼ାଠାରେ ସମାଜସେବୀ ନରେନ୍ଦ୍ର ନାଥ ସିଂଙ୍କ ପରଲୋକରେ ଏକ ସ୍ମୃତି ଚାରଣ ସଭା ଯୁବନେତା ଶୁଭେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ସ୍ମୃତିଚାରଣ ସଭାରେ ବହୁ ରାଜନେତା, ସମାଜସେବୀ, ଆଇନଜୀବୀ ଓ ଶିକ୍ଷାବିତମାନେ ଯୋଗଦେଇ ସ୍ୱର୍ଗତ ସିଂଙ୍କ କଟକ ସଦର ଅଞ୍ଚଳର ବିକାଶ ହେଉ ବା ଅଞ୍ଚଳରେ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିବା ତଥା ଜନତା ଦଳର ଜଣେ ପୁରୁଣା ସହଯୋଗୀ ଭାବେ ସଦର ଅଞ୍ଚଳରେ ଜନତା ଦଳ ଓ ପରବର୍ତ୍ତୀ ସମୟରେ ବିଜେଡିକୁ ଶକ୍ତିଶାଳୀ କରିବାରେ ତାଙ୍କର ଅବଦାନକୁ ମନେ ପକାଇଛନ୍ତି। ସଭାରେ କଟକ ମେୟର ସୁବାସ ସିଂ, ପୂର୍ବତନ ମନ୍ତ୍ରୀ ଚନ୍ଦ୍ର ସାରଥୀ ବେହେରା, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ, ବାରଙ୍ଗ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦିଗମ୍ବର ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ମହାପାତ୍ର, କଟକ ସାଂସଦଙ୍କ ପ୍ରତିନିଧି ଜ୍ୟୋତି ରଞ୍ଜନ ରାୟ, ଶିକ୍ଷାବିତ ତୁଷାରକାନ୍ତି, ପୂର୍ବତନ କର୍ପୋରେଟର ଚିରଞ୍ଜୟ ସାହୁ, ଆଇନଜୀବୀ ଗଗନ ବାରିକ, ସଂଗ୍ରାମ ବେହେରା ଯୋଗଦେଇ ସ୍ୱର୍ଗତଃ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ସମାଜସେବୀ ରେଖା ସେନାପତିଙ୍କୁ ବ୍ରିଟିଶ୍ ନାଗରିକ ପୁରସ୍କାର

### ୨୬ ମେଡାଲିଷ୍ଟଙ୍କ ମଧ୍ୟରେ ଏକମାତ୍ର ଭାରତୀୟ

ଭୁବନେଶ୍ୱର, ୮।୮ (ସଂଚାର ବ୍ୟୁରୋ): ବ୍ରହ୍ମପୁରର ସମାଜସେବୀ ତଥା ସଫଳ ବ୍ୟବସାୟୀ ରେଖା ସେନାପତିଙ୍କୁ ଲଣ୍ଡନସ୍ଥିତ ୱେଷ୍ଟମିନିଷ୍ଟରର ପ୍ୟାଲେସର ହାଉସ ଅଫ୍ ଲର୍ଡସରେ ସମ୍ମାନଜନକ ବ୍ରିଟିଶ୍ ନାଗରିକ ପୁରସ୍କାରରେ ସମ୍ମାନୀତ ହୋଇଛନ୍ତି। ସ୍ପେଶଆଭର୍ସର ପ୍ରତିଷ୍ଠାତା ଡେମ୍ ମେରୀ ପର୍କିନ୍ସ ଓ ସାମ୍ବାଦିକ ତଥା ଟେଲିଭିଜନ୍ ଉପସ୍ଥାପକ ମ୍ୟାଟ୍ ଅଲ୍‌ରାଇଟ୍ ରେଖା ସେନାପତିଙ୍କୁ ଏହି ମର୍ଯ୍ୟାଦାଜନକ ପ୍ରଦାନ କରିଛନ୍ତି। ଏହି ସମ୍ମାନ ଗ୍ରହଣ କରିଥିବା ୨୬ ଜଣ ମେଡାଲିଷ୍ଟଙ୍କ ମଧ୍ୟରୁ ରେଖା ସେନାପତି ହେଉଛନ୍ତି ଏକମାତ୍ର ଭାରତୀୟ ବଂଶୋଦ୍ଭବ ହିନ୍ଦୁ ମହିଳା।




ବର୍ଷବର୍ଷ ଧରି ବ୍ରିଟେନରେ ଉଲ୍ଲେଖନୀୟ ସମାଜ ସେବା ଲାଗି ଶ୍ରୀମତୀ ସେନାପତି ବହୁ ପୁରସ୍କାର ଓ ପ୍ରଶଂସା ହାସଲ କରିଛନ୍ତି। ସମାଜ ପ୍ରତି ତାଙ୍କର ମୂଲ୍ୟବାନ ଅବଦାନ ପାଇଁ ଗତ କିଛିବର୍ଷ ଧରି ତାଙ୍କୁ ଅନେକ ପ୍ରତିଷ୍ଠିତ ପୁରସ୍କାରରେ ସମ୍ମାନିତ କରାଯାଇଛି। ତାଙ୍କର ସାମ୍ପ୍ରତିକ ସ୍ୱୀକୃତି ମଧ୍ୟରେ, ଚଳିତ ବର୍ଷ ମେ' ମାସରେ ମାଞ୍ଚେଷ୍ଟରର ସାଲଫୋର୍ଡ ମେୟର ତାଙ୍କୁ ମେୟର୍ସ ସିଟିଜେନ୍ ଆୱାର୍ଡ (ମେୟରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସ୍ୱତନ୍ତ୍ର ନାଗରିକ ସମ୍ମାନ) ପ୍ରଦାନ କରିଥିଲେ। ସେହିଭଳି ମାର୍ଚ୍ଚମାସରେ ମାଞ୍ଚେଷ୍ଟରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ତାଙ୍କୁ ଶକ୍ତି ପବ୍ଲିକ୍ ସର୍ଭିସ ଷ୍ଟାର ପୁରସ୍କାର ପ୍ରଦାନ କରାଯାଇଥିଲା।

ତାଙ୍କର ୨୫ ବର୍ଷର ସ୍ୱେଚ୍ଛାକୃତ ସେବାଗୁଡ଼ିକ ମଧ୍ୟରେ ସେ ଗ୍ରେଟର ମାଞ୍ଚେଷ୍ଟର ଓ ବ୍ରିଟେନରେ ଅସାଧ୍ୟରୋଗରେ ପୀଡ଼ିତ ରୋଗୀ, ସାମ୍ପ୍ରଦାୟିକତାର ଶିକାର ମହିଳା, ଜଟିଳ ଅକ୍ଷମତାରେ ପୀଡ଼ିତ ଶିଶୁ ଓ ପଛୁଆ ସମ୍ପ୍ରଦାୟକୁ ସମର୍ଥନ ତଥା ସହାୟତା ପ୍ରଦାନ କରିଛନ୍ତି। ସ୍ୱାସ୍ଥ୍ୟ ପାଇଁ ଦାନ ପାଣ୍ଠି ସଂଗ୍ରହ ସହ ସେ ବିଭିନ୍ନ ସାଂସ୍କୃତିକ ଓ ଫୁଡ ଡୋନେସନ୍ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଛନ୍ତି। ତାଙ୍କ ନେତୃତ୍ୱରେ ଗ୍ରେଟର ମାଞ୍ଚେଷ୍ଟର ଓ ଉତ୍ତର-ପଶ୍ଚିମ ପ୍ରଦେଶରେ ରଥଯାତ୍ରା ଏକ ପ୍ରମୁଖ ହିନ୍ଦୁ ଧାର୍ମିକ ପରମ୍ପରା ଭାବେ ପରିଚିତି ଲାଭ କରିପାରିଛି। ଏହି ସମ୍ମାନ ତାଙ୍କୁ ସମର୍ପିତ ସମାଜ ସେବା ଲାଗି ଅନୁପ୍ରେରିତ କରିଛି ବୋଲି ଶ୍ରୀମତି ସେନାପତି କହିଛନ୍ତି।

## କଂଗ୍ରେସର ମହାରିଲିଫ କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ): ଆଜି କଂଗ୍ରେସ ଭବନଠାରେ ବିଭିନ୍ନ ଜିଲ୍ଲାରେ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବିପନ୍ନଙ୍କ ପାଇଁ କଂଗ୍ରେସର ମହାରିଲିଫ କାର୍ଯ୍ୟକ୍ରମ କଂଗ୍ରେସ ଭବନଠାରେ ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଖାଦ୍ୟ ପ୍ୟାକେଟ ବୋଝେଇ ଟ୍ରକଗୁଡ଼ିକୁ ଓପିସିସି ସଭାପତି ଭକ୍ତ ଚରଣ ଦାସ, ଓଡ଼ିଶା କଂଗ୍ରେସ ପ୍ରଭାରୀ ଲାଲଜୀ ଦେଶାଇ, ସହପ୍ରଭାରୀ ଜେଙ୍ଗୀ କୁସୁମ କୁମାର ଓ ରିଲିଫ କମିଟି ଅଧ୍ୟକ୍ଷ ବିଧାୟକ ଅଶୋକ ଦାସ ପତାକା ଦେଖାଇ ଆରମ୍ଭ କରିଛନ୍ତି। ଏହି ଅବସରରେ ଶ୍ରୀ ଦାସ କହିଛନ୍ତି ଯେ ବିଗତ ପ୍ରବଳ ବର୍ଷାରେ ବୈତରଣୀ, ମହାନଦୀରେ ବନ୍ୟା ସୃଷ୍ଟି ହୋଇ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର ଜିଲ୍ଲା ଓ କଟକର ବାଙ୍କୀ ଅଞ୍ଚଳର ହଜାର ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହେବା ସହ ଶହ ଶହ ଗ୍ରାମ ବନ୍ୟାରେ ଜଳବନ୍ଦୀ ହୋଇଥିଲେ। ଫଳରେ ଲୋକେ ନିଜ ବାସସ୍ଥାନ ଛାଡି ଗଛମୂଳ, ସ୍କୁଲ ଆଦିରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଛନ୍ତି। ଏହି ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି କଂଗ୍ରେସ ତତ୍‌କ୍ଷଣାତ ବିଧାୟକ ଶ୍ରୀ ଦାସଙ୍କ ନେତୃତ୍ୱରେ ବନ୍ୟା ଅନୁଧ୍ୟାନ ଓ ରିଲିଫ କମିଟି ଗଠନ କରି ବନ୍ୟାଞ୍ଚଳ ଗସ୍ତ କରି ପ୍ରଭାବିତ ଅଞ୍ଚଳର କ୍ଷୟକ୍ଷତି ଅନୁଧ୍ୟାନ କରିଥିଲା। କଂଗ୍ରେସ ଏହି ସହାୟତା ପ୍ରଦାନ ପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି । ବିପନ୍ନଙ୍କୁ ଚୁଡ଼ା, ଗୁଡ଼, ବିସ୍କୁଟ ଓ ଜରିପାଲ ବଣ୍ଟନ କରାଯିବ। କଂଗ୍ରେସ କ୍ଷମତାରେ ଦୀର୍ଘ ୨୫ ବର୍ଷ ଧରି ନ ଥିଲେ ମଧ୍ୟ ଜନତାଙ୍କ ସହ ରହିଛି ବୋଲି ଶ୍ରୀ ଦାସ କହିବା ସହ ବନ୍ୟା ବିପନ୍ନଙ୍କ ପାଇଁ ଦଳର ନେତୃବୃନ୍ଦଙ୍କୁ ଖୋଲା ହସ୍ତରେ ସହାୟତା କରିବା ପାଇଁ ଆହ୍ୱାନ ଦେଇଛନ୍ତି ।




## ଶଙ୍ଖ ଭବନରେ ପାଳିତ ହେବ ବିଶ୍ୱ ଆଦିବାସୀ ଦିବସ

### ଯୋଗଦେବେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ



ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ): ବିଶ୍ୱ ଆଦିବାସୀ ଦିବସ ଓ ମହାନ କ୍ରାନ୍ତି ଦିବସ ବିଜେଡି ପକ୍ଷରୁ ଶଙ୍ଖ ଭବନରେ ଆସନ୍ତାକାଲି ପାଳନ କରାଯିବ। ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମରେ ଯୋଗ ଦେଇ ଜନଜାତିଙ୍କୁ ଶୁଭେଚ୍ଛା ଜଣାଇବେ। ଏନେଇ ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ବିଜେଡି ପକ୍ଷରୁ ଶଙ୍ଖ ଭବନ ସମେତ ବିଭିନ୍ନ କ୍ଷେତ୍ରୀୟ ମୁଖ୍ୟାଳୟରେ ଜନଜାତିମାନଙ୍କ ସହ ସାମିଲ ହୋଇ ଏହି ଦିବସ ପାଳନ କରାଯିବ।

ଶ୍ରୀ ମିଶ୍ର କହିଛନ୍ତି ଯେ ଯେ ୧୯୪୨ ମସିହାର ଭାରତ ଛାଡ଼ ଆନ୍ଦୋଳନ ସମୟରେ ସାମିଲ ଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିକୁ ନେଇ କ୍ରାନ୍ତି ଦିବସ ପାଳନ କରାଯିବ। ମହାନ କ୍ରାନ୍ତିକାରୀ ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ। ଇଂରେଜ ଶାସନ ବିରୋଧରେ ଆଦିବାସୀମାନଙ୍କ ଆନ୍ଦୋଳନକୁ ଦେଶ ସର୍ବଦା ମନେ ପକାଉଛି। ଆମ ଜନସଂଖ୍ୟାର ଏକ-ଚତୁର୍ଥାଂଶ ଜନଜାତି ଲୋକ। ଓଡ଼ିଶାରେ ୬୪ ଜନଜାତି ଲୋକେ ବସବାସ କରୁଛନ୍ତି। ସେଥିମଧ୍ୟରେ ଅନେକ ପିଭିଟିଜି ରହିଛନ୍ତି। ଆଦିବାସୀ ସମ୍ପ୍ରଦାୟର ପ୍ରକେ ଆମମାନଙ୍କ ପାଇଁ ଗର୍ବ। ଆଦିବାସୀଙ୍କ ସ୍ୱତନ୍ତ୍ର ଚିତ୍ରକଳା, ଭାସ୍କର୍ଯ୍ୟ, ହସ୍ତଶିଳ୍ପ, ନୃତ୍ୟ, ସଙ୍ଗୀତ ଓଡ଼ିଶା ସାଂସ୍କୃତିକ ଐତିହ୍ୟର ଅନନ୍ୟ ବିଭବ। ଏହାର ସୁରକ୍ଷା, ସଂରକ୍ଷଣ ସହ ଆଦିବାସୀଙ୍କ କଲ୍ୟାଣ ପାଇଁ ବିଜେଡି ସଦାସର୍ବଦା ସଂକଳ୍ପବଦ୍ଧ ରହିଛି। ଆଦିବାସୀଙ୍କ ବିକାଶ ନିମନ୍ତେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଅନେକ ପଦକ୍ଷେପ ନେଇଛନ୍ତି ବୋଲି ଶ୍ରୀ ମିଶ୍ର କହିଛନ୍ତି। ଶଙ୍ଖ ଭବନରେ ଆୟୋଜିତ ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ଆଦିବାସୀମାନେ ଯୋଗ ଦେବେ ବୋଲି ସେ ସୂଚନା ଦେଇଛନ୍ତି।

# ଭାଗଚାଷୀଙ୍କୁ ହତାଶ କରିଛି ସରକାରଙ୍କ ବିଜ୍ଞପ୍ତିଃ ବିଜେଡି

ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ): ଚଳିତ ବର୍ଷ ଖରିଫ ଧାନକିଣା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିକୁ ବିରୋଧ କରିଛି ବିଜେଡି। ବିଜ୍ଞପ୍ତିରେ ପ୍ରକାଶ ପାଇଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି ଯେ ଭାଗଚାଷୀ, କ୍ଷୁଦ୍ରଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜିକରଣରୁ ବଞ୍ଚିତ ହେବେ। ଏହାଛଡ଼ା ରାଜ୍ୟର ମହିଳା ଏସଏଚଜିଙ୍କୁ ପୂର୍ବ ସରକାରଙ୍କ ଦ୍ୱାରା ଧାନ କ୍ରୟ ଓ ବିକ୍ରୟ ପାଇଁ ଅନୁମତି ପ୍ରଦାନ କରାଯାଇଥିଲା, ଯାହାକୁ ବିଜେପି ସରକାର ଉଠାଇ ଦେଇଛନ୍ତି। ଏପରି ନିଷ୍ପତ୍ତିକୁ ମଧ୍ୟ ଦଳ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ଉପସଭାପତି ସଞ୍ଜୟ ଦାସବର୍ମା ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ପ୍ରଶ୍ନ କରିବା ସହ ଏହା ରାଜ୍ୟ ସରକାରଙ୍କର କୃଷକ ଓ ମହିଳାବିରୋଧୀ ମନୋଭାବକୁ ପ୍ରଦର୍ଶିତ କରୁଛି ବୋଲି କହିଛନ୍ତି। ଚଳିତ ବର୍ଷ ଖରିଫ ଧାନ କ୍ରୟ ପାଇଁ ରାଜ୍ୟ ସରକାରଙ୍କର ସମବାୟ ଓ ଯୋଗାଣ ବିଭାଗ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟର ଭାଗଚାଷୀ ତଥା କ୍ଷୁଦ୍ର ଚାଷୀମାନଙ୍କୁ ପଞ୍ଜିକରଣ କରିବା ପାଇଁ ଜମିର ପ୍ରକୃତ ମାଲିକମାନଙ୍କୁ ପଞ୍ଜିକରଣ କେନ୍ଦ୍ରକୁ ଆସିବାକୁ ହେବ। ପୂର୍ବରୁ ସମବାୟ ବା ଯୋଗାଣ ଅଧିକାରୀମାନେ ଭାଗଚାଷୀମାନଙ୍କୁ ଚିହ୍ନଟ କରୁଥିଲେ, ଯାହା ମାଧ୍ୟମରେ ଭାଗଚାଷୀମାନେ ପଞ୍ଜିକରଣ କରୁଥିଲେ। ଚଳିତ ବର୍ଷ ପ୍ରକୃତ ମାଲିକଙ୍କୁ ପଞ୍ଜିକରଣ କେନ୍ଦ୍ରକୁ ଆସିବା ବାଧ୍ୟତାମୂଳକ ହୋଇଥିବାରୁ ଅଧିକାଂଶ ଭାଗଚାଷୀ ପଞ୍ଜିକରଣରୁ ବଞ୍ଚିତ ହେବେ। ରାଜ୍ୟରେ ଭାଗଚାଷୀଙ୍କ ସଂଖ୍ୟା ସମୁଦାୟ ଚାଷୀ ସଂଖ୍ୟାର ଅଧାରୁ ଅଧିକ। ତେଣୁ ରାଜ୍ୟର ଅର୍ଦ୍ଧାଧିକ ଚାଷୀ ଚଳିତ ବର୍ଷ ପଞ୍ଜିକରଣ କରିବାକୁ ସକ୍ଷମ ହେବେ ନାହିଁ। ଏହା ରାଜ୍ୟ ସରକାରଙ୍କର କୃଷକ ମାରଣ ନୀତିକୁ ଦର୍ଶାଉଛି। ଡବଲ ଇଞ୍ଜିନ ସରକାର କୃଷକମାନଙ୍କୁ ଡବଲ ଧୋକା ଦେଇଛି ବୋଲି ଶ୍ରୀ ଦାସବର୍ମା କହିଛନ୍ତି।




### ଅର୍ଦ୍ଧାଧିକ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେବେ

ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ବିଜ୍ଞପ୍ତିରେ ମହିଳା ଏସଏଚଜିଙ୍କୁ ଧାନ କିଣାବିକା ପାଇଁ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅନୁମତିକୁ ପ୍ରତ୍ୟାହାର କରି ନିଆଯାଇଛି। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ନବୀନ ସରକାରଙ୍କ ଦ୍ୱାରା ଧାନ କିଣାବିକା ପାଇଁ ଅନୁମତି ପ୍ରଦାନ କରାଯାଇଥଲା। ବିଜେପି ସରକାର ଏହାକୁ ପ୍ରତ୍ୟାହାର କରିନେଇଛନ୍ତି। ରାଜ୍ୟ ସରକାରଙ୍କର ଏହି ନିଷ୍ପତ୍ତି ତାଙ୍କର ମହିଳା ବିରୋଧୀ ମନୋଭାବକୁ ସ୍ପଷ୍ଟ କରୁଛି। ଏପରି ନିଷ୍ପତ୍ତିକୁ ବିଜେଡି ଦୃଢ଼ ବିରୋଧ କରୁଛି ଏବଂ ଆଗାମୀ ଦିନରେ ଏହା ପ୍ରତିବାଦରେ ବିଧାନସଭା ଓ ରାଜରାସ୍ତାରେ ଦୃଢ଼ ବିରୋଧ କରାଯିବ ବୋଲି ଶ୍ରୀ ଦାସବର୍ମା ଚେତାବନୀ ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦିଲ୍ଲୀରୁ ଆସିଲା ୬୬,୩୯୨...

ପଦ୍ଧତିଗୁଡ଼ିକୁ ବୁଝିବା ଓ ବିଶେଷକରି ଇଲେକ୍ଟ୍ରୋନିକ୍ସ, ଗୃହୋପକରଣ, ସପ୍ଲାଏ ଚେନ୍ ଏବଂ ଆନୁଷଙ୍ଗିକ ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ଉତ୍ପାଦନ ପରିବେଶକୁ ସୁଦୃଢ଼ କରିବା ପାଇଁ ଏବଂ ସମ୍ଭାବ୍ୟ ସୁଯୋଗଗୁଡ଼ିକୁ ବାସ୍ତବତାରେ ପରିଣତ କରିବା ପାଇଁ ଏହି ପରିଦର୍ଶନ ଏକ ସୁଯୋଗ ପ୍ରଦାନ କରିଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶା ଏପରି ଏକ ଶିଳ୍ପ ବାତାବରଣ ସୃଷ୍ଟି କରୁଛି, ଯେଉଁଠାରେ ଶିଳ୍ପଗୁଡ଼ିକର ଅଭିବୃଦ୍ଧି ହୋଇପାରିବ, ନିଯୁକ୍ତି ସୃଷ୍ଟି ହେବ ଏବଂ ରାଜ୍ୟର ପ୍ରତ୍ୟେକ କ୍ଷେତ୍ରରେ ମୂଲ୍ୟଯୁକ୍ତ ହୋଇପାରିବ। ଆମର ଲକ୍ଷ୍ୟ କେବଳ ପୁଞ୍ଜିନିବେଶ ଆକର୍ଷିତ କରିବା ନୁହେଁ, ବରଂ ନିଯୁକ୍ତି ସୃଷ୍ଟି କରିବା, ସ୍ଥାନୀୟ ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ଓ ଓଡ଼ିଶାର ଯୁବକଯୁବତୀଙ୍କ ପାଇଁ ନୂତନ ସୁଯୋଗ ଖୋଲିବା। ଆମେ ଚାହୁଁଛୁ ଯେ ଅଭିବୃଦ୍ଧି ପାଇଁ ନିବେଶକମାନେ ଓଡ଼ିଶାକୁ ଏକ ଦୀର୍ଘକାଳୀନ ପାର୍ଟନର ଭାବେ ଦେଖନ୍ତୁ। ପ୍ରମୁଖ ଉତ୍ପାଦନ କ୍ଷେତ୍ରର ଶିଳ୍ପ ପ୍ରତିନିଧିମାନଙ୍କ ସହ ରାଉଣ୍ଡ ଟେବଲ୍ ବୈଠକରେ ମଧ୍ୟ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ। ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିଜ୍ ଆସୋସିଏସନ୍ ସହଯୋଗରେ ଆୟୋଜିତ ଇଞ୍ଜିନିୟରିଂ ସାମଗ୍ରୀ ଉତ୍ପାଦନ ରାଉଣ୍ଡ ଟେବଲ୍ ବୈଠକରେ ଓଡ଼ିଶାରେ ଉତ୍ପାଦନ, ଶିଳ୍ପ ଭିତ୍ତିଭୂମି, ଆନୁଷଙ୍ଗିକ ବିକାଶ ଓ ଯୋଗାଣ ଶୃଙ୍ଖଳା ଏକତ୍ରୀକରଣ ନେଇ ଆଲୋଚନା ହୋଇଥିଲା। ନୋଏଡ଼ା ଆପାରେଲ୍ ଏକ୍ସପୋର୍ଟ କ୍ଲଷ୍ଟରର ସହଯୋଗରେ ନୋଏଡ଼ା ଶିଳ୍ପ ପ୍ରତିନିଧିମାନଙ୍କ ସହ ଟେକ୍ସଟାଇଲ୍ ଏବଂ ପୋଷାକ ସମ୍ପର୍କିତ ରାଉଣ୍ଡ ଟେବଲରେ ବୟନଶିଳ୍ପ ଓ ପୋଷାକ ଉତ୍ପାଦନ, ରପ୍ତାନୀ ସୁଯୋଗ, ଦକ୍ଷ କର୍ମଚାରୀ ଓ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ନାଲ୍‌କୋ ସହଯୋଗରେ ଆୟୋଜିତ ଆଲୁମିନିୟମ୍ ଆନୁଷଙ୍ଗିକ ଏବଂ ଡାଉନଷ୍ଟ୍ରିମ୍ ରାଉଣ୍ଡ ଟେବଲ୍‌ରେ ଓଡ଼ିଶାରେ ଆଲୁମିନିୟମ୍ ମୂଲ୍ୟ ସଂଯୋଜନା, ଡାଉନଷ୍ଟ୍ରିମ୍ ଉତ୍ପାଦନ, ଆନୁଷଙ୍ଗିକ ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇର ଅଂଶଗ୍ରହଣକୁ ପ୍ରସାର କରିବା ପାଇଁ ଥିବା ସୁଯୋଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଏହି ଦୁଇଦିନିଆ ଅଭିଯାନର ଫଳସ୍ୱରୂପ ଏକାଧିକ କ୍ଷେତ୍ରରେ ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି। ମୋଟ ପୁଞ୍ଜିନିବେଶ ପ୍ରସ୍ତାବ ୬୬,୩୯୨ କୋଟି ଟଙ୍କା ଥିବା ବେଳେ ୫୪,୧୩୫ଟି ସମ୍ଭାବ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହି ଅବସରରେ ମୋଟ ୩୮ଟି ଏମଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ ଏହାଦ୍ୱାରା ୬୪,୭୦୩ କୋଟି ଟଙ୍କାର ନିବେଶ ସୁଯୋଗ ଆସିଛି ଏବଂ ୪୬,୦୭୧ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏଥିସହ ୧,୬୮୯ କୋଟି ଟଙ୍କାର ଇନ୍‌ଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ମଧ୍ୟ ମିଳିଥିଲା, ଯାହାଦ୍ୱାରା ୮,୦୬୪ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି। ଏହି ଅଭିଯାନକୁ ସମାପ୍ତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୂର୍ବୋଦୟ ପାଇଁ ଓଡ଼ିଶା ଏବେ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏହି ଦୁଇ ଦିନ ମଧ୍ୟରେ ଶିଳ୍ପଜଗତଠାରୁ ମିଳିଥିବା ପ୍ରତିଶ୍ରୁତି ଅତ୍ୟନ୍ତ ଉତ୍ସାହଜନକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ଏବଂ ଡବଲ୍ ଇଞ୍ଜିନ ସରକାରଙ୍କ ନେତୃତ୍ୱରେ ଆମେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିକୁ ଏକ ନୂଆ ଶିଖରକୁ ନେଇଯିବା ପାଇଁ ପ୍ରତିଶ୍ରୁତିବଦ୍ଧ।

### ବତୁରା ମାଟିକୁ...

ପୂଜାରୀ। ମନ୍ତ୍ରୀ କହିଛନ୍ତି ଯେ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟ ତମାମ ବର୍ଷା ଲାଗି ରହିଛି। ବାଲେଶ୍ୱର, ଭଦ୍ରକ ଓ ଯାଜପୁରରେ ଗତ ବନ୍ୟାରେ ପାଣି ସମ୍ପୂର୍ଣ୍ଣ ନିଷ୍କାସନ ହୋଇ ନ ଥିଲା। ତେଣୁ ଏବେ ପୁଣି ବର୍ଷା ଫଳରେ ସମସ୍ୟା ଗୁରୁତର ହୋଇଛି। ସମସ୍ତ ନଦୀରେ ଜଳପତ୍ତନ ବିପଦ ସଂକେତଠାରୁ ତଳେ ରହିଛି। କେବଳ ଜଳକା, ଋଷିକୁଲ୍ୟା ଓ ବଂଶଧାରାରେ ଜଳପତ୍ତନ ବଢ଼ିଛି। ଓଡ୍ରାଫ, ଏନଡିଆରଏଫ, ଅଗ୍ନିଶମ ବାହିନୀ ସମସ୍ତେ ପ୍ରସ୍ତୁତ ଅଛନ୍ତି। ଗ୍ରାଉଣ୍ଡରେ ରାଜସ୍ୱ ବିଭାଗର କର୍ମଚାରୀମାନେ କ୍ଷତିପୂରଣ ବଣ୍ଟନ କାମରେ ନିୟୋଜିତ ହୋଇଛନ୍ତି। ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ଶ୍ରୀ ପୂଜାରୀ କହିଛନ୍ତି। ସେପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଲଘୁଚାପ କ୍ଷେତ୍ର। ଏହାର ପ୍ରଭାବରେ ଆଗାମୀ ୨ ଦିନ ରାଜ୍ୟର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଆଜି ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼ ଆଦି ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଏହାଛଡ଼ା ଅନ୍ୟ ୨୭ଟି ଜିଲ୍ଲା ପାଇଁ ପ୍ରବଳ ବର୍ଷା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ଆଲର୍ଟ ଜାରି କରାଯାଇଛି।

### ପୁଣି ଭାରତକୁ ଶତପ୍ରତିଶତ...

ଆମେରିକାର ରାଷ୍ଟ୍ରପତିଙ୍କୁ ଇଚ୍ଛାଧୀନ ଅଧିକାର ପ୍ରଦାନ କରିଛି। ଫାଇନାନସିଆଲ ଏକ୍ସପ୍ରେସର ରିପୋର୍ଟ ଅନୁଯାୟୀ, ରୁଷୀୟ ତେଲ ଓ ପ୍ରାକୃତିକ ଗ୍ୟାସର ସବୁଠାରୁ ବଡ଼ ଆମଦାନୀକାରୀ ପାଞ୍ଚଟି ଦେଶ ମଧ୍ୟରେ ଚୀନ, ଭାରତ, ଆଜରବାଇଜାନ, ହଙ୍ଗେରୀ ଓ ସ୍ଲୋଭାକିଆ ରହିଛନ୍ତି। ତେବେ କେବଳ ଜୁଲାଇ ମାସରେ ଭାରତର ରୁଷୀୟ ଅଶୋଧିତ ତେଲ (କ୍ରୁଡ ଅଏଲ) ଆମଦାନୀ ଦିନକୁ ରେକର୍ଡ ୨.୭୮ ମିଲିଅନ ବ୍ୟାରେଲ ଛୁଇଁଥିବାରୁ, ଟ୍ରମ୍ପ ପ୍ରଶାସନ ବିଶେଷ ଭାବେ ଏହି ବିଲ୍‌କୁ ଅସ୍ତ୍ର କରି ଭାରତର ରୁଷୀୟ ତେଲ ଆମଦାନୀ ଉପରେ ଲଗାମ ଲଗାଇବାକୁ ଲକ୍ଷ୍ୟ ରଖିଛି। ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ନେଇ ପଶ୍ଚିମ ଏସିଆ ସଂକଟ ପରେ ଭାରତର ରୁଷୀୟ ତେଲ ନିର୍ଭରଶୀଳତା ବୃଦ୍ଧି ପାଇଛି। ଯଦି ଆମେରିକା ଭାରତ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲାଗୁକରେ ତା'ହେଲେ ସିଧାସଳଖ ଏହାର ପ୍ରଭାବ ଇଞ୍ଜିନିୟରିଂ ଉତ୍ପାଦ, ଫାର୍ମାସ୍ୟୁଟିକାଲ୍ସ, କେମିକାଲ୍ସ, ବୟନ ସାମଗ୍ରୀ ଭଳି ରପ୍ତାନୀଭିତ୍ତିକ ଉଦ୍ୟୋଗ ଉପରେ ପଡ଼ିବ। ଆମେରିକା କ୍ରେତାମାନେ ଭାରତର ସାମଗ୍ରୀ କିଣିବା ପରିବର୍ତ୍ତେ ବିକଳ୍ପ ଉପରେ ଧ୍ୟାନଦେବେ। ଶକ୍ତି କ୍ରୟ କ୍ଷେତ୍ରରେ ଜାତୀୟ ସ୍ୱାର୍ଥକୁ ପ୍ରାଥମିକତା ଦେବ ବୋଲି ବାରମ୍ବାର କହୁଥିବା ନୂଆଦିଲ୍ଲୀକୁ ଆମେରିକାର ଏହି କଠୋର ବିଲ୍ ଧର୍ମସଙ୍କଟରେ ପକେଇଦେଇଛି ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ଅପରପକ୍ଷରେ ଭାରତ ସମେତ ଅନ୍ୟ ରାଷ୍ଟ୍ରଗୁଡ଼ିକର ରାଜସ୍ୱକୁ ନେଇ ରୁଷ ୟୁକ୍ରେନ ଯୁଦ୍ଧରେ ବିନିଯୋଗ କରୁଥିବାରୁ ଏଭଳି ଏକ ବିଲ୍‌ର ଆବଶ୍ୟକତା ରହିଛି ବୋଲି ଟ୍ରମ୍ପ ପ୍ରଶାସନ ଯୁକ୍ତି ଦର୍ଶାଉଛନ୍ତି। ଜୁଲାଇ ୧୧ ତାରିଖରେ ପ୍ରାଣଘାତ୍ୟ କରିଥିବା ରିପବ୍ଲିକାନ ସିନେଟର ଲିଣ୍ଡସେ ଗ୍ରାହାମ ପ୍ରଥମେ ଏହି ବିଲ୍‌ର ପରିକଳ୍ପନା କରିଥିବାରୁ ତାଙ୍କ ନାମ ଅନୁସାରେ ବିଲ୍‌ର ନାମକରଣ କରାଯାଇଛି। ବିଲ୍‌ରେ ସିନେଟ୍ ମୋହର ଲଗାଇବା ପରେ ଲିଣ୍ଡସେଙ୍କ ସିନେଟ୍‌ର ଭଉଣୀ ଡାରାଲାଇନ ଗ୍ରାହାମ ଏହାକୁ ସ୍ୱାଗତ କରିବା ସହ ଏହା ପୁଟିନ୍‌ଙ୍କୁ ଠିକଣା ଜାଗାରେ ମାଡ଼ କରିବ ବୋଲି ଶୁକ୍ରବାର କହିଛନ୍ତି। ୟୁକ୍ରେନର ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ଏହି ବିଲ୍ ପାରିତ ହେବାକୁ ନେଇ ରାଷ୍ଟ୍ରପତି ଟ୍ରମ୍ପଙ୍କ ସ୍ୱାଗତ କରିଛନ୍ତି। ତେବେ ଖୋଦ୍ ଟ୍ରମ୍ପଙ୍କ ଏକାଧିକ ରିପବ୍ଲିକାନ ସିନେଟର ଏହି ବିଲ୍‌କୁ ସମାଲୋଚନା କରିଛନ୍ତି। ରିପବ୍ଲିକାନ ସିନେଟର ରାଣ୍ଡ ପଲ୍ ଏହାକୁ ଆତ୍ମଘାତୀ ବୋଲି କହିଛନ୍ତି। ଏହି ବିଲ୍ ଭାରତ, ଚୀନ ଓ ରୁଷିଆର ଅଧିକ ନିକଟତର କରିବ, ଯାହା ସିଧାସଳଖ ଆମେରିକା ଲାଗି ଗୋଡ଼ରେ କୁରାଢ଼ି ମାରିବା ଭଳି ହେବ ବୋଲି ସେ କହିଛନ୍ତି।

### ଜଣେ ଶିକ୍ଷକ ଭରସାରେ...

ଏପରି ପରିସ୍ଥିତି ଶିକ୍ଷାଦାନର ଗୁଣବତ୍ତା ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ। ଶିକ୍ଷା ଅଧିକାର ଆଇନର ଧାରା ୧୯ ଓ ୨୫ ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ସର୍ବନିମ୍ନ ଶିକ୍ଷକ ସଂଖ୍ୟା ଓ ନିର୍ଦ୍ଧାରିତ ଛାତ୍ର-ଶିକ୍ଷକ ଅନୁପାତ ସମେତ ନିର୍ଦ୍ଧାରିତ ମାନଦଣ୍ଡ ବଜାୟ ରଖିବା ବାଧ୍ୟତାମୂଳକ। ଜିଲ୍ଲାପାଳମାନଙ୍କୁ ସେମାନଙ୍କ ଜିଲ୍ଲାର ସମସ୍ତ ଏକକ ଶିକ୍ଷକ ବିଦ୍ୟାଳୟର ସ୍ଥିତି ତୁରନ୍ତ ସମୀକ୍ଷା କରିବାକୁ କୁହାଯାଇଛି। ଆବଶ୍ୟକସ୍ଥଳେ ପ୍ରତ୍ୟେକ ବିଦ୍ୟାଳୟରେ ସର୍ବନିମ୍ନ ଆବଶ୍ୟକୀୟ ଶିକ୍ଷକ ସଂଖ୍ୟା ସୁନିଶ୍ଚିତ କରିବା ପାଇଁ ଶିକ୍ଷକମାନଙ୍କୁ ବଦଳି କିମ୍ବା ନିଯୁକ୍ତି କରିବାକୁ କୁହାଯାଇଛି। ଅତିରିକ୍ତ ଶିକ୍ଷକ ନିଯୁକ୍ତି ସମୟରେ ଅଧିକ ଛାତ୍ର ନାମଲେଖା ଥିବା ବିଦ୍ୟାଳୟଗୁଡ଼ିକୁ ପ୍ରାଥମିକତା ଦିଆଯିବା ଉଚିତ। ଏକକ ଶିକ୍ଷକ ବିଦ୍ୟାଳୟ ପାଇଁ ଯୁକ୍ତିଯୁକ୍ତ ପ୍ରକ୍ରିୟା ଗୋଟିଏ ମାସ ମଧ୍ୟରେ ସମାପ୍ତ ହେବା ଉଚିତ। ସେହିପରି ନିର୍ଦ୍ଦେଶର ୧୫ ଦିନ ମଧ୍ୟରେ ଏହି କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ଜିଲ୍ଲାପାଳମାନଙ୍କୁ ମଧ୍ୟ କୁହାଯାଇଛି, ଯେଉଁଥିରେ ସମସ୍ୟାର ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ବିସ୍ତୃତ ଭାବେ ଉଲ୍ଲେଖ ରହିଛି।

### ସାପ କାମୁଡ଼ାରେ...

ସାପକାମୁଡ଼ାଜନିତ କୌଣସି ଲକ୍ଷଣ ମଧ୍ୟ ଦେଖାଦେଇନଥିଲା। କିନ୍ତୁ କିଛି ସମୟ ପରେ ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ସେ ହଠାତ୍ ଚେତାଶୂନ୍ୟ ହୋଇ ତଳେ ପଡ଼ିଯିବା ପରେ ସମସ୍ତେ ଏନେଇ ଅବଗତ ହୋଇଥିଲେ। ତୁରନ୍ତ ସ୍କୁଲ୍ କର୍ତ୍ତୃପକ୍ଷ ଉକ୍ତ ଛାତ୍ରଙ୍କୁ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। କିନ୍ତୁ ତାଙ୍କ ଅବସ୍ଥାରେ କୌଣସି ସୁଧାର ନ ଆସିବାରୁ ଛାତ୍ର ଜଣଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଉକ୍ତ ଛାତ୍ର ଜଣଙ୍କ ସ୍କୁଲ୍‌ର ଜନୈକ ଶିକ୍ଷକଙ୍କ ଏକମାତ୍ର ପୁଅ ହୋଇଥିବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ପ୍ରତି ଶହେ କିମିରେ...

ଗୋରୁଗାଈଙ୍କୁ ଠାବ କରିବା ସହ ସେମାନଙ୍କୁ ସେଠାରୁ ହଟାଇବା କାମ କରିବ। ସେହିପରି ପ୍ରାଣୀ ସମ୍ପଦ କଲ୍ୟାଣ ବିଭାଗ ଗୋଶାଳାଗୁଡ଼ିକର ରକ୍ଷଣାବେକ୍ଷଣ ଓ ପରିଚାଳନା ଦାୟିତ୍ୱ ବୁଝିବ। ଜାତୀୟ ରାଜପଥରେ ବୁଲା ଗୋରୁଗାଈଙ୍କ ଯୋଗୁଁ ଘଟୁଥିବା ଦୁର୍ଘଟଣାରେ ପୂର୍ଣ୍ଣଚ୍ଛେଦ ପକାଇବା ସହ ଯାତ୍ରୀମାନଙ୍କୁ ସୁରକ୍ଷିତ ଯାତ୍ରା ସୁନିଶ୍ଚିତ କରିବା ଏହି ପଦକ୍ଷେପର ମୂଳ ଲକ୍ଷ୍ୟ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ସ୍ଥାନୀୟ ଅଞ୍ଚଳର ଏସ୍‌ପିମାନେ ଏହି ପଦକ୍ଷେପର କାର୍ଯ୍ୟାନ୍ୱୟନର ତଦାରଖ କରିବେ। ଏହାଛଡ଼ା ଆଗାମୀ ଦିନରେ ସରକାର ପ୍ରତି ବ୍ଲକ୍‌ରେ ଗୋଶାଳା ନିର୍ମାଣ କରିବା ସକାଶେ ମଧ୍ୟ ଲକ୍ଷ୍ୟ ରଖିଛନ୍ତି। ଗୋଶାଳାଗୁଡ଼ିକର ରକ୍ଷଣାବେକ୍ଷଣରେ ସ୍ଥାନୀୟ ଅଞ୍ଚଳର ସାମାଜିକ ସଂସ୍ଥାମାନଙ୍କର ମଧ୍ୟ ଭୂମିକା ରହିବ ବୋଲି ମନ୍ତ୍ରୀ କହିଛନ୍ତି।

# ଜଣେ ଶିକ୍ଷୟିତ୍ରୀଙ୍କ ଭରସାରେ ଚାଲିଛି ୬ଟି ଶ୍ରେଣୀର ପାଠପଢ଼ା



**ଶିକ୍ଷକ ଅଭାବ ସାଙ୍ଗକୁ ଛାତରୁ ଗଳୁଛି ପାଣି**

**ଗୁଣାତ୍ମକ ଶିକ୍ଷା ନେଇ ଉଠିଲା ପ୍ରଶ୍ନ**

ସୁନ୍ଦରଗଡ଼,୮।୮ (ସଂଚାର ବ୍ୟୁରୋ): ଗୋଟିଏ ପଟେ ସରକାର ଗୁଣାତ୍ମକ ଶିକ୍ଷାର ଡିଣ୍ଡିମ ପିଟୁଛନ୍ତି। ଅନ୍ୟପଟେ ଗ୍ରାଉଣ୍ଡ ଜିରୋରେ ଶିକ୍ଷା ବ୍ୟବସ୍ଥାର ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ମାତ୍ର ଜଣେ ଶିକ୍ଷୟିତ୍ରୀଙ୍କ ଭରସାରେ ଚାଲିଛି ୬ଟି ଶ୍ରେଣୀର ପାଠପଢ଼ା। ଗୋଟିଏ ଶ୍ରେଣୀର ପିଲାଙ୍କୁ ପାଠ ପଢ଼ାଉଥିବା ବେଳେ ଅନ୍ୟ ଶ୍ରେଣୀର ପିଲାମାନେ ଅପେକ୍ଷା କରିବା କିମ୍ବା ନିଜ ନିଜ ମଧ୍ୟରେ ସମୟ କାଟିବାକୁ ବାଧ୍ୟ ହେଉଛନ୍ତି। ଏପରି ସ୍ଥିତିରେ ପିଲାମାନେ କିଭଳି ଗୁଣାତ୍ମକ ଶିକ୍ଷା ପାଇବେ, ତାହାକୁ ନେଇ ପ୍ରଶ୍ନ ଉଠିଛି।

ସୁନ୍ଦରଗଡ଼ ଜିଲ୍ଲାରୁ ଏଭଳି ଏକ ବିକଳ ଚିତ୍ର ସାମ୍ନାକୁ ଆସିଛି। ସୁନ୍ଦରଗଡ଼ ଜିଲ୍ଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ତୁଙ୍ଗାପାଟ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩୦ ଜଣ ଛାତ୍ରଛାତ୍ରୀ ପାଠ ପଢ଼ୁଛନ୍ତି। ପୂର୍ବରୁ ଏଠାରେ ଦୁଇଜଣ ଶିକ୍ଷକ ଥିଲେ। ତେବେ ଜଣେ ଶିକ୍ଷକ ଅବସର ଗ୍ରହଣ କରିବା ପରେ ତାଙ୍କ ସ୍ଥାନରେ ନୂଆ ଶିକ୍ଷକ ନିଯୁକ୍ତ ହୋଇନଥିବାରୁ ଏବେ ଜଣେ ମାତ୍ର ଶିକ୍ଷୟିତ୍ରୀଙ୍କ ଉପରେ ସମସ୍ତ ଶ୍ରେଣୀର ପାଠପଢ଼ା ଦାୟିତ୍ୱ।

ଗୋଟିଏ ଶିକ୍ଷୟିତ୍ରୀଙ୍କୁ ଏକାସାଙ୍ଗରେ ଏତେଗୁଡ଼ିଏ ଶ୍ରେଣୀର ପିଲାଙ୍କୁ ପଢ଼ାଇବାକୁ ପଡୁଥିବାରୁ ସମସ୍ତ ଶ୍ରେଣୀର ପିଲାମାନେ ଏକାଠି ବସି ପାଠ ପଢ଼ୁଛନ୍ତି। ଫଳରେ ଶିଶୁ ବାଟିକାର ପାଠ ଠାରୁ ଆରମ୍ଭ କରି ବଡ଼ ଶ୍ରେଣୀର ପାଠ ପର୍ଯ୍ୟନ୍ତ ସମସ୍ତଙ୍କୁ ଏକାଠି ଶୁଣିବାକୁ ପଡୁଛି। ପାଠପଢ଼ା ସହିତ ବିଦ୍ୟାଳୟର ଅନ୍ୟାନ୍ୟ କାର୍ଯ୍ୟ ଓ ଅଫିସ କାମର ଦାୟିତ୍ୱ ମଧ୍ୟ ଜଣେ ଶିକ୍ଷୟିତ୍ରୀଙ୍କୁ ସମ୍ଭାଳିବାକୁ ପଡୁଛି ଯାହା ଫଳରେ ଶିକ୍ଷାଦାନରେ ଅସୁବିଧା ହେଉଛି।

କେବଳ ଶିକ୍ଷକ ଅଭାବ ନୁହେଁ, ବିଦ୍ୟାଳୟର ଭିତ୍ତିଭୂମି ମଧ୍ୟ ଚିନ୍ତାଜନକ। ବର୍ଷା ହେଲେ ଶ୍ରେଣୀଗୃହର ଛାତରୁ ପାଣି ଗଳି କ୍ଲାସରୁମ ଭିତରକୁ ପଡୁଛି। ଏଭଳି ପରିସ୍ଥିତିରେ କୋମଳମତି ଛାତ୍ରଛାତ୍ରୀଙ୍କ ପାଠପଢ଼ା ସହ ସେମାନଙ୍କ ସୁରକ୍ଷା ନେଇ ମଧ୍ୟ ପ୍ରଶ୍ନ ଉଠିଛି।

ବିଦ୍ୟାଳୟର ଖାଲି ପଡ଼ିଥିବା ଶିକ୍ଷକ ପଦବୀ ତୁରନ୍ତ ପୂରଣ କରିବା ସହ ଛାତର ମରାମତି ଏବଂ ଆବଶ୍ୟକ ଭିତ୍ତିଭୂମିର ବିକାଶ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

## ଲିଫ୍ଟ ନଦେବାରୁ ଯୁବକଙ୍କ ତଣ୍ଟି କାଟିଦେଲେ

ହିଞ୍ଜିଳିକାଟୁ,୮।୮ (ସଂଚାର ବ୍ୟୁରୋ): ଲିଫ୍ଟ ନଦେବାରୁ ତଣ୍ଟି କାଟିଦେଲେ। ଏହି ଘଟଣା ହିଞ୍ଜିଳି ଥାନା ଖଣ୍ଡରା ଛକରେ ଘଟିଛି। ରାସ୍ତାରେ ଯାଉଥିବା ବାଇକ୍ ଚାଳକଙ୍କୁ ଜଣେ ଅଜଣା ବ୍ୟକ୍ତି ଲିଫ୍ଟ ମାଗିଥିଲେ। ବାଇକ୍ ଚାଳକ ଲିଫ୍ଟ ଦେବାକୁ ମନା କରିଥିଲେ। ଏଥିରେ ରାଗିଯାଇ ଅଜଣା ବ୍ୟକ୍ତି ଜଣକ ବାଇକ ଚାଳକଙ୍କ ତଣ୍ଟି କାଟି ଦେଇଥିଲେ। ଆକ୍ରମଣରେ ଖଣ୍ଡରା ଗ୍ରାମର ଉଦ୍ଧବ ପାଢ଼ୀ (୫୦) ଗୁରୁତର ଆହତ ହୋଇଛନ୍ତି।

ସୂଚନା ଅନୁସାରେ, ଉଦ୍ଧବ ନିଜ ମୋଟରସାଇକେଲ ଯୋଗେ ଶୁକ୍ରବାର ରାତ୍ର ୧୦ଟାରେ ଗାଁକୁ ଫେରୁଥିବା ବେଳେ ଖଣ୍ଡରା ଛକ ନିକଟରେ ଜଣେ ବ୍ୟକ୍ତି ତାଙ୍କୁ ଲିଫ୍ଟ ମାଗିଥିଲେ। ତେବେ ଉଦ୍ଧବ ଲିଫ୍ଟ ଦେବାକୁ ମନା କରିବାରୁ ଉକ୍ତ ବ୍ୟକ୍ତି ତାଙ୍କ ସହ ଯୁକ୍ତିତର୍କ କରିବା ପରେ ତଣ୍ଟି କାଟିଦେଇ ଥିଲେ। ଉଦ୍ଧବଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବା ବେଳେ ଉଦ୍ଧବ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ସାହସ ଜୁଟାଇ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚିଥିଲେ। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବର ଲେଖା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ସୂଚନା ମିଳିଛି।

## ସଠିକ ଘେରିବନ୍ଧ ନିର୍ମାଣ କରି ବରୀର ଚନ୍ଦନପୁରବାସୀଙ୍କୁ ସୁରକ୍ଷା ଦେବାକୁ ଦାବି



ଯାଜପୁର ରୋଡ଼,୮।୮(ସଂଚାର ବ୍ୟୁରୋ): ଚଳିତ ବନ୍ୟା ଦ୍ୱାରା ବରୀର ଚନ୍ଦନପୁର ଠାରେ ସାଧାରଣ ଲୋକ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କଲେ । କୃଷକ ମାନଙ୍କର ବର୍ଷକର କ୍ଷେତ ଉଜୁଡି ଗଲା । ଏବେ ଠିକାଦାର, ନେତା, ଯନ୍ତ୍ରୀ, ମନ୍ତ୍ରୀଙ୍କ ପୁଷ ମାସ ଆରମ୍ଭ ହୋଇଗଲା। ରାଜକୋଷରୁ ଅର୍ଥ ବ୍ୟୟ ହେବ । ମାତ୍ର ଲୋକମାନଙ୍କ ଦୁର୍ଦ୍ଦଶା ଦୂର ହେବ ନାହିଁ। ପୁଣି ନଦୀରେ ପାଣି ଆସିଲେ ଲୋକ ଭୟ ଓ ଆଶଙ୍କାରେ ରହିବେ । ଏ କଥା ସ୍ଥାନୀୟ ଜନସାଧାରଣ ସିପିଆଇ(ଏମ୍) ପ୍ରତିନିଧି ଦଳକୁ କ୍ଷୋଭର ସହିତ ଜଣାଇଥିଲେ । ଗତକାଲି ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ନିର୍ମଳ ରଥଙ୍କ ନେତୃତ୍ୱରେ ଜିଲ୍ଲା କମିଟି ସଦସ୍ୟମାନେ ଚନ୍ଦନପୁର ଘାଇସ୍ଥଳ ପରିଦର୍ଶନ କରି ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରି ଫେରିଥିଲେ ଓ ସରକାରଙ୍କ ଠାରେ ତୁରନ୍ତ ସଠିକ୍ ଘେରିବନ୍ଧ ନିର୍ମାଣ ନେଇ ଦାବି କରିଥିଲେ ।

## ଜିଲ୍ଲାସ୍ତରୀୟ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ପ୍ରଶିକ୍ଷଣ ଶିବିର




ଫୁଲବାଣୀ,୮।୮ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ତରଫରୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସମ୍ମେଳନ କକ୍ଷରେ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ -୨୦୨୬ ଉପଲକ୍ଷେ ଏକ ଜିଲ୍ଲା ସ୍ତରୀୟ ମାର୍ଗ ଦର୍ଶକ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ୧୨ଟି ବ୍ଲକରୁ ୧୦୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣକୁ ଜିଲ୍ଲା ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସହକାରୀ ଜିଲ୍ଲାପାଳ ରାୟଗଡା କୈଳାସ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି, ପୂର୍ବତନ ଜିଲ୍ଲା ବିଜ୍ଞାନ ନିରିକ୍ଷକ ଅଶୋକ କୁମାର ପାତ୍ର ସମ୍ମାନିତ ଅତିଥି ଓ ବରିଷ୍ଠ ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର ରଥ ଏବଂ ଜାକିର ଖାନ ପ୍ରଶିକ୍ଷକ ରୂପେ ଯୋଗଦାନ କରିଥିଲେ।

ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲା ସଂଯୋଜକ ତଥା ଜିଲ୍ଲା ବିଜ୍ଞାନ ନିରୀକ୍ଷକ ସିମାଞ୍ଚଳ ସ୍ୱାଇଁ ଏହି କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ଉଦ୍ଦେଶ୍ୟ ଓ ଲକ୍ଷ୍ୟକୁ ଉପସ୍ଥାପନା କରିଥିଲେ ଓ ଛାତ୍ରଛାତ୍ରୀମାନେ ଜିଲ୍ଲା ସ୍ତରରେ ଅଧିକରୁ ଅଧିକ ପ୍ରକଳ୍ପରେ କିପରି ଭାଗ ନେଇପାରିବେ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ ସ୍ଥାନୀୟ ସମସ୍ୟାର ଚିହ୍ନଟ ସହ ତା'ର ସମାଧାନ କିପରି କରିବେ ଶିକ୍ଷକମାନଙ୍କୁ ମାର୍ଗଦର୍ଶନ କରିଥିଲେ। ମୁଖ୍ୟ ଅତିଥି ତଥା ସହକାରୀ ଜିଲ୍ଲାପାଳ, ରାୟଗଡା ଶ୍ରୀ କୈଳାସ ଚନ୍ଦ୍ର ସ୍ୱାଇଁ ସମାଜରେ ଦେଖାଯାଉଥିବା ବିଭିନ୍ନ ସମସ୍ୟାର ସମାଧାନକୁ ବୈଜ୍ଞାନିକ ଭିତ୍ତିରେ କରିବାକୁ ଅନୁପ୍ରେରିତ କରିଥିଲେ ।

### ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ

## ବର୍ଷାରେ ଧୋଇଗଲା କଂକ୍ରିଟ ରାସ୍ତା

**ନିଘୋଡ଼ ନିଦ୍ରାରେ ଯନ୍ତ୍ରୀ, କାମ ତଦାରଖ କରୁଛି କିଏ ?**

**ହାଟଡିହି ପ୍ରଶାସନର ନିଦ ଭାଙ୍ଗିବ କେବେ ?**



ଆନନ୍ଦପୁର, ୮।୮ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ୍ ଶାସଙ୍ଗ ପଞ୍ଚାୟତର ୧ନମ୍ବର ୱାର୍ଡରେ ରାସ୍ତା ନିର୍ମାଣକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରୁ ମଙ୍ଗଳା ଘର ପର୍ଯ୍ୟନ୍ତ ଚାଲିଛି କଂକ୍ରିଟ୍ ରାସ୍ତା ନିର୍ମାଣ। ହେଲେ ନିର୍ମାଣ କାମର ମାନକୁ ନେଇ ସ୍ଥାନୀୟ ଲୋକେ ଉଠାଇଛନ୍ତି ସଙ୍ଗୀନ ଅଭିଯୋଗ। ସବୁଠାରୁ ବଡ଼ କଥା ହେଉଛି, ବର୍ଷା ସମୟରେ ଚାଲିଛି ରାସ୍ତା ନିର୍ମାଣ। ଆଉ ବର୍ଷା ହେବା ପରେ ନୂଆ କରି ନିର୍ମାଣ ହୋଇଥିବା ରାସ୍ତାର କିଛି ଅଂଶ ଧୋଇଯାଇଥିବା ଅଭିଯୋଗ ହୋଇଛି।

ତେବେ ପ୍ରଶ୍ନ ଉଠୁଛି, ଖରା ପାଗରେ କାମ କରାନଯାଇ ବର୍ଷା ଋତୁରେ କାହିଁକି ରାସ୍ତା ନିର୍ମାଣ କରାଯାଉଛି? ଆହୁରି ଆଶ୍ଚର୍ଯ୍ୟର କଥା, ନିର୍ମାଣସ୍ଥଳରେ ନାହିଁ ସୂଚନା ଫଳକ। ଫଳରେ କେତେ ଟଙ୍କାର କାମ, କିଏ କରୁଛି, କେଉଁ ବିଭାଗ ଅଧୀନରେ କାମ ହେଉଛି, କିଛି ବି ସ୍ପଷ୍ଟ ହେଉନାହିଁ। ଏବେ ସବୁଠାରୁ ବଡ଼ ପ୍ରଶ୍ନ, ଏହି କାମର ତଦାରଖ କରୁଛି କିଏ? କେଉଁ ଯନ୍ତ୍ରୀ କରୁଛନ୍ତି ନିରୀକ୍ଷଣ? ରାସ୍ତାର ଗୁଣମାନ ଯାଞ୍ଚ କରୁଛି କିଏ? ନିର୍ମାଣ କାମ ଠିକ୍ ଭାବରେ ହେଉଛି କି ନାହିଁ, ତାହା ଯାଞ୍ଚ ନକରି ଯଦି ବିଲ୍ ପାସ୍ ହୁଏ, ତେବେ ଏହା କି ପ୍ରଶାସନର ସ୍ୱଚ୍ଛତା? ଘରେ ଯନ୍ତ୍ରୀ ଶୋଇବେ, ଆଉ ଠିକାଦାର ବିଲ୍ କରିବେ, ଏଭଳି ଚାଲିଛି କି ସରକାରୀ ରାସ୍ତା ନିର୍ମାଣ? ଏହାକୁ ନେଇ ଏବେ ସ୍ଥାନୀୟ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ସ୍ଥାନୀୟ ଲୋକଙ୍କ ଦାବି, ତୁରନ୍ତ ରାସ୍ତା ନିର୍ମାଣର ଉଚ୍ଚସ୍ତରୀୟ ତଦନ୍ତ ସହ କାମର ମାନ ଯାଞ୍ଚ ହେଉ। ଏଥିସହିତ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହ କାମରେ ସ୍ୱଚ୍ଛତା ଅଣାଯାଉ।

## ଜରାଜୀର୍ଣ୍ଣ ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ



ମାଲକାନଗିରି, ୮।୮ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା ସଦରସ୍ଥିତ ଚିଦାନନ୍ଦ ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ଶୋଚନୀୟ ଅବସ୍ଥାକୁ ନେଇ ଅଭିଭାବକ, ସ୍ଥାନୀୟ ବାସିନ୍ଦା ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଛନ୍ତି। ବିଦ୍ୟାଳୟର ଜରାଜୀର୍ଣ୍ଣ କୋଠା ମରାମତି ଓ ନବୀକରଣ ଦାବିରେ ଶନିବାର ବିଦ୍ୟାଳୟରେ ତାଲା ପକାଇ ଅଭିଭାବକମାନେ ବିକ୍ଷୋଭ କରିଥିଲେ। ସକାଳୁ ବିଦ୍ୟାଳୟ ଖୋଲିବା ପରେ ଅଭିଭାବକମାନେ ତାଲା ପକାଇ ଦେବାରୁ ବିଦ୍ୟାର୍ଥୀମାନେ ବିଦ୍ୟାଳୟ ବାହାରେ ବସିଥିଲେ। ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ବାହାରେ ବିଦ୍ୟାର୍ଥୀଙ୍କୁ ପାଠ ପଢ଼ାଇଥିଲେ।

ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟର କୋଠାଗୁଡ଼ିକ ବହୁ ପୁରୁଣା ହୋଇପଡ଼ିଥିବା ବେଳେ ଛାତରେ ଫାଟ ସୃଷ୍ଟି ହୋଇଛି। ବର୍ଷା ହେଲେ ଛାତରୁ ବିଦ୍ୟାଳୟ କୋଠରୀ ଭିତରକୁ ପାଣି ଝରୁଛି। ଫଳରେ ଛାତ ଦୁର୍ବଳ ହୋଇପଡ଼ିଥିବାରୁ ଯେକୌଣସି ସମୟରେ ଅଘଟଣ ଘଟିବା ଆଶଙ୍କା ରହିଛି। ଏଭଳି ବିପଦସଙ୍କୁଳ ପରିସ୍ଥିତିରେ ବିଦ୍ୟାର୍ଥୀଙ୍କୁ ପାଠ ପଢ଼ାଇବା ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ଅଭିଭାବକମାନେ କହିଛନ୍ତି।

ଖବର ପାଇ ମାଲକାନଗିରି ବ୍ଲକ ଶିକ୍ଷା ଅଧିକାରୀ ଗୌରାଙ୍ଗ ସଜ୍ଜନ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟାଳୟର ସ୍ଥିତି ସମୀକ୍ଷା କରିଥିଲେ। ଖୁବ୍‌ଶୀଘ୍ର ବିଦ୍ୟାଳୟ ନବୀକରଣ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ପ୍ରତିଶ୍ରୁତି ପରେ ତାଲା ଖୋଲିବା ସହ ବିଦ୍ୟାଳୟର ଜରାଜୀର୍ଣ୍ଣ ଅବସ୍ଥା ଦୀର୍ଘଦିନ ଧରି ରହିଥିବାରୁ ତୁରନ୍ତ ନବୀକରଣ କାର୍ଯ୍ୟ ଆରମ୍ଭ କରି ବିଦ୍ୟାର୍ଥୀଙ୍କ ସୁରକ୍ଷିତ ଶିକ୍ଷାଦାନ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

## ପ୍ରସ୍ତାବିତ ବିଦେଶୀ ମଦ ଦୋକାନକୁ ବିରୋଧ

**ସମ୍ପୂର୍ଣ୍ଣ ବାତିଲ ପାଇଁ ଉପଜିଲ୍ଲାପାଳଙ୍କ ନିକଟରେ ଦାବି**



ଯୋଡ଼ା, ୮।୮ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ ଦେଓଝର ପଞ୍ଚାୟତର ଶିଆଳିଯୋଡ଼ା ମେଢ଼ଶାଳ ଠାରେ ପ୍ରସ୍ତାବିତ ବିଦେଶୀ ମଦ ଦୋକାନ ଖୋଲିବାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ବିରୋଧ ପ୍ରକାଶ ପାଇଛି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଚମ୍ପୁଆ ଉପଜିଲ୍ଲାପାଳଙ୍କୁ ଲିଖିତ ଦାବିପତ୍ର ଦିଆଯାଇ ପ୍ରସ୍ତାବିତ ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ବାତିଲ କରିବାକୁ ଦାବି କରାଯାଇଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଅଞ୍ଚଳରେ ମଦ ଦୋକାନ ଖୋଲିଲେ ଗ୍ରାମର ସାମାଜିକ ଓ ଧାର୍ମିକ ପରିବେଶ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି। ବିଶେଷକରି ମହିଳା, ଯୁବପିଢ଼ି, ଶିଶୁ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏବଂ ଭବିଷ୍ୟତକୁ ନେଇ ଗ୍ରାମବାସୀ ଚିନ୍ତା ପ୍ରକାଶ କରିଛନ୍ତି।

ଦାବିପତ୍ରରେ ଗ୍ରାମରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା, ମହିଳା ଓ ଶିଶୁଙ୍କ ସୁରକ୍ଷା, ନିଶା ଅଭ୍ୟାସକୁ ରୋକିବା ଏବଂ ସୁସ୍ଥ ସାମାଜିକ ପରିବେଶ ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିସହ ଯୁବପିଢ଼ିଙ୍କୁ ନିଶାଠାରୁ ଦୂରେଇ ରଖିବା ପାଇଁ ମଦ ଦୋକାନ ପରିବର୍ତ୍ତେ ଅଞ୍ଚଳରେ ଖେଳପଡ଼ିଆ ଓ ଯୁବକମାନଙ୍କ ବିକାଶ ପାଇଁ ଆବଶ୍ୟକ ସୁବିଧା ସୃଷ୍ଟି କରାଯାଉ ବୋଲି ସେମାନେ ମତ ଦେଇଛନ୍ତି।

## ଓଡ଼ିଆ ବିଶ୍ୱବିଦ୍ୟାଳୟ ପରିସରରେ ଚାରାରୋପଣ




ସତ୍ୟବାଦୀ, ୮।୮ (ସଂଚାର ବ୍ୟୁରୋ): ସତ୍ୟବାଦୀ ସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର୍ ଡ. ସତ୍ୟ ନାରାୟଣ ଆଚାର୍ଯ୍ୟଙ୍କ ଅନୁମତି କ୍ରମେ ଭୁବନେଶ୍ୱର ରୋଟାରୀ କ୍ଲବ୍ ୟୁନିକ୍ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିବା ସଂଗେ ସଂଗେ ବିଭିନ୍ନ କିସମର ଫୁଲ ଓ ଫଳ ଚାରା ରୋପଣ କରିଥିଲେ। ଭୁବନେଶ୍ୱର ରୋଟାରୀ କ୍ଲବ୍ ୟୁନିକ୍ ସଭାପତି ପ୍ରଫେସର୍ ଡ. ଅନନ୍ତ କିଶୋର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସଂଗୀତକାର ଲକ୍ଷ୍ମୀକାନ୍ତ ପାଲିତ୍, ଓ.ଟି.ଡି.ସି. ନିର୍ଦ୍ଦେଶିକା ଆର୍ଯ୍ୟା ପାଣିଗ୍ରାହୀ, ରୋଟାରୀ କ୍ଲବ୍ ୟୁନିକ୍ ସଂପାଦକ ପ୍ରକାଶ ଚନ୍ଦ୍ର ଦାସ, ପ୍ରଥମ ଅର୍ଜୁନ ପୁରସ୍କାର ବିଜୟିନୀ କ୍ରୀଡ଼ାବିତ୍ ମିନତି ମହାପାତ୍ର ଓ ଡ. ଶୁଭେନ୍ଦୁ ଦାସ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସଂଗେ ସଂଗେ ଗୋଟିଏ ଲେଖାଏଁ ଚାରା ରୋପଣ କରିଥିଲେ ।

## ପଚାଶ କୋଟି ଟଙ୍କାର ଅତ୍ୟାଧୁନିକ ଅଟଳ ବସ୍ ଟର୍ମିନାଲ୍ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ



ନବରଙ୍ଗପୁର, ୮।୮ (ସଂଚାର ବ୍ୟୁରୋ): ନବରଙ୍ଗପୁରରେ ନିର୍ମାଣ ହେଉଛି ପଚାଶ କୋଟି ଟଙ୍କାର ଅତ୍ୟାଧୁନିକ 'ଏ-ଟାଇପ୍' ଅଟଳ ବସ୍ ଟର୍ମିନାଲ୍। ପୁରୁଣା ବସ୍‌ଷ୍ଟାଣ୍ଡର ସ୍ଥାନରେ ଗଢ଼ିଉଠୁଛି ଅତ୍ୟାଧୁନିକ ଯାତ୍ରୀ ସୁବିଧା କେନ୍ଦ୍ର, କାର୍ଯ୍ୟର ଅଗ୍ରଗତି ସମୀକ୍ଷା କଲେ ବିଧାୟକ ଗୌରୀଶଙ୍କର ମାଝୀ।

ଯାତ୍ରୀଙ୍କୁ ଉନ୍ନତ ସେବା ଯୋଗାଇବା ସହ ସହରର ପରିବହନ ବ୍ୟବସ୍ଥାକୁ ଆଧୁନିକ ରୂପ ଦେବା ଉଦ୍ଦେଶ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ନୂତନ ବସ୍ ଟର୍ମିନାଲ୍‌ରେ ଯାତ୍ରୀମାନଙ୍କ ପାଇଁ ପ୍ରଶସ୍ତ ପ୍ରତୀକ୍ଷାଳୟ, ପରିଷ୍କାର ପାନୀୟ ଜଳ, ଶୌଚାଳୟ, ପାର୍କିଂ, ଟିକେଟ୍ କାଉଣ୍ଟର ସହ ବିଭିନ୍ନ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହେବ। ସେହିପରି ବସ୍ ଚାଳକ, କଣ୍ଡକ୍ଟର, ହେଲ୍ପର ଓ ବସ୍ ପରିଚାଳନା ସହ ଜଡ଼ିତ କର୍ମଚାରୀଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ସୁବିଧାର ବ୍ୟବସ୍ଥା କରାଯାଇଛି।

ଏହି ବସ୍ ଟର୍ମିନାଲ୍ ପରିସରରେ ମୋଟ ୯୩ଟି ବାଣିଜ୍ୟିକ ଷ୍ଟଲ୍ ଓ ଦୋକାନ ଗୃହ ନିର୍ମାଣ କରାଯାଉଛି। ଏହି ଦୋକାନ ଗୁଡ଼ିକୁ ଭଡ଼ାରେ ନେଇ ସ୍ଥାନୀୟ ଯୁବକ ଓ ଯୁବତୀମାନେ ସ୍ୱାବଲମ୍ବୀ ହେବା ସହ ନିଜ ଜୀବିକା ନିର୍ବାହ କରିପାରିବେ।

ଶୁକ୍ରବାର ସକାଳେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ନିର୍ମାଣସ୍ଥଳରେ ପହଞ୍ଚି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ବିଧାୟକ ଗୌରୀଶଙ୍କର ମାଝୀ କହିଥିଲେ ଯେ, ଏହି ଅତ୍ୟାଧୁନିକ ବସ୍ ଟର୍ମିନାଲ୍ ନବରଙ୍ଗପୁର ସହରର ବିକାଶରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ। ଏହି ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର କରିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସେ କୃତଜ୍ଞତା ଜଣାଇଥିଲେ। ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଯାତ୍ରୀ ସେବାର ମାନ ବୃଦ୍ଧି ପାଇବା ସହ ନବରଙ୍ଗପୁର ସହରକୁ ଏକ ନୂତନ ପରିଚୟ ମିଳିବ ବୋଲି ସେ ଆଶା ପ୍ରକାଶ କରିଥିଲେ।

## କୋରାପୁଟରେ କଫି ଚାଷକୁ ମିଳିବ ନୂଆ ଗତି

**● ୫୦ ଲକ୍ଷ ଟଙ୍କାରେ ହେବ କଫି ପ୍ରୋସେସିଙ୍ଗ ୟୁନିଟ୍ ● ୨୫ ଲକ୍ଷରେ ଗୋଦାମ**



କୋରାପୁଟ, ୮।୮ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲାରେ କଫି ଚାଷକୁ ଅଧିକ ସମୃଦ୍ଧ ଓ ଲାଭଜନକ କରିବା ଦିଗରେ ପ୍ରଶାସନ ପକ୍ଷରୁ ନୂଆ ପଦକ୍ଷେପ ନିଆଯାଇଛି। ଚଳିତ ବର୍ଷ ଜିଲ୍ଲାରେ ୫୦ ଲକ୍ଷ ଟଙ୍କା ବ୍ୟୟରେ କଫି ପ୍ରୋସେସିଙ୍ଗ ୟୁନିଟ୍ ସ୍ଥାପନ କରାଯିବ। ଏଥିସହ କଫି ମଞ୍ଜି ସଂରକ୍ଷଣ ପାଇଁ ୨୫ ଲକ୍ଷ ଟଙ୍କା ବ୍ୟୟରେ ଗୋଦାମ ଗୃହ ନିର୍ମାଣ କରାଯିବ।

କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କଫି ଉନ୍ନୟନ ସମୀକ୍ଷା ବୈଠକରେ ଜିଲ୍ଲାରେ କଫି ଚାଷର ବିସ୍ତାର, ଚାଷୀଙ୍କ ଜୀବନଜୀବିକା ଓ କଫିର ମୂଲ୍ୟବୃଦ୍ଧି ନେଇ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଚଳିତ ବର୍ଷ ୫୦୦ ହେକ୍ଟର ଜମିରେ କଫି ଚାଷ ଏବଂ ୫୫୦୦ ହେକ୍ଟର ଅଞ୍ଚଳରେ ଛାୟା ବୃକ୍ଷ ରୋପଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କଫି ଚାଷକୁ ଜିଲ୍ଲାବାସୀଙ୍କ ଜୀବନ ଜୀବିକାର ଏକ ମୁଖ୍ୟ ମାଧ୍ୟମ ଭାବେ ଆହୁରି ସୁଦୃଢ଼ କରିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା।

କଫି ଚାଷୀଙ୍କୁ ଉତ୍ସାହିତ କରିବା ସହ ଉତ୍ପାଦନ ବୃଦ୍ଧି ଉଦ୍ଦେଶ୍ୟରେ ଜିଲ୍ଲାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ କଫି ଓ ଛାୟା ବୃକ୍ଷ ଚାରା ସରକାରୀ ମୂଲ୍ୟରେ ଯୋଗାଇ ଦିଆଯାଉଛି। ଏଥିସହ କଫି ପ୍ରକ୍ରିୟାକରଣକୁ ଅଧିକ ସହଜ କରିବା ପାଇଁ ୧୦୦ ଜଣ ହିତାଧିକାରୀଙ୍କୁ ପୁଲପେର ମେସିନ୍ ପାଇଁ ସହାୟତା ରାଶି ପ୍ରଦାନ କରାଯିବାକୁ ମଧ୍ୟ ସ୍ଥିର ହୋଇଛି।

କଫି ଚାଷର ପ୍ରସାର ସହ ପ୍ରକ୍ରିୟାକରଣ, ସଂରକ୍ଷଣ ଓ ଚାଷୀଙ୍କୁ ଆବଶ୍ୟକ ଯନ୍ତ୍ରପାତି ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଥିବାରୁ ଆଗାମୀ ଦିନରେ କୋରାପୁଟର କଫି ଚାଷ ଏକ ନୂଆ ଦିଗ ପାଇବ ବୋଲି ଆଶା କରାଯାଉଛି।

## କୃଷକ ମୋର୍ଚ୍ଚା ଜିଲ୍ଲା ପଦାଧିକାରୀ ବୈଠକ

ପାରାଦୀପ, ୮।୮ (ସଂଚାର ବ୍ୟୁରୋ): ଭାରତୀୟ ଜନତା ପାର୍ଟି କୃଷକ ମୋର୍ଚ୍ଚା, ଜଗତସିଂହପୁର ଜିଲ୍ଲା ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ପଦାଧିକାରୀ ବୈଠକ ଆଜି ସ୍ଥାନୀୟ ବିଜେପି ଜିଲ୍ଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀ ପ୍ରଶାନ୍ତ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ର, ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଅଶୋକ ମହାନ୍ତି, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଆଲୋକ ମହାନ୍ତି, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ତଥା ଜିଲ୍ଲା ପ୍ରଭାରୀ ସରୋଜ ସାହୁ ଏବଂ କୃଷକ ମୋର୍ଚ୍ଚା ଜିଲ୍ଲା ପ୍ରଭାରୀ ତରୁଣ ଦାଶ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ସାଙ୍ଗଠନିକ କାର୍ଯ୍ୟକଳାପ, କୃଷକମାନଙ୍କ ବିଭିନ୍ନ ସମସ୍ୟା ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ।




## ସମ୍ ନର୍ସିଂ କଲେଜ ପକ୍ଷରୁ ଅନ୍ତର୍ଜାତୀୟ ସ୍ତନ୍ୟପାନ ସପ୍ତାହ ପାଳିତ




ଭୁବନେଶ୍ୱର, ୮।୮ (ସଂଚାର ବ୍ୟୁରୋ): ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସମ୍ ନର୍ସିଂ କଲେଜ (ଏସ୍‌ଏନ୍‌ସି) କ୍ୟାମ୍ପସ୍-୧ର ଶିଶୁ ସ୍ୱାସ୍ଥ୍ୟ ନର୍ସିଂ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ସ୍ତନ୍ୟପାନ ସପ୍ତାହ ୨୦୨୬ ପରିପ୍ରେକ୍ଷୀରେ ଅଗଷ୍ଟ ୬ ଓ ୭ ତାରିଖ ଦୁଇ ଦିନ ଧରି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଚଳିତ ବର୍ଷର ପ୍ରସଙ୍ଗ "ବ୍ରେଷ୍ଟଫିଡିଂ ଫର ଏ ସଷ୍ଟେନେବଲ ଷ୍ଟାର୍ଟ ଇନ୍ ଲାଇଫ୍: ଷ୍ଟ୍ରେନ୍‌ଦେନ୍ ହ୍ୱାଟ ୱାର୍କ୍ସ"କୁ ଆଧାର କରି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

କାର୍ଯ୍ୟକ୍ରମର ପ୍ରଥମ ଦିନ ଅଗଷ୍ଟ ୬ ତାରିଖରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ ଅନ୍ତର୍ଗତ ଶିଶୁରୋଗ ବିଭାଗର ଓପିଡିରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମା' ଓ ଶିଶୁମାନଙ୍କର ଯତ୍ନ ନେଉଥିବା ନର୍ସମାନଙ୍କୁ ସ୍ତନ୍ୟପାନର ଗୁରୁତ୍ୱ ଓ ଲାଭ ସମ୍ପର୍କରେ ସଚେତନ କରାଯାଇଥିଲା।

ଦ୍ୱିତୀୟ ଦିନରେ ସମ୍ ନର୍ସିଂ କଲେଜରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସ୍‌ଏନ୍‌ସି କ୍ୟାମ୍ପସ୍-୧ର ଡିନ୍ ପ୍ରଫେସର (ଡାକ୍ତର) ସସ୍ମିତା ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିଶୁ ସ୍ୱାସ୍ଥ୍ୟ ନର୍ସିଂ ବିଭାଗର ଅସୋସିଏଟ୍ ପ୍ରଫେସର ଶ୍ରୀମତୀ ରୁବି ପ୍ରଧାନ ପ୍ରସଙ୍ଗ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ।

### ଅସ୍ତରଙ୍ଗରେ ଝାଉଁ ଚାରା ସ୍କାମ୍

## କାଗଜରେ ୮୦ ହଜାର ଗଛ, ଜମିରେ କେବଳ ଶୁଖିଲା କାଠି



**ଖବର ପ୍ରକାଶ ପରେ ରାତିରେ ଆସିଲା ଚାରା, ଦୋଷ ଘୋଡାଇବାର ପ୍ରୟାସ**

**ଭିଜିଲାନ୍ସ ତଦନ୍ତ ଦାବି**

କାକଟପୁର/ଅସ୍ତରଙ୍ଗ, ୮।୮ (ସଂଚାର ବ୍ୟୁରୋ): "ସବୁଜ ଓଡ଼ିଶା" ସ୍ଲୋଗାନ ଦେଇ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ପୁରୀ ଜିଲ୍ଲା ବନଖଣ୍ଡ ଅଧୀନ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳର ଛୁରୀଆନା ରୁ ଗଙ୍ଗାଦେବୀ ପର୍ଯ୍ୟନ୍ତ ସମୁଦ୍ର କୂଳରେ ଯାହା ଘଟିଛି ତାହା ସରକାରୀ ବ୍ୟବସ୍ଥା ପାଇଁ ଆଶ୍ଚର୍ଯ୍ୟର ବିଷୟ।

୨୦୨୪-୨୫ ମସିହାରେ କାମ୍ପା ଓ ମନରେଗା ଯୋଜନାରେ ୮୦ ହଜାର ଉର୍ଦ୍ଧ୍ୱ ଝାଉଁ ଚାରା ରୋପଣ ପାଇଁ ଲକ୍ଷାଧିକ ଟଙ୍କା ବିଲ ହୋଇସାରିଛି। ଫାଇଲରେ ଲେଖାହୋଇଛି ରୋପଣ ସରିଛି, କେତେ ଶ୍ରମିକ ଲାଗିଲେ, କେତେ ଦିନ କାମ ହେଲା ସବୁର ମଷ୍ଟର ରୋଲ ବି ପ୍ରସ୍ତୁତ। କିନ୍ତୁ ଜମିରେ ବାସ୍ତବତା ଅଲଗା। ରାସ୍ତା କଡରେ ଫଟୋ ପାଇଁ କିଛି ମାତ୍ରାରେ ଗଛ ଥିବା ବେଳେ ଭିତରେ ହଜାର ହଜାର ଏକର ଜମିରେ ଶୁଖିଲା କାଠି ପଡିଛି।

ଖବର ଛପିବା ପରେ ଏବେ ବନ ବିଭାଗର ତତ୍ପରତା ଦେଖାଇଛି। ଶୁକ୍ରବାର ରାତିରେ ଚାରା ଆସିଲା, ଶନିବାର ସକାଳୁ ତରାତରି ହୋଇ ରୋପଣ ଆରମ୍ଭ। ପ୍ରଶ୍ନ ହେଲା ପୂର୍ବରୁ ଯେତେବେଳେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲା ସେତେବେଳେ ଏହି ତତ୍ପରତା କୁଆଡେ ଯାଇଥିଲା? ଏବେ ଯେଉଁ ଚାରା ଲାଗୁଛି ତାହା କେଉଁ ପାଣ୍ଠିରୁ ବିଲ ହେବ? ନାଁ ଏହା ପୂର୍ବ ଦୋଷ ଘୋଡାଇବା ପାଇଁ ନୂଆ ବିଲ ପ୍ରସ୍ତୁତର ପ୍ରୟାସ?

ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ର କହିଛନ୍ତି, ଚାରା ମରିନାହିଁ, ୱାଟର ଲଗିଙ୍ଗ ହୋଇଛି। ତେବେ ଯଦି ଚାରା ଭଲ ଅଛି ତେବେ ରାତିରେ କାହିଁକି ନୂଆ ଚାରା ଆସିଲା ବୋଲି ଲୋକ ପ୍ରଶ୍ନ କରୁଛନ୍ତି।

ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା ଏତେ ବଡ ଘୋଟାଲା ପରେ ମଧ୍ୟ ପୁରୀ ବନଖଣ୍ଡ ଅଧିକାରୀ ଏପର୍ଯ୍ୟନ୍ତ କୌଣସି ପ୍ରେସ ବିଜ୍ଞପ୍ତି ଦେଇ ମତ ରଖିନାହାନ୍ତି। ୨ ବର୍ଷର ମଷ୍ଟର ରୋଲ, କେତେ ଚାରା ଲାଗିଲା, କେତେ ଶ୍ରମିକ ଲାଗିଲେ, କେତେ ଟଙ୍କା ବିଲ ହେଲା ସେ ସବୁର ହିସାବ ଦେବା କଥା। କିନ୍ତୁ ସେ ନୀରବ। ଜିଲ୍ଲାପାଳ, ଜଙ୍ଗଲ ପରିବେଶ ବିଭାଗ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଅଫିସ ବି ଏଯାଏଁ ଚୁପ୍। ବିଜେଡି ନେତା ତଥା ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ କହିଛନ୍ତି, "ପ୍ଲାଣ୍ଟେସନ ଦେଢ଼ ବର୍ଷ ହେଲା କିନ୍ତୁ ଗଛ ବଞ୍ଚିନାହିଁ। ରେଞ୍ଜର-ବନପାଳଙ୍କ ମନମୁଖି କାର୍ଯ୍ୟ ଯୋଗୁଁ ସରକାରୀ ଟଙ୍କା ଆତ୍ମସାଥ ହେଉଛି। ତୁରନ୍ତ ଭିଜିଲାନ୍ସ ତଦନ୍ତ ହେଉ। ଦୋଷୀ କର୍ମଚାରୀଙ୍କୁ ନିଲମ୍ବିତ କରାଯାଉ, ନଚେତ ବଦଳି କରାଯାଉ।

### ପଦ୍ମଶ୍ରୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କଲେ ସାଂସଦ ଧର୍ମେନ୍ଦ୍ର ପ୍ରଧାନ

# ପଦ୍ମ ପୁରସ୍କାରପ୍ରାପ୍ତ ପ୍ରତିଭା ସମାଜ ପାଇଁ ପ୍ରେରଣା



ସମ୍ବଲପୁର,୮।୮(ସଂଚାର ବ୍ୟୁରୋ): ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ରଙ୍ଗବତୀ ମଞ୍ଚରେ ଆୟୋଜିତ 'ମାଟିର ମହକ' କାର୍ଯ୍ୟକ୍ରମରେ ଯୋଗଦେଇ ପଶ୍ଚିମ ଓଡ଼ିଶାର ପଦ୍ମ ସମ୍ମାନିତ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ସହ ଆଲୋଚନା କରିଛନ୍ତି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି ଯେ ଏହି ମାଟିରେ ଜନ୍ମ ନେଇ ନିଜର ସାଧନା ଓ ପ୍ରତିଭା ବଳରେ ନୂତନ ପରିଚୟ ସୃଷ୍ଟି କରି ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିବା ବ୍ୟକ୍ତିବିଶେଷମାନେ ସମାଜ ପାଇଁ ଜୀବନ୍ତ ଉଦାହରଣ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନ କାଳରେ ପଦ୍ମ ସମ୍ମାନ ଏବେ 'ପିପୁଲ୍ସ ଆୱାର୍ଡ'ରେ ପରିଣତ ହୋଇଛି। ପୂର୍ବରୁ ପଦ୍ମ ପୁରସ୍କାର ପାଇବା ପାଇଁ ଦିଲ୍ଲୀର ଆଭିଜାତ୍ୟପୂର୍ଣ୍ଣ ସ୍ଥାନରେ ପହଞ୍ଚିବାକୁ ପଡୁଥିଲା, କିନ୍ତୁ ଆଜି ମୋଦି ସରକାର ଗାଁ ଗହଳିରେ ଲୋକକଳା, ସାହିତ୍ୟ, କୃଷି, ଶିକ୍ଷା ଓ ସମାଜସେବାରେ ନିଜକୁ ସମର୍ପି ଦେଇଥିବା ପ୍ରକୃତ ସାଧକଙ୍କୁ ଖୋଜି ବାହାର କରି ସମ୍ମାନିତ କରୁଛନ୍ତି। ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଓଡ଼ିଆ ଜାତି ଓ ସାହିତ୍ୟକୁ ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋଚନା କରି ଶ୍ରୀ ପ୍ରଧାନ ନିଜର କୋରାପୁଟର କୋଟିଆ ଗସ୍ତ ଅନୁଭୂତି ବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ କୋଟିଆ ଗସ୍ତ ସମୟରେ ମାତୃଭାଷାରେ ଶିକ୍ଷା ପ୍ରଦାନର ଗୁରୁତ୍ୱ ଓ ଆବଶ୍ୟକତା କେତେ ଅଧିକ, ତାହା ଅନୁଭୂତ ହୋଇଥିଲା। ନିଜ ଭାଷା, ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେବା ଓ ଗୌରବମୟ ଇତିହାସକୁ ଜାଣିବା ଆଜିର ସମୟର ଦାୟିତ୍ୱ। ଏହି ସାଂସ୍କୃତିକ ଆକାଂକ୍ଷାକୁ ସାକାର କରିବା ପାଇଁ ସମ୍ବଲପୁରଠାରେ ସଂସ୍କୃତ ନାଟ୍ୟକାର ମୁରାରି ମିଶ୍ରଙ୍କ ନାମରେ ଏକ କଳା ମହାବିଦ୍ୟାଳୟ ସ୍ଥାପନ ନିମନ୍ତେ ସମସ୍ତେ ଉଦ୍ୟମ କରିବାକୁ ସେ ଆହ୍ୱାନ ଦେଇଛନ୍ତି।



ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୋଏଡାସ୍ଥିତ ହାୟର କମ୍ପାନୀ ପରିଦର୍ଶନ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ କମ୍ପାନୀର ଅଧିକାରୀ ଓ ଟେକ୍ନିସିଆନଙ୍କ ସହ ଆଲୋଚନା କରିଥିଲେ ଏବଂ ଉତ୍ପାଦନ ପ୍ରକ୍ରିୟା ଓ ବ୍ୟବସ୍ଥାଗୁଡ଼ିକୁ ସମୀକ୍ଷା କରିଥିଲେ।

## ୧୪ରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ

### ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ): ଆସନ୍ତା ୧୪ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଓଡ଼ିଶାରେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ବଙ୍ଗୋପସାଗରରେ ପୁଣି ଏକ ନୂଆ ପାଣିପାଗ ପ୍ରକ୍ରିୟା ସକ୍ରିୟ ହେବାର ସଙ୍କେତ ମିଳିଛି। ଆସନ୍ତା ୧୪ ତାରିଖ ପାଖାପାଖି ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ଆଇଏମ୍‌ଡିର ଆକଳନ ଅନୁଯାୟୀ, ପ୍ରଥମେ ୧୨ ଅଗଷ୍ଟ ପାଖାପାଖି ଉତ୍ତର ବଙ୍ଗୋପସାଗର ଉପରେ ଏକ ଉପର ବାୟୁମଣ୍ଡଳୀୟ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ସମ୍ଭାବ୍ୟ ଲଘୁଚାପଟି ବର୍ତ୍ତମାନର ପାଣିପାଗ ପ୍ରକ୍ରିୟାଠାରୁ ଭିନ୍ନ। ଆସନ୍ତା ୧୩ରୁ ୧୯ ତାରିଖ ମଧ୍ୟରେ ପୂର୍ବ ଓ ଉତ୍ତର-ପୂର୍ବ ଭାରତରେ ବର୍ଷାର ପ୍ରଭାବ ବଢ଼ିପାରେ। ଏହି ସମୟରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ-ସିକ୍କିମ, ଅରୁଣାଚଳ ପ୍ରଦେଶ, ଆସାମ ଓ ମେଘାଳୟର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି। ସମ୍ଭାବ୍ୟ ଲଘୁଚାପର ଗତିପଥ, ତୀବ୍ରତା ଓ କେଉଁ ଅଞ୍ଚଳରେ କେତେ ବର୍ଷା ହେବ, ସେନେଇ ଏବେଠାରୁ ସ୍ପଷ୍ଟ ଚିତ୍ର ମିଳିନାହିଁ। ସିଷ୍ଟମ୍ ଗଠନର ସମୟ ନିକଟତର ହେଲେ ଆଇଏମ୍‌ଡିର ପରବର୍ତ୍ତୀ ପୂର୍ବାନୁମାନରେ ଏନେଇ ଅଧିକ ସ୍ପଷ୍ଟତା ଆସିବ।

## ଏଆଇ ତିଆରି ବାଘ ଫଟୋ ଭାଇରାଲ୍ କରି ଯୁବକ ହନ୍ତସନ୍ତ



ଚଣ୍ଡିଖୋଲ, ୮।୮ (ସଂଚାର ବ୍ୟୁରୋ): ସୋସିଆଲ ମିଡିଆରେ ଏଆଇ ତିଆରି ବାଘ ଫଟୋ ଭାଇରାଲ କରି ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ଯୁବକଙ୍କୁ ମହଙ୍ଗା ପଡ଼ିଛି । ବାଘକୁ ଖୋଜିବାକୁ ଯାଇ ପ୍ରଶାସନ ନାକେଦମ୍ ହେବା ପରେ ଶେଷରେ ଘଟଣାର ସତ ସାମ୍ନାକୁ ଆସିଛି । ଘଟଣା ଘଟିଛି ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବଣିଆରି ଗାଁରେ । ସୂଚନା ଅନୁଯାୟୀ, ଶନିବାର ବଣିଆରି ଅଞ୍ଚଳରେ ଏକ ବାଘ ବୁଲୁଥିବା ନେଇ ସୋସିଆଲ ମିଡିଆରେ ଏକ ଫଟୋ ଜୋରଦାର ଭାଇରାଲ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ନିଜେ ବାଘକୁ ଦେଖିଥିବା ଏବଂ ତା'ର ଫଟୋ ନିଜ ମୋବାଇଲରେ ଉଠାଇଥିବା ଦାବି କରିଥିଲେ। ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ରେଞ୍ଜର, ଚଣ୍ଡିଖୋଲ ଫରେଷ୍ଟର, ଯାଜପୁର ରୋଡ୍ ଏସଡିପିଓ ଏବଂ ବାଲିଚନ୍ଦ୍ରପୁର ପୋଲିସ ପହଞ୍ଚି ବ୍ୟାପକ ତନାଘନା ଆରମ୍ଭ କରିଥିଲେ । ଗାଁ ନିକଟସ୍ଥ ବଣିଜ୍ଞ ସ୍ଥାନରେ ବାଘର ପାଦଚିହ୍ନ ପଡ଼ିଥିବା ନେଇ ଚର୍ଚ୍ଚା ହେଉଥିବାରୁ ପୋଲିସ ଓ ବନ ବିଭାଗ ମିଳିତ ଭାବେ ଖୋଜାଖୋଜି କରିଥିଲେ। ମାତ୍ର ଦୀର୍ଘ ସମୟର ସର୍ଚ୍ଚ ଅପରେସନ୍ ପରେ ମଧ୍ୟ ବାଘର କୌଣସି ସ୍ପଷ୍ଟ ସୂଚନା ମିଳି ନ ଥିଲା । ଯାଞ୍ଚ ସମୟରେ ପରେ ଯେଉଁ ତଥ୍ୟ ଆସିଥିଲା, ତାହା ଜାଣି ସମସ୍ତେ ମୁହଁରେ ହାତ ଦେଇଥିଲେ । ଫଟୋର ସତ୍ୟାସତ୍ୟ ଯାଞ୍ଚ କରିବା ପାଇଁ ପୋଲିସ ବାଘ ଦେଖିଥିବା ନେଇ ଦାବି କରିଥିବା ଯୁବକଙ୍କୁ ଅଧିକ ପଚରାଉଚରା କରିଥିଲା। ପୋଲିସର ପଚରାଉଚରାରେ ଯୁବକ ଜଣକ ନିଜର ଦୋଷ ସ୍ୱୀକାର କରିଥିଲେ । ଫଟୋଟି ସତ୍ୟ ନୁହେଁ, ବରଂ ଏଆଇ ସାହାଯ୍ୟରେ ତିଆରି କରି ସୋସିଆଲ ମିଡିଆରେ ଛାଡ଼ିଥିବା ସେ ମାନିଥିଲା ।ଏହାପରେ ବାଲିଚନ୍ଦ୍ରପୁର ପୋଲିସ ଯୁବକଙ୍କୁ ଅଟକ ରଖି ଥାନାକୁ ନେଇଛି ।

### ● ରାଜ୍ୟ ତୃତୀୟଲିଙ୍ଗୀ କଲ୍ୟାଣ ବୋର୍ଡର ପ୍ରଥମ ବୈଠକ

## ସରକାରୀ ନିଯୁକ୍ତିରେ ରହିବ 'ତୃତୀୟଲିଙ୍ଗୀ' ବିକଳ୍ପ



ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ): ତୃତୀୟଲିଙ୍ଗୀ ବ୍ୟକ୍ତିମାନଙ୍କର ଅଧିକାର, ସୁରକ୍ଷା ଓ ଆତ୍ମସମ୍ମାନକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ରାଜ୍ୟ ତୃତୀୟଲିଙ୍ଗୀ କଲ୍ୟାଣ ବୋର୍ଡର ପ୍ରଥମ ବୈଠକ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ତୃତୀୟଲିଙ୍ଗୀ ସମ୍ପ୍ରଦାୟର ସମାଜରେ ସମାନ ସୁଯୋଗ ଓ ସର୍ବାଙ୍ଗୀନ ବିକାଶ ପାଇଁ ଚାଲିଥିବା ବିଭିନ୍ନ ଯୋଜନାର ସମୀକ୍ଷା କରାଯିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି। ଏହି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ନିର୍ଦ୍ଦେଶିକା ପାରୁଲ ପଟୱାରୀ, ଅତିରିକ୍ତ ସଚିବ ସୋନିଆ ବେହେରା, ଅତିରିକ୍ତ ସଚିବ ଦୀପକ ରାଉତରାଏଙ୍କ ସମେତ ବଲାଙ୍ଗିର ଜିଲ୍ଲାର ପ୍ରତିନିଧି ଏବଂ ମହିଳା ଓ ଶିଶୁ ବିକାଶ, ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ ଚିତି, ସୁରକ୍ଷା ଟ୍ରଷ୍ଟ, ବାଲାଙ୍ଗୀର 'ଚେତନା' ଅନୁଷ୍ଠାନ ଓ ତୃତୀୟଲିଙ୍ଗୀ ସମ୍ପ୍ରଦାୟର ସଦସ୍ୟମାନେ ଯୋଗଦେଇ ନିଜର ପ୍ରସ୍ତାବ ରଖିଥିଲେ।

ବୈଠକରେ ମନ୍ତ୍ରୀ ଶ୍ରୀ ଗଣ୍ଡ ବିଭିନ୍ନ କଲ୍ୟାଣକାରୀ ଯୋଜନାର ଅଗ୍ରଗତି ବିଷୟରେ ଆଲୋଚନା କରିଥିଲେ। 'ସ୍ମାଇଲ୍' ଯୋଜନା ମାଧ୍ୟମରେ ରାଜ୍ୟରେ ୮୦ଟି ତୃତୀୟଲିଙ୍ଗୀ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଛି, ଯେଉଁଥିରୁ ୪୧ଟି ଗୋଷ୍ଠୀକୁ ୫୦ ହଜାର ଟଙ୍କା ଲେଖାଏଁ ଏକକାଳୀନ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। 'ସ୍ମାଇଲ' ଯୋଜନାରେ ରାଜ୍ୟର ୩,୧୫୯ ଜଣ ତୃତୀୟଲିଙ୍ଗୀଙ୍କୁ ପରିଚୟ ପତ୍ର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ତୃତୀୟ ଲିଙ୍ଗୀମାନଙ୍କୁ ସରକାରୀ ଚାକିରିରେ ସମାନ ସୁଯୋଗ ଦେବା ପାଇଁ ଆବେଦନ ପତ୍ର ଓ ନିଯୁକ୍ତି ନିୟମାବଳୀରେ 'ତୃତୀୟଲିଙ୍ଗୀ' ବିକଳ୍ପ ସାମିଲ କରିବାକୁ ମନ୍ତ୍ରୀ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସୁରକ୍ଷା ବ୍ୟବସ୍ଥାକୁ ଜୋରଦାର କରିବା ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ 'ତୃତୀୟଲିଙ୍ଗୀ ସୁରକ୍ଷା ସେଲ୍' ଗଠନ, ସୋସିଆଲ ମିଡିଆରେ ଆକ୍ଷେପ ବା ଅପମାନ ବିରୋଧରେ କାର୍ଯ୍ୟାନୁଷ୍ଠାନ, ସାଇବର ସୁରକ୍ଷା ସେଲ୍ ଓ ଏକ ସ୍ୱତନ୍ତ୍ର ହେଲ୍ପଲାଇନ୍ ନମ୍ବର ଚାଲୁ କରିବାକୁ ପ୍ରସ୍ତାବ ଦିଆଯାଇଛି।

### ● ଓଡ଼ିଶା ସାହିତ୍ୟ ମହୋତ୍ସବ ଓ ରାଷ୍ଟ୍ରୀୟ ଯୁବ ସାହିତ୍ୟିକ ସମ୍ମିଳନୀ ଆୟୋଜିତ

## ଓଡ଼ିଆ ସାହିତ୍ୟର ଇତିହାସ ସମୃଦ୍ଧ: ସଂସ୍କୃତି ମନ୍ତ୍ରୀ



ଭୁବନେଶ୍ୱର/ପୁରୀ,୮।୮(ସଂଚାର ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ମିଳିତ ସହଯୋଗରେ ଆଜି ପୁରୀ ଜିଲ୍ଲାସ୍ଥିତ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ 'ଓଡ଼ିଶା ସାହିତ୍ୟ ମହୋତ୍ସବ ଓ ରାଷ୍ଟ୍ରୀୟ ଯୁବ ସାହିତ୍ୟିକ ସମ୍ମିଳନୀ-୨୦୨୬' ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିଜର ଅଭିଭାଷଣରେ ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ ଓଡ଼ିଆ ଭାଷା ହେଉଛି ଆମ ପରିଚୟ। ଓଡ଼ିଆ ସାହିତ୍ୟର ଇତିହାସ ସମୃଦ୍ଧ ଓ ଭବିଷ୍ୟତ ଉଜ୍ଜ୍ୱଳ। ବହୁ ସାରସ୍ୱତ ସାଧକମାନଙ୍କର ଲେଖନୀ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ଅତୀତରୁ ନେଇ ବର୍ତ୍ତମାନର କୃତ୍ରିମ ବୁଦ୍ଧିମତାର ଯୁଗରେ ମଧ୍ୟ ଓଡ଼ିଆ ସାହିତ୍ୟ ସଦାସର୍ବଦା ସମାଜର ବାସ୍ତବତାକୁ ପ୍ରତିଫଳିତ କରିଛି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଆଗେଇ ନେବାରେ ଓଡ଼ିଶା ସାହିତ୍ୟ ମହୋତ୍ସବ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଆଗାମୀ ଦିନରେ ଓଡ଼ିଶାର ଯୁବ ସାହିତ୍ୟିକମାନେ ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ଏବଂ ପ୍ରଚାର ଓ ପ୍ରସାର ପାଇଁ ନିଜର ନିରନ୍ତର ପ୍ରୟାସ ଜାରି ରଖନ୍ତୁ ବୋଲି ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।

କାର୍ଯ୍ୟକ୍ରମରେ 'ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ ବୈଚିତ୍ର୍ୟ', 'ଜଗନ୍ନାଥ ଦାସଙ୍କ ଭାଗବତର ଅନୁବାଦ ବୈଶିଷ୍ଟ୍ୟ', 'ଏକବିଂଶ ଶତାବ୍ଦୀର ସାହିତ୍ୟରେ ରାଷ୍ଟ୍ରବୋଧ' ଆଦି ବିଷୟ ବସ୍ତୁକୁ ନେଇ ଆଲୋଚନା କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତା, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟ, ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସଭାପତି ଡ. ଅଭୟ କୁମାର ନାୟକ, ସାଧାରଣ ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ର, ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ. ଦିଲୀପ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସମ୍ପାଦକ ରାମକୃଷ୍ଣ ତ୍ରିପାଠୀ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ୱେତଗଙ୍ଗାରେ ବୁଡି ଯୁବକ ମୃତ

ପୁରୀ, ୮।୮ (ସଂଚାର ବ୍ୟୁରୋ): ପୁରୀର ଶ୍ୱେତଗଙ୍ଗା ପୁଷ୍କରିଣୀରେ ଗାଧୋଉଥିବା ବେଳେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଉଛନ୍ତି ଭୁବନେଶ୍ୱର ସତ୍ୟଭାମାପୁରର ସମ୍ବିତ ପ୍ରଧାନ। ସାଙ୍ଗମାନଙ୍କ ସହ ସମ୍ବିତ ପୁରୀ ବୁଲିବାକୁ ଆସିଥିଲେ। ମହାପ୍ରଭୁଙ୍କ ଦର୍ଶନ ସାରି ୫ ଜଣ ସାଙ୍ଗଙ୍କ ସହ ଶ୍ୱେତଗଙ୍ଗାରେ ସ୍ନାନ କରୁଥିବା ସମୟରେ ସମ୍ବିତ ଗଭୀର ପାଣିକୁ ଚାଲିଯାଇଥିଲେ। ସାଙ୍ଗମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଖବର ପାଇ ଘଟଣାସ୍ଥଳରେ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି।

### ● ସମଲିଙ୍ଗୀ ସମ୍ପର୍କରୁ ନାବାଳିକା ଅପହରଣ

## ଅଭିଯୁକ୍ତ ଯୁବତୀଙ୍କୁ ବାନ୍ଧିଲା ପୁଲିସ

ଅନୁଗୋଳ, ୮।୮ (ସଂଚାର ବ୍ୟୁରୋ): ଅନୁଗୋଳ ସହରରେ ଜଣେ ଯୁବତୀଙ୍କ ସମଲିଙ୍ଗୀ ପ୍ରେମ ଚର୍ଚ୍ଚାର ବିଷୟ ହୋଇଛି। ଯୁବତୀ ଜଣକ ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇବା ସହ ସମ୍ପର୍କ ନିବିଡ଼ ହେବା ପରେ ଜୀବନ ସାରା ଏକାଠି ରହିବାକୁ ପ୍ରତିଶ୍ରୁତି ଦେଇ ତାଙ୍କୁ ଧରି ଫେରାର୍ ହୋଇଯାଇଛନ୍ତି। ଏନେଇ ଅଭିଯୋଗ ପାଇବା ପରେ ଟାଉନ୍ ଥାନା ପୁଲିସ୍ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଶୁକ୍ରବାର ଅଭିଯୁକ୍ତ ଯୁବତୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଯୁବତୀଙ୍କ ଘର ତାଳଚେର ଅଞ୍ଚଳରେ। ସେ ଅନୁଗୋଳ ସହରର ରାଧାରମଣପଡ଼ା ଅଞ୍ଚଳର ଜଣେ ନାବାଳିକାଙ୍କ ପ୍ରେମରେ ପଡ଼ିଥିଲେ। ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇବା ସହିତ ଜୀବନ ସାରା ଏକାଠି ରହିବାର ରଙ୍ଗୀନ୍ ସ୍ୱପ୍ନ ଦେଖାଇଥିଲେ। ପରିବାର ଲୋକେ ଆରମ୍ଭରୁ ଏହାକୁ ନଜରଅନ୍ଦାଜ କରିଥିଲେ ହେଁ ପରେ ତାଙ୍କ ବ୍ୟବହାରକୁ ନେଇ ସନ୍ଦେହ କରିଥିଲେ। ମାତ୍ର ସେତେବେଳକୁ ନେଡ଼ି ଗୁଡ଼ କହୁଣୀକୁ ବୋହି ସାରିଥିଲା। ନାବାଳିକା ମଧ୍ୟ ତାଙ୍କ ପ୍ରେମରେ ସମର୍ପିତ ଥିଲେ। କିଛିମାସ ତଳେ ନାବାଳିକାଙ୍କୁ ଧରି ଯୁବତୀ ଫେରାର୍ ହୋଇଯାଇଥିଲେ। ଅଭିଯୁକ୍ତ ଯୁବତୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

## ଯୁବକଙ୍କୁ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ



ରାଉରକେଲା,୮।୮(ସଂଚାର ବ୍ୟୁରୋ): ଜନୈକ ଯୁବକଙ୍କୁ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ କରାଯାଇଛି। ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡା ଥାନା ଘଣିଘଷାରେ ଘଟିଛି ଏପରି ବୀଭତ୍ସ କାଣ୍ଡ। ଶୌଚ ପାଇଁ ଯାଇଥିବା ସମୟରେ କାହ୍ନୁଚରଣ ମହାନ୍ତଙ୍କୁ କେତେକ ଦୁର୍ବୃତ୍ତ ପେଟ୍ରୋଲ୍ ଢାଳି ଜାଳିଦେବାକୁ ଉଦ୍ୟମ କରିଥିଲେ। ୪ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ପେଟ୍ରୋଲ ଢାଳିବା ସହ ଜୋର ଜବରଦସ୍ତ ପେଟ୍ରୋଲ ପିଆଇ ନିଆଁ ଲଗାଇ ସେଠାରୁ ଫେରାର୍ ହୋଇଛନ୍ତି। ଫଳରେ କାହ୍ନୁଚରଣଙ୍କ ଶରୀରର ୮୦ ପ୍ରତିଶତ ପୋଡ଼ିଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜମି ବିବାଦରୁ ଏଭଳି ଅଭାବନୀୟ କାଣ୍ଡ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଗ୍ରାମରେ ଚାଞ୍ଚଲ୍ୟ ଖେଳିଯାଇଛି।

ମିଳିଥିବା ସୂଚନାନୁସାରେ, ଘଣିଘଷା ଗ୍ରାମର କାହ୍ନୁ ଚରଣ ମହାନ୍ତ ଆଜି ସକାଳେ ଶୌଚ ପାଇଁ ନିକଟସ୍ଥ ନାଳକୁ ଯାଉଥିବା ବେଳେ ଚାରିଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ତାଙ୍କ ଉପରେ ପେଟ୍ରୋଲ ଢାଳିବା ସହ ନିଆଁ ଲଗାଇ ଦେଇଥିବା କୁହାଯାଉଛି। କାହ୍ନୁଚରଣଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଲହୁଣୀପଡ଼ା ଡାକ୍ତରଖାନାକୁ ନିଆଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ଆଇଜିଏଚ୍‌କୁ ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ଖବର ପାଇ ଲହୁଣୀପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ଦିଆସିଲି, ପେଟ୍ରୋଲ ଥିବା ଏକ ବୋତଲ ଓ ଚପଲ ଆଦି ପୁଲିସ୍ ଜବତ କରିଛି।

## ଗାଧୋଉଥିବା ବେଳେ ନାବାଳକ ମୃତ

ନୀଳଗିରି,୮।୮(ସଂଚାର ବ୍ୟୁରୋ): ସାଳନ୍ଦୀ କେନାଲରେ ବାପ, ପୁଅ ଓ ପୁତୁରା ଗାଧୋଉଥିବା ସମୟରେ ଅସାବଧାନତାବଶତଃ ଜଣଙ୍କର ଜୀବନ ଚାଲିଯାଇଛି। ନୀଳଗିରି ୧ ନମ୍ବର ୱାର୍ଡରେ ରହୁଥିବା ଜଟା ଧାମୁଡ଼ିଆଙ୍କ ବଡ଼ଭାଇ ବଦ୍ରି ଧାମୁଡ଼ିଆ ୫ ନମ୍ବର ୱାର୍ଡରେ ରହନ୍ତି। ତେବେ ଆଜି ଅପରାହ୍ନରେ ଗାଧୋଇବା ପାଇଁ ଗାଁ ମୁଣ୍ଡରେ ଥିବା ସାଳନ୍ଦୀ କେନାଲକୁ ବଦ୍ରି ଓ ତାଙ୍କ ପୁଅ ସାଇ(୭) ଏବଂ ପୁତୁରା ରାହୁଲ (୮) ମିଶି ଗାଧୋଇବା ପାଇଁ ଯାଇଥିଲେ। ସମସ୍ତେ ଗାଧୋଇ ସାରି ଘରକୁ ଆସିବାକୁ ବାହାରିବା ବେଳେ କୌଣସି କାରଣରୁ ଦୁଇ ଭାଇ ବାହାରିବା ଡେରି କରି ପଛରେ କେନାଲ ଆଡ଼ିରେ ଚାଲି ଚାଲି ଆସୁଥିବା ସମୟରେ ରାହୁଲଙ୍କ ଗୋଡ଼ କେନାଲକୁ ଖସିଯିବାରୁ ସେ କେନାଲ ଭିତରେ ଖସିଯାଇଥିଲେ। ଏହି ସମୟରେ ସେ ସାଇର ହାତକୁ ହଠାତ ଧରିପକାଇବା ସମୟରେ ସାଇ ତଳେ ପଡିଯାଇଥିଲେ ଓ ତାଙ୍କ ମୁହଁ ମାଡ଼ ହୋଇଯାଇଥିଲା। ଏହି ସମୟରେ ରାହୁଲର ସାଇର ହାତ ଛାଡ଼ି ଗୋଡ଼କୁ ଧରି ପକାଇଥିଲା। ଗୋଡ ଧରିଥିବାରୁ ସାଇ ଚିତ୍କାର କରିଥିଲା। ଚିତ୍କାର ଶୁଣି ରାହୁଲ ଭୟଭୀତ ହୋଇ ସାଇ ଗୋଡ଼ ଛାଡ଼ିଦେଇଥିଲା। ସାଇର ଚିତ୍କାର ଶୁଣି ବାପା ପଛକୁ ଫେରି ଦୌଡ଼ି ଆସି ଦେଖିବା ବେଳକୁ ରାହୁଲ ପାଣି ଭିତରେ ବୁଡ଼ିଯାଇଥିଲା। ଖବର ପାଇ ନୀଳଗିରି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବହୁ ସମୟ ଖୋଜାଖୋଜି କରିବା ପରେ ପାଣି ଭିତରୁ ବାହାର କରିଥିଲେ। ସେତେବେଳକୁ ରାହୁଲର ଚେତା ନ ଥିଲା। ତାକୁ ସଙ୍ଗେ ସଙ୍ଗେ ନୀଳଗିରି ଡାକ୍ତରଖାନା ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଝାଡ଼ାବାନ୍ତିର କୌଣସି ଗୋଷ୍ଠୀ ସଂକ୍ରମଣ ନାହିଁ

କଟକ, ୮।୮ (ସଂଚାର ବ୍ୟୁରୋ): କଟକ ଜିଲ୍ଲାରେ ଝାଡ଼ାବାନ୍ତିର କୌଣସି ଗୋଷ୍ଠୀ ସଂକ୍ରମଣ ହୋଇନାହିଁ। ବାଙ୍କୀ ଉପଖଣ୍ଡର କଳାପଥର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୋଟ ୬ ଜଣ ଝାଡ଼ାବାନ୍ତି ଆକ୍ରାନ୍ତ ଚିକିତ୍ସିତ ହୋଇଥିଲେ। ସମସ୍ତ ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ପରେ ଘରକୁ ପଠାଇଦିଆଯାଇଛି। ଏହି ଘଟଣାରେ ୩ଟି ଏଚଏସ ପରୀକ୍ଷା କରାଯାଇଥିବା ବେଳେ ସମସ୍ତ ପରୀକ୍ଷା ନେଗେଟିଭ୍ ଆସିଛି। ତେଣୁ ଏହା କୌଣସି ଗୋଷ୍ଠୀ ସଂକ୍ରମଣର ଲକ୍ଷଣ ନୁହେଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବର୍ଷାଋତୁ ପୂର୍ବରୁ ଜିଲ୍ଲାର ସମସ୍ତ ପାନୀୟଜଳ ଉତ୍ସକୁ ନିୟମିତ ବିଶୋଧନ କରାଯାଇଥିବା ବେଳେ ଏବେ ଦ୍ୱିତୀୟ ପର୍ଯ୍ୟାୟର ବିଶୋଧନ କାର୍ଯ୍ୟ ଚାଲିଛି। ପ୍ରତିଷେଧମୂଳକ ସ୍ୱରୂପ ସମ୍ପୃକ୍ତ ଗ୍ରାମରେ ପାନୀୟଜଳ ଉତ୍ସ ବିଶୋଧନ ସହିତ ଘର କୁ ଘର ଏଚଏସ ସର୍ଭେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଘରେ ଘରେ ତ୍ରିରଙ୍ଗା ଅଭିଯାନ

## ଆଜିଠାରୁ ରାଜ୍ୟବ୍ୟାପୀ କାର୍ଯ୍ୟକ୍ରମ



ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ): ଚଳିତ ବର୍ଷ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆସନ୍ତାକାଲିଠାରୁ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଘରେ ଘରେ ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଭୁବନେଶ୍ୱରଠାରୁ ଆରମ୍ଭ କରି ବ୍ଲକ ଓ ପଞ୍ଚାୟତ ସ୍ତରରେ ଯାଏଁ ଘରେ ଘରେ ତ୍ରିରଙ୍ଗା ଅଭିଯାନ ପାଳନ କରାଯିବ। ଘରେ ଘରେ ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତ୍ୟେକ ଜିଲ୍ଲାକୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯାଇଛି ବୋଲି ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଆସନ୍ତାକାଲି କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ତ୍ରିରଙ୍ଗା ରାଲି ଆୟୋଜିତ ହେବ। ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେବେ।

### ମିଶନ ଶକ୍ତି ମହିଳା ତିଆରି କରିବେ ୬୦ ଲକ୍ଷ ପତାକା

ହାତୀଆଶୁଣି ଗ୍ରାଉଣ୍ଡଠାରୁ ଲୁମ୍ବିନୀ ବିହାର ରୋଡ୍ ପର୍ଯ୍ୟନ୍ତ ତ୍ରିରଙ୍ଗା ର୍ୟାଲି ଆୟୋଜିତ ହେବ। ଜାତୀୟ ଗୀତ ଓ ଜାତୀୟ ସଙ୍ଗୀତ ଗାନ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ତ୍ରିରଙ୍ଗା ର୍ୟାଲିରେ ସମସ୍ତ ସରକାରୀ ଅଧିକାରୀ, ଯୁବ ବର୍ଗ, ସ୍ୱେଚ୍ଛାସେବୀ ସଂଗଠନ, କ୍ରୀଡ଼ାବିତ, ଛାତ୍ରଛାତ୍ରୀ, ଏନସିସି ଓ ଏନଏସଏସ ସ୍ୱେଚ୍ଛାସେବୀଙ୍କ ସମେତ ଓଡ଼ିଶାର ସମସ୍ତ ଜନସାଧାରଣ ଯୋଗଦେବେ। ସେହିପରି ଭାବେ ଜିଲ୍ଲା ସ୍ତରରେ ମଧ୍ୟ ତ୍ରିରଙ୍ଗା ରାଲିର ଆୟୋଜନ କରାଯିବ। ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମିଶନ ଶକ୍ତି ବିଭାଗ ଅଧୀନରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ୬୦ଲକ୍ଷ ଜାତୀୟ ପତାକା ପ୍ରସ୍ତୁତ କରାଯାଇ ସମସ୍ତ ଜିଲ୍ଲାମାନଙ୍କୁ ବଣ୍ଟନ କରାଯିବ।

## ୫ ମାସ ହେଲାଣି ନାହାନ୍ତି ଶିକ୍ଷକ, ପିଲାଙ୍କୁ ଜଗୁଛନ୍ତି ପାଚିକା



ପୁରୀ,୮।୮(ସଂଚାର ବ୍ୟୁରୋ): ବିନା ଶିକ୍ଷକରେ ଚାଲିଛି ସ୍କୁଲ। ଗତ ୫ ମାସ ହେଲାଣି ସ୍କୁଲ୍‌ରେ ଶିକ୍ଷକ ନାହାନ୍ତି। ଫଳସ୍ୱରୂପ ପିଲାଙ୍କୁ ପାଚିକା ଜଗୁଛନ୍ତି। ମଧ୍ୟାହ୍ନଭୋଜନ ଖାଇବା ପରେ ଛାତ୍ରଛାତ୍ରୀମାନେ ଆଉ ପାଠ ନ ପଢ଼ି ଘରକୁ ପଳାଉଛନ୍ତି। ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ୍ ଗୌଡ଼ରାଣପଡ଼ା ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ବିଦ୍ୟାଳୟର ଦୁଇ ଜଣ ଶିକ୍ଷକ ଅବସର ନେବାର ୫ ମାସ ବିତିଲାଣି। ହେଲେ ଏପର୍ଯ୍ୟନ୍ତ ସ୍କୁଲକୁ ସେମାନଙ୍କ ସ୍ଥାନରେ କୌଣସି ଶିକ୍ଷକ ଆସିନାହାନ୍ତି। ତେଣୁ ଗାଁର କେହି ଶିକ୍ଷିତ ଯୁବକ ସମୟ ପାଇଲେ ଯାଇ ସେଠାରେ ପାଠ ପଢ଼ାଉଛନ୍ତି। ନିକଟରେ ଥିବା ୟୁପି ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ମଧ୍ୟାହ୍ନଭୋଜନ କଥା ବୁଝିବା ପାଇଁ ସ୍କୁଲ୍ ଯାଉଛନ୍ତି। ଏନେଇ ବ୍ରହ୍ମଗିରି ବିଇଓଙ୍କ ନିକଟରେ ଅଭିଯୋଗ କରିବାକୁ କେତେକ ଅଭିଭାବକ ଯାଇଥିଲେ ବି ଅଫିସରେ ତାଲା ପଡ଼ିଥିବାରୁ ସେମାନେ ଫେରିଆସିଛନ୍ତି। ଏହି ଘଟଣାରେ ଅନ୍ୟ କୌଣସି ଅଧିକାରୀ ମୁହଁ ଖୋଲୁନାହାନ୍ତି। ତେଣୁ ଆଉ କେତେ ଦିନ ସ୍କୁଲଟି ଏପରି ବିନା ଶିକ୍ଷକରେ ଚାଲିବ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରୁଛନ୍ତି।

## କ୍ଷୀର ଗାଡ଼ିରେ ମଦ; କାଉଡ଼ିଆ ବେଶରେ ଗଞ୍ଜେଇ ଚାଲାଣ

### ୩ ବେପାରୀ ଗିରଫ



ଭୁବନେଶ୍ୱର/କନ୍ଧମାଳ(ସଂଚାର ବ୍ୟୁରୋ): କ୍ଷୀର ଗାଡ଼ିରେ ବୁହା ହେଉଛି ମଦ। ଭୁବନେଶ୍ୱରରୁ ଧରାପଡ଼ିଛି ଏପରି କ୍ଷୀର ଗାଡ଼ି। ଟାଟା ଏସିରେ ଦେଶୀ ମଦ ଚାଲାଣ ବେଳେ ଏହାକୁ ଧରିଛି ଅବକାରୀ ମୋବାଇଲ୍ ୟୁନିଟ୍। ପୁଲିସ ଓ ଅବକାରୀ ବିଭାଗକୁ ଚକ୍‌ମା ଦେଇ ମିଲ୍କ ଭ୍ୟାନରେ ଦେଶୀ ମଦ ଯାଉଥିବା ବେଳେ ସ୍ଥାନୀୟ ଜାଭିୟର ଛକରେ ଏହାକୁ କାବୁ କରାଯାଇଛି। ଏଥିସହ ଏହି ମାମଲାରେ ଅଭିଯୁକ୍ତ ସେକ ଇସମାଇଲ ଖାନ୍‌କୁ ଟିମ୍ କାବୁ କରିଛି। ଗାଡ଼ିରେ ମିଲ୍କ ଡେଲିଭେରି ଆଳରେ ମଦ କାରବାର ଚାଲୁଥିବାରୁ ଏହାକୁ ଅବକାରୀ ଟିମ୍ ପିଛା କରିଥିଲା। ଏହି ଭ୍ୟାନ୍‌ଟି ପଟିଆ ଆଡ଼କୁ ଯିବା ବେଳେ ଏହାକୁ କାବୁ କରିଥିଲା ଅବକାରୀ ମୋବାଇଲ୍ ୟୁନିଟ୍।

ସେହିପରି ସମ୍ପ୍ରତି ଶ୍ରାବଣ ମାସ ଚାଲିଥିବା ବେଳେ କାଉଡ଼ିଆମାନେ ପାଣି ଭାର ନେଇ ମହାପ୍ରଭୁ ଶିବଙ୍କ ମୁଣ୍ଡରେ ଢାଳୁଛନ୍ତି। କିନ୍ତୁ କେତେକ ଏହାର ଫାଇଦା ନେଉଥିବା ସାମ୍ନାକୁ ଆସିଛି। କାଉଡ଼ିଆ ବେଶରେ ଗଞ୍ଜେଇ ବେପାର କରୁଥିବା ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ଗେରୁଆ ବସ୍ତ୍ର ପିନ୍ଧି କାରରେ ଗଞ୍ଜେଇ ଚାଲାଣ କରୁଥିଲେ। କନ୍ଧମାଳ ଫିରିଙ୍ଗିଆ ଅଞ୍ଚଳରୁ ବିଶେଷ ସୂତ୍ରରୁ ଖବର ପାଇ ସଦର ଥାନା ପୁଲିସ ଚଢ଼ାଉ କରି ସଙ୍କିକଟାମାଲରେ ଏକ କାର୍‌କୁ ଅଟକାଇ ଯାଞ୍ଚ୍ କରିଥିଲା। ଯାଞ୍ଚ୍ ସମୟରେ ଉକ୍ତ କାର୍ ଭିତରୁ ୬୦ କେଜି ଓଜନର ଗଞ୍ଜେଇ ଜବତ କରାଯିବା ସହ ଏହି ମାମଲାରେ ଦୁଇ ଜଣଙ୍କୁ ଗିରଫ କରି ପୁଲିସ୍ କୋର୍ଟ ଚାଲାଣ କରିଛି। ଉଭୟ ଅଭିଯୁକ୍ତ ଉତ୍ତରପ୍ରଦେଶ ବାରବାଙ୍କି ଜିଲ୍ଲାର ବାସିନ୍ଦା ବୋଲି ଜଣାପଡ଼ିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

## ଏଲପିଜି ଗ୍ରାହକଙ୍କ ପାଇଁ ଆସିଛି ନୂଆ ସେବା

# ସକାଳ ୬ରୁ ରାତି ୯ ଯାଏଁ ହୋମ୍ ଡେଲିଭରୀ



ନୂଆଦିଲ୍ଲୀ, ୮।୮: ଏଲପିଜି ଗ୍ରାହକଙ୍କ ପାଇଁ ଆସିଛି ଏକ ନୂଆ ସେବା। ଇଣ୍ଡିଆନଅଏଲ "ଇଣ୍ଡେନ ଏକ୍ସଟ୍ରାଲାଇଟ୍ ନାଓ" ନାମକ ଏଲପିଜି ଗ୍ରାହକମାନଙ୍କ ପାଇଁ ଏକ ନୂତନ ସେବା ଆରମ୍ଭ କରିଛି, ଯାହା ବୁକିଂ କରିବାର ମାତ୍ର ତିନି ଘଣ୍ଟା ମଧ୍ୟରେ ଆପଣଙ୍କ ଦ୍ୱାରଦେଶରେ ୧୦ କିଲୋଗ୍ରାମ ହାଲୁକା ଏବଂ କମ୍ପୋଜିଟ୍ ଏଲପିଜି ସିଲିଣ୍ଡର ଯୋଗାଇବାର ପ୍ରତିଶ୍ରୁତି ଦେଇଛି। ଆଧୁନିକ ପରିବାରଗୁଡ଼ିକର ଆବଶ୍ୟକତା ପୂରଣ କରିବା ପାଇଁ ଡିଜାଇନ୍ ହୋଇଥିବା ଏହି ସିଲିଣ୍ଡରରେ ଏକ ସ୍ୱଚ୍ଛ ବଡି ରହିଛି। ଯାହା ଗ୍ରାହକମାନଙ୍କୁ ସହଜରେ ଗ୍ୟାସ୍ ସ୍ତର ଯାଞ୍ଚ କରିବାକୁ ଅନୁମତି ଦିଏ।

କମ୍ପାନୀ ଅନୁଯାୟୀ, ଏହି ନୂତନ ଉତ୍ପାଦଟି ଏକ୍ସପ୍ରେସ୍ ଡେଲିଭରି, ପସନ୍ଦିତ ଡେଲିଭରି ସମୟ, ସର୍ବନିମ୍ନ ଡକ୍ୟୁମେଣ୍ଟେସନ୍ ଏବଂ ବର୍ଦ୍ଧିତ ସୁରକ୍ଷା ଭଳି ବୈଶିଷ୍ଟ୍ୟ ସହିତ ସଜ୍ଜିତ, ଯାହା ଗ୍ରାହକମାନଙ୍କୁ ଅଧିକ ସୁବିଧାଜନକ, ସ୍ୱଚ୍ଛ ଏବଂ ଡିଜିଟାଲ୍ ଭାବରେ ସକ୍ଷମ ଏଲପିଜି ସେବା ଅଭିଜ୍ଞତା ପ୍ରଦାନ କରିବ। କେବଳ ଦ୍ରୁତ ଡେଲିଭରି ନୁହେଁ, ଏହି ସେବାରେ ପସନ୍ଦର ଡେଲିଭରି ସମୟ, ସରଳ ସଂଯୋଗ ପ୍ରକ୍ରିୟା, ସର୍ବନିମ୍ନ ଡକ୍ୟୁମେଣ୍ଟେସନ୍ ଏବଂ ଡିଜିଟାଲ୍ ବୁକିଂ ସୁବିଧା ଭଳି ବୈଶିଷ୍ଟ୍ୟ ମଧ୍ୟ ରହିଛି। ଯାହା ଗ୍ରାହକମାନଙ୍କ ପାଇଁ ରୋଷେଇ ଗ୍ୟାସକୁ ଅଧିକ ସୁବିଧାଜନକ, ନିରାପଦ ଏବଂ ସୁଲଭ କରିବା ଲକ୍ଷ୍ୟରେ ଲଞ୍ଚ କରାଯାଇଛି। ପାରମ୍ପରିକ ଷ୍ଟିଲ୍ ସିଲିଣ୍ଡର ତୁଳନାରେ, ଏହି ସିଲିଣ୍ଡର ଯଥେଷ୍ଟ ହାଲୁକା ଏବଂ କଳଙ୍କମୁକ୍ତ, ଯାହା ଏହାକୁ ଘର ଏବଂ ଛୋଟ ବାଣିଜ୍ୟିକ ପ୍ରତିଷ୍ଠାନରେ ଉଠାଇବା, ବହନ କରିବା ଏବଂ ବ୍ୟବହାର କରିବା ସହଜ କରିଥାଏ।

ତେବେ ଏହି ନୂଆ ଏଲପିଜି ସଂଯୋଗ କିମ୍ବା ରିଫିଲ୍ ବୁକ୍ କରିବା ପାଇଁ ଗ୍ରାହକମାନେ ଇଣ୍ଡିଆନଅଏଲ ୱାନ ଆପ୍, ଇଣ୍ଡିଆନଅଏଲର ଗ୍ରାହକ ୱେବସାଇଟ୍, ଗ୍ରାହକ ପୋର୍ଟାଲ୍ କିମ୍ବା ହ୍ୱାଟ୍ସଆପ ନମ୍ବର ୭୫୮୮୮୮୮୨୪ ବ୍ୟବହାର କରିପାରିବେ। ଏହା ଗ୍ରାହକମାନଙ୍କୁ ସହଜରେ ନୂତନ ଏଲପିଜି ସଂଯୋଗ ପାଇଁ ପଞ୍ଜୀକରଣ କରିବାକୁ ଏବଂ ରିଫିଲ୍ ବୁକ୍ କରିବାକୁ ଅନୁମତି ଦେବ। ଅର୍ଥାତ୍, ଏଲପିଜି ବୁକିଂକୁ ଅଧିକ ସହଜ ଓ ଦ୍ରୁତ କରିବା ଦିଗରେ ଇଣ୍ଡିଆନଅଏଲର ଏହି ନୂଆ ପଦକ୍ଷେପ ଗ୍ରାହକଙ୍କ ପାଇଁ କେତେ ଲାଭଦାୟକ ହେବ, ତାହା ଦେଖିବାକୁ ରହିଲା।

# ହୋଣ୍ଡା କାର୍ସ ଇଣ୍ଡିଆର ନୂଆ ଜେଡ୍‌ଆର୍-ଭି




ଭୁବନେଶ୍ୱର,୮।୮:ୟୁନିଟ୍-୯ସ୍ଥିତ ସେଣ୍ଟ୍ରାଲ୍ ହୋଣ୍ଡାରେ ହୋଣ୍ଡା କାର୍ସ ଇଣ୍ଡିଆର ନୂଆ ହୋଣ୍ଡା ଜେଡ୍‌ଆର୍-ଭିକୁ ଉନ୍ମୋଚନ କରାଯାଇଛି। ହୋଣ୍ଡାର ପ୍ରିମିୟମ ଇଞ୍ଜିନିୟରିଂ, ଆରାମଦାୟକ ଗାଡ଼ି ଚାଳନା, ସୁରକ୍ଷା ଓ ଅତ୍ୟାଧୁନିକ ହାଇବ୍ରିଡ୍ ପ୍ରଯୁକ୍ତିକୁ ପସନ୍ଦ କରୁଥିବା ଗ୍ରାହକମାନଙ୍କ ପାଇଁ ଏହାକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି। ନୂଆ କାର୍‌କୁ ଷ୍ଟେଟ୍ ବ୍ୟାଙ୍କର ଡିଜିଏମ୍ (ବ୍ୟବସାୟ ମୁଖ୍ୟ ଓ ପରିଚାଳନା) ଭି ସତ୍ୟ ନାରାୟଣ ଉନ୍ମୋଚନ କରିଥିଲେ।

ଏହି ଅବସରରେ ସେଣ୍ଟ୍ରାଲ ହୋଣ୍ଡାର ନିର୍ଦ୍ଦେଶକ ଆଦର୍ଶ ଧାୱନ, ସେଲ୍ସ ହେଡ୍ ସୁଶାନ୍ତ କୁମାର ଲେଙ୍କା, ସହକାରୀ ବିକ୍ରି ପ୍ରବନ୍ଧକ ଅମଜାଦ ଖାନ, ମିଲନ ଦାସ ମହାପାତ୍ର ଓ ଗୌତମ ଚରଣ ଦାସ ଉପସ୍ଥିତ ଥିଲେ।ହୋଣ୍ଡା ଜେଡ୍‌ଆର୍-ଭି ହେଉଛି ଜାପାନରୁ ଆମଦାନି ହୋଇଥିବା ଗ୍ଲୋବାଲ୍ ଏସ୍‌ୟୁଭି। ସାମ୍ନାରୁ ଏହା ଇଟାଲୀୟ ସୁପରକାର୍ ଓ ବିଳାସରେ ୟୁରୋପୀୟ ଏସ୍‌ୟୁଭି ଭଳି ପ୍ରସ୍ତୁତ ହୋଇଛି। ଏଥିରେ ୨.୦ ଏଲ୍ ହାଇବ୍ରିଡ୍ ଇଞ୍ଜିନ ରହିଛି ଓ ଏହା ମାଇଲେଜ ଲିଟର ପିଛା ୨୨.୮୦ କିମି ରହିଛି। ଏଥିରେ ଅସଲି ଚମଡ଼ାରେ ପ୍ରସ୍ତୁତ ସିଟ୍, ଆଭ୍ୟନ୍ତରୀଣ, ପାୱାର୍ଡ ସିଟ୍, ୧୨ ସ୍ପିକର ବୋସ୍ ପ୍ରିମିୟମ୍ ସାଉଣ୍ଡ, ୯ ଇଞ୍ଚର ଡିସ୍‌ପ୍ଲେ ସହିତ ୱାୟରଲେସ୍ କାର୍‌ପ୍ଲେ, ୧୨ ଇଞ୍ଚର ଫୁଲ୍ ଏଲ୍‌ଇଡି ଟିଏଫ୍‌ଟି କ୍ଲଷ୍ଟର ଓ ପାୱାର ଟେଲ୍‌ଗେଟ୍ ରହିଛି।

## ମାଲାବାର୍‌ର ବ୍ରାଣ୍ଡେଡ୍ ଜୁଏଲାରି ଶୋ'

ଭୁବନେଶ୍ୱର,୮।୮:ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସର ସହିଦନଗର ଷ୍ଟୋର୍‌ରେ ସ୍ୱତନ୍ତ୍ର ବ୍ରାଣ୍ଡେଡ୍ ଜୁଏଲାରି ସୋ ଆରମ୍ଭ ହୋଇଛି। ଏହାକୁ ଓଲିଉଡ୍ ଅଭିନେତ୍ରୀ ଅଙ୍କିତା ଦାସ ଉଦ୍‌ଘାଟନ କରିଥିଲେ। ଏହା ହେଉଛି ସୁନା, ଅନକଟ୍ ଡାଇମଣ୍ଡ, ମୂଲ୍ୟବାନ ରତ୍ନପଥର ଓ ମାଇନ୍ ଡାଇମଣ୍ଡର ଏକ ପ୍ରଦର୍ଶନୀ ଓ ସେଲ୍। ଏଥିରେ ଗ୍ରାହକମାନେ ମାଣିକ, ପାନ୍ନା, ଅନକଟ୍ ହୀରା ଗହଣା, ଖଣି ହୀରା ଗହଣା ଏବଂ ଏଥ୍‌ନିକ୍ସ ଓ ଡିଭାଇନ୍ ଗହଣା ପାଇପାରିବେ। ଏହି ସୋ'ରେ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସର ସ୍ୱତନ୍ତ୍ର ଅନ୍‌କଟ୍ ହୀରା ଗହଣା ସମ୍ଭାର ଏରା, ମୂଲ୍ୟବାନ ରତ୍ନପଥର ଗହଣା ସମ୍ଭାର ପ୍ରେସିଆ, ହୀରା ଗହଣା ସମ୍ଭାର ମାଇନ୍ ଆଦି ମଧ ସାମିଲ କରାଯାଇଛି। ଏହି ସୋ' ଚଳିତ ମାସ ୭ରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଥିବା ପ୍ରତିଟି ଗହଣା ଭାରତୀୟ ଡିଜାଇନର ଉତ୍କୃଷ୍ଟ କଳା ଓ କାରିଗରୀ ପ୍ରତିଫଳିତ ହୋଇଥିବା ମାଲାବାର ପକ୍ଷରୁ କୁହାଯାଇଛି।




# ନିରାମିଷ ୪% ଓ ଆମିଷ ଭୋଜନ ୯% ମହଙ୍ଗା



ମୁମ୍ବାଇ,୮।୮: ଘରେ ଭୋଜନ ପାଇଁ ରନ୍ଧା ହେଉଥିବା ଖାଦ୍ୟ ବାବଦ ବ୍ୟୟ ଜୁଲାଇ ମାସରେ ଢେର ବଢି ଯାଇଛି। ବାର୍ଷିକ ଆଧାରରେ ଦେଖିଲେ ଏହି ସମୟରେ ସାକାହାରୀ ଥାଳି ମୂଲ୍ୟରେ ପାଖାପାଖି ୪% ବୃଦ୍ଧି ହୋଇଛି। ଏହି ସମୟରେ ଆମିଷ ଭୋଜନ ଥାଳି ପାଖାପାଖି ୯% ମହଙ୍ଗା ହୋଇଛି। ମୁଖ୍ୟ ରୂପେ ପିଆଜ, ଖାଇବା ତେଲ, ରୋଷେଇ ଗ୍ୟାସ୍ ଓ ଚିକେନ ମୂଲ୍ୟ ବୃଦ୍ଧି ଘର ରନ୍ଧା ରୋଷେଇ ଖର୍ଚ୍ଚ ବୃଦ୍ଧି କରିଛି। କ୍ରିସିଲ ଇଣ୍ଟେଲିଜେନ୍ସୀ ଦ୍ୱାରା ଶୁକ୍ରବାର ଜାରି ରିପୋର୍ଟରୁ ଏହା ଜଣାପଡିଛି।

ଜୁଲାଇ ମାସରେ ସାକାହାରୀ ବ୍ୟଞ୍ଜନ ରନ୍ଧନ ବାବଦ ମୂଲ୍ୟ ବୃଦ୍ଧି ଯୋଗୁ ଏପରି ପରିସ୍ଥିତି ଉପୁଜିଛି। ବାର୍ଷିକ ଆଧାରରେ ପିଆଜ ମୂଲ୍ୟରେ ୨୦ ପ୍ରତିଶତ ବୃଦ୍ଧି ହୋଇଛି। ସେହିପରି ଖାଇବା ତେଲ ଓ ରୋଷେଇ ଗ୍ୟାସ୍ ମୂଲ୍ୟରେ ଯଥାକ୍ରମେ ୧୧ ଓ ୧୦ ପ୍ରତିଶତ ବୃଦ୍ଧି ରେକର୍ଡ ହୋଇଛି। ଆମିଷ ଥାଳି ମାମଲାରେ ରନ୍ଧନ ଗ୍ୟାସ୍ ଓ ଚିକେନ ମୂଲ୍ୟ ବୃଦ୍ଧି ଥାଳିକୁ ମହଙ୍ଗା କରିଛି। ଚିକେନ ମୂଲ୍ୟରେ ଏହି ସମୟରେ ପାଖାପାଖି ୧୪% ବୃଦ୍ଧି ହୋଇଛି। ରିପୋର୍ଟ ଅନୁସାରେ ପିଆଜ ମୂଲ୍ୟ ଉଚ୍ଚସ୍ତରକୁ ଛୁଇଁଥିଲା। କାରଣ ବଜାରକୁ ପୁରୁଣା ଷ୍ଟକ୍ ମହଙ୍ଗା ପିଆଜ ଆସିଥିଲା।

ଏହା ଛଡା ମାର୍ଚ୍ଚ ଓ ଏପ୍ରିଲ ମାସରେ ମହାରାଷ୍ଟ୍ରରେ ଅଦିନିଆ ବର୍ଷା ସାଙ୍ଗକୁ କୁଆପଥର ମାଡ଼ ଯୋଗୁ ଫସଲ ଓ ଷ୍ଟୋରେଜ ପ୍ରଭାବିତ ହୋଇଥିଲା। ଏଣୁ ଯୋଗାଣ ଉପରେ ପ୍ରଭାବ ପଡିଥିଲା। ତେବେ ଆଳୁ ଓ ଟମାଟର ଦର ହ୍ରାସ ପରିସ୍ଥିତିକୁ ଅନେକାଂଶରେ ନିୟନ୍ତ୍ରିତ କରିଛି। ଆଳୁ ଦର ବାର୍ଷିକ ଆଧାରରେ ୧୨% ଓ ଟମାଟର ଦାମ ୨ ପ୍ରତିଶତ ହ୍ରାସ ହୋଇଛି। ଅଧିକ ଜମିରେ ଆଳୁ ଚାଷ ଓ ଉତ୍ପାଦନ ବୃଦ୍ଧି ଯୋଗୁ ଦର ନିୟନ୍ତ୍ରିତ ରହିଛି। ସେହିପରି ଟମାଟର ବିଳମ୍ବରେ ରୋପଣ ଓ ଜୁଲାଇରେ ଅଧିକ ଅମଳ ଦର ସ୍ଥିର ରଖିଛି।

ମାସିକ ଆଧାରରେ ଜୁଲାଇରେ ଥାଳି ଦର ଜୁନ ତୁଳନାରେ ୨ ପ୍ରତିଶତ ବଢିଛି। ଏହାର ମୁଖ୍ୟ କାରଣ ହେଉଛି ପିଆଜର ଦର ୨୩ ପ୍ରତିଶତ ପର୍ଯ୍ୟନ୍ତ ବଢିଯିବା ବୋଲି ରିପୋର୍ଟରେ କୁହାଯାଇଛି। ତେବେ ଏହି ସମୟରେ ଆମିଷ ଥାଳି ଦର ଜୁନ ମାସ ଅନୁସାରେ ପାଖାପାଖି ସ୍ଥିର ରହିଛି। କାରଣ ବ୍ରାୟଲର ଚିକେନ ଦରରେ ଆନୁମାନିକ ୨ ପ୍ରତିଶତ ହ୍ରାସ ଅନ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧିକୁ ସନ୍ତୁଳିତ କରିଛି।

# ନୂଆ ମୁଦ୍ରା ଯୋଜନାର ବିରୋଧ କଲେ ପୀୟୂଷ ଗୋଏଲ

ନୂଆଦିଲ୍ଲୀ,୮।୮: ବ୍ରିକ୍ସ ପାଇଁ ଅଲଗା ମୁଦ୍ରା ପ୍ରଚଳନ କରିବା ସପକ୍ଷରେ ଭାରତ ନାହିଁ। ଏପରି କୌଣସି ନୂଆ ମୁଦ୍ରା ଯୋଜନାକୁ ଭାରତ ସମର୍ଥନ କରୁନାହିଁ ବୋଲି ଶୁକ୍ରବାର ସ୍ପଷ୍ଟ କରିଛନ୍ତି କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋଏଲ। ଜୟପୁରରେ ଦୁଇ ଦିନିଆ ବ୍ରିକ୍ସ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀସ୍ତରୀୟ ବୈଠକ ଶେଷ ହେବା ପରେ ସାମ୍ବାଦିକମାନଙ୍କ ସହ କଥା ହୋଇ ପୀୟୂଷ ଗୋଏଲ କହିଥିଲେ, "ଭାରତ ବ୍ରିକ୍ସ ମୁଦ୍ରାର ସପକ୍ଷରେ ନାହିଁ। ଏପରି କୌଣସି ବ୍ରିକ୍ସ ମୁଦ୍ରା ଯୋଜନା ଆଣିବାକୁ ଆମେ ସମର୍ଥନ କରୁନାହୁଁ। ଏହି ପ୍ରସ୍ତାବକୁ ଭାରତ ବିରୋଧ କରୁଛି।"

ବର୍ତ୍ତମାନ ବ୍ରିକ୍ସ ଗୋଷ୍ଠୀରେ ବିଶ୍ୱର ୧୧ଟି ପ୍ରମୁଖ ଉଦୀୟମାନ ଅର୍ଥନୀତି ଓ ବିକାଶଶୀଳ ଦେଶ ସାମିଲ ଅଛନ୍ତି। ସେଗୁଡ଼ିକ ହେଲେ- ବ୍ରାଜିଲ, ଚୀନ, ଇଜିପ୍ଟ, ଇଥିଓପିଆ,ଭାରତ, ଇଣ୍ଡୋନେସିଆ, ଇରାନ, ରୁଷ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ସଂଯୁକ୍ତ ଆରବ ଏମିରେଟ୍ସ। ଏହି ଗ୍ରୁପ ବିଶ୍ୱ ଓ ଆଞ୍ଚଳିକ



ଗୁରୁତ୍ୱର ସମସାମୟିକ ପ୍ରସଙ୍ଗ, ରାଜନୈତିକ ଏବଂ ଆର୍ଥିକ ପ୍ରଶାସନ ସମ୍ବନ୍ଧୀୟ ବିଷୟରେ ଆଲୋଚନା ଓ ସହଯୋଗ ପାଇଁ ଏକ ମଞ୍ଚ ଭାବେ କାର୍ଯ୍ୟ କରେ। ଗତ କିଛି ବର୍ଷ ଧରି ବ୍ରିକ୍ସର କିଛି ସଦସ୍ୟ ଦେଶ, ବିଶେଷ କରି ରୁଷ ଓ ଚୀନ, ଆମେରିକୀୟ ଡଲାରର ବିକଳ୍ପ ଖୋଜିବା କିମ୍ବା ବ୍ରିକ୍ସର ନିଜସ୍ୱ ମୁଦ୍ରା ଆରମ୍ଭ କରିବା ପକ୍ଷରେ ମତ ରଖିଆସୁଛନ୍ତି। ଏଭଳି କ୍ଷେତ୍ରରେ ପୀୟୂଷ ଗୋଏଲଙ୍କ ଏହି ବୟାନ ସେହି ପୃଷ୍ଠଭୂମିରେ ବିଶେଷ ଗୁରୁତ୍ୱ ବହନ କରୁଛି।

୨୦୨୪ରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବ୍ରିକ୍ସ ଦେଶମାନଙ୍କୁ ସତର୍କ କରି କହିଥିଲେ ଯେ, ଯଦି ଆମେରିକୀୟ ଡଲାରକୁ ବଦଳାଇବା ପାଇଁ କୌଣସି ପଦକ୍ଷେପ ନିଆଯାଏ, ତେବେ ତାହାର ପରିଣାମ ଭୋଗିବାକୁ ପଡ଼ିପାରେ। ପୀୟୂଷ ଗୋଏଲ କହିଛନ୍ତି ଯେ, ଜୟପୁରରେ ଆୟୋଜିତ ବୈଠକରେ ସଦସ୍ୟ ଦେଶମାନଙ୍କ ମଧ୍ୟରେ ସନ୍ତୁଳିତ ବାଣିଜ୍ୟ ଏବଂ ନିବେଶ ବୃଦ୍ଧି ଉପରେ ବିସ୍ତୃତ ଆଲୋଚନା ହୋଇଛି। ଏହା ସହିତ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରକୁ ସହଜ ଓ ପର୍ଯ୍ୟାପ୍ତ ଆର୍ଥିକ ସହାୟତା ଉପଲବ୍ଧ କରାଇବା ପ୍ରସଙ୍ଗ ମଧ୍ୟ ବୈଠକରେ ଉଠିଥିଲା।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୫,୭୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୩,୬୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୫,୭୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୩,୬୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୫,୭୫୦ ଟଙ୍କା ଓ ୨୨ କ୍ୟାରେଟେ ମୂଲ୍ୟ ୧,୩୩,୬୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୫,୯୦୦ ଟଙ୍କା ଓ ୨୨ କ୍ୟାରଟେ ୧,୩୩,୭୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୫,୭୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୩,୬୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୫,୭୫୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୩,୬୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୭୧ ପଇସା ରହିଛି ।

### ହେମଗିର ରେଞ୍ଜ୍ ଅଞ୍ଚଳରେ ହାତୀ ଉପଦ୍ରବ

## ଗାଁରେ ପଶି ଭାଙ୍ଗିଲା ଘର, ଜଣେ ଆହତ



ସୁନ୍ଦରଗଡ଼,୮।୮ (ସଂଚାର ବ୍ୟୁରୋ): ହେମଗିର ରେଞ୍ଜ୍ କୋଡ଼ ବାହାଲ ସେକସନ ଅଞ୍ଚଳରେ ଗାଁ ମୁହାଁ ହୋଇଛି ହାତୀ। ଜଙ୍ଗଲରେ ଖାଦ୍ୟ ନ ପାଇ ଗାଁ ଗୁଡ଼ିକରେ ପଶି ଅନେକ କ୍ଷୟକ୍ଷତି କରୁଥିବା ବେଳେ ଗତକାଲି ରାତିରେ ହାତୀଟି ଚିତାମୁଣ୍ଡା ଓ ପଚପେଡ଼ି ଗ୍ରାମରେ ପଶି ଘର ଭାଙ୍ଗି ଦେଇଥିବାର ଚିତ୍ର ସାମ୍ନାକୁ ଆସିଛି।

ଚିତାମୁଣ୍ଡା ଗାଁରେ କିଛି ଘର ସାମାନ୍ୟ ଭାଙ୍ଗିଥିବା ବେଳେ ପଚପେଡ଼ିର ଗୌତମ୍ ସେଠ୍ ଓ ସୂରୁଜ ଲାଲ କିଷାନଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଦେଇଥିବାର ଦେଖିବାକୁ ମିଳିଛି। ଫଳରେ ଘର ଲୋକେ ଅଳ୍ପକେ ବର୍ତ୍ତୀ ଯାଇଥିବା ବେଳେ ଗୌତମ୍ ସେଠ୍ ସାମାନ୍ୟ ଆହତ ହୋଇଥିବାର ସୂଚନା ମିଳିଛି। ଏ ନେଇ ବନ ବିଭାଗ ହାତୀକୁ ରାତିସାରା ନିକଟ ଜଙ୍ଗଲ ପଟକୁ ଘୋଡାଇବା ସହ ଗାଁ ଗାଁ ବୁଲି ଗ୍ରାମବାସୀଙ୍କୁ ସତର୍କ ରହିବାକୁ ସଚେତନ ମଧ୍ୟ କରାଉଛନ୍ତି।

## ଘସିପୁରା ଥାନାରେ ଆଇଆଇସିଙ୍କ ଯୋଗଦାନ



ଆନନ୍ଦପୁର, ୮।୮ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଘସିପୁରା ଥାନାରେ ନୂତନ ଆଇଆଇସି ଭାବେ ମିତାଲି ମଧୁଲିତା ବିଶ୍ୱାଳ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ନୂଆ ଆଇଆଇସିଙ୍କୁ ଆଜି ଆନନ୍ଦପୁର ପ୍ରେସ୍ ଫୋରମ୍ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଓ ଶୁଭେଚ୍ଛା ଜଣାଯାଇଛି।

ଘସିପୁରା ଥାନା ଏକ ସମ୍ବେଦନଶୀଳ ଥାନା ହୋଇଥିବାରୁ ଅଞ୍ଚଳରେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ କିପରି ଆହୁରି ସୁଦୃଢ଼ କରାଯିବ ଏବଂ ଅସାମାଜିକ ବ୍ୟକ୍ତିଙ୍କ ଉପରେ କିପରି କଡ଼ା ନଜର ରଖାଯିବ, ସେନେଇ ନୂତନ ଆଇଆଇସି ଗୁରୁତ୍ୱାରୋପ କରିଛନ୍ତି। ଯୋଗଦାନ ପରେ ଅଞ୍ଚଳରେ ଅପରାଧ ନିୟନ୍ତ୍ରଣ ସହ ଆଇନଶୃଙ୍ଖଳା ପରିସ୍ଥିତିକୁ ଅଧିକ ସୁଦୃଢ଼ କରିବା ତାଙ୍କର ପ୍ରାଥମିକତା ରହିବ ବୋଲି କହିଛନ୍ତି ଆଇଆଇସି ମିତାଲି ମଧୁଲିତା ବିଶ୍ୱାଳ। ଏହାର ଅଂଶସ୍ୱରୂପ ଘସିପୁରା ପୋଲିସ ପକ୍ଷରୁ ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ ଓ ପ୍ରମୁଖ ଛକଗୁଡ଼ିକରେ କଡ଼ା ନଜର ରଖାଯିବ। ଏଥିସହ ପୋଲିସ ପାଟ୍ରୋଲିଂ ଓ ଚେକିଂ ବ୍ୟବସ୍ଥାକୁ ମଧ୍ୟ ଆହୁରି କଡ଼ାକଡ଼ି କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଅପରାଧ ନିୟନ୍ତ୍ରଣ ଓ ଅସାମାଜିକ କାର୍ଯ୍ୟକଳାପ ରୋକିବାରେ ସାମ୍ବାଦିକମାନଙ୍କ ସହଯୋଗ କାମନା କରିଛନ୍ତି ନୂତନ ଆଇଆଇସି।

ଏହି ସ୍ୱାଗତ କାର୍ଯ୍ୟକ୍ରମରେ ପ୍ରେସ୍ ଫୋରମ୍ ସଭାପତି ଉମେଶ ଚନ୍ଦ୍ର ପାଢ଼ୀଙ୍କ ସମେତ ସାମ୍ବାଦିକ ଗଣେଶ୍ୱର ସା, ପରମେଶ୍ୱର ରାମ ପ୍ରମୁଖ ଉପସ୍ଥିତ ରହି ନୂତନ ଆଇଆଇସିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ନୂଆ ଆଇଆଇସିଙ୍କ ଯୋଗଦାନ ପରେ ଘସିପୁରା ଅଞ୍ଚଳରେ ଆଇନଶୃଙ୍ଖଳା ଓ ଅପରାଧ ନିୟନ୍ତ୍ରଣ ବ୍ୟବସ୍ଥା କେତେ ଦୃଢ଼ ହେଉଛି ତାହା ଦେଖିବାକୁ ବାକି ରହିଲା।

### ଅସ୍ତରଙ୍ଗରେ କମୁଛନ୍ତି ମାଛ

# ସଙ୍କଟରେ ୧୫ ହଜାର ମତ୍ସ୍ୟଜୀବୀ ପରିବାର





କାକଟପୁର/ଅସ୍ତରଙ୍ଗ,୮।୮ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ସମୁଦ୍ର କୂଳ ଆଉ ଆଗ ଭଳି ନାହିଁ। ଯେଉଁ ସମୁଦ୍ର ଥରେ ଜୀବିକାର ଆଧାର ଥିଲା, ସେହି ସମୁଦ୍ର ଏବେ ଖାଲି ହୋଇ ଯାଉଛି। ମାଛ ଉତ୍ପାଦନ ବ୍ୟାପକ ଭାବେ କମିଯିବାରୁ ହଜାର ହଜାର ମତ୍ସ୍ୟଜୀବୀ ପରିବାର ଆର୍ଥିକ ସଙ୍କଟରେ ପଡିଛନ୍ତି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ୧୫ଟି ପଞ୍ଚାୟତ ମଧ୍ୟରୁ ନଗର, ଆଳସାହି, ମଧୁପୁର, ବିଲୁଆମଣ୍ଡଳି, ସନ୍ତନ ଓ ତାଳପଥରକଣୀ ଭଳି ଅଞ୍ଚଳର ପ୍ରାୟ ୭୦ ପ୍ରତିଶତ ଲୋକ ସିଧାସଳଖ ମାଛ ଧରା ଉପରେ ନିର୍ଭରଶୀଳ। ନୁଆଗଡ ଜେଟିରୁ ପ୍ରତିଦିନ ଶହେରୁ ଅଧିକ ବୋଟ ସମୁଦ୍ରକୁ ଯାଆନ୍ତି। କିନ୍ତୁ ଗତ କିଛି ବର୍ଷ ହେବ ସେମାନଙ୍କ ଜାଲରେ ମାଛ ପଡୁନାହିଁ। ଫଳରେ ଶତାଧିକ ମତ୍ସ୍ୟଜୀବୀ ଓ ବୋଟ ମାଲିକ ବଡ କ୍ଷତିରେ ପଡିଛନ୍ତି।

ଏଠାର ପ୍ରାୟ ୧୫ ହଜାର ପରିବାର ମୁଖ୍ୟ ଜୀବିକା ହେଲା ଧାନ ଚାଷ, ପାନ ଓ ମାଛ। କିନ୍ତୁ ବାରମ୍ବାର ଲଘୁଚାପ, ସମୁଦ୍ର ଅଶାନ୍ତ ଓ ସରକାରୀ କଟକଣା ଯୋଗୁଁ ସମୁଦ୍ରକୁ ଯାଇ ପାରୁନାହାନ୍ତି ମତ୍ସ୍ୟଜୀବୀ। ଶେଷରେ ଅନେକ ମାଛ ଧରା ଛାଡି ପେଟ ପାଇଁ ରାଜ୍ୟ ବାହାରକୁ ଦାଦନ ଶ୍ରମିକ ଭାବେ ଚାଲିଯାଉଛନ୍ତି। ମତ୍ସ୍ୟଜୀବୀ

### ଦାଦନ ଯିବାକୁ ବାଧ୍ୟ ହେଉଛନ୍ତି ଲୋକେ

ମାନେ କହୁଛନ୍ତି ଦୁଇଟି ବଡ କାରଣ ରହିଛି। ଗୋଟିଏ ହେଲା ଜଳବାୟୁ ପରିବର୍ତ୍ତନ ଓ ଅନ୍ୟଟି ହେଲା ଜଳ ପ୍ରଦୂଷଣ।

ପୂର୍ବରୁ ଅଗଷ୍ଟ-ସେପ୍ଟେମ୍ବର ମାସରେ ଇଲିସି ସମେତ ଅନେକ ସାମୁଦ୍ରିକ ମାଛ ପ୍ରଚୁର ପରିମାଣରେ ମିଳୁଥିଲା। କିନ୍ତୁ ଏବେ ଅନିୟମିତ ବର୍ଷା, କମ୍ ବୃଷ୍ଟିପାତ ଓ ସମୁଦ୍ର ତାପମାତ୍ରା ବୃଦ୍ଧି ପାଇଁ ମାଛଙ୍କ ପ୍ରଜନନ ପ୍ରଭାବିତ ହୋଇଛି।

ସେହିପରି ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ବଢି ଚାଲିଥିବା ବେଆଇନ ଚିଙ୍ଗୁଡ଼ି ଘେରି ପାଇଁ ବିଷାକ୍ତ ରାସାୟନିକ ବର୍ଜ୍ୟବସ୍ତୁ ସିଧା ସମୁଦ୍ରରେ ମିଶୁଛି। ଏହା ଫଳରେ ଉପକୂଳ ଜଳ ଦୂଷିତ ହୋଇ ମାଛ ଓ ଅନ୍ୟାନ୍ୟ ଜଳଜୀବଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ପୂର୍ବରୁ ମହାନଦୀରେ ବନ୍ୟା ଆସିଲେ ଉପର ମୁଣ୍ଡ ପର୍ଯ୍ୟନ୍ତ ଇଲିସି ଯାଉଥିଲା। କିନ୍ତୁ ଆଜି ନଦୀରେ ଇଲିସି ସ୍ୱପ୍ନ ପାଲଟିଛି। ପାମ୍ଫ୍ଲେଟ, କୁମୁଟି, ପଟପଟା ସହ ବ୍ରାଉନ, ହ୍ୱାଇଟ୍ ଓ ଟାଇଗର ଚିଙ୍ଗୁଡ଼ି ଭଳି ରପ୍ତାନି ମାଛ ମଧ୍ୟ ବହୁ ମାତ୍ରାରେ କମି ଯାଇଛି।

ପ୍ରଶାସନ ଯଦି ତୁରନ୍ତ ପଦକ୍ଷେପ ନ ନିଏ ତେବେ ଅସ୍ତରଙ୍ଗର ସମୁଦ୍ର ତଟ ଆଗାମୀ ଦିନରେ ଆହୁରି ଶୂନ୍ୟ ହୋଇପଡିବ ବୋଲି ସ୍ଥାନୀୟ ଲୋକେ ଆଶଙ୍କା କରୁଛନ୍ତି।

## ଶିମିଳିପାଳ ଜାତୀୟ ଅଭୟାରଣ୍ୟରୁ କଳା ବାଘୁଣୀର ମୃତଦେହ ଉଦ୍ଧାର



ବାରିପଦା,୮।୮ (ସଂଚାର ବ୍ୟୁରୋ): ଶିମିଳିପାଳ ଜାତୀୟ ଅଭୟାରଣ୍ୟ ର ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଉପରବରାକାମୁଡା ର ଜଟିଆଣୀ କ୍ୟାମ୍ପ ର ଦେଓ ନଦୀ ନିକଟସ୍ଥ କୋରଏରିଆରୁ ଏକ ପାଞ୍ଚ ବର୍ଷ ର କଳାବାଘୁଣୀ ର ମୃତ ଦେହକୁ ବନବିଭାଗ ପକ୍ଷରୁ ଉଦ୍ଧାର କରାଯାଇଅଛି । ଗତକାଲି ଶୁକ୍ରବାର ସନ୍ଧ୍ୟା ସମୟରେ ବନ ବିଭାଗର ପେଟ୍ରୋଲିଙ୍ଗ ଟିମ ଏହି କଳାବାଘର ମୃତ ଦେହକୁ ଦେଖିଥିଲେ । ଖବର ପାଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷଣ ଡ଼.ପ୍ରକାଶ ଚାନ୍ଦ ଗୋଗେନାନୀ ଙ୍କ ସମେତ ୱାଇଲଡ ଲାଇଫ ର ଅନ୍ୟ କର୍ମଚାରୀ ଏବଂ ଡାକ୍ତରୀ ଟିମ ଘଟଣା ସ୍ଥଳରେ ପହଁଛି ମୃତ୍ୟୁ ର ତଦନ୍ତ କରିଥିଲେ । ମୃତ ବାଘ ର ଦେହରେ ସେପରି କୌଣସି କ୍ଷତ ଚିହ୍ନ ନଥିବାର ଦେଖିବାକୁ ମିଳିଥିଲା । ନ୍ୟାସନାଲ ଟାଇଗର କଞ୍ଜରଭେସନ ଅଥରିଟିର ଷ୍ଟାଣ୍ଡାର୍ଡ ଅପାରେଟିଙ୍ଗ ପ୍ରସିଡ଼ର ଅନୁଯାୟୀ ମୃତ ବାଘ ର ଶବ ବ୍ୟବଛେଦ କରାଯାଇଅଛି ।

### ପ୍ରଶାସନ ଓ ସ୍ୱେଚ୍ଛାସେବୀଙ୍କ ମିଳିତ ପ୍ରୟାସ

## ଅଧିକାର ପାଇଲେ ୩ ଯୋଗ୍ୟ ହିତାଧିକାରୀ



ବାଲିଆପାଳ,୮।୮ (ସଂଚାର ବ୍ୟୁରୋ): ସରକାରୀ ଯୋଜନାରୁ ବଞ୍ଚିତ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ସୁବିଧା ଯୋଗାଇଦେବା ଦିଗରେ ବାଲିଆପାଳ ପ୍ରଶାସନ ଓ ସ୍ୱେଚ୍ଛାସେବୀଙ୍କ ମିଳିତ ପ୍ରୟାସରେ ତିନି ଜଣ ଯୋଗ୍ୟ ହିତାଧିକାରୀ ନିଜ ଅଧିକାର ପାଇଛନ୍ତି।

ସାମାଜିକ ସଂଗଠନ 'ଆମ ଅଧିକାର ଫାଉଣ୍ଡେସନ' ପକ୍ଷରୁ ହୋଇଥିବା ଅଭିଯୋଗ ଓ ନିରନ୍ତର ପ୍ରୟାସ ପରେ ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା। ଫଳସ୍ୱରୂପ ଯୋଗ୍ୟ ହିତାଧିକାରୀ ଭାବେ ଜଗତିପୁର ପଞ୍ଚାୟତ ଭିକାଗଡ଼ିଆ ଗ୍ରାମର ବାସନ୍ତୀ ପଢ଼ିଆରୀଙ୍କୁ ରାସନ କାର୍ଡ ପରେ ଭିନ୍ନକ୍ଷମ ପ୍ରମାଣପତ୍ର, ଭିନ୍ନକ୍ଷମ ଭତ୍ତା, ଓ ହ୍ୱିଲଚେୟାର ଭଳି ସରକାରୀ ସହାୟତା ମିଳିଛି।

ଠିକ ସେହିପରି ବଣିଆଡିହା ପଞ୍ଚାୟତର ଜଳେଶ୍ୱରପୁର ଗ୍ରାମର ଭିନ୍ନକ୍ଷମ ମଣ୍ଟୁ ଦାସ ଙ୍କୁ ଏକ ହ୍ୱିଲ ଚେୟାର ଏବଂ ବାଲିକୁଟି ପଞ୍ଚାୟତ କେଶୁଡିହା ଗ୍ରାମର ସ୍ୱାମୀ ପରିତ୍ୟକ୍ତା ମହିଳା ସନ୍ଧ୍ୟା ସିଂକୁ ରାସନ କାର୍ଡ ପ୍ରଦାନ କରାଯାଇଛି ବାଲିଆପାଳ ବ୍ଲକର ବିଡିଓ ରାଧା ରଞ୍ଜନ ଦାସ, ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣା ଓ ଜିପିଡିଓ ପ୍ରିୟବ୍ରତ ଗିରି ପ୍ରମୁଖ ତୃଣମୂଳ ସ୍ତରକୁ ଆସି ହିତାଧିକାରୀଙ୍କୁ ନିଜେ ସହାୟତା ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ପ୍ରଶାସନକୁ ଯୋଗାଣ ବିଭାଗର ଡିଇଓ ଗୌତମ ନାୟକ, ସାମାଜିକ ସଂଗଠନର ସଦସ୍ୟ ରାଜକିଶୋର ପାତ୍ର, ପ୍ରିୟନାଥ ମୁର୍ମୁ, ଅମର ପଟ୍ଟାୟତ, ଭବେଶ ମଣ୍ଡଳ ଓ ବିରଞ୍ଚି ନାରାୟଣ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ପ୍ରଶାସନ ଓ ସାମାଜିକ ସଂଗଠନର ସମନ୍ୱିତ ପ୍ରୟାସରେ ତିନି ହିତାଧିକାରୀଙ୍କ ମୁହଁରେ ହସ ଫୁଟିଥିବାରୁ ଏହାକୁ ଏକ ମାନବିକ ପଦକ୍ଷେପ ବୋଲି ସାଧାରଣରେ ପ୍ରଶଂସା କରାଯାଇଛି।

## ଦେବ ଇଣ୍ଟରନ୍ୟାସନାଲ ସ୍କୁଲରେ ନବ ନିର୍ବାଚିତ ଛାତ୍ରଛାତ୍ରୀଙ୍କୁ ବ୍ୟାଚ୍ ସହ ଦାୟିତ୍ୱ ପ୍ରଦାନ




ଯାଜପୁର ରୋଡ଼, ୮।୮ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା କଳିଙ୍ଗନଗର ଅଂଚଳ କୁସୁନପୁର ସ୍ଥିତ "ଦେବ ଇଂଟରନେସନାଲ ସ୍କୁଲ"ରେ ନବ ନିର୍ବାଚିତ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନ ସୂଚକ ବ୍ୟାଚ୍ ପ୍ରଦାନ କରାଯାଇଛି।

ବିଭିନ୍ନ ପଦପଦବୀ ଯଥା ହେଡ଼ ବୟ (ଅନିକେତ ସମଦର୍ଶୀ ପଣ୍ଡା), ହେଡ ଗର୍ଲ (ହରଲିନ୍ ବେଦୀ), କମାଣ୍ଡର (ପ୍ରତ୍ୟୁଷ ରାଜ), ଶାନ୍ତି ଶୃଙ୍ଖଳା ଦାୟିତ୍ୱରେ ରଶ୍ମି ରଞ୍ଜନ ଭୂୟାଁ, ପ୍ରାର୍ଥନା ସଭା ଦାୟିତ୍ୱରେ ସାହାଯ୍ୟ ସାଆ, ସାଂସ୍କୃତିକ କାର୍ଯ୍ୟକ୍ରମ ଦାୟିତ୍ୱରେ ଶୁଭମ୍ ଶିବଦତ ଦାସ ଓ ସାନଭି ବେରାଗଡେ, କ୍ରୀଡା ଦାୟିତ୍ୱରେ ଜୟ କାବ୍ରା, ଆଦିରେ ଶତ ପ୍ରତିଶତ ଭୋଟ ଗ୍ରହଣ କରି ବିଜୟୀ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ତାଙ୍କର ଦାୟିତ୍ୱ ପ୍ରଦାନ ସହ ପ୍ରିତିଜ୍ଞା କରାଇ ନାମ ପଦକ ପ୍ରଦାନ କରାଯାଇଥିଲା। ନିର୍ବାଚିତ ଛାତ୍ର ଛାତ୍ରୀ ସେମାନଙ୍କ ଦାୟିତ୍ୱ ସୁଚାରୁ ରୂପେ ପାଳନ କରିବାକୁ ପ୍ରତିଶ୍ରୁତି ବଦ୍ଧ ହୋଇଥିଲେ। ସମସ୍ତେ ନିଜ ନିଜର ଦାଇତ୍ୱ କିପରି ତୁଲାଇବେ ସେଥି ନିମନ୍ତେ ସମ୍ପୂର୍ଣ୍ଣ ବିବରଣୀ ମଧ୍ୟ ପ୍ରଦାନ କରାଯାଇଥିଲା।

ସ୍କୁଲର ଚେୟାରମ୍ୟାନ ବୁଦ୍ଧଦେବ ରାଉତ , ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମଳ କୁମାର ରଣା, ଏକାଡେମୀକ କୋର୍ଡିନେଟର ସୋନିଆ ବେଦୀ ଓ ବଲବୀର ସିଂ ସୁସ୍ଥ ସମାଜ ଗଠନ ପାଇଁ ଦାଇତ୍ୱବୋଧତା ନିହାତି ଜରୁରୀ ବୋଲି ନିଜ ନିଜ ବକ୍ତବ୍ୟରେ କହିବା ସହ ନିର୍ବାଚନ ଅଧିକାରୀ ପଦରେ ଥିବା ବିଦ୍ୟାଧର ପରିଡ଼ା, ସତ୍ୟନାରାୟଣ ପଣ୍ଡାଙ୍କ ସହ ସମସ୍ତ ଅଧ୍ୟାପକ/ଅଧ୍ୟାପିକା, କର୍ମକର୍ତ୍ତା ପ୍ରମୁଖ ଛାତ୍ରଛାତ୍ରୀଙ୍କ ଭାଗ୍ୟ ନିର୍ଣ୍ଣୟ ପ୍ରତି ଦୃଷ୍ଟି ରଖି ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉତ୍ତରୋତର ଉନ୍ନତି ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ସାମାଜସେବୀଙ୍କ ଉଦ୍ୟମରେ ନିର୍ମାଣ ହେଲା ରାସ୍ତା

ଡେରାବିଶ,୮।୮ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ କାର୍ଯ୍ୟାଳୟ, ବିଭିନ୍ନ ଜିଲ୍ଲା କାର୍ଯ୍ୟାଳୟ ସହ, ଦୀନବନ୍ଧୁ ସାହୁ ଆଇନମହାବିଦ୍ୟାଳୟ ଓ କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲକୁ ସଂଯୋଗ କରୁଥିବା ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ ଲକଲେଜ ଛକ ଠାରୁ ଡେରାବିଶ ବ୍ଲକ ରାସ୍ତା ନିର୍ମାଣ ପାଇଁ ଦୀର୍ଘ ବର୍ଷ ହେଲା ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଆସୁଛନ୍ତି। ଗତ ଏକ ବର୍ଷ ତଳେ ଏହି ରାସ୍ତାର କିଛି ଅଂଶ ଫେବର ବ୍ଲକ ପକାଇ ବ୍ଲକ ପ୍ରଶାସନ ଚୁପ ହୋଇ ବସିଥିବା ବେଳେ ଅବିଶିଷ୍ଟ ୧୦୦୦ ମିଟର ରାସ୍ତା ମରଣଜନ୍ତା ପାଲଟିଛି। ଏହି ରାସ୍ତା ପାର୍ଶ୍ୱରେ ଥିବା ଜିଲ୍ଲା ଶ୍ରମ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲ, ଆଇନ ମହାବିଦ୍ୟାଳୟ ରହିଥିବା ବେଳେ ଏକ ହଜାରରୁ ଊର୍ଦ୍ଧ୍ୱ ପରିବାର ରହୁଛନ୍ତି। ବିଦ୍ୟାଳୟ ଓ ଆଇନ ମହାବିଦ୍ୟାଳୟକୁ ଦୈନିକ ଆସୁଥିବା ଛାତ୍ରଛାତ୍ରୀ ନାହିଁନଥିବା ଅସୁବିଧା ଭୋଗୁଛନ୍ତି। ଅସରାଏ ବର୍ଷା ହେଲେ ରାସ୍ତାର ଅବସ୍ଥା ବେହାଲ। ଏହି ରାସ୍ତାକୁ ନିର୍ମାଣ ପାଇଁ ସାମାଜସେବୀ ପ୍ରଧ୍ୟାପକ ଅଜୟ କୁମାର ରାଉତ ଅଣ୍ଟା ଭିଡ଼ିଥିଲେ। ନିଜ ଉଦ୍ୟମରେ ଶ୍ରୀ ରାଉତ ଛାତ୍ରଛାତ୍ରୀ ଓ ଲୋକଙ୍କ ଯାତାୟତ ପାଇଁ ଆଜି ରାସ୍ତା ନିର୍ମାଣ କରୁଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ଦେଖାଦେଇଛି।



### ବନ ବିଭାଗ ପକ୍ଷରୁ ଇକୋ-ଟୁରିଜମ୍ ଉପରେ ଆଧାରିତ ରିଲ୍ ପ୍ରତିଯୋଗିତା

## ୧୫ରୁ ୨୫ ତାରିଖ ମଧ୍ୟରେ ଅପଲୋଡ୍ କରି ଜିତନ୍ତୁ ପୁରସ୍କାର




ମାଲକାନଗିରି,୮।୮ (ସଂଚାର ବ୍ୟୁରୋ): ଜିଲ୍ଲାର ପ୍ରାକୃତିକ ସୌନ୍ଦର୍ଯ୍ୟ, ହ୍ରଦ, ଜୈବବିବିଧତା ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ଭଳି ଇକୋ-ଟୁରିଜମ୍ କୁ ସାରା ବିଶ୍ୱରେ ପ୍ରଚାର କରିବା ପାଇଁ ମାଲକାନଗିରି ବନ ବିଭାଗ ପକ୍ଷରୁ ଏକ ବଡ଼ ସଚେତନତା ପଦକ୍ଷେପ ସ୍ୱରୂପ ଡିସ୍କୋଭର ମାଲକାନଗିରି ଇକୋ-ଟୁରିଜମ୍ ରିଲ୍ ପ୍ରତିଯୋଗିତାର ଘୋଷଣା କରାଯାଇଛି ।

ସ୍ଥାନୀୟ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ସତୀଗୁଡ଼ା ଇକୋ-ପାର୍କ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍ ମାଧ୍ୟମରେ ଏହି ପ୍ରତିଯୋଗିତାର ସବିଶେଷ ତଥ୍ୟ ପ୍ରଦାନ କରାଯାଇଛି । ଏହି ପ୍ରତିଯୋଗିତାର ଗାଇଡଲାଇନ, ପୁରସ୍କାର ରାଶି ଏବଂ ସମସ୍ତ ବିଧିବଦ୍ଧ ନିୟମାବଳୀ ବନ ବିଭାଗର ଅଫିସିଆଲ ସୋସିଆଲ ମିଡିଆ ହ୍ୟାଣ୍ଡେଲ @MalkangiriDfo ରେ ଉପଲବ୍ଧ ହେବ । ଇନଫ୍ଲୁଏନ୍ସର ଏବଂ କଣ୍ଟେଣ୍ଟ କ୍ରିଏଟରମାନେ ସେମାନଙ୍କର ସୃଜନଶୀଳ ରିଲ୍ସ ଆସନ୍ତା ଅଗଷ୍ଟ ୧୫ ରୁ ୨୫ ତାରିଖ ମଧ୍ୟରେ ସୋସିଆଲ ମିଡିଆରେ ଅପଲୋଡ୍ କରିପାରିବେ । ଭିଡିଓ ପୋଷ୍ଟ କରିବା ସମୟରେ ଅଫିସିଆଲ୍ ହ୍ୟାସଟ୍ୟାଗ୍ ଡିସ୍କୋଭର ମାଲକାନଗିରି ବ୍ୟବହାର କରିବା ସହ ବନ ବିଭାଗକୁ ଟ୍ୟାଗ୍ କରିବା ବାଧ୍ୟତାମୂଳକ କରାଯାଇଛି ଏବଂ ସର୍ବୋତ୍ତମ ପ୍ରଦର୍ଶନ କରିଥିବା କ୍ରିଏଟରମାନଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ।

### ବାଲକାଟି ଉମା ମାର୍ଶାଲ ଆର୍ଟର ୬ ଜଣ ପିଲା ପାଇଲେ ୧୮ ମେଡାଲ

ବାଲିଅନ୍ତା,୮।୮ (ସଂଚାର ବ୍ୟୁରୋ): ହାଇଦ୍ରାବାଦ ଲକ୍ଷ୍ମୀ ଗାର୍ଡେନ ଅଡିଟୋରିୟରେ ଅନୁଷ୍ଠିତ ଦ୍ୱିତୀୟ ଆନ୍ତର୍ଜାତୀୟ ମାର୍ଶାଲ ଆର୍ଟ ପ୍ରତିଯୋଗିତାରେ ବାଲକାଟି ଉମା ମାର୍ଶାଲ ଆର୍ଟର ୬ ଜଣ ପ୍ରତିଯୋଗୀ ୧୮ଗୋଟି ମେଡାଲ ଜିତି ଅଞ୍ଚଳ ପାଇଁ ସୁନାମ ଆଣିଛନ୍ତି । କୋଚ୍ ଉମାକାନ୍ତ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ କଠୋର ପ୍ରଶିକ୍ଷଣ ଫଳରେ ଏହି ସଫଳତା ସମ୍ଭବ ହୋଇପାରିଛି। ସୁଦେଷ୍ଣା ଶୁଭ ଦର୍ଶିନୀ ୨ଟି ସ୍ୱର୍ଣ୍ଣ, ୧ଟି କାଂସ୍ୟ, ଶ୍ରୀ କୁମାର ଅଭିଷେକ ଭୋଇ ୧ଟି ସ୍ୱର୍ଣ୍ଣ, ୧ଟି ରୌପ୍ୟ ଓ ୧ଟି କାଂସ୍ୟ , ଆଦିତ୍ୟ ନମନ ମହାନ୍ତି ୧ଟି ସ୍ୱର୍ଣ୍ଣ,୨ଟି ରୌପ୍ୟ, ଭବେଶ କୁମାର ମହାନ୍ତି ୧ଟି ସ୍ୱର୍ଣ୍ଣ,୧ଟି ରୌପ୍ୟ ଓ ୧ଟି କାଂସ୍ୟ, ଆଶିଷ କୁମାର ବାରିକ ୧ଟି ସ୍ୱର୍ଣ୍ଣ,୧ଟି ରୌପ୍ୟ ଓ ୧ଟି କାଂସ୍ୟ, ଆଶୀର୍ବାଦ ବେହେରା ୧ଟି ସ୍ୱର୍ଣ୍ଣ , ୧ଟି ରୌପ୍ୟ ଓ ୧ଟି କାଂସ୍ୟ, ଖୋର୍ଦ୍ଧା ଜିଲ୍ଲାର ବାଲକାଟି ପରି ଏକ ସ୍ଥାନରୁ ବାହାରି ଆନ୍ତର୍ଜାତୀୟ ସ୍ତରରେ ଏତେ ବଡ଼ ସଫଳତା ହାସଲ କରିଥିବାରୁ କୋଚ୍ ଉମାକାନ୍ତ ବେହେରାଙ୍କ ସମେତ ସମସ୍ତ ବିଜେତା ଖେଳାଳିଙ୍କୁ ସ୍ଥାନୀୟ ଅଞ୍ଚଳବାସୀ, କ୍ରୀଡ଼ାପ୍ରେମୀ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭୂୟସୀ ପ୍ରଶଂସା ଏବଂ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

## କେୱାଇସି କରିଦେବା ବାହାନାରେ ବୃଦ୍ଧାଙ୍କଠାରୁ ଦେଢ଼ ଲକ୍ଷ ଟଙ୍କା ଚଳୁ



ଆଳି,୮।୮ (ସଂଚାର ବ୍ୟୁରୋ): ଆଳି ଥାନା ଅଧିନ ଗବାଡ଼ିଆ ଗ୍ରାମର ଶାନ୍ତି ଲତା ସ୍ୱାଇଁ (୭୫) ବୃଦ୍ଧା ଠାରୁ କେୱାଇସି କରିଦେବା ବାହାନାରେ ଦେଢ଼ ଲକ୍ଷ ଟଙ୍କା ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରୁ ଲୋନ କରି ଚଳୁ କରିଦେଲେ। ସୂଚନା ଅନୁସାରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଆଳି ଶାଖାରେ ଶାନ୍ତି ଲତାଙ୍କ ଏକ ଆକାଉଣ୍ଟ ରହିଛି ଏହି ଆକାଉଣ୍ଟ ଖାତାରେ ବିଧବା ଭତ୍ତା ଆସୁଥିଲା । କିନ୍ତୁ କେୱାଇସି ଆବଶ୍ୟକ ଥିବା ଜାଣି ହେମନ୍ତ ଶର୍ମା ନାମକ ବ୍ୟକ୍ତି କେୱାଇସି କରିବା ବାହାନାରେ ଅନେକ କାଗଜରେ ଦସ୍ତଖତ କରାଇ ନେଇଥିଲେ। ଏମିତିକି ତାଙ୍କ ଅଜାଣତରେ ବ୍ୟାଙ୍କରେ ଦେଢ଼ ଲକ୍ଷ ଲୋନ ଗତ ୨୧ ତାରିଖ ଦିନ ତିନି କିସ୍ତିରେ ପଚାଶ ହଜାର ଟଙ୍କା ଉଠାଇଥିବା ମୋବାଇଲକୁ ମେସେଜ ଆସିଥିଲା। ଏହାକୁ ଶାନ୍ତି ଲତାଙ୍କ ପୁଅ ସଞ୍ଜୟ ଦେଖିବା ପରେ ସମ୍ପୃକ୍ତ ଥିବା ହେମନ୍ତ ଶର୍ମାଙ୍କୁ ପଚାରିବାରୁ ସେ ସଠିକ ଉତ୍ତର ଦେଇ ନଥିଲେ। ଏନେଇ ବ୍ୟାଙ୍କରେ ପଚାରିବାରୁ ସେ ମଧ୍ୟ କିଛି ଉତ୍ତର ଦେଇ ନଥିଲେ। ସେପଟେ ପୁଅ ସଞ୍ଜୟ କୁମାର ସ୍ୱାଇଁ ଏହି ଘଟଣାରେ ସମ୍ପୃକ୍ତ ଥିବା ହେମନ୍ତ ଶର୍ମା ଓ ଶାଖା ପରିଚାଳକଙ୍କ ନାମରେ ଗଣମାଧ୍ୟମ ପାଖରେ ଅଭିଯୋଗ ଆଣିବା ସହ ଥାନାର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ସବୁଠୁ ବଡ କଥା ହେଲା କିପରି ଜଣେ (୭୫) ବର୍ଷ ବୟସ୍କା ମହିଳା ନାମରେ ଲୋନ କରାଗଲା। ମହିଳା ଜଣଙ୍କ ବ୍ୟାଙ୍କ୍ ଯାଇନଥିବା ବେଳେ କିପରି ଦେଢ଼ ଲକ୍ଷ ଟଙ୍କା ଉଠାଣ କରା ଗଲା। ଯାହାକି ଅନୁମାନ କରାଯାଉଛି କି ମିଳିଭଗତରେ ହରି ଲୁଟ କରିଛନ୍ତି ବୃଦ୍ଧାଙ୍କ ଟଙ୍କାକୁ। ଏ ଜଣେ ମହିଳା ନା ଶାନ୍ତି ଲତା ଭଳି ଅନେକ ରହିଛନ୍ତି। ଯାହାର ତଦନ୍ତ କରାଗଲେ ସବୁ ସତ ସାମ୍ନାକୁ ଆସିବ ବୋଲି ଅନୁମାନ କରାଯାଉଛି।

## ଖରିଫ ଚାଷୀ ପଞ୍ଜୀକରଣ ପ୍ରଶିକ୍ଷଣ ଶିବିର ସଫଳତା ସହ ସମ୍ପନ୍ନ



ମାଲକାନଗିରି,୮।୮ (ସଂଚାର ବ୍ୟୁରୋ): ମାଲକାନଗିରି ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷଠାରେ ଆଗାମୀ ଖରିଫ ସମୟ ପାଇଁ ଚାଷୀ ପଞ୍ଜୀକରଣ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତା ସହ ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ ଶିବିରରେ ମାଲକାନଗିରି ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଭାପତିତ୍ୱ କରିଥିଲେ। ସେହିପରି ସମବାୟ ସମିତି ସମୂହର ଉପ-ନିବନ୍ଧକ ଥିଓଫିଲ ସବର ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଚାଷୀ ପଞ୍ଜୀକରଣ ପ୍ରକ୍ରିୟାକୁ ସ୍ୱଚ୍ଛ, ସରଳ ଏବଂ ତ୍ରୁଟିଶୂନ୍ୟ କରିବା ପାଇଁ ବିଭିନ୍ନ ବୈଷୟିକ ଦିଗ ଉପରେ ବିସ୍ତୃତ ଆଲୋକପାତ କରିଥିଲେ।

ଏହି ସମାବେଶକୁ ସମ୍ବୋଧିତ କରି ଉପ-ଜିଲ୍ଲାପାଳ ନିଜ ଅଭିଭାଷଣରେ କହିଥିଲେ, "ଚାଷୀ ପଞ୍ଜୀକରଣ ହେଉଛି ସମଗ୍ର ଧାନ ସଂଗ୍ରହ ପ୍ରକ୍ରିୟାର ମୂଳଦୁଆ। ଆସନ୍ତା ଖରିଫ ଋତୁରେ ଜିଲ୍ଲାର ପ୍ରତ୍ୟେକ ପ୍ରକୃତ ଚାଷୀ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୋଇ ସହଜରେ ନିଜର ନାମ ପଞ୍ଜୀକରଣ କରିପାରିବେ, ସେଥିପ୍ରତି ସମସ୍ତ କ୍ଷେତ୍ରୀୟ ଅଧିକାରୀ ଏବଂ ସମବାୟ କର୍ମଚାରୀ ସଜାଗ ରହିବା ଆବଶ୍ୟକ। ବୈଷୟିକ ତ୍ରୁଟି ଯୋଗୁଁ ଯେପରି କୌଣସି ଚାଷୀ ସରକାରୀ ସୁବିଧାରୁ ବଞ୍ଚିତ ନ ହୁଅନ୍ତି, ତାହା ନିଶ୍ଚିତ କରିବା ଆମ ସମସ୍ତଙ୍କର ପ୍ରାଥମିକ ଦାୟିତ୍ୱ।

ଏହି ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମରେ ମାଲକାନଗିରି ଅଞ୍ଚଳର ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ବରିଷ୍ଠ ସହକାରୀ ସମବାୟ ସମିତି ସମୂହର ନିବନ୍ଧକ, ସହକାରୀ ନିବନ୍ଧକ ଏବଂ ସହକାରୀ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିବାରେ ସହଯୋଗ କରିଥିଲେ। ଏହା ବ୍ୟତୀତ ସମବାୟ ସମିତି ସମୂହର ପ୍ରାଥମିକ ସହକାରୀ ନିବନ୍ଧକ, ସମବାୟ ସମିତି ନିରୀକ୍ଷକ, ବଜାର ନିରୀକ୍ଷକ ଏବଂ ଅଞ୍ଚଳ ଅଧୀନରେ ଥିବା ସମସ୍ତ ବୃହତ ଆକାରର ବହୁମୁଖୀ ସମବାୟ ସମିତିର ପରିଚାଳନା ନିର୍ଦ୍ଦେଶକ ଓ ତଥ୍ୟ ପ୍ରବେଶକାରୀମାନେ ଏହି ଶିବିରରେ ସକ୍ରିୟ ଅଂଶଗ୍ରହଣ କରି ପ୍ରଶିକ୍ଷଣ ଗ୍ରହଣ କରିଥିଲେ।

## ବାଧୁଛି ରାସନ ପୀଡ଼ା, ଘଣ୍ଟା ଘଣ୍ଟା ଅପେକ୍ଷା



### ନୂଆ ମାର୍ଗଦର୍ଶିକା, ସର୍ଭର ଧିମା ଯୋଗୁଁ ଯନ୍ତ୍ରଣା

### ଜଣେ ହିତାଧିକାରୀଙ୍କୁ ବାୟୋମେଟ୍ରିକ ଲାଗି ୨୦ ମିନିଟ

### କେଉଁଠି ଆଖି ମିଶୁଛି ତ ଟିପ ମିଶୁନି

ବାଲିଆପାଳ,୮।୮ (ସଂଚାର ବ୍ୟୁରୋ): ରାଜ୍ୟରେ ଗରିବ ଲୋକଙ୍କ ଲାଗି ମାଗଣାରେ ରାସନ ଚାଉଳ ମିଳୁଛି। ଜଣେ ହିତାଧୀକାରୀଙ୍କୁ ମୁଣ୍ଡ ପିଛା ୫ କେଜି ଚାଉଳ ଦିଆଯାଉଛି। ଏବେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଆଉ ୫ କେଜି ମିଳୁଛି। ଏହାରି ଭିତରେ ପୁରୁଣା ଖାତା ବଦଳିଛି, ନୂଆ ଗେରୁଆ ଖାତା ମିଳିଛି। ତେବେ ଡିଲରଙ୍କୁ ମିଳିଛି ନୂଆ ମେସିନ ଓ ନିୟମରେ ବି ପରିବର୍ତ୍ତନ ହୋଇଛି। ନୂଆ ମାର୍ଗଦର୍ଶିକା ଯୋଗୁଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି ହିତାଧିକାରୀଙ୍କୁ ଲୋକଙ୍କୁ ଏବେ ମାଗଣା ଚାଉଳଠୁ ବଳିଯାଉଛି ଅପେକ୍ଷାର ପୀଡ଼ା।

ବାଲିଆପାଳ ବ୍ଲକ ରେ ସମୁଦାୟ ୧୦ ହଜାର ରୁ ଅଧିକ ରାସନ କାର୍ଡ ହିତାଧିକାରୀ ଅଛନ୍ତି ବିଧାନସଭାରେ ତଥ୍ୟ ରଖିଥିଲେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରାଜ୍ୟ ସରକାର ଏବେ ରାସନକାର୍ଡ ପରିବର୍ତ୍ତନ କରିଛନ୍ତି। ପୁରୁଣା ସବୁଜ ରାସନକାର୍ଡ ବଦଳରେ ଗେରୁଆକାର୍ଡ. ହିତାଧିରୀଙ୍କୁ ଦିଆଯାଇଛି। ଏହା ସହିତ ହିତାଧିକାରୀଙ୍କୁ ମୁଣ୍ଡପିଛା ୫ କେଜି ଚାଉଳ ମିଳୁଥିବା ବେଳେ ଅତିରିକ୍ତ ୫ କେଜି ଦିଆଯାଉଛି। ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅତିରିକ୍ତ ୫ କେଜି ଚାଉଳ ବଣ୍ଟନ ହେଉଛି। ବର୍ତ୍ତମାନ ସରକାରଙ୍କ ପକ୍ଷରୁ ନୂଆ ମେସିନ୍ ଡିଲରମାନଙ୍କୁ ଦିଆଯାଇଥିବା ବେଳେ ମାର୍ଗଦର୍ଶିକା ବି ବଦଳିଛି।ପୂର୍ବରୁ ଗୋଟିଏ ଥର ଆଖି ବା ଟିପ ବାୟୋମେଟ୍ରିକ ଭାବେ ଦିଆଯାଉଥିବା ବେଳେ ଏବେ କିନ୍ତୁ ଦୁଇ ଥର ଆଖି ଦିଆଯାଉଛି। ଦୁଇଥର ଆଖି ଦେବା ସମୟରେ ବାୟୋମେଟ୍ରିକ୍ ଗ୍ରହଣ କରୁନଥିବାବେଳେ ୩ରୁ ୪ଥର ଆଖି ବାୟୋମେଟ୍ରିକ କରାଯିବା ଯୋଗୁଁ ସମୟ ପ୍ରାୟ ୨୦ ମିନିଟ୍ ଲାଗୁଛି। ସେହିପରି ଗୋଟିଏ ଥର ଚାଉଳ ଓଜନ ହେଉଥିବା ବେଳେ ଏଥର କିନ୍ତୁ ୨ ରୁ ୪ ଥର ପର୍ଯ୍ୟନ୍ତ ଚାଉଳ ଓଜନ କରାଯିବାକୁ ନିର୍ଦ୍ଦେଶ ରହିଛି। ଚାଉଳ ଓଜନ ଯନ୍ତ୍ର ବାୟୋମେଟ୍ରିକ ସହିତ ଯୋଡା ଯାଇଥିବାରୁ ସେଥିରୁ ବିଲ ମଧ୍ୟ ବାହାରୁଛି। ଏହି ସମସ୍ତ ପ୍ରକ୍ରିୟା ସରିବାକୁ ପ୍ରାୟ ୩୦ ମିନିଟ୍ ସମୟ ଲାଗୁଛି। ଫଳରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା ଯନ୍ତ୍ରଣା ଭୋଗୁଛନ୍ତି ହିତାଧିକାରୀ। ଯେଉଁଠି ଦିନକରେ ଗୋଟିଏ ୱାର୍ଡକୁ ଚାଉଳ ବଣ୍ଟନ କରାଯାଉଥିଲା, ଏବେ କିନ୍ତୁ ଦୈନିକ ୨୦ରୁ ୨୫ ଜଣ ହିତାଧିକାରୀଙ୍କୁ ଚାଉଳ ଦିଆଯାଉଛି। ବିଡମ୍ବନାର ବିଷୟ ଯେ ପ୍ରତ୍ୟେକ ଦିନ ସର୍ଭର ଧିମା ହେବା କାରଣରୁ ହିତାଧିକାରୀଙ୍କ ବାୟୋମେଟ୍ରିକ ହୋଇପାରୁନି। ଫଳରେ ବାରମ୍ବାର ଡିଲର ପାଖକୁ ଆସି ଫେରୁଛନ୍ତି ହିତାଧିକାରୀ ।

## ପାଚିକା ସହାୟିକାଙ୍କ ପ୍ରଶିକ୍ଷଣ ଶିବିର



ଢେଙ୍କାନାଳ,୮।୮ (ସଂଚାର ବ୍ୟୁରୋ): ସଦର ବ୍ଲକ୍ ଅନ୍ତର୍ଗତ ଅଭଖମା ଉ.ପ୍ରା. ବିଦ୍ୟାଳୟଠାରେ ଚନ୍ଦ୍ରଶେଖରପ୍ରସାଦ କ୍ଲଷ୍ଟର ଅଧିନ ସମସ୍ତ ବିଦ୍ୟାଳୟର ପାଚିକା ସହାୟିକାମାନଙ୍କର ଏକ ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଅଛି । ସିଆରସିସି ନୃସିଂହ ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ସେଠୀ ଓ ଶିକ୍ଷୟିତ୍ରୀ ସୁବାଶିନୀ ମିଶ୍ର ସମ୍ମାନିତ ଅତିଥ୍ୟ ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ ।

ଶିବିରରେ ପାଚିକାମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ, ମଧ୍ୟାହ୍ନ ଭୋଜନ ରୋଷେଇ ପୂର୍ବରୁ ଖାଦ୍ୟ ସାମଗ୍ରୀର ମାନ ନିର୍ଦ୍ଧାରଣ, ଖାଦ୍ୟ ସାମଗ୍ରୀର ରକ୍ଷଣାବେକ୍ଷଣ, ପାକଶାଳାର ନିରାପତା, ଆଦର୍ଶ ରନ୍ଧନ ପ୍ରଣାଳୀ ଓ ଆବର୍ଜନା ପରିଚାଳନା ଆଦି ବିଷୟରେ ବିଶଦ ଭାବେ ପ୍ରଶିକ୍ଷଣ ପ୍ରଦାନ କରାଗଲା । ବିଇଓ ଦିବ୍ୟ ପ୍ରକାଶ ପ୍ରଧାନ ଓ ଏବିଇଓ ଭଗବାନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷକ ଦୀପକ କୁମାର ପରିଡା ସାଧନ କର୍ମୀ ଭାବେ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଅନୁରୂପ ଭାବେ କାକୁଡ଼ିଭାଗ କ୍ଲଷ୍ଟରର ପାଚିକାମାନଙ୍କର ପ୍ରଶିକ୍ଷଣ ଶିବିର ସିଆରସିସି ଅର୍ଜୁନ ନାୟକଙ୍କ ତତ୍ତ୍ୱାବଧାନରେ ସପ୍ତେଶ୍ୱର ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି ।

SANCHAR
ସଂଚାର
ରବିବାର ୯ ଅଗଷ୍ଟ ୨୦୨୬




# ସବୁଜ ପନିପରିବା ସ୍ୱାସ୍ଥ୍ୟ ପାଇଁ ଉପକାରୀ



ପ୍ରତ୍ୟେକ ଋତୁରେ ପ୍ରଚୁର ପରିମାଣରେ ପନିପରିବା ଆପଣଙ୍କ ଖାଦ୍ୟରେ ସାମିଲ କରିବା ଉଚିତ। କାରଣ ଏହା ପୁଷ୍ଟିକର ଅଭାବକୁ ପୂରଣ କରିବାରେ ସାହାଯ୍ୟ କରେ। ଋତୁକାଳୀନ ପନିପରିବା ବିଶେଷ ଭାବରେ ଲାଭଦାୟକ ଏବଂ ପ୍ରାୟତଃ ଅଧିକ ସ୍ୱାଦିଷ୍ଟ। ଋତୁକାଳୀନ ପନିପରିବା ଖାଇବା ଦ୍ୱାରା ଆପଣଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ, ଆପଣଙ୍କୁ ଋତୁକାଳୀନ ରୋଗରୁ ରକ୍ଷା କରେ। ଗ୍ରୀଷ୍ମ ଋତୁରେ, ଶରୀରକୁ କେବଳ ପୁଷ୍ଟିକର ନୁହେଁ, ହାଇଡ୍ରେଟେଡ୍ ରହିବା ଆବଶ୍ୟକ। ଏହି କାରଣରୁ କେବଳ ପାଣି ନୁହେଁ, ବରଂ ରସାଳ ଫଳ, ରସ, ବଟର ମିଲ୍କ ଏବଂ ନଡ଼ିଆ ପାଣି ମଧ୍ୟ ପିଇବା ଉଚିତ। ଗ୍ରୀଷ୍ମ ଋତୁରେ ଆପଣଙ୍କ ଶରୀରର ହାଇଡ୍ରେସନ୍ ଆବଶ୍ୟକତାକୁ ପୂରଣ କରିବାରେ ସାହାଯ୍ୟ କରୁଥିବା ପନିପରିବା ବିଷୟରେ ଜାଣନ୍ତୁ।

ଗ୍ରୀଷ୍ମ ଋତୁରେ ପର୍ଯ୍ୟାପ୍ତ ଜଳୀୟ ଅଂଶ ବଜାୟ ରଖିବା ଅତ୍ୟନ୍ତ ଜରୁରୀ। ଯଦି ତରଳ ପଦାର୍ଥ ସନ୍ତୁଳନ ପର୍ଯ୍ୟାପ୍ତ ନ ଥାଏ, ତେବେ ଥକ୍କାପଣ ଏବଂ ମୁଣ୍ଡ ବୁଲାଇବା ଭଳି ସମସ୍ୟା ଦେଖାଦେଇପାରେ। ଋତୁକାଳୀନ ପନିପରିବା କେବଳ ଭିଟାମିନ୍ ଏବଂ ଖଣିଜ ଅଭାବ ପୂରଣ କରିବାରେ ସାହାଯ୍ୟ କରେ ନାହିଁ ବରଂ ହିଟ୍ ଓ୍ୱେଭରୁ ରକ୍ଷା କରିବାରେ ମଧ୍ୟ ସାହାଯ୍ୟ କରେ। ତେଣୁ, ଆସନ୍ତୁ ଜାଣିବା ପୁଷ୍ଟିସାର ଏବଂ ପାଣିରେ ଭରପୂର ପନିପରିବା ବିଷୟରେ।

ଖାଆନ୍ତୁ କାକୁଡି: ଗ୍ରୀଷ୍ମ ଋତୁରେ ଆପଣ ନିଶ୍ଚିତ ଭାବରେ ଆପଣଙ୍କ ଦୈନନ୍ଦିନ ଖାଦ୍ୟରେ କାକୁଡ଼ି ସାମିଲ କରିବା ଉଚିତ, କିନ୍ତୁ ଏହାକୁ କିଣିବା ସମୟରେ ମନେ ରଖନ୍ତୁ ଯେ ସ୍ଥାନୀୟ କାକୁଡ଼ି ପ୍ରକାର ଭଲ। USDA ଅନୁଯାୟୀ , ପ୍ରାୟ ୧ କାକୁଡ଼ିରେ ୨୮୭ ଗ୍ରାମ ପାଣି ଥାଏ। ଏହା ଭିଟାମିନ୍ ସି, ଫାଇବର, ପୋଟାସିୟମ୍ ଏବଂ ଭିଟାମିନ୍ କେ ର ଏକ ଭଲ ଉତ୍ସ। ଏହିପରି ଆପଣ କାକୁଡ଼ିକୁ ଆପଣଙ୍କ ଖାଦ୍ୟର ଏକ ଅଂଶ କରିପାରିବେ। ଗ୍ରୀଷ୍ମ ଋତୁରେ ଆପଣଙ୍କ ଦୈନନ୍ଦିନ ଖାଦ୍ୟରେ ଲେଟୁସ୍ ମଧ୍ୟ ସାମିଲ କରିପାରିବେ। ଏହାକୁ "ସାଲାଡ୍ ପତ୍ର" ମଧ୍ୟ କୁହାଯାଏ। ଏହାକୁ ଘରେ ଚାଷ କରିବା ଗ୍ରୀଷ୍ମ ଋତୁ ପାଇଁ ଆହୁରି ଲାଭଦାୟକ। ୧୦୦ ଗ୍ରାମ ଲେଟୁସ୍ ରେ ୯୫ ଗ୍ରାମ ପାଣି ଥାଏ।

ଲାଉ: ଆପଣ ଆପଣଙ୍କ ଖାଦ୍ୟରେ ଲାଉ ଅନ୍ତର୍ଭୁକ୍ତ କରିପାରିବେ। ଏହାର ତରକାରୀ ବନାଯାଏ ଯାହା ବେଶ୍ ସ୍ୱାଦିଷ୍ଟ ହୋଇଥାଏ। ଆମେରିକାର କୃଷି ବିଭାଗ ଅନୁଯାୟୀ , ୧୦୦ ଗ୍ରାମ କଞ୍ଚା ଲାଉରେ ୯୬.୧ ଗ୍ରାମ ପାଣି ଥାଏ।

ଟମାଟୋ: ଗ୍ରୀଷ୍ମ ଋତୁରେ ଆପଣ ଟମାଟୋକୁ ତରକାରୀ ଭାବରେ କିମ୍ବା କଞ୍ଚା ସାଲାଡ ଭାବରେ ଖାଇପାରିବେ। ଏଥିରେ ଭିଟାମିନ ସି ଏବଂ ଲାଇକୋପିନ ପ୍ରଚୁର ପରିମାଣରେ ଥାଏ। ଏଥିରେ ପୋଟାସିୟମ ମଧ୍ୟ ଯଥେଷ୍ଟ ପରିମାଣରେ ଥାଏ। ହେଲଥଲାଇନ୍ ଅନୁଯାୟୀ , ୧୦୦ ଗ୍ରାମ ଟମାଟୋରେ ୯୫ ପ୍ରତିଶତ ପାଣି ଥାଏ।

ପିଆଜ: ଗ୍ରୀଷ୍ମ ଋତୁରେ ଆପଣ କଞ୍ଚା ପିଆଜକୁ ସାଲାଡ ଭାବରେ ମଧ୍ୟ ଖାଇପାରିବେ। ଯଦିଓ ଏହା ସବୁ ଋତୁରେ ଖିଆଯାଏ, କିନ୍ତୁ ଗ୍ରୀଷ୍ମ ଋତୁରେ ଏହାକୁ ବିଶେଷ ଲାଭଦାୟକ ବୋଲି ବିବେଚନା କରାଯାଏ କାରଣ ଏହା ଗରମ ଷ୍ଟ୍ରୋକରୁ ରକ୍ଷା କରିବାରେ ସାହାଯ୍ୟ କରେ। ୧୦୦ ଗ୍ରାମ ପିଆଜରେ ୮୯.୧ ଗ୍ରାମ ପାଣି ଥାଏ। ସେହିପରି ଗ୍ରୀଷ୍ମ ଋତୁରେ ଟିଣ୍ଡା, କଖାରୁ ଏବଂ କଖାରୁ ପରି ପନିପରିବା ଆପଣଙ୍କ ଖାଦ୍ୟରେ ସାମିଲ କରିବା ଉଚିତ। ଏହି ଋତୁକାଳୀନ ପନିପରିବା ଆପଣଙ୍କ ହଜମ ପାଇଁ ଭଲ ଏବଂ ପୁଷ୍ଟିକର ତତ୍ତ୍ୱ ଏବଂ ପାଣିରେ ମଧ୍ୟ ଭରପୂର।



# ରୋଗ ପ୍ରତିରୋଧକ ଶକ୍ତି ଶରୀର ପାଇଁ ନିହାତି ଆବଶ୍ୟକ

ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ରହିବା ନିହାତି ଦରକାର। ନ ହେଲେ ଆମ ଶରୀର ଅଧିକାଂଶ ସମୟ ରୋଗାକ୍ରାନ୍ତ ରହିବାର ଆଶଙ୍କା ରହିଛି। ତେବେ ଏହାକୁ ସନ୍ତୁଳିତ ରଖିବାର ଏକ ସହଜ ତଥା ସରଳ ଉପାୟ ରହିଛି। ଯଦି ଆପଣଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହିଲା, ତେବେ ତାହାର ସୁପ୍ରଭାବ ରୋଗ ପ୍ରତିରୋଧକ ଶକ୍ତି ଉପରେ ପଡ଼ିଥାଏ। ଆଉ କେତୋଟି ବିଷୟ ପ୍ରତି ଯଦି ଜଣେ ସଚେତନ ରୁହନ୍ତି, ତେବେ ଏହା ମଧ୍ୟ ଦୃଢ଼ ରହିଥାଏ। ପ୍ରଥମ କଥା ହେଲା ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଭାତ, ଡାଲି, କ୍ଷୀର, ଛେନା, ଚିନାବାଦାମ, ସୋୟାବିନ, ଶାଗ, ସବୁଜ ପନିପରିବା, ଫଳମୂଳ, ମାଛ, ମାଂସ ଏବଂ ଅଣ୍ଡା ଖାଆନ୍ତୁ। ଆଉ ଏକ କଥା ହେଲା ବ୍ୟାୟାମ। ଏହାକୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ। ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।

# ଅମ୍ଳ ବୃଦ୍ଧିର କାରଣ ଅତ୍ୟଧିକ ଚା' ପାନ



ଚା' ଓ କଫି ଅମ୍ଳୀୟ। ତେଣୁ ଖାଲି ପେଟରେ ଏହାକୁ ପିଇଲେ ଅମ୍ଳ ବୃଦ୍ଧି ପାଇଥାଏ। ସକାଳେ ପାକସ୍ଥଳୀ ଭିତରେ କୌଣସି ଖାଦ୍ୟ ନ ଥାଏ। ବିଶେଷକରି ଖାଲି ପେଟରେ ଚା' ପିଇଲେ ପାକସ୍ଥଳୀରୁ ଅମ୍ଳ କ୍ଷରଣ ବଢ଼ିଯାଏ। ଚା'ରେ ରହିଥାଏ ସାମାନ୍ୟ ପରିମାଣର ନିକୋଟିନ୍, ଯାହା ଆସକ୍ତି ସୃଷ୍ଟିର କାରଣ ହୋଇପାରେ। ଏହାବ୍ୟତୀତ ଖାଲି ପେଟରେ ଗ୍ରୀନ୍ ଚା' ପିଇଲେ ସେଥିରେ ଥିବା କାଟେଚିନ୍ ତତ୍ତ୍ୱ ଯୋଗୁ ଯକୃତ ଉପରେ କୁପ୍ରଭାବ ପଡ଼ିବାର ଆଶଙ୍କା ରହିଛି। ସକାଳେ ଖାଲିପେଟରେ ଚା' କି କଫି ପିଇବା ଆଦୌ ନିରାପଦ ନୁହେଁ। ବରଂ ସକାଳୁ ଉଠି ଗିଲାସେ ପାଣି ପିଇ ସାରି ଫଳଟିଏ ଖାଇନେବା ପରେ ୧୫ ରୁ ୨୦ ମିନିଟ୍ ପରେ ଚା' ପିଇହେବ। ଚା' ସହ ବିସ୍କୁଟ୍ କି ସାମାନ୍ୟ ଜଳଖିଆ ଖାଇଲେ ତାହା ଅପେକ୍ଷାକୃତ ନିରାପଦ। ଖାଇସାରିବାର ଘଣ୍ଟାଏ ଦୁଇଘଣ୍ଟା ପରେ ଚା' କିମ୍ବା କଫି ନିରାପଦରେ ପିଆଯାଇପାରେ।

# ଟାଇଟ୍ ଜିନ୍ସ ରକ୍ତ ପ୍ରବାହକୁ କମ୍ କରେ



ବର୍ତ୍ତମାନର ଦୁନିଆରେ ପ୍ରାୟ ସମସ୍ତେ ଜିନ୍ସ ପେଣ୍ଟ୍ ପରିଧାନ କରିଥାନ୍ତି। ପୁରୁଷ ହୁଅନ୍ତୁ ବା ମହିଳା ସମସ୍ତେ ଜିନ୍ସ ପିନ୍ଧିବାକୁ ପସନ୍ଦ କରନ୍ତି। ଏମିତିକି ସମସ୍ତଙ୍କ ପାଖରେ ଏକରୁ ଅଧିକ ଜିନ୍ସ ରହିବା ଏବେ ଏକ ସାଧାରଣ କଥା। ତେବେ ଆପଣ ଦେଖିଥିବେ ପୁରୁଷଙ୍କ ଅପେକ୍ଷା ମହିଳା ଅଧିକ ଟାଇଟ୍ ଜିନ୍ସ ପିନ୍ଧିବାକୁ ପସନ୍ଦ କରିଥାନ୍ତି। ଏହା ଆରାମଦାୟକ ହୋଇନଥିଲେ ମଧ୍ୟ ନିଜକୁ ଫ୍ୟାସନେବଲ ଏବଂ ସୁନ୍ଦର ଦେଖାଇବା ପାଇଁ ସେମାନେ ଏହାକୁ ପିନ୍ଧିଥାନ୍ତି। ତେବେ ଟାଇଟ ଜିନ୍ସ ପିନ୍ଧୁଥିବା ମହିଳାଙ୍କ ପାଇଁ ଖାସ ଏହି ଖବର। ଏହା ଦ୍ୱାରା ଚର୍ମ ଜନିତ ରୋଗ ହେବା ସହ ରକ୍ତ ପ୍ରଭାବ ଠିକ୍ ହୋଇନଥାଏ। ଆପଣଙ୍କ ସୂଚନା ପାଇଁ , ଅଷ୍ଟ୍ରେଲିଆରେ ମହିଳାମାନେ ଅଧିକ ଟାଇଟ୍ ଜିନ୍ସ ପିନ୍ଧିବାକୁ ପସନ୍ଦ କରନ୍ତି। ଯାହାଫଳରେ ଗୋଡ଼ରେ ରକ୍ତର ପ୍ରଭାବ କମ ହେବା ସହ ପ୍ରାୟତଃ ମହିଳା ଅଚେତ ହୋଇଯାଇଥିବା ଦେଖାଯାଇଥାଏ। ଏହି ସମସ୍ୟା ଆଜି ମଧ୍ୟ ସେଠାକାର ମହିଳା ମାନଙ୍କୁ ସମ୍ମୁଖିନ କରିବାକୁ ପଡୁଛି। ଟାଇଟ୍ ଜିନ୍ସ ପିନ୍ଧିବା ଦ୍ୱାରା ଗୋଡ଼ ଦୁର୍ବଳ ହୋଇଥାଏ। ଯାହା କାରଣରୁ ଠିଆ ହେବା ସହ ଚଲାବୁଲା କରିବାରେ ଅସୁବିଧା ଅନୁଭବ ହୋଇଥାଏ। ଟାଇଟ ଜିନ୍ସ ପିନ୍ଧିବା ଦ୍ୱାରା। ଅର୍ନ୍ତନିହିତ ଅସୁବିଧା ହୋଇଥାଏ ତାହା ନୁହଁ ବରଂ ଶରୀର ବାହାରେ ମଧ୍ୟ ଅନେକ ପ୍ରକାରର ଯନ୍ତ୍ରଣା ହୋଇଥାଏ। ଏହା ଦ୍ୱାରା ତ୍ୱଚା କୁଞ୍ଚିତ ହେବା ସହ ଗୋଡ଼ ଜଳାଇବା ଆଦି ସମସ୍ୟା ଦେଖାଯାଇଥାଏ। ଟାଇଟ୍ ଜିନ୍ସ ଖାଲି ମହିଳାଙ୍କ ପାଇଁ ଅସୁବିଧାର କାରଣ ପାଲଟିଥାଏ ତାହା ନୁହଁ ବରଂ ପୁରୁଷଙ୍କୁ ମଧ୍ୟ ଅନେକ ପ୍ରକାରର ଅସୁବିଧା ହୋଇଥାଏ। ଏହା ଦ୍ୱାରା ପୁରୁଷଙ୍କ ଅଣ୍ଡକୋଷରେ ରକ୍ତ ପ୍ରଭାବ କମ ହୋଇଥାଏ। ଯାହା ଦ୍ୱାରା ପୁରୁଷଙ୍କ ବୈବାହିକ ଜୀବନରେ ଖରାପ ପ୍ରଭାବ ପଡ଼ିଥାଏ।



# ପଖାଳରେ ଭରି ରହିଛି ପ୍ରଚୁର ପରିମାଣର ଭିଟାମିନ୍

ଖରାଦିନ ଆସିଲେ ଖୋଜାପଡ଼େ ପଖାଳ କଂସା। ଭାତ ଗଣ୍ଡେ ଖାଇ ତୋରାଣି ମୁନ୍ଦେ ପିଇଦେଲେ ପେଟ ଶାନ୍ତି। ଯଦି ଦହି ପଖାଳ ମିଳିଗଲା ତାହେଲେ କଥା ସରିଲା। ଆଉ କ'ଣ ବା ଦରକାର ? ଆମେ ଆଜି ଦହି ଏବଂ ଭାତ କମ୍ବିନେସନର ଏକ ଦକ୍ଷିଣ ଭାରତୀୟ ଖାଦ୍ୟ ବିଷୟରେ କହିବୁ ଯାହା ଖାଇଲେ ଆପଣଙ୍କର ବି ଆତ୍ମତୃପ୍ତି ହୋଇଯିବ। ଏହାକୁ ତିଆରି କରିବା ମଧ୍ୟ ଖୁବ୍ ସହଜ। ଯଦି ଆପଣ ଏମିତି କିଛି ସ୍ୱାସ୍ଥ୍ୟକର ରେସିପି ଖାଇବାକୁ ଚାହୁଁଛନ୍ତି ତାହେଲେ ପ୍ରସ୍ତୁତ କରନ୍ତୁ କର୍ଡ ରାଇସ୍।

ଅବଶ୍ୟକୀୟ ଜିନିଷ: ୧ କପ୍ ଭାତ, ୧ କପ୍ ଦହି, ୫ଟି କଟା କଞ୍ଚାଲଙ୍କା, କଟା ହୋଇଥିବା ଅଦା, ୧ ଚାମଚ କଟା ଧନିଆ ପତ୍ର, ୩ ଚାମଚ ତେଲ, ୧ ଚାମଚ ଶୋରିଷ, ୩ ଚାମଚ ଚଣା ଡାଲି, ୨ଟି ଶୁଖିଲା ଲଙ୍କା, ୧ ଚୁଟକି ହେଙ୍ଗୁ, ୫-୬ଟି ଭୁରଶୁଙ୍ଗା ପତ୍ର, ସ୍ୱାଦ ଅନୁସାରେ ଲୁଣ।

ପ୍ରସ୍ତୁତି କରିବାର ଉପାୟ: ପ୍ରଥମେ ଏକ ପାତ୍ରରେ ଚାଉଳ, ଦହି, କଞ୍ଚାଲଙ୍କା, ଧନିଆ ପତ୍ର ଏବଂ ଲୁଣ ଭଲ ଭାବରେ ଗୋଳାଇ ରଖନ୍ତୁ। ଏକ ପ୍ୟାନରେ ତେଲ ଗରମ କରି ଏଥିରେ ଫୁଟଣ, ଡାଲି, ଶୁଖିଲା ଲଙ୍କା, ହେଙ୍ଗୁ ଏବଂ ଭୁରଶୁଙ୍ଗା ପତ୍ର ପକାନ୍ତୁ। ତଡକା ପ୍ରସ୍ତୁତ ହୋଇଗଲେ ଏହାକୁ ଦହି ଭାତ ମିଶ୍ରଣରେ ପକାଇ ଗୋଳାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଯିବ ସ୍ୱାଦିଷ୍ଟ କର୍ଡ ରାଇସ୍ ବା ଦହି ଭାତ। ପେଟ ଖରାପ ଥିଲେ କିମ୍ବା ଜ୍ୱର ହୋଇଥିଲେ ଏହି ଖାଦ୍ୟ ପାଟିକୁ ସ୍ୱାଦିଷ୍ଟ ଏବଂ ପେଟକୁ ଲାଭଦାୟକ ହେବ।

# ବାତ ରୋଗ ଦୂର ପାଇଁ ତ୍ରିଫଳା ରାମ ବାଣ



ମଣିଷ ଶରୀର ଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ, ତିନୋଟି ସନ୍ତୁଳନ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ: ବାତ, ପିତ୍ତ ଏବଂ କଫ। ଶୀତଦିନେ ସ୍ୱାଭାବିକ ଭାବରେ ବାତ ଦୋଷ ବୃଦ୍ଧି ପାଏ, ଯାହା ଫଳରେ ଗଣ୍ଠି ଯନ୍ତ୍ରଣା, ପେଟ ସମସ୍ୟା ଏବଂ ହାଡ଼ ସମ୍ବନ୍ଧୀୟ ରୋଗ ହୁଏ । କିନ୍ତୁ ଏକ ଆୟୁର୍ବେଦିକ ଔଷଧ ବାତ ଦୋଷକୁ ସନ୍ତୁଳିତ କରିବାରେ ସାହାଯ୍ୟ କରେ । ତ୍ରିଫଳା କେବଳ ପେଟ ସମସ୍ୟାରେ ସାହାଯ୍ୟ କରେ ନାହିଁ ବରଂ ବାତକୁ ମଧ୍ୟ ସନ୍ତୁଳିତ କରେ। ଆୟୁର୍ବେଦରେ ବିଶ୍ୱାସ କରାଯାଏ ଯେ, ବାତ ବୃଦ୍ଧିକୁ ରୋକିବା ପାଇଁ ତ୍ରିଫଳା ଖାଇବା ଲାଭଦାୟକ। ଘିଅ ସହିତ ତ୍ରିଫଳା ଖାଇବା ପରି ଫ୍ୟାଟ ସହିତ ମିଶ୍ରିତ ହେଲେ ତ୍ରିଫଳା ଶୀଘ୍ର କାମ କରେ । ଏକ ଗ୍ଲାସ୍ ଉଷୁମ ପାଣିରେ ଅଧ ଚାମଚ ତ୍ରିଫଳା ଏବଂ ଶୁଦ୍ଧ ଦେଶୀ ଗାଈ ଘିଅ ମିଶାଇ ରାତିରେ ସେବନ କରିବା ଦ୍ୱାରା ଅନ୍ତନଳୀରେ ତନ୍ତୁ ସୃଷ୍ଟି ହୁଏ ଏବଂ ବିଷାକ୍ତ ପଦାର୍ଥ ବାହାର କରିବାରେ ସହାୟକ ହୋଇଥାଏ ।

ଦ୍ୱିତୀୟ ପଦ୍ଧତି ହେଉଛି "ତ୍ରିଫଳା ଘୃତ"। ଆୟୁର୍ବେଦରେ, "ତ୍ରିଫଳା ଘୃତ" କୁ ଏକ ଔଷଧ ଭାବରେ ବିବେଚନା କରାଯାଏ, ଯେଉଁଥିରେ ବିଭିନ୍ନ ଔଷଧୀୟ ସହ ତିଆରି କରାଯାଇଥାଏ। ଯଦି ବର୍ଦ୍ଧିତ ବାତ ଦୋଷରୁ ପୀଡିତ, ତେବେ ରାତିରେ "ତ୍ରିଫଳା ଘୃତ" ସେବନ କରିପାରିବେ । ଏହା ବାତକୁ ସନ୍ତୁଳିତ କରିବ ଏବଂ ପେଟ ସମ୍ବନ୍ଧୀୟ ରୋଗରୁ ମଧ୍ୟ ମୁକ୍ତି ଦେବ। ତୃତୀୟ ପଦ୍ଧତି ହେଉଛି କାଷ୍ଟର ତେଲ ସହିତ ତ୍ରିଫଳା ସେବନ କରିବା। ବାତ ବୃଦ୍ଧି ହେଲେ, କୋଷ୍ଠକାଠିନ୍ୟ ସମସ୍ୟା ହୋଇପାରେ। ଏହାର ଚିକିତ୍ସା ପାଇଁ, କିଛି ବୁନ୍ଦା କାଷ୍ଟର ତେଲକୁ ତ୍ରିଫଳା ପାଉଡର ସହିତ ମିଶାଇ ପାଣି ସହିତ ସେବନ କରାଯାଇପାରିବ। ଏହା ଅନ୍ତନଳୀର ଗତିଶୀଳତା ବୃଦ୍ଧି କରେ। ଏହା ମନେ ରଖିବା ଗୁରୁତ୍ୱପୂର୍ଣ୍ଣ ଯେ ଶୀତଦିନେ ବାତ ସ୍ୱାଭାବିକ ଭାବରେ ସନ୍ଧ୍ୟା ଏବଂ ରାତିରେ ବୃଦ୍ଧି ପାଏ, ତେଣୁ ରାତ୍ରୀ ଭୋଜନ ପରେ ଦୁଇ ଘଣ୍ଟା ବ୍ୟବଧାନରେ ତ୍ରିଫଳା ସେବନ କରିବା ଉଚିତ୍ ।

# ଦୁର୍ଗମ ଦୁର୍କାଗାଁ ଗସ୍ତ କଲେ ପୂର୍ବତନ ମନ୍ତ୍ରୀ ଡ.ବଳଭଦ୍ର ମାଝୀ



● ଚର୍ମରୋଗ ଆକ୍ରାନ୍ତ ଝିଅଙ୍କୁ ଭେଟିଲେ
● ଗାଁର ପାଣି ସମସ୍ୟାକୁ ନେଇ ସରପଞ୍ଚ ଓ ବିଡିଓଙ୍କ ସହ ଫୋନ୍‌ରେ ଆଲୋଚନା କଲେ

ଲାଞ୍ଜିଗଡ଼,୮।୮ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦୁର୍ଗମ ଦୁରକା ଗ୍ରାମରେ ଚର୍ମରୋଗ ଓ ପାନୀୟ ଜଳ ସମସ୍ୟାକୁ ନେଇ ଚିନ୍ତା ପ୍ରକାଶ ପାଉଥିବା ଜାଣି ଗୁରୁବାର ଗ୍ରାମକୁ ଗସ୍ତ କରିଛନ୍ତି ପୂର୍ବତନ ମନ୍ତ୍ରୀ ଡ.ବଳଭଦ୍ର ମାଝୀ।ଗୁରୁବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଡ.ମାଝୀ ଦୁରକା ଗ୍ରାମରେ ପହଞ୍ଚି ଜଣେ ଚର୍ମରୋଗରେ ଆକ୍ରାନ୍ତ ଝିଅଙ୍କୁ ଭେଟିଥିଲେ।ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚରାଉଚରା କରିବା ସହ ଗ୍ରାମବାସୀଙ୍କ ସହ ଗ୍ରାମର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ।ଆଲୋଚନା ସମୟରେ ଗ୍ରାମର ପାନୀୟ ଜଳ ସମସ୍ୟା ପ୍ରମୁଖ ଭାବେ ପ୍ରଶ୍ନ ଉଠିଥିଲା। ଏହାକୁ ଗୁରୁତ୍ୱ ଦେଇ ଡ.ମାଝୀ ସିଧାସଳଖ ସ୍ଥାନୀୟ ସରପଞ୍ଚ ଓ ବିଡିଓଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଜଣାଇଥିଲେ। ଏହାର ଖୁବଶୀଘ୍ର ସମାଧାନ କରାଯିବ ବୋଲି ଲାଞ୍ଜିଗଡ଼ ବିଡିଓ ସଶାଙ୍କ ପାତ୍ର ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଡ.ବଳଭଦ୍ର ମାଝୀଙ୍କ ସହ ଯୁବନେତା ଭାସ୍କର ଚନ୍ଦନ ମଧ୍ୟ ଦୁରକା ଗ୍ରାମକୁ ଯାଇଥିଲେ। ଗ୍ରାମବାସୀଙ୍କ ସମସ୍ୟା ଶୁଣିବା ସହ ତାହାର ସମାଧାନ ପାଇଁ ପ୍ରଶାସନ ସହ ଯୋଗାଯୋଗ କରିଥିବାରୁ ଗ୍ରାମବାସୀ ସମସ୍ତେ ଡ.ବଳଭଦ୍ର ମାଝୀ ଓ ଭାସ୍କର ଚନ୍ଦନଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ।

**ସୀମାଟ ପିଲାଣି ଦୁର୍ନୀତି**

# ୫ ଲକ୍ଷ ବ୍ୟୟରେ ମଧ୍ୟ ନିମ୍ନମାନର ରାସ୍ତା



ରିଶିଡା, ୮।୮ (ସଂଚାର ବ୍ୟୁରୋ): କର୍ଲାମୁଣ୍ଡା ବ୍ଲକରେ ଦୁର୍ନୀତି ଦିନକୁ ଦିନ ସୀମା ଟପୁଥିବା ଅଭିଯୋଗ ହୋଇଛି। ବ୍ଲକ ଅଧିକାରୀଙ୍କ ଦାୟିତ୍ୱହୀନତା ତଥା ଅପାରଗତା ଯୋଗୁ ଠିକାଦାରଙ୍କ ମନମାନି ଚାଲିଥିବା ଅଭିଯୋଗ ଉଠିଛି। ବିଭାଗୀୟ ଯନ୍ତ୍ରୀଙ୍କ ଦାୟିତ୍ୱହୀନତା ଯୋଗୁ ଲକ୍ଷାଧିକ ଟଙ୍କାର ସରକାରୀ ଅର୍ଥ ବ୍ୟର୍ଥ ଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏଭଳି ଏକ ଅଭିଯୋଗ କର୍ଲାମୁଣ୍ଡା ବ୍ଲକେଲାଗ ବଡ଼ିଠାରୁ ଭିମାଗୁଡ଼ି ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା କଂକ୍ରିଟ ରାସ୍ତାକୁ ନେଇ ହୋଇଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରେ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କଂକ୍ରିଟ ରାସ୍ତା ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, କଂକ୍ରିଟ ରାସ୍ତାରେ ୪ ଇଞ୍ଚ ବାଲି, ୪ ଇଞ୍ଚ ମେଟାଲ ଏବଂ ୪ ଇଞ୍ଚ ଚିପ୍ସ ଢଳେଇ କରାଯିବା ନେଇ ଏଷ୍ଟିମେଟରେ ଉଲ୍ଲେଖ ରହିଛି। କିନ୍ତୁ ଠିକାଦାର କେତେକ ସ୍ଥାନରେ ୨ ଇଞ୍ଚ ଓ ଆଉ କେତେକ ସ୍ଥାନରେ ୩ ଇଞ୍ଚ ମୋଟେଇରେ ମେଟାଲ ନଦେଇ କେବଳ ବାଲି ଓ ଚିପ୍ସରେ ଢଳେଇ କରିଥିବା ଅଭିଯୋଗ ହୋଇଛି। ଠିକାଦାର କଂକ୍ରିଟ ରାସ୍ତା ନିର୍ମାଣ କରୁଥିବା ସମୟରେ ବ୍ଲକର ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଦେଖା ମିଳି ନ ଥିବା ପଡ଼ାର କେତେକ ସାମାଜିକ କର୍ମୀ ଅଭିଯୋଗ କରିଛନ୍ତି। ଯନ୍ତ୍ରୀଙ୍କ ତଦାରଖ ଅଭାବର ସୁଯୋଗ ନେଇ ଠିକାଦାର ନିମ୍ନମାନର କାମ କରି ବିଲ୍ ଛାଡେଇ ନେବାକୁ ଉଦ୍ୟମ କରିଥିବା ସେମାନେ ଅଭିଯୋଗ କରିଛନ୍ତି।ଅଭିଯୋଗ ପରେ ମଧ୍ୟ ସମ୍ପୃକ୍ତ ଜନିଷ୍ଠ ଯନ୍ତ୍ରୀଙ୍କ ଦେଖା ମିଳୁ ନ ଥିବା ବେଳେ ତାଙ୍କର ଅନ୍ୟତ୍ର ବଦଳି ହୋଇ ଯାଉଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, କାର୍ଯ୍ୟସ୍ଥଳରେ ସୂଚନା ଫଳକ ଲଗାଇବା ପରିବର୍ତ୍ତେ ନିର୍ମାଣସ୍ଥଳଠାରୁ ପ୍ରାୟ ୬୦୦ ମିଟର ଦୂରରେ ସୂଚନା ଫଳକ ଲଗାଯାଇଥିବା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏହି ସୂଚନା ଫଳକ ଏକ ଗୁହାଳର କାନ୍ଥରେ ଲଗାଯାଇଥିବା ଅଭିଯୋଗ ହୋଇଛି। ନିୟମ ଅନୁଯାୟୀ ଇଟାରେ ୧୦ ଇଞ୍ଚ ମୋଟେଇରେ ସୂଚନା ଫଳକ ନିର୍ମାଣ କରାଯିବା କଥା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏଥିପାଇଁ ସରକାରୀ ହିସାବରେ ୩,୩୦୦ ଟଙ୍କା ବ୍ୟୟ ବ୍ୟବସ୍ଥା ରହିଥିବା ମଧ୍ୟ ସେମାନେ କହିଛନ୍ତି। ଏ ସମ୍ପର୍କରେ ବିଡିଓ ସୁଶ୍ରୀ ସୁଚରିତା ମୁଣ୍ଡାଙ୍କୁ ପଚାରିବାରୁ, ଏହି ଅଭିଯୋଗ ସମ୍ପର୍କରେ ତାଙ୍କ ନିକଟରେ ଖବର ରହିଛି। ଜନିଷ୍ଠ ଯନ୍ତ୍ରୀଙ୍କ ତଦାରଖ ପରେ ମିଳିଥିବା ରିପୋର୍ଟ ଆଧାରରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ତେବେ ରାସ୍ତା ନିର୍ମାଣର ମାନ ଓ ସରକାରୀ ଅର୍ଥର ବ୍ୟବହାର ସମ୍ପର୍କରେ ଜିଲ୍ଲାପାଳ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ପଡ଼ାବାସୀ ଓ ସାମାଜିକ କର୍ମୀମାନେ ଦାବି କରିଛନ୍ତି।

# ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର



କୋକସରା,୮।୮ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ଅନ୍ତର୍ଗତ ବଡ଼କେନ୍ଦୁଗୁଡ଼ା ଗ୍ରାମରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଗତ ମଙ୍ଗଳବାରଠାରୁ ନିଖୋଜ ଥିବା ଜଣେ ମହିଳାଙ୍କ ଗଳିତ ମୃତଦେହ ଶନିବାର ସକାଳୁ ଗାଁ ନିକଟସ୍ଥ ଏକ ଚାଷ ଜମିରୁ ପୋଲିସ ଉଦ୍ଧାର କରିଛି। ମୃତ ମହିଳା ଜଣକ ଦଲିପଡ଼ା ଗ୍ରାମର ଦୈତାରି ଗୋପାଳଙ୍କ ସ୍ତ୍ରୀ ସସ୍ମିତା ଗୋପାଳ (୩୩) ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ଗତ ମଙ୍ଗଳବାର ସକାଳେ ସସ୍ମିତା ଘରୁ ଶୌଚ ପାଇଁ ବାହାରକୁ ଯାଇଥିଲେ। ମାତ୍ର ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାରଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନଥିଲେ। ଏହାପରେ ବୁଧବାର ସସ୍ମିତାଙ୍କ ବାପଘର ପକ୍ଷରୁ ଆମପାଣି ଥାନାରେ ଏକ ନିଖୋଜ ଏତଲା ଦାୟର କରାଯାଇଥିଲା। ମୃତ ସସ୍ମିତାଙ୍କର ଦୁଇଟି ସନ୍ତାନ ଥିବାବେଳେ ସେ ଦୀର୍ଘ ଦିନ ହେବ ସ୍ୱାସ୍ଥ୍ୟଗତ ସମସ୍ୟା ଦେଇ ଗତି କରୁଥିଲେ ଏବଂ ତାଙ୍କର ଚିକିତ୍ସା ମଧ୍ୟ ଚାଲିଥିଲା। ଅସୁସ୍ଥତା କାରଣରୁ ସେ ନିଜ ଦୁଇ ପିଲାଙ୍କୁ ଧରି ବାପଘର ବଡ଼କେନ୍ଦୁଗୁଡ଼ା ଗ୍ରାମରେ ରହୁଥିଲେ। ବାରମ୍ବାର ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହୁଥିବାରୁ ସେ ମାନସିକ ଚାପରେ ରହୁଥିବା ପରିବାରଲୋକେ ପ୍ରକାଶ କରିଛନ୍ତି। ଅନ୍ୟପଟେ ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ତାଙ୍କ ସ୍ୱାମୀ ଦୈତାରୀ ବାହାର ରାଜ୍ୟକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଛନ୍ତି। ଶନିବାର ସକାଳୁ ସ୍ଥାନୀୟ ଲୋକେ ଚାଷ ଜମି ନିକଟରୁ ସସ୍ମିତାଙ୍କ ଗଳିତ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ଆମପାଣି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲା। ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା କୋକସରା ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନାଙ୍କ ଉପସ୍ଥିତିରେ ଘଟଣାସ୍ଥଳରେ ହିଁ ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ଜଣାପଡ଼ିଛି।

# ଡାକ୍ତରଖାନାରେ ଡାକ୍ତର ଅନୁପସ୍ଥିତ: ରୋଗୀ ସେବା ବିପର୍ଯ୍ୟସ୍ତ



ଦିଗପହଣ୍ଡି,୮।୮ (ସଂଚାର ବ୍ୟୁରୋ): କେନ୍ଦ୍ର ଓ ରାଜ୍ୟ ସରକାର ମା ଗର୍ଭରେ ଥିବା ଶିଶୁ ଠାରୁ ଆରମ୍ଭ କରି ବୁଢ଼ା ବୁଢ଼ୀଙ୍କ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା କରି ଉତ୍ତମ ସ୍ୱାସ୍ଥ୍ୟ ଓ ମାଗଣା ରୋଗୀସେବା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରିଛନ୍ତି। ମାତ୍ର ସେସବୁ ଯୋଜନା ସଠିକ୍ ରୂପେ କାର୍ଯ୍ୟକାରୀ ହେଉ ନ ଥିବା ଅନେକ ଉଦାହରଣ ପରିଲକ୍ଷିତ ହେଉଛି। ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବି. ତୁରୁବୁଡି ପଞ୍ଚାୟତ ଝରିପଦର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ଡାକ୍ତର ଓ କର୍ମଚାରୀଙ୍କ ଅନୁପସ୍ଥିତି ଯୋଗୁ ରୋଗୀସେବା ବିପର୍ଯ୍ୟସ୍ତ ହୋଇଥିବା ଅଭିଯୋଗ ହୋଇଛି। ଅବସ୍ଥାପିତ ଡାକ୍ତର ଓ କର୍ମଚାରୀମାନେ ନିୟମିତ ଅନୁପସ୍ଥିତ ରହୁଥିବା କାରଣରୁ ଅଞ୍ଚଳବାସୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରହୁଛନ୍ତି। ଝରିପଦର ଗ୍ରାମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବି. ତୁରୁବୁଡ଼ି, ଝରିପଦର, କାଣ୍ଡସର, ଦଶିପୁର, ବିରିବାଡ଼ିଆ, ପିଲିକାଡିହ ପ୍ରଭୃତି ଆଖପାଖ ୧୨ ଖଣ୍ଡ ଗ୍ରାମର ବାସିନ୍ଦା ନିର୍ଭର କରିଥାନ୍ତି। ବିଶେଷତଃ ଏସବୁ ଗ୍ରାମାଞ୍ଚଳର ଗରିବ, ଅସହାୟ ମହିଳା,ଶିଶୁ,ବୃଦ୍ଧା, ବୃଦ୍ଧ ନିକଟସ୍ଥ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ଯାଇନପାରି ଏହି ଡାକ୍ତରଖାନାରେ ଚିକିତ୍ସା ପାଇଁ ଆସିଥାନ୍ତି। ହେଲେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟତଃ ତାଲା ଝୁଲୁଛି। ଛୋଟ ବଡ଼ ଦୁର୍ଘଟଣାରେ ଆହାତ କିମ୍ବା ଗୁରୁତର ରୋଗୀଙ୍କୁ ଚିକିତ୍ସା ପାଇଁ ୧୫ କି. ମି ଦୂରରେ ଥିବା ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନ ଚେତ ୩୫ କିମି ବ୍ରହ୍ମପୁର ବଡ଼ ଡାକ୍ତରଖାନା ନେବା ବେଳେ ରାସ୍ତାରେ ଅନେକଙ୍କ ମୃତ୍ୟୁ ହୋଇଯାଇଥାଏ। ଏପରିକି ସାମାନ୍ୟ ଜ୍ୱର, ଥଣ୍ଡା କାଶ ପାଇଁ ଗରିବ ଲୋକେ ଅଟୋ ଭଡ଼ା କରି ଦିଗପହଣ୍ଡି ଦୌଡିବାକୁ ପଡୁଛି। ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଡାକ୍ତରଙ୍କ ସମେତ ଫାର୍ମାସିଷ୍ଟ ସମେତ ଠିକାରେ ଜଣେ ଆଟେଣ୍ଡାଣ୍ଟ ଓ ସିକ୍ୟୁରିଟି ଗାର୍ଡ ଅବସ୍ଥାପିତ ଅଛନ୍ତି। ଷ୍ଟାଫନର୍ସ ଓ ଏଏନ୍‌ଏମ ପଦବୀ ଖାଲି ପଡ଼ିଛି। କିନ୍ତୁ ପ୍ରତିଦିନ ପୂର୍ବାହ୍ନ ୧୦ଟାରେ ଏଠି ସ୍ୱାସ୍ଥ୍ୟକେନ୍ଦ୍ରର ତାଲା ଖୋଲେ ଆଉ ମଧ୍ୟାହ୍ନ ୧୨ଟା ବାଜିଲେ ଫାଟକରେ ତାଲା ପକାଇ ସମସ୍ତେ ଛୁଟିରେ ପଳାନ୍ତି। ରବିବାର କିମ୍ବା ପର୍ବପର୍ବାଣୀ ଦିନ ତ କଥା ସରିଲା।

# ଶିଶୁ ସୁରକ୍ଷା ଓ ସଚେତନତା

ବଲାଙ୍ଗିର,୮।୮ (ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲା ର ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବଲାଙ୍ଗୀର ଠାରେ ଚାଇଲ୍ଡ ହେଲ୍ପ ଲାଇନ୍ ତରଫରୁ ଶିଶୁ ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୂତନ ନାଏକ୍ ଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଆରମ୍ଭ କରାଗଲା। କାର୍ଯ୍ୟକ୍ରମରେ ଶିକ୍ଷକ ସମସ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସାମାଜିକ କର୍ମୀ ଅରୁଣ ଖୁଆସ ମିଶନ ବାତ୍ସଲ୍ୟ ଯୋଜନା ଉପରେ ଆନୁଷ୍ଠାନିକ ଯତ୍ନ ଓ ଅଣ ଆନୁଷ୍ଠାନିକ ଯତ୍ନ ଉପରେ ଶିଶୁ ସୁରକ୍ଷା ଉପରେ ବିଭିନ୍ନ ଯୋଜନା ସମ୍ପର୍କରେ ଜଣାଇଥିଲେ। ଏହି ସଚେତନତା ସଭାରେ ଚାଇଲ୍ଡ ହେଲ୍ପ ଲାଇନ୍ ର ବସନ୍ତ ହରପାଲ କହିଲେ, ଅସୁରକ୍ଷିତ ଅବସ୍ଥାରେ ଥିବା ଶିଶୁ ମାନଙ୍କୁ ସୁରକ୍ଷା, ସାହାଯ୍ୟ କରିବାକୁ ଶିଶୁ ମାନଙ୍କ ନିମନ୍ତେ ଜରୁରୀ କାଳୀନ ଭିତିରେ ୧୦୯୮ ଚାଇଲ୍ଡ ହେଲ୍ପ ଲାଇନ ସର୍ଭିସେସ କୁ ଫୋନ୍ କରିବାକୁ ଜଣାଇଥିଲେ।

# କ୍ଲଷ୍ଟରସ୍ତରୀୟ ପାଚିକା ତାଲିମ କାର୍ଯ୍ୟକ୍ରମ



ସୁବର୍ଣ୍ଣପୁର,୮।୮ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଗଜବନ୍ଧ ରେ ଗଜବନ୍ଧ ଓ ଅନ୍ଧାରିବାଞ୍ଜି କ୍ଲଷ୍ଟର ସ୍ତରୀୟ ପାଚିକା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ରଣା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଭୀମଟିକ୍ରା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବୀରେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଅନ୍ଧାରିବାଞ୍ଜି ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ଦ୍ୱାରୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପାଚିକା ମାନଙ୍କ କାର୍ଯ୍ୟ କୁ ପ୍ରଶଂସା କରିଥିଲେ। ବିଭିନ୍ନ ବିଦ୍ୟାଳୟ ରୁ ୫୦ ଜଣ ପାଚିକା ଯୋଗଦେଇ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଓ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଓ ବିତରଣ ବେଳେ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ହୋଇଥିବା ଆଲୋଚନା ରେ ଭାଗନେଇଥିଲେ। ତାଲିମ ସମୟରେ ବିଭିନ୍ନ ତଥ୍ୟ କୁ ପେନାଲ ବୋର୍ଡ ମାଧ୍ୟମରେ ବିଭିନ୍ନ ଭିଡିଓ ଓ ପ୍ରଣାଳୀ ମାଧ୍ୟମରେ ଅବଗତ କରାଯାଇଥିଲା। ପ୍ରଶିକ୍ଷକ ତଥା ଅନ୍ଧାରିବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଚିତ୍ତରଞ୍ଜନ ଠାକୁର ଅତିଥି ପରିଚୟ କରିଥିବା ବେଳେ ପ୍ରଶିକ୍ଷକ ତଥା ଗଜବନ୍ଧ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନରେନ୍ଦ୍ର କୁମାର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ କଳାକାହ୍ନୁ ରଣା, ପ୍ରଦୀପ ତରିଆ, ପ୍ରମୋଦ ପଧାନ, ପଦ୍ମାବତୀ ହାତୀ, ଅମୁଲ୍ୟ ଝାଙ୍କର, ସହାୟକ ସୁବାସ ଭୋଇ, କିରଟି ନାଏକ ସହଯୋଗ କରିଥିଲେ।

# ମୁଖ୍ୟରାସ୍ତା ଉପରେ ପାଇଖାନା ଦୁର୍ଗନ୍ଧ ପାଣି



ଧାମନଗର,୮।୮ (ସଂଚାର ବ୍ୟୁରୋ): ଧାମନଗର ସହରାଞ୍ଚଳରେ ଜଳ ନିଷ୍କାସନ ପାଇଁ ମାଷ୍ଟର ପ୍ଲାନ ନଥିବାରୁ ବିଭିନ୍ନ ୱାର୍ଡର କେତେକ ସ୍ଥାନରେ ବର୍ଷା ଯୋଗୁଁ ପାଣି ନିଷ୍କାସନ ନହୋଇ ଜମି ରହିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସହ ମଶା ବଂଶ ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରି ସହର ର ସୁନ୍ଦର୍ଯ୍ୟକରଣ ଓ ପରିମଳ ବ୍ୟବସ୍ଥାକୁ ସଫା ସୁତୁରା ଓ ସୁଧାର ଆଣିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରାଦ କରି ଖର୍ଚ୍ଚ ହେଉଥିବା ବେଳେ ଧାମନଗର ଏନ୍ ଏ ସି ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଦୀର୍ଘ ଦୁଇ ମାସରୁ ଊର୍ଦ୍ଧ୍ୱ ସହର ଅଧୀନସ୍ଥ ମେଡିକାଲ ବଜାର ଧାମନଗର-ଦୋବଲ ମୁଖ୍ୟରାସ୍ତା ଉପରେ ତଥା କାନାଡା ବ୍ୟାଙ୍କ ସମ୍ମୁଖରେ ପାଇଖାନା ଟାଙ୍କି ଫାଟି ମଳ ମୂତ୍ର ଦୁର୍ଗନ୍ଧ ସହିତ ଅପରିଷ୍କାର ପାଣି ଅହରହ ଚାଲୁଥିବା ଅଭିଯୋଗ ହୋଇଛି। ଯାହାଫଳରେ ରାସ୍ତାରେ ବିଭିନ୍ନ ଯାନ ଚଳପ୍ରଚଳ ବେଳେ ସେହି ଦୁର୍ଗନ୍ଧ ଅପରିଷ୍କାର ପାଣି ଛିଟିକି ଲୋକଙ୍କ ଉପରେ ପଡ଼ି କେତେବେଳେ ଯେ ଅପ୍ରୀତିକର ସମସ୍ୟା ସୃଷ୍ଟି ହୋଇପାରେ ଏହାକୁ ଏଡାଇ ଦିଆଯାଇ ନପାରେ। ଦୁଃଖ ଓ ପରିତାପର ବିଷୟ ଉକ୍ତ ରାସ୍ତାରେ ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଏନ୍ ଏ ସି ଅଧ୍ୟକ୍ଷା ନିବେଦିତା ଜେନା ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଯାତାୟାତ କରୁଛନ୍ତି।ହେଲେ କେଉଁ କାରଣରୁ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି ଜନସାଧାରଣ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରିବା ପାଇଁ ସାଧାରଣ ଜନତାଙ୍କ ସହ ବୁଦ୍ଧିଜୀବୀ ମହଲରେ ଦାବି କରିଛନ୍ତି।

# ନାବାଳିକାଙ୍କୁ ଅପହରଣ କରି କେରଳରେ ଦୁଷ୍କର୍ମ



ଜମନକିରା,୮।୮ (ସଂଚାର ବ୍ୟୁରୋ): ସମ୍ବଲପୁର ଜିଲା ଜମନକିରା ଥାନା ଗୌଡ଼ପାଳି ଅଞ୍ଚଳର ଜଣେକା ନାବାଳିକାଙ୍କୁ ଅପହରଣ କରି କେରଳ ନେଇ ବଳାତ୍କାର କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି ଜମନକିରା ଥାନା ପୋଲିସ। ଗିରଫ ଅଭିଯୁକ୍ତ ଜଣକ ହେଲେ ଶାସନ ଥାନା ଅନ୍ତର୍ଗତ ତବଲା ଗ୍ରାମର ନବଘନ ବାରିକଙ୍କ ପୁଅ ବ୍ରଜକିଶୋର ଓରଫ କିଶୋର (୨୭)। ମିଳିଥିବା ସୂଚନା ଅନୁଯାୟୀ, ଗତ ଜୁନ୍ ୨୪ ତାରିଖରେ ଅଭିଯୁକ୍ତ କିଶୋର ଜଣେ ନାବାଳିକାଙ୍କୁ ଅପହରଣ କରି କେରଳ ନେଇ ଯାଇଥିଲେ। ସେଠାରେ ନାବାଳିକାଙ୍କ ଇଚ୍ଛା ବିରୋଧରେ ଅଭିଯୁକ୍ତ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଜମନକିରା ଥାନାରେ ମାମଲା କେସ୍ ନଂ-୧୧୮/୨୬ରେ ବିଭିନ୍ନ ଦଫାରେ ମାମଲା କରାଯାଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଟିମ କେରଳରୁ ନାବାଳିକାଙ୍କୁ ସୁରକ୍ଷିତ ଉଦ୍ଧାର କରିବା ସହ ଅଭିଯୁକ୍ତ କିଶୋରଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କୁ ସମ୍ବଲପୁର ପୋକ୍ସୋ କୋର୍ଟକୁ ଚାଲାଣ କରାଯାଇଛି। ଘଟଣାରେ ଅଧିକ ତଦନ୍ତ ଓ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରହିଛି।

# କାମରେ ଲାଗୁନି ୫ କୋଟି ପାଣି ଟାଙ୍କି

ଭୁବନ,୮।୮ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଆଗାମୀ ୫୦ ବର୍ଷ ପର୍ଯ୍ୟନ୍ତ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ପୂର୍ବ ସରକାର ସମୟରେ ପ୍ରାୟ ୫ କୋଟି ରୁ ଊର୍ଦ୍ଧ୍ୱ ଟଙ୍କାରେ ଜନ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ପରିସର ଓ ନୂଆ ଭୁବନରେ 'ଆମ ସହର ଆମ ଉନ୍ନତି' ଯୋଜନାରେ ଦୁଇଟି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଦୁଇ ବର୍ଷ ହେଲା ଏହି ପ୍ରକଳ୍ପ ଶେଷ ହୋଇଛି। ସ୍ୱତନ୍ତ୍ର ଟ୍ରାନସଫର୍ମର ବସାଯାଇ ବିଦ୍ୟୁତ ଯୋଗାଣ ମଧ୍ୟ ହୋଇଛି। ବିଧାୟକଙ୍କ କର୍ମୀ ଙ୍କ ଦ୍ୱାରା ଚତୁପାର୍ଶ୍ୱ ପ୍ରାଚୀର ନିର୍ମାଣ କରାଯାଇ ଗେଟ୍ ମଧ୍ୟ ଲଗାଯାଇଛି। ଗ୍ରୀଷ୍ମ ଋତୁରେ ଟ୍ୟାଙ୍କର ଯୋଗେ ବିଭିନ୍ନ ୱାର୍ଡ କୁ ପାନୀୟ ଜଳ ଯୋଗାଣ କରାଯାଇ ମୋଟା ଅଙ୍କର ମୁନାଫା ଉଠା ଯାଉଥିବା ବେଳେ ବର୍ଷା ଦିନେ ମଧ୍ୟ ଭୁବନ ଏନ୍ ଏ ସି ର ଅଧିକାଂଶ ୱାର୍ଡ଼କୁ ନିୟମିତ ଭାବେ ଜଳ ଯୋଗାଣ ହୋଇ ପାରୁନାହିଁ। କେବଳ ଗୋଟିଏ କଥା ଓଭର ହେଡ ପାଣି ଟାଙ୍କି କାର୍ଯ୍ୟକ୍ଷମ ହେଲେ ପାନୀୟ ଜଳ ସମସ୍ୟାର ସମାଧାନ ହୋଇଯିବ କୁହାଯାଉଛି। ବିଭିନ୍ନ ୱାର୍ଡକୁ କୋଟିଏ ରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପାଇପ୍ ବିଛା କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ତାହେଲେ ଓଭର ହେଡ ପାଣି ଟାଙ୍କି କାର୍ଯ୍ୟକ୍ଷମ ହୋଇ ପାରୁନି କାହିଁକି ? ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅତ୍ୟନ୍ତ ନିମ୍ନ ମାନର କାର୍ଯ୍ୟ ହୋଇଥିବାରୁ ଜଳ ସଂରକ୍ଷଣ ସମୟରେ ଏହା ଭୁଶୁଡ଼ି ପଡ଼ିବାର ଆଶଙ୍କା ରହି ଥିବାରୁ ଏହାକୁ କାର୍ଯ୍ୟକ୍ଷମ କରାଯାଉନାହିଁ ବୋଲି ଅଭିଯୋଗ ଶୁଣାଯାଉଛି।

**୨୦୧୯ରୁ ୨୦୨୬, ବିକାଶ ମଞ୍ଚର ଦାବିକୁ ପୂରିଲା ୭ ବର୍ଷ**

# ବେତନଟୀକୁ ମିଳିଲାନି ଉପଖଣ୍ଡ ମାନ୍ୟତା

ବୈଶିଙ୍ଗା,୮।୮ (ସଂଚାର ବ୍ୟୁରୋ): ବେତନଟୀ, ବଡ଼ସାହି, ମୋରଡା ଓ ରସଗୋବିନ୍ଦ ପୁର ବ୍ଲକ କୁ ନେଇ ୨୦୧୯ରେ ଗଠିତ ହୋଇଥିଲା ବିକାଶ ମଞ୍ଚ। ବିଭିନ୍ନ ଗଠନ ମୂଳକ କାର୍ଯ୍ୟ ସାଙ୍ଗକୁ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ୨୦୧୯ ମସିହାରେ ଗଠିତ ହୋଇଥିବା ଏହି ଅଣ ରାଜନୈତିକ ଅନୁଷ୍ଠାନ ପ୍ରତି ପ୍ରଶାସନ ର ନିଘା ନାହିଁ। ୯ ଦଫା ଦାବି ନେଇ ଏହି ମଞ୍ଚ ଗଠିତ ହୋଇଥିଲେ ମଧ୍ୟ ବିଶେଷଭାବେ ବେତନଟୀକୁ ଉପଖଣ୍ଡ ମାନ୍ୟତା ଓ ବଡ଼ସାହି ଥାନା ଅଧୀନ ସାନକେରକୋ ଓ ବୈଶିଙ୍ଗା ଥାନା ହରିପୁର ଠାରେ ପୁଲିସ ଫାଣ୍ଡି ପ୍ରତିଷ୍ଠା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ବିଶେଷଭାବେ ୨୦୧୯ ମସିହା ଅକ୍ଟୋବର ମାସ ୨୩ ତାରିଖରେ ବଡ଼ସାହି ବିଧାୟକଙ୍କ ସମେତ ୯ ଜଣିଆ ପ୍ରତିନିଧି ଦଳ ଭୁବନେଶ୍ୱର ଯାଇ ତତ୍କାଳୀନ ରାଜସ୍ୱ ସେକ୍ରେଟାରୀ, ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ, ତତ୍କାଳୀନ ରାଜସ୍ୱମନ୍ତ୍ରୀଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯିବାସହ ମୟୂରଭଞ୍ଜ ଜିଲାପାଳଙ୍କୁ ମଧ୍ୟ ଲିଖିତ ଭାବେ ଅବଗତ କରାଯାଇଥିଲା। ଏହି ସ୍ମାରକ ପତ୍ରରେ ଉପଖଣ୍ଡ ନିମନ୍ତେ ଯେଉଁ ସବୁ ଦସ୍ତାବିଜର ଆବଶ୍ୟକ ତାହା ପ୍ରଦାନ କରାଯାଇଥିଲା। ଜନ ସଂଖ୍ୟା ଦୃଷ୍ଟିରୁ ବେତନଟୀ କୁ ଉପଖଣ୍ଡ ମାନ୍ୟତା ପ୍ରଦାନ ନିମନ୍ତେ ଆବଶ୍ୟକ ତଥ୍ୟ ପ୍ରଦାନ କରାଯାଇଥିଲା। ତଥ୍ୟ ପ୍ରଦାନରେ କୌଣସି ତ୍ରୁଟି ନଥିଲେ ମଧ୍ୟ ବିଗତ ସରକାର ଉପଖଣ୍ଡ ମାନ୍ୟତା ପ୍ରଦାନ ଉପରେ ଗୁରୁତ୍ୱ ପ୍ରଦାନ କରିନଥିଲେ। ଉପଖଣ୍ଡ ନିମନ୍ତେ ବେତନଟୀ, ବଡ଼ସାହି, ମୋରଡା ଓ ରସଗୋବିନ୍ଦପୁର ବ୍ଲକରେ ମୋଟ ୯୦ଟି ପଞ୍ଚାୟତ ରହିଛି। ଏହି ବ୍ଲକ ମାନଙ୍କ ଅଧୀନରେ ୭୯୭ ଟି ଗ୍ରାମ ରହିଥିବା ବେଳେ ଜନସଂଖ୍ୟା ପ୍ରାୟ ୫ ଲକ୍ଷ ରୁ ଅଧିକ ହେବ। ଏହି ଚାରିଟି ବ୍ଲକରେ ୩୮୫ ଟି ପୋଷ୍ଟ ଅଫିସ, ୯୭୦ଟି ବିଦ୍ୟାଳୟ ଓ ୨୨ ଟି ମହାବିଦ୍ୟାଳୟ ରହିଛି। ଚଉତିରିଶ ଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଥିବାବେଳେ ଚଉବନ ଟି ଆଶ୍ରମ ବିଦ୍ୟାଳୟ ରହିଛି। ଉପଖଣ୍ଡ ସ୍ତରୀୟ କୃଷି କାର୍ଯ୍ୟାଳୟ, ପୁଲିସ ଉପଖଣ୍ଡ ଅଧିକାରୀ, କ୍ଷୁଦ୍ର ଜଳସେଚନ ବିଭାଗ, ପୂର୍ତ୍ତ ଓ ଗ୍ରାମ ଉନ୍ନୟନ ବିଭାଗ ଉପଖଣ୍ଡ ଅଧିକାରୀ, ବନାଞ୍ଚଳ ଅଧିକାରୀ, ସୁବର୍ଣ୍ଣରେଖା ଡିଭିଜନ, ବିଚାର ବିଭାଗ ଅଦାଲତ ରହିଥିବାବେଳେ ଡାକ୍ତରଖାନାଟି ଉପଖଣ୍ଡ ମାନ୍ୟତା ପାଇନଥିବା ଜଣାଯାଇଛି। ଏତଦ ବ୍ୟତିତ ସବାଇଘାସ, ଆରଏମସି, ଆର ସି ଏମ ଏସ, ନବୋଦୟ ବିଦ୍ୟାଳୟ, ଚାରୋଟି ଆଦର୍ଶ ବିଦ୍ୟାଳୟ ରହିଛି। ବର୍ତ୍ତମାନର ସରକାର ବିକାଶମଞ୍ଚର ଏହି ଯଥାର୍ଥ ଦାବିକୁ ପୂରଣ ପୂରଣ କରିବା ନିମନ୍ତେ ମଞ୍ଚର ଆବାହକ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ଆଦିତ୍ୟ ପଟ୍ଟନାୟକ, ରଣଜିତ ଦାସ, ରଣଜିତ ସାହୁ, ସୁବୋଧ ଦଣ୍ଡପାଟ, ରାଜେନ୍ଦ୍ର ଜେନା, ମନୋରଞ୍ଜନ ବଳ, ରବୀନ୍ଦ୍ର ନାଥ ମିଶ୍ର, ସଚ୍ଚିଦାନନ୍ଦ ମହାନ୍ତି ପ୍ରମୁଖ ଦାବି କରିଛନ୍ତି। ସରକାର ଉପଖଣ୍ଡ ମାନ୍ୟତା ବଦଳରେ ଘ ଇ ଉ ଘୋଷଣା କରିଲେ ସତ ମାତ୍ର ୪ ଟି ବ୍ଲକ କଥା ଚିନ୍ତା କରିଲେନି।

# ସ୍ୱାଧୀନତା ଦିବସ ପାଇଁ ପ୍ରତିଯୋଗିତା



ଭଞ୍ଜନଗର,୮।୮ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଆସନ୍ତା ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ଅବସରରେ ଭଞ୍ଜନଗର ଜେଲ୍ ପଡ଼ିଆରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ସହ ପ୍ୟାରେଡ୍ ଅନୁଷ୍ଠିତ ହେବ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ଏଥିପାଇଁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ବିଭିନ୍ନ ବ୍ଲକ ମାଧ୍ୟମରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଉଛି। ବ୍ଲକସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଉପଖଣ୍ଡସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହେବେ। ଏହା ପୂର୍ବରୁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଧ୍ୟ ପ୍ରତିଯୋଗିତା ଚାଲିଛି। ଏହି କ୍ରମରେ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ମଧ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଗଗନ ବିହାରୀ ପୁରୋହିତଙ୍କ ନିର୍ଦ୍ଦେଶକ୍ରମେ ପ୍ରତିଯୋଗିତା ଗୁଡ଼ିକର ବିଚାରକ ଭାବେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ସୁନିତା ରାଣୀ ଖଣ୍ଡୁଆଳ, ଇତିହାସ ବିଭାଗର ଅଧ୍ୟାପକ ବିଦେଶୀ ରାଉତ ଏବଂ ଅଧ୍ୟାପିକା ସୁନିଆ ବିଷୋୟୀ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ।

# କାର୍ଯ୍ୟସ୍ଥଳରେ ମହିଳାଙ୍କୁ ଯୌନ ଉତ୍ପୀଡ଼ନରୁ ସୁରକ୍ଷା, ପ୍ରତିକାର ଆଇନ



ଦିଗପହଣ୍ଡି,୮।୮ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜ ଶକ୍ତିଶ୍ରୀ ସଶକ୍ତିକରଣ ସେଲ୍ ପକ୍ଷରୁ ଶନିବାର ଆଇନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଶକ୍ତିଶ୍ରୀ ସେଲ୍ ସଂଯୋଜିକା ତଥା ଅଧ୍ୟାପିକା ଡ଼. ନିର୍ମଳା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ଡ.ଅସିତ କୁମାର ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ। ଖେମୁଣ୍ଡି ଓକିଲ ସଂଘର ପୂର୍ବତନ ସଭାପତି ହରପ୍ରସାଦ ରଥ, ଦିଗପହଣ୍ଡି ଥାନା ଏସ. ଆଇ ରାଜକିଶୋର ପାତ୍ର, ଏଏସଆଇ ଝୁନୁ ମାଝୀ ପ୍ରମୁଖ ଅତିଥି ଭାବେ ମଞ୍ଚାସିନ ଥିଲେ। ଯୌନ ଉତ୍ପୀଡ଼ନରୁ ଶିଶୁଙ୍କୁ ସୁରକ୍ଷା ଆଇନ(ପୋକ୍ ସ), ମହିଳାଙ୍କୁ ସମ୍ମାନର ସହ ବଞ୍ଚିବାର ସାମ୍ବିଧାନିକ ଅଧିକାରକୁ ସୁନିଶ୍ଚିତ କରାଇବା ପାଇଁ ପ୍ରଣୟନ କରାଯାଇଥିବା ବିଭିନ୍ନ ଆଇନ,ସାଇବର ଅପରାଧ, ଯୌତୁକ ନିରୋଧ ଆଇନ, ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଆଇନ,କାର୍ଯ୍ୟସ୍ଥଳରେ ମହିଳାଙ୍କୁ ଯୌନ ଉତ୍ପୀଡନରୁ ସୁରକ୍ଷା ଓ ପ୍ରତିକାର ଆଇନ - ୨୦୧୩ ସମ୍ପର୍କରେ ଆଲୋକପାତ କରାଯିବା ସହ ମାଗଣା ଆଇନ ସହାୟତା ବ୍ୟବସ୍ଥା ଏବଂ ମହିଳାଙ୍କୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ର ମାନଙ୍କୁ ସଚେତନ କରାଯାଇଥିଲା।

# ସ୍ଥାନାନ୍ତରିତ, ନିୟମ ଖିଲାପକାରୀଙ୍କୁ ୪ହଜାର ଜରିମାନା

ଝାରସୁଗୁଡ଼ା,୮।୮ (ସଂଚାର ବ୍ୟୁରୋ): ସହରର ରାସ୍ତାଘାଟରେ ବୁଲା ଗୋରୁଙ୍କ ସଂଖ୍ୟା ବୃଦ୍ଧି ପାଇବା ଯୋଗୁଁ ନିୟମିତ ଟ୍ରାଫିକ ସମସ୍ୟା, ରାସ୍ତା ଅବରୋଧ ଏବଂ ସଡ଼କ ଦୁର୍ଘଟଣା ଭଳି ପରିସ୍ଥିତି ସୃଷ୍ଟି ହେଉଥିଲା। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ସହ ଆଲୋଚନା ଏବଂ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏହି କ୍ରମରେ ପୁରୁଣା ବସଷ୍ଟାଣ୍ଡ ଅଞ୍ଚଳରେ ଘୂରି ବୁଲୁଥିବା ଗୋରୁଗାଈଙ୍କୁ ଶ୍ରୀ କୃଷ୍ଣ ଗୋଶାଳା ଏବଂ ଏହାର ସଂଲଗ୍ନ ପଡ଼ିଆକୁ ସ୍ଥାନାନ୍ତରିତ କରାଯାଉଛି। ଝାରସୁଗୁଡ଼ା ପୌରପାଳିକା ନିର୍ବାହୀ ଅଧିକାରୀ ନିଶିକାନ୍ତ ଟେଟେଙ୍କ ସୂଚନା ଅନୁଯାୟୀ, ଗତକାଲି ରାତିରେ ମଧ୍ୟ ପ୍ରାୟ ୫୫ଟି ଗୋରୁଙ୍କୁ ସ୍ଥାନାନ୍ତର କରାଯାଇଥିବା ବେଳେ ବିଗତ ୨ ଦିନ ମଧ୍ୟରେ ମୋଟ ୧୬୫ଟି ଗୋରୁଙ୍କୁ ସୁରକ୍ଷିତ ଭାବେ ଗୋଶାଳାକୁ ପଠାଯାଇସାରିଛି। ଏହି ଅଭିଯାନ ପୂର୍ବରୁ ପୌରପାଳିକା ତରଫରୁ ସହରସାରା ମାଇକ୍ ଦ୍ୱାରା ସଚେତନତା ନିମନ୍ତେ ଘୋଷଣା ମଧ୍ୟ କରାଯାଇଥିଲା। ପ୍ରଶାସନ ପକ୍ଷରୁ କଡ଼ା ନିୟମ ଲାଗୁ କରାଯାଇଛି ଯେ, ଯଦି କୌଣସି ଗୋ-ପାଳକ/ମାଲିକ ନିଜ ଗୋରୁଙ୍କୁ ନେବା ପାଇଁ ଦାବି କରନ୍ତି, ତେବେ ତାଙ୍କୁ ଗୋରୁ ପିଛା ୪, ୦୦୦ ଟଙ୍କା ଜରିମାନା ଗଣିବାକୁ ପଡ଼ିବ। ଏଥିସହିତ ଭବିଷ୍ୟତରେ ଗୋରୁଙ୍କୁ ରାସ୍ତାରେ ଖୋଲା ଛାଡ଼ିବେ ନାହିଁ ବୋଲି ଏକ ସାକ୍ଷରିତ ପ୍ରତିଶ୍ରୁତି ପତ୍ର ମଧ୍ୟ ଦେବାକୁ ହେବ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଝାରସୁଗୁଡ଼ା ପୌରପାଳିକା, ପ୍ରାଣୀସମ୍ପଦ ବିଭାଗ, ଶ୍ରୀ କୃଷ୍ଣ ଗୋଶାଳା ଏବଂ ବଜରଙ୍ଗ ଦଳର କର୍ମକର୍ତ୍ତାଙ୍କୁ ନେଇ ଏକ ମନିଟରିଂ କମିଟି ମଧ୍ୟ ଗଠନ କରାଯାଇଛି।